ଚିର ବନ୍ଦନୀୟ

ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଷ୍ଟିରେ ମଧୁସୂଦନ ଦାସ

ସଂକଳିକା : ଶୈଳବାଳା ଦାସ

ଅନୁବାଦକ : ପଦ୍ମଚରଣ ନାୟକ



କୁଳବୃଦ୍ଧ

Digitized by srujanika@gmail.com

ଚିର ବନ୍ଦନୀୟ

ଅନୁବାଦକ

ପଦ୍ମଚରଣ ନାୟକ

Digitized by srujanika@gmail.com

ଚିର ବନ୍ଦନୀୟ

ସଂକଳିକା	ଶୈଳବାଳା ଦାସ
ଅନୁବାଦକ ଓ ପ୍ରକାଶକ:	ପଦ୍ମଚରଣ ନାୟକ ଗୋପବନ୍ଧୁ ରମାଦେବୀ ଆଶ୍ରମ, ପୋ.ଅ.-ବରି, ଜିଲ୍ଲା-ଯାଜପୁର ମୋବାଇଲ୍ - ୯୯୩୮୮୯୩୪୪୫
ଜାତୀୟତା	ଭାରତୀୟ
ମୁଦ୍ରକର ଠିକଣା	ଗୋପବନ୍ଧୁ ରମାଦେବୀ ଆଶ୍ରମ, ପୋ.ଅ.-ବରି, ଜିଲ୍ଲା-ଯାଜପୁର
ପ୍ରକାଶକାଳ	୨୮-୪-୨୦୧୦
ପ୍ରାପ୍ତିସ୍ଥାନ	(କ) ଫ୍ରେଣ୍ଡସ୍ ପବ୍ଲିସର୍ସ୍, କଟକ (ଖ) ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟ ଭି.ଏ. ୯/୧, ଅଶୋକ ନଗର ଭୁବନେଶ୍ୱର - ୭୫୧୦୦୯ (ଗ) ଉତ୍କଳ ସମ୍ମିଳନୀ ମହେଶ୍ୱର ଶିଳ୍ପାଞ୍ଚଳ ଶାଖା କାର୍ଯ୍ୟାଳୟ ଭୁବନେଶ୍ୱର - ୭

ମୂଲ୍ୟ - ଟ୮୦.୦୦
(ଅଶି ଟଙ୍କା ମାତ୍ର)

(ସର୍ବ ସ୍ୱତ୍ୱ ସଂରକ୍ଷିତ)

Digitized by srujanika@gmail.com

ପ୍ରବୋଦନା

ଓଡ଼ିଶାର ସାଧାରଣ ଲୋକେ ମଧୁସୂଦନ ଦାସଙ୍କୁ ଜଣେ ବଡ଼ ଓକିଲ ଭାବରେ ଜାଣନ୍ତି । ଆଉ ହୁଏତ କେତେକ କହିବେ ଯେ, ସେ ଥିଲେ ସ୍ୱତନ୍ତ୍ର ଉତ୍କଳର ପ୍ରମୁଖ ନିର୍ମାତା । କିନ୍ତୁ ଯେଉଁମାନେ ଉତ୍କଳ ଗୌରବଙ୍କ ସମ୍ପର୍କରେ ପୁସ୍ତକ ରଚନା କରିଛନ୍ତି ସେମାନେ ଯାହାକୁ ମୂଳ ଆଧାର ଭାବରେ ଗ୍ରହଣ କରିଥିଲେ ସେଇଟି ଇଂରାଜୀରେ ପ୍ରକାଶିତ- 'ଲାଇଫ୍ ଅଫ୍ ମଧୁସୂଦନ ଦାସ ଆଜ୍ ସିନ୍ ବାଈ ମେନି ଆଇଜ୍' । ମଧୁବାବୁଙ୍କ ମୃତ୍ୟୁ ପରେ ତାଙ୍କୁ ଶ୍ରଦ୍ଧା ନିବେଦନ କରି ଯେଉଁ ବନ୍ଧୁମାନେ ଶୋକବାର୍ତ୍ତା ପଠାଇଥିଲେ, ତାଙ୍କର ପାଳିତା କନ୍ୟା ଶୈଳବାଳା ଦାସ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଅନୁରୋଧ କରିଥିଲେ ଯେ, ସେହି ଶ୍ରଦ୍ଧେୟମାନେ ମଧୁବାବୁଙ୍କୁ ଯେଭଳି ଜାଣିଥିଲେ ସେ ସମ୍ପର୍କରେ କିଛି ଲେଖି ପଠାଇବାକୁ । ତାହା କିଭଳି, ବେଶ୍ କିଛି ବର୍ଷ ବିଳମ୍ବରେ, ପ୍ରକାଶିତ ହେଲା ସେ କଥା ଶୈଳବାଳା ଏହି ପୁସ୍ତକର ମୁଖବନ୍ଧରେ ଜଣାଇଛନ୍ତି ।

ଏହିସବୁ ଲେଖାରେ, କେତେଗୁଡ଼ିଏ ଏକା ବିଷୟ ଅଧିକାଂଶ ଉଲ୍ଲେଖ କରିଥିଲେ ବି ପ୍ରତ୍ୟେକ ଲେଖାରେ ତାଙ୍କ ବ୍ୟକ୍ତିତ୍ୱର ବହୁ ସ୍ୱତନ୍ତ୍ର ଦିଗ ଉପରେ ଆଲୋକପାତ କରାଯାଇଛି ଏବଂ ସେଗୁଡ଼ିକ ପ୍ରତ୍ୟେକଟି ଚିତ୍ତାକର୍ଷକ । ସେ କବି ନଥିଲେ ହେଁ ତାଙ୍କର ଯେଉଁ କେତୋଟି ଆବେଗଭରା କବିତା ଆମେ ପାଉ । ସେଗୁଡ଼ିକ ମଧ୍ୟରୁ କେତୋଟି କିଭଳି ଏକ ସ୍ୱତନ୍ତ୍ର ପରିସ୍ଥିତିରେ ସେ ରଚନା କରିଥିଲେ ତା'ର ଖିଅ ଏହି ପୁସ୍ତକରେ ତାଙ୍କ କନ୍ୟାସମ ସୁଧାଂଶୁବାଳା ହାଜରାଙ୍କ ଲେଖାରୁ ମିଳେ । ସେ ଥିଲେ ଏକାଧାରରେ ଉତ୍ସର୍ଗୀକୃତ ଦେଶପ୍ରେମୀ ଓ ବହୁ ଦିଗରୁ ପଣ୍ଡିତ ଏବଂ ବନ୍ଧୁ ବତ୍ସଳ ତଥା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ଅଥଚ ଅତି ଅମାୟିକ ବ୍ୟକ୍ତିତ୍ୱ । ଗୋପବନ୍ଧୁ ଦାସ, ତାଙ୍କ ଭଳି ତୁଙ୍ଗ ଜନନେତାଙ୍କୁ ସମାଲୋଚନା କରିବା ଜରିଆରେ, ପ୍ରଥମେ

Digitized by srujanika@gmail.com

କିଭଳି ଓଡ଼ିଆ ରାଜନୀତିକ ପ୍ରାଙ୍ଗଣରେ ପରିଚିତ ହେଲେ ସେକଥା ନୀଳକଣ୍ଠ ଦାସଙ୍କ ଶ୍ରଦ୍ଧାଞ୍ଜଳିରୁ ଜାଣିବାକୁ ମିଳେ ଓ ଏହା ସତ୍ତ୍ୱେ ବି ମଧୁସୂଦନ କିଭଳି ଗୋପବନ୍ଧୁଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ଦେବାରେ କାର୍ପଣ୍ୟ କରିନାହାନ୍ତି ସେ ବିଷୟ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି ।

ଅଧିକାଂଶ ବଂଧୁ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ବିଭାବ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ମଣିଷ ହିସାବରେ ସେ ଯେ ଅତି ଆକର୍ଷଣୀୟ ତଥା ଅସାଧାରଣ ବ୍ୟକ୍ତି ଥିଲେ ସେ କଥାରେ ସହମତ ହୋଇଛନ୍ତି ।

ବଂଧୁ ମଧୁପ୍ରାଣ ସୁରସିଂହ ପଟ୍ଟନାୟକ ଉତ୍କଳ ଗୌରବଙ୍କ ସଂପର୍କରେ ଜଣେ ଗଭୀର ଅବଗାହୀ । ମଧୁସୂଦନ ଦାସଙ୍କ ସମ୍ପର୍କରେ ଅନେକ କଥା ଓଡ଼ିଶାର ଲୋକେ ଜାଣିପାରିଲେ ନାହିଁ ବୋଲି ଅନୁଭବ କରି 'ଲାଇଫ୍ ଅଫ୍ ମଧୁସୂଦନ ଦାସ ଆଜ୍ ସିନ୍ ବାଇ ମେନି ଆଇଜ୍' ବହିଟି ଓଡ଼ିଆ ଭାଷାରେ ପ୍ରକାଶିତ ହେବା ଲାଗି ମୋତେ ଖୁବ୍ ଆବେଗର ସହ ଅନୁରୋଧ କରିଥିଲେ । ଉକ୍ତ ପୁସ୍ତକଟି ରାଜ୍ୟ ଅଭିଲେଖାଗାରରେ ଅଛି ବୋଲି ସେ ମୋତେ ସୂଚନା ଦେଇଥିଲେ । ରାଜ୍ୟ ଅଭିଲେଖାଗାର ସେଇଟିକୁ ଜେରକ୍ସ କରିବାର ସୁଯୋଗ ଦେଇଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ । (ପ୍ରଥମ ମୁଦ୍ରଣର ଦୋଷାବଳୀ ଲାଗି ମୁଁ ରାଜ୍ୟବାସୀଙ୍କଠାରୁ କ୍ଷମା ଆଶା କରୁଛି ।)

ଏହି କ୍ଷୁଦ୍ର ପୁସ୍ତକରୁ ସେହି ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଅନେକ ବିଷୟ ଜାଣିବାର ଅବକାଶ ରହିଥିବାରୁ ଏଇଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମେ ଆଶା କରୁଛୁ । ବନ୍ଧୁ ସୁରସିଂହ ପଟ୍ଟନାୟକଙ୍କ ଦଶ ହଜାର ଟଙ୍କା ସାହାଯ୍ୟ ଯୋଗୁ ଦ୍ୱିତୀୟ ସଂସ୍କରଣ ସମ୍ଭବପର ହୋଇଛି ।

ପଦ୍ମଚରଣ ନାୟକ

Digitized by srujanika@gmail.com

ସୂଚୀପତ୍ର

୧. ଶ୍ରଦ୍ଧାଞ୍ଜଳି	ମହାତ୍ମା ଗାନ୍ଧି	୮
୨. ଶ୍ରଦ୍ଧା ଓ ସମ୍ମାନାଞ୍ଜଳି	ବାବୁ ରାଜେନ୍ଦ୍ର ପ୍ରସାଦ	୧୯
୩. ମଧୁସୂଦନଙ୍କ ସମ୍ପର୍କରେ କିଛି କଥା	ଆଚାର୍ଯ୍ୟ ପି.ସି. ରାୟ	୨୦
୪ ମୋ ଧାରଣାରେ	ଶ୍ୟାମାପ୍ରସାଦ ମୁଖାର୍ଜୀ	୨୨
୫. ଜଣେ ବାସ୍ତବବାଦୀ ରାଜନୀତିଜ୍ଞ	ସାର୍ ମନ୍ମଥନାଥ ମୁଖାର୍ଜୀ	୨୬
୬. ସ୍ୱର୍ଗତ ମଧୁସୂଦନ ଦାସ	ଦେବପ୍ରସାଦ ସର୍ବାଧିକାରୀ	୨୮
୭. ଓଡ଼ିଶାର ପରମ ପୂଜନୀୟ	ଖାଜା ମହମ୍ମଦ ନୁର୍	୩୦
୮. ସ୍ମୃତିରେ ରହିଛନ୍ତି	ଏସ୍.ସି. ମଲ୍ଲିକ	୩୨
୯. ମଧୁସୂଦନଙ୍କ ସମ୍ପର୍କରେ ଦି'ପଦ	ଏମ୍.ୟୁନୁସ୍	୩୫
୧୦. ଏକାଧାରରେ ଓକିଲ ଓ ମୋଚି	ସାର୍ ଗଣେଶ ଦତ୍ତସିଂହ	୩୮
୧୧. ସ୍ୱର୍ଗତ ମି. ଏମ୍.ଏସ୍. ଦାସ	ବୋଧରାମ ଦୁବେ	୪୧
୧୨. ଆଧୁନିକ ଓଡ଼ିଶାର ସ୍ରଷ୍ଟା	ଶ୍ରୀଯୁକ୍ତ ବିଶ୍ୱନାଥ ଦାସ	୪୪
୧୩. ଏକ ମହାନ୍ ବ୍ୟକ୍ତିତ୍ୱ	ଅବ୍‌ଦୁଲ୍ କରିମ୍	୪୬
୧୪. ଜଣେ ମହାନ୍ ପଥଦ୍ରଷ୍ଟା	ମୁକୁନ୍ଦ ପ୍ରସାଦ ଦାସ	୪୭
୧୫. ଜଣେ ପଦାଧିକାରୀଙ୍କ ସ୍ମୃତିରେ	ବି.କେ. ଗୋଖଲେ	୪୯
୧୬. ମନେ ପଡ଼େ	ଏସ୍.ଲାଲ୍	୫୦
୧୭. ଓଡ଼ିଶାର କୁଳବୃଦ୍ଧ	ବି.ସି. ମୁଖାର୍ଜୀ	୫୧
୧୮. ଶ୍ରଦ୍ଧାଞ୍ଜଳି	ପି.ସି. ରାୟଚୌଧୁରୀ	୫୩
୧୯. ମଧୁସୂଦନଙ୍କ ସ୍ମରଣରେ	ଶ୍ରୀକୃଷ୍ଣ ମହାପାତ୍ର	୫୬
୨୦. ଖ୍ରୀଷ୍ଟୀୟତ୍ୱର ଏକ ଦିଗ	ଜନାର୍ଥନ ମହାନ୍ତି	୫୯
୨୧. ମଧୁସୂଦନ ଦାସ	ବାବା କର୍ତ୍ତାର୍ ସିଂହ	୬୦
୨୨. ମୋର ସ୍ମରଣରେ	ଗିରିଜାଶଙ୍କର ରାୟ	୬୧
୨୩. ସେ ନ ଥିଲେ ଖାଲି ସ୍ୱପ୍ନ ବିଳାସୀ	ସତୀଶଚନ୍ଦ୍ର ବୋଷ	୬୪
୨୪. ସବୁ ଉପରେ ଓଡ଼ିଶା	ସତୀନ୍ଦ୍ର ନାରାୟଣ ରାୟ	୬୫
୨୫. ମୋ ଦୃଷ୍ଟିରେ ମଧୁସୂଦନ ଦାସ	ପରମାନନ୍ଦ ଦତ୍ତ	୬୬
୨୬. ମୋ ସ୍ମୃତିରେ ମୋ ଗୁରୁ	ସ୍ୱାମୀ ବିଚିତ୍ରାନନ୍ଦ ଦାସ	୬୮

Digitized by srujanika@gmail.com

୨୭. କେତୋଟି ସ୍ମୃତି	ଚନ୍ଦ୍ରକୁମାର ହାଜରା	୭୦
୨୮. ମୋ ସ୍ମୃତିରେ ସ୍ୱର୍ଗତ ଦାସ	ଗୋପାଳଚନ୍ଦ୍ର ପ୍ରହରାଜ	୭୫
୨୯. ମଧୁସୂଦନ ଦାସ	ପାରେଶ୍ୱର ମହାନ୍ତି	୭୯
୩୦. ଓଡ଼ିଶାର ସର୍ବୌଷଧି	ଭିକାରୀ ଚରଣ ପଟ୍ଟନାୟକ	୮୩
୩୧. ଓଡ଼ିଆ ଜାତୀୟ ତଥା ରାଜନୀତିକ ଜାଗରଣର ପ୍ରୋତ୍ସାହକ	ଗଜେନ୍ଦ୍ର ପ୍ରସାଦ ଦାସ	୮୫
୩୨. ସର୍ବଭାରତୀୟ ଖ୍ରୀଷ୍ଟିୟାନ୍ ସମ୍ମିଳନୀର ସଭାପତି ଭାବରେ ମି. ଦାସ	ଏସ୍.ସି. ମୁଖାର୍ଜୀ	୮୯
୩୩. ମୋ ଦୃଷ୍ଟିରେ ମଧୁସୂଦନ ଦାସ	ପଣ୍ଡିତ ନୀଳକଣ୍ଠ ଦାସ	୯୩
୩୪. ଓଡ଼ିଆ ତଥା ଭାରତୀୟ ଭାବରେ	ଗୋପବନ୍ଧୁ ଚୌଧୁରୀ	୧୦୧
୩୫. କେତୋଟି ଘଟଣା	ସୁଧାଂଶୁବାଳା ହାଜରା	୧୦୩
୩୬. ଜଣେ ଯଥାର୍ଥ ରାଷ୍ଟ୍ରନୀତିଜ୍ଞ	ସରଳା ଦେବୀ ଚଉଧୁରାଣୀ	୧୧୪
୩୭. ଅତିଥି ସତ୍କାରକ	ସରଳାବାଳା ମିତ୍ତର	୧୧୫
୩୮. ମଧୁସୂଦନଙ୍କୁ ଯେଉଁଭଳି ଜାଣିଛି	ସଚ୍ଚିଦାନନ୍ଦ ସିହ୍ନା	୧୧୭
୩୯. ଉତ୍କଳ ସମ୍ମିଳନୀର ସ୍ରଷ୍ଟା	ଶୈଳବାଳା ଦାସ	୧୨୩
୪୦. ଜଣେ ପରମ ବନ୍ଧୁଙ୍କ ପ୍ରତି	ଏମ୍.ଜି. ହାଲେଟ୍	୧୨୮
୪୧. ମୋର ବହୁ ପୁରାତନ ବନ୍ଧୁ	ସାର୍ ହଗ୍ ମାକ୍ ଫର୍ସନ୍	୧୩୧
୪୨. ଏକ ଶ୍ରଦ୍ଧାଞ୍ଜଳି	ସାର୍ କର୍ଟନେ ଟେରେଲ୍	୧୩୩
୪୩. ମୋର କ୍ଷୁଦ୍ର ଉପହାର	ଟି.ଏସ୍. ମାଗ୍‌ଫର୍ସନ୍	୧୩୫
୪୪. ବହୁ ଦିଗରେ ପଥପ୍ରଦର୍ଶକ	ଜଷ୍ଟିସ୍ ଏସ୍.ବି. ଧାବଲ୍	୧୩୯
୪୫. ଓଡ଼ିଶାର ମହାନାୟକ	ସି.ଏଲ୍. ଫିଲିପ୍	୧୪୧
୪୬. ଜଣେ ଐତିହାସିକ ପୁରୁଷ	ଡି.ଇ. ର୍ୟୁବେନ	୧୪୩
୪୭. ଏଣିକି ମଙ୍ଗ ଧରିବ କିଏ ?	ଜି.ଇ. ଫକ୍ସ	୧୪୫
୪୮. ଚମତ୍କାର ତଥା ସାଧୁ ପ୍ରତିମ ବ୍ୟକ୍ତି	ହେନରି ଡବଲ୍ୟୁ ନେଭିନ୍‌ସନ୍	୧୪୬
୪୯. ଅଜେୟ ଅମର ମଧୁସୂଦନ	ଇ.ଏସ୍. ହର୍ଣ୍ଣେଲ୍	୧୪୭
୫୦. ଓଡ଼ିଶାର କୁଳବୃଦ୍ଧ	ଅତୁଲ ଚନ୍ଦ୍ର ଗାଙ୍ଗୁଲି	୧୪୯
୫୧. ମଧୁବାବୁଙ୍କ ସମ୍ପର୍କରେ	ଶ୍ରୀଅରବିନ୍ଦ	୧୫୦
୫୨. ଆର୍ଯ୍ୟ ମଧୁସୂଦନ	ମାୟାଧର ମାନସିଂହ	୧୫୧
୫୩. ମଧୁବାବୁଙ୍କ ଜୀବନ ପଞ୍ଜିକା		୧୫୩

Digitized by srujanika@gmail.com

ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଷ୍ଟିରେ ମଧୁସୂଦନ ଦାସ

ମୁଖବନ୍ଧ

ଆଜିକୁ ଏକୋଇଶି ବର୍ଷ ପୂର୍ବେ ୧୯୩୪ ଫେବୃଆରୀ ୪ ତାରିଖ ଦିନ ମୋର ପିତା ମଧୁସୂଦନ ଦାସଙ୍କ ମହାପ୍ରୟାଣ ହୋଇଥିଲା । ସେହି ସମୟରେ ତାଙ୍କର ବହୁ ଭାରତୀୟ ଓ ଇଉରୋପୀୟ ବନ୍ଧୁ, ଉଚ୍ଚ ପଦାଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ଶୋକବାର୍ତ୍ତା ମୋ ପାଖକୁ ପଠାଇଥିଲେ । ସେସବୁକୁ ପାଇ ମୁଁ ସେମାନଙ୍କୁ ମୋର ବାବାଙ୍କ ସମ୍ପର୍କରେ କିଛି ସ୍ମୃତିକଥା ଲେଖି ପଠାଇବା ଲାଗି ଅନୁରୋଧ କରିଥିଲି । ସେମାନେ ପ୍ରତ୍ୟେକ, ତାଙ୍କୁ ଯେଉଳି ଜାଣିଥିଲେ ତାହା ଉପରେ ଲେଖି ମୋ ପାଖକୁ ପଠାଇଥିଲେ । ନାନା କାରଣରୁ ସେଗୁଡ଼ିକୁ ଏକ ପୁସ୍ତକ ଭାବରେ ପ୍ରକାଶ କରିବାକୁ ମୁଁ ସକ୍ଷମ ହୋଇପାରି ନଥିଲି । ସେ ସମୟର ବହୁ ବର୍ଷ ପରେ, ଆଜି ମୁଁ ଏକାଅଣି ବର୍ଷ ବୟସରେ, ଯେତେବେଳେ ଭଲକରିଦେଖିପାରୁ ନାହିଁ, ମୁଁ ସେଗୁଡ଼ିକୁ ସଂକଳନ କରି ପ୍ରକାଶ କରିବାକୁ ଇଚ୍ଛା କରୁଛି । ଦୁଃଖର ସହିତ କହିବାକୁ ପଡ଼ୁଛି, ସେସବୁରୁ କେତେକ, ଯଥା ସ୍ଥାନରେ ରଖାଯାଇ ପାରି ନଥିବାରୁ, ହଜିଯାଇଛି । ସେହି ବନ୍ଧୁମାନଙ୍କୁ ମୁଁ ଏଭଳି ଅବହେଳା ଲାଗି କ୍ଷମା ମାଗୁଛି ।

ସେହିସବୁ ସ୍ମୃତିକଥାରୁ ମଧୁସୂଦନ କଅଣ ଥିଲେ ଓ କଅଣ ସବୁ କରିଥିଲେ ସେସବୁ ଜାଣି ପାରିବେ । ସେସବୁ ବ୍ୟକ୍ତି ବି ଆଜି ମଧୁସୂଦନଙ୍କ ଭଳି ସ୍ୱର୍ଗ ରାଜ୍ୟରେ । ମୋର ଦୃଷ୍ଟିଶକ୍ତି ହ୍ରାସ ଯୋଗୁଁ ମୁଁ ମୋର ଜଣେ ବନ୍ଧୁଙ୍କୁ ପାଣ୍ଡୁଲିପିଟି ପ୍ରକାଶିତ ହେବାକୁ ଦେଇଥିଲି । ଉକ୍ତ ବନ୍ଧୁ ଏହାକୁ ଉତ୍ତମ ଭାବରେ ପ୍ରକାଶ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବି ପୁସ୍ତକଟିକୁ ସେ ମୋର ମନ ମୁତାବକ ଭାବରେ ପ୍ରକାଶ କରିପାରିଲେ ନାହିଁ । ଯାହାହେଉ ମଧୁସୂଦନଙ୍କୁ ଏହି ବିଶିଷ୍ଟ ବ୍ୟକ୍ତିଗଣ ଯେଭଳି ଜାଣିଥିଲେ ପାଠକମାନେ ଏଥିରୁ ସେସବୁ ଜାଣି ପାରିବେ ।

ଶୈଳବାଳା ଦାସ

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

ମହାତ୍ମା ଗାନ୍ଧି

ସ୍ୱର୍ଗତ ମଧୁସୂଦନ ଦାସଙ୍କ ସହିତ ମିଶିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଜଣେ ମହାନ୍ ଦେଶପ୍ରେମୀ । ଧର୍ମ ସମ୍ପର୍କରେ ତାଙ୍କର ବଡ଼ ଉଦାର ଦୃଷ୍ଟିଭଙ୍ଗୀ ଥିଲା । ସେ ଖ୍ରୀଷ୍ଟିଆନ ଥିଲେ ବି ହିନ୍ଦୁଧର୍ମ ପ୍ରତି ତାଙ୍କର ସମାନ ସମ୍ମାନ ଥିଲା । ସେ ଦେଶର ଯୁବକମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିକ୍ଷା ଦେଉଥିଲେ । ବହୁ ତ୍ୟାଗ ସ୍ୱୀକାର କରି ସେ କଟକରେ ଏକ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ । ସେହି ପ୍ରତିଷ୍ଠାନ ଜରିଆରେ ସେ ଶ୍ରମ ପ୍ରତି ସମ୍ମାନ ବାସ୍ତବ କ୍ଷେତ୍ରରେ ଦେଖାଇ ଯାଇଛନ୍ତି ।

ମଧୁବାବୁଙ୍କ ସମ୍ପର୍କରେ, ଏହାଛଡ଼ା, ବିଭିନ୍ନ ପ୍ରସଙ୍ଗରେ ସେ ଅନେକ କଥା ଉଲ୍ଲେଖ କରିଛନ୍ତି ବା ମଧୁବାବୁଙ୍କୁ ପତ୍ର ଲେଖିଛନ୍ତି । ସେଥିରୁ କେତେକ ଏଠାରେ ଉଲ୍ଲେଖ କରାଯାଇଛି ।

ଶ୍ରମର ମର୍ଯ୍ୟାଦା

... "ଆମେ ପ୍ରତ୍ୟହ ଅନେକ ଯୁବକଙ୍କୁ ବିଶେଷତଃ ବିଶ୍ୱବିଦ୍ୟାଳୟର ସ୍ନାତକଙ୍କୁ ଭେଟୁ । ଯେଉଁମାନେ ସେମାନଙ୍କ ବିଶ୍ୱବିଦ୍ୟାଳୟ ଉପାଧିକୁ (ଫେରିବାଲା ଭଳି) ବିକ୍ରୟ କରନ୍ତି । ସେମାନେ (ଚାକିରୀ ପାଇଁ) ଏଭଳି ଲୋକଠାରୁ ସୁପାରିଶ ଖୋଜନ୍ତି, ଯେଉଁମାନଙ୍କର ଶିକ୍ଷା ନଥାଏ କିନ୍ତୁ ପ୍ରଚୁର ଧନ ଥାଏ । ନବେ ଶତାଂଶ କ୍ଷେତ୍ରରେ ଦେଖାଯାଏ ଯେ, ଧନୀ ଲୋକଙ୍କର ସୁପାରିଶ ବିଶ୍ୱବିଦ୍ୟାଳୟ ଉପାଧି ଅପେକ୍ଷା ଅଧିକାରୀମାନଙ୍କ ନିକଟରେ ଅଧିକ ଗୁରୁତ୍ୱ ପାଏ । ଏହା କ'ଣ ପ୍ରମାଣ କରେ? ଏହା ପ୍ରମାଣ କରେ ଯେ, ବୌଦ୍ଧିକ କୃଷ୍ଟି ଅପେକ୍ଷା ଟଙ୍କା ହିଁ ଅଧିକ ମୂଲ୍ୟବାନ । ମସ୍ତିଷ୍କ ଏଠାରେ ନ୍ୟୂନ ମୂଲ୍ୟ । କାରଣ ମସ୍ତିଷ୍କ ବା ବୁଦ୍ଧି ଟଙ୍କା ରୋଜଗାର କରିବା ପାଇଁ ଅସମର୍ଥ । ଏହି ଅସାମର୍ଥ୍ୟର କାରଣ ହେଲା ବୌଦ୍ଧିକ ଶକ୍ତି (ବିଦ୍ୟା) ଆବଶ୍ୟକ କରୁଥିବା ପେଷାର ଘୋର ଅଭାବ । ବଜାର ଅଭାବରୁ ମଣିଷ ସମାଜର ସବୁଠାରୁ ମୂଲ୍ୟବାନ ଓ ଶକ୍ତିଶାଳୀ ଶକ୍ତି ମସ୍ତିଷ୍କ ବା ବୁଦ୍ଧି ଏଠାରେ ଏକ ବର୍ଜ୍ୟ ପଦାର୍ଥ ।

Digitized by srujanika@gmail.com

ଚାଷୀର ସମ୍ପତ୍ତି ହେଲା ତାର ଦୁଇ ହାତ । ଜମିଦାରର ସମ୍ପତ୍ତି ହେଲା ତାର ଜମି । ଜମିର କର୍ଷଣ ହେଉଛି କୃଷି ଓ ହସ୍ତର କର୍ଷଣ ହେଉଛି ଶିଳ୍ପ । କୃଷିକୁ ଶିଳ୍ପର ଆଖ୍ୟା ଦିଆଯାଇଥିବା ନେଇ ମୁଁ ସଚେତନ କିନ୍ତୁ ଉଭୟର ମୌଳ ଉପାଦାନକୁ ନେଇ ତୁଳନା କଲେ କୃଷିକୁ ଶିଳ୍ପ ପର୍ଯ୍ୟାୟରେ ନିଆଯାଇପାରିବ ନାହିଁ । ବିଭିନ୍ନ ପର୍ଯ୍ୟାୟରେ ହସ୍ତର କ୍ରମିକ କର୍ଷଣ ଫଳରେ ଯେଉଁ ଶାରୀରିକ ଶ୍ରମ ଉଚ୍ଚତର ପାରିଶ୍ରମିକ ଆଣିଦିଏ ତାହାକୁ ଯଥାର୍ଥ ଶିଳ୍ପ ବୋଲି କୁହାଯାଇ ପାରିବ । ବିଲରେ କାମ କରୁଥିବା ହାତ ସମ୍ପର୍କରେ ଏହା କୁହାଯାଇ ପାରିବ ନାହିଁ । ବିଲରେ ହଳ କରୁଥିବା, ବିହନ ବୁଣୁଥିବା ବା ବାଲୁଙ୍ଗା ବାଛୁଥିବା ମଣିଷ ହାତରେ କର୍ଷଣ ଫଳରେ ଅଧିକ ପାରିଶ୍ରମିକ ରୋଜଗାର କରିପାରିବ ନାହିଁ । କୃଷକର ବୃତ୍ତିରେ ଅଧିକ ପାରିଶ୍ରମିକ ରୋଜଗାର କରିପାରିବ ନାହିଁ । କୃଷକର ବୃତ୍ତିରେ ଅଧିକ ପାରିଶ୍ରମିକ ଲାଭ କରିବାର କୌଶଳ ପାଇଁ ସ୍ଥାନାଭାବ । ଗୋଟିଏ ବଢ଼େଇର ଦୃଷ୍ଟାନ୍ତ ନିଆଯାଉ । ପ୍ରଥମେ ସେ ଡାବଲ ତିଆରି କରି କାମ ଆରମ୍ଭ କରେ । ହାତକୁ ପ୍ରଶିକ୍ଷିତ କରି ସେ ସେଇ ହାତରେ ସ୍ପିରିଟ ବୋତଲ ରଖାଯାଉଥିବା ଧାତବ ପେଟିକା କରେ । ବଢ଼େଇଟିର କାରିଗରିର ଅଗ୍ରଗତି ସହିତ ତାଳଦେଇ ତାର ଦୈନିକ ମଜୁରୀ ମଧ୍ୟ ବୃଦ୍ଧି ପାଏ । ମୁଁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇ କହିପାରେ ଯେ ଦୁଇ ପାର୍ଶ୍ୱରେ ବୋତଲକୁ ପହରା ଦେଉଥିବା ଫଣାଯୁକ୍ତ ସାପଥିବା ଏହି ଧାତବ ପେଟିକାର କାରିଗରକୁ ମୁଁ ଯେତେବେଳେ ପ୍ରଥମ ନିଯୁକ୍ତି ଦେଇଥିଲି, ସେତେବେଳେ ସେ କେବଳ ଡାବଲ ତିଆରି କରୁଥିଲା । ତାର ପ୍ରାରମ୍ଭିକ ମଜୁରୀ ଥିଲା ଦୈନିକ ମାତ୍ର ଛଅ ଅଣା ଓ ହାତର କୃଷ୍ଟି ହେତୁ ଦୁଇ ବର୍ଷ ମଧ୍ୟରେ ସେ ଦୈନିକ ଏକଟଙ୍କା ପାରିଶ୍ରମିକ ପାଇଲା । ଏହା ବାହାରେ ତା ହାତ ତିଆରି ସୂକ୍ଷ୍ମ କର୍ମର ବଜାରମୂଲ୍ୟ ତାର ନିଯୁକ୍ତିଦାତାକୁ ଅନ୍ତତଃ ଚାରିଅଣା ଲାଭ ଦେଇପାରିଲା । ତେଣୁ ଦୁଇବର୍ଷ ମଧ୍ୟରେ ତାର ବାର୍ଷିକ ରୋଜଗାର ୧୩୩ ଟଙ୍କାରୁ ୧୩୬୫ ଟଙ୍କାକୁ ବୃଦ୍ଧି ପାଇପାରିଲା । ...ଆମ ଜନସଂଖ୍ୟାର ୯୮ ଶତାଂଶରୁ ଅଧିକ ଲୋକ ବିଲରେ କାମ କରନ୍ତି । ଜମିର ଆୟତନ ବୃଦ୍ଧି ପାଉନାହିଁ । କିନ୍ତୁ ଜନସଂଖ୍ୟାର ଅବାରିତ ବୃଦ୍ଧି ଫଳରେ ହାତର ସଂଖ୍ୟା ବଢ଼ି ଚାଲିଛି । ଯେଉଁ ଭୂସମ୍ପତ୍ତି ଉପରେ ଗୋଟିଏ ପାଞ୍ଚଜଣିଆ ପରିବାର ତିରିଶ ବର୍ଷ ତଳେ ନିର୍ଭରଶୀଳ ଥିଲେ ବର୍ତ୍ତମାନ ତା' ଉପରେ ୧୨ରୁ ୧୫ ଜଣ ନିର୍ଭରଶୀଳ । କେତେକ କ୍ଷେତ୍ରରେ ଦେଶାନ୍ତର ଫଳରେ ଏହି ସମସ୍ୟାର ସମାଧାନ ହେଉଛି; କିନ୍ତୁ ଅଧିକାଂଶ କ୍ଷେତ୍ରରେ ଜୀବନ ଧାରଣର ନିମ୍ନତମ ମାନ ଅବଶ୍ୟମ୍ଭାବୀ ରୂପେ ଗୃହୀତ ।"

୧୯୨୪ ମସିହାରେ ଶ୍ରୀଯୁକ୍ତ ଏମ୍.ଏସ୍. ଦାସ ବିହାର ୟଙ୍ଗ୍‌ମେନ୍‌ସ ଇନଷ୍ଟିଚ୍ୟୁଟରେ

Digitized by srujanika@gmail.com

ଯେଉଁ ଭାଷଣ ଦେଇଥିଲେ, ଉପରୋକ୍ତ ଉଦ୍ଧୃତାଂଶ ସେଥିରେ ଗୃହୀତ । ଉପଯୁକ୍ତ ସ୍ଥାନରେ ଏହାର ଅତ୍ୟାବଶ୍ୟକ ଅଂଶର ବ୍ୟବହାର କରିବା ପାଇଁ ମୁଁ ଭାଷଣଟିକୁ ପାଖରେ ରଖିଛି । ବକ୍ତା ଯାହା କରିଛନ୍ତି ସେଥିରେ ବିଶେଷ କିଛି ନୂତନତ୍ୱ ନାହିଁ । ଯଦିଓ ପେଷାରେ ଶ୍ରୀଯୁକ୍ତ ଦାସ ଜଣେ ବିଖ୍ୟାତ ଆଇନଜୀବୀ, ତଥାପି ଶାରୀରିକ ଶ୍ରମର ମର୍ଯ୍ୟାଦାକୁ ସେ ନ୍ୟୁନ କରି ନାହାନ୍ତି କେବଳ ନୁହେଁ; ନିଜେ ଉତ୍ତୀର୍ଣ୍ଣ ବୟସରେ ହସ୍ତଶିଳ୍ପ ଶିକ୍ଷା କରିଛନ୍ତି । ଏହା ତାଙ୍କର ଏକ ସୌଖୀନ ଅଭ୍ୟାସ ନୁହେଁ; ତରୁଣମାନଙ୍କୁ ପ୍ରଶିକ୍ଷିତ କରି ସେମାନଙ୍କୁ ଶ୍ରମର ଗୌରବ ବିଷୟରେ ସଚେତନ କରିବା ସହ ଦେଶର ଦାରିଦ୍ର୍ୟ ସହିତ ଆମର ଶିଳ୍ପ ପ୍ରତି ଥିବା ଆଭିମୁଖ୍ୟ କିପରି ଘନିଷ୍ଠ, ତାହା ସେ ପ୍ରଦର୍ଶନ କରିଛନ୍ତି । ତାଙ୍କର କର୍ମ ଓ ବ୍ୟକ୍ତିତ୍ୱରୁ ହିଁ ଭାଷଣର ପ୍ରକୃତ ମୂଲ୍ୟ ଉତ୍ସାରିତ । ଶ୍ରୀଯୁକ୍ତ ଦାସ କଟକରେ ଏକ ଚମଡ଼ା କାରଖାନା ପ୍ରତିଷ୍ଠିତ କରାଇଛନ୍ତିଓ ଏହା ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ ହୋଇଛି । କିନ୍ତୁ ସହସ୍ର ହସ୍ତର ବୁଦ୍ଧିକୁ ଅପେକ୍ଷା ରଖୁଥିବା ସର୍ବବୃହତ୍ ଶିଳ୍ପ ନିଃସନ୍ଦେହ ଭାବରେ ହେଉଛି ଚରଖା । ଏହି ଦେଶର ବିଶାଳ କୃଷିନିର୍ଭର ଜନତାକୁ ଏକ ବୌଦ୍ଧିକ ପେଷା ସହ ସେମାନଙ୍କ ହାତ ଓ ବୁଦ୍ଧିକୁ ସମକାଳରେ ପ୍ରଶିକ୍ଷିତ କରାଇବାର ଆବଶ୍ୟକତା ରହିଛି । ସେମାନଙ୍କୁ ଦିଆଯାଇପାରୁଥିବା ଏହା ସବୁଠାରୁ ଶସ୍ତା ଅଥଚ ସର୍ବୋତ୍କୃଷ୍ଟ ଶିକ୍ଷା । ଏହା ସବୁଠାରୁ ଶସ୍ତା କାରଣ ଏଥିରୁ ତତ୍କ୍ଷଣାତ୍ ପାରିଶ୍ରମିକ ମିଳିବା ସମ୍ଭବ । ଯଦି ପ୍ରଥମରେ ଆମେ ସାର୍ବଜନୀନ ଶିକ୍ଷା ଚାହୁଁ, ତେବେ ପ୍ରାଥମିକ ଶିକ୍ଷା ପଠନ ଲିଖନ ଆଦିରେ ଶେଷ ହେବା ଉଚିତ ନୁହେଁ, ଚରଖା ସମ୍ପର୍କିତ ଜ୍ଞାନ ଏଥିରେ ସଂଯୁକ୍ତ ହେବା ଆବଶ୍ୟକ । ଚରଖା ଚଳାଇବା ମାଧ୍ୟମରେ ଜଣେ ବାଳକ ବା ବାଳିକାର ହାତ ଓ ଆଖି ଯେତେବେଳେ ପ୍ରଶିକ୍ଷିତ ହୋଇଯିବ, ସେତେବେଳେ ତା ପକ୍ଷରେ ପଠନ ଲିଖନ ଆଦି ଶିକ୍ଷା କରିବା ସହଜ ହୋଇଯିବ । ମୁଁ ଜାଣେ କେତେକଙ୍କୁ ଏହା ଅତ୍ୟନ୍ତ ଉଦ୍ଭଟ ଚିନ୍ତା ମନେ ହେଲାବେଳେ ଅନ୍ୟକେତେକ ଏହାକୁ ଅବାସ୍ତବ ପ୍ରସ୍ତାବ ମନେ କରିବେ । କିନ୍ତୁ ଯେଉଁମାନେ ଏଭଳି ଭାବନ୍ତି, ସେମାନେ ଅସଂଖ୍ୟ ଭାରତୀୟଙ୍କ ପ୍ରକୃତ ଅବସ୍ଥା ଜାଣନ୍ତି ନାହିଁ । ଭାରତୀୟ କୃଷିଜୀବୀମାନଙ୍କର ଅଗଣିତ ପିଲାଙ୍କୁ କିଭଳି ଶିକ୍ଷାଦେବା ସମ୍ଭବ ତାହା ମଧ୍ୟ ସେମାନେ ଜାଣନ୍ତି ନାହିଁ । ଯେତେବେଳ ପର୍ଯ୍ୟନ୍ତ ଦେଶରେ ରାଜନୈତିକ ଜାଗରଣ ଆସିଥିବା ଶିକ୍ଷିତ ଭାରତୀୟଗଣ ଶ୍ରମର ମର୍ଯ୍ୟାଦା ଉପଲବ୍ଧି କରିନାହାନ୍ତି ଓ ଦେଶର ତରୁଣମାନେ ଚରଖା ଚଳାଇବା କୌଶଳର ଶିକ୍ଷାକୁ ଅନିବାର୍ଯ୍ୟ ମନେ କରି ଗ୍ରାମଗୁଡ଼ିକରେ ପ୍ରଚଳନ କରିନାହାନ୍ତି ସେତେବେଳ ପର୍ଯ୍ୟନ୍ତ ଏହି ଅତ୍ୟାବଶ୍ୟକ ଶିକ୍ଷା ପ୍ରଦାନ ସମ୍ଭବ ନୁହେଁ ।

Digitized by srujanika@gmail.com

ଜଣେ ହରିଜନ କର୍ମୀଙ୍କୁ ଉପଦେଶ

... ମୁଁ କୌଣସି କାର୍ଯ୍ୟକ୍ରମର କେବଳ ଯୋଜନା ଚାହେଁ ନାହିଁ । ଯିଏ କାମ କରିପାରିବ ସେହିଭଳି ବ୍ୟକ୍ତିଟିଏ ଚାହେଁ । ଯେଉଁଠି କାମ କରିବାକୁ ମଣିଷ ମିଳନ୍ତି ନାହିଁ, ସେଠି କାର୍ଯ୍ୟକ୍ରମର ଅର୍ଥ କ'ଣ? ତମେ ଚମଡ଼ା କାମର ଯୋଜନା କରୁଛ । ମୋର ମଧ୍ୟ ତାହାହିଁ ଇଚ୍ଛା । କିନ୍ତୁ ତମେ ସେ ବିଷୟ ଶିଖିନାହଁ । କେବଳ କେତୋଟି ଚପଲ ତିଆରି କରିଦେଲେ, ଯଥେଷ୍ଟ ହେବ ନାହିଁ । ଆମକୁ ଚମଡ଼ା କଷିବା କାମ ମଧ୍ୟ ଶିଖିବାକୁ ହେବ । ତମେ ଯଦି ତାହା କରିପାରିବ; ତାହାହେଲେ ତମର ଓ ମୋର କାମ ସହଜ ହୋଇଯିବ । ଆମେ ବଡ଼ ବଡ଼ କାରଖାନା ଚାହୁଁନୁ । ଗାଁ ଗହଳରେ କିପରି ଚମଡ଼ା କାମ ହୋଇପାରିବ ଆମେ ତାହା ଚାହୁଁ । ମଧୁସୂଦନ ଦାସ କ'ଣ କରୁଛନ୍ତି? ସେ ଉତ୍କଳର ଚମଡ଼ା କଷିବା କାମ ଦାମ ଜାଣିଥିବା ଲୋକମାନଙ୍କୁ ଡକାଇ ସେମାନଙ୍କଠାରୁ କାମ ଶିଖୁଛନ୍ତି । ସେତିକିରେ ସନ୍ତୁଷ୍ଟ ନହୋଇ ସେ ଜର୍ମାନ ଗଲେ । ସେଠାରେ କିପରି ଚମଡ଼ା କାମ ହେଉଛି ତାହା ଦେଖିଲେ । ଜଣେ ଜର୍ମାନ (ଚମଡ଼ା ବିଶାରଦ)ଙ୍କୁ ସଙ୍ଗରେ ଆଣିଲେ ଓ କାରଖାନାଟିଏ ପ୍ରସ୍ତୁତ କଲେ । ଏବେ ସେଇଟି ତାଙ୍କ କର୍ତ୍ତୃତ୍ୱରେ ନାହିଁ । ମୁଁ ତା'ର ବର୍ତ୍ତମାନ ଅବସ୍ଥା ମଧ୍ୟ ଜାଣେ ନାହିଁ । ମଧୁସୂଦନଙ୍କ ଅମଳରେ ବହୁ ହରିଜନ ଚମଡ଼ାକାମ ଶିଖିଥିଲେ । ତାଙ୍କ ପରି ତମେ ମଧ୍ୟ ପ୍ରଥମେ କାମ ଶିଖ । ଗୋଟିଏ ମାସରେ ତାହା ହୋଇପାରିବ ନାହିଁ । ତମେ ଠିକ୍ ଭାବରେ କାମ ଶିଖିଲେ ବହୁତ ଭଲ କରିବ । ତମର ତାଲିମ ପାଇଁ ମୁଁ ବ୍ୟବସ୍ଥା କରିଦେବି ।

ତେଲାଙ୍ଗରେ ଖଦୀ ଓ ଗ୍ରାମ୍ୟ ଶିଳ୍ପ ପ୍ରଦର୍ଶନୀରେ ପ୍ରଦତ୍ତ ଭାଷଣର କିୟଦଂଶ

... ମନୁଷ୍ୟ ପଶୁଠାରୁ ବିଭିନ୍ନ ଭାବରେ ପୃଥକ । ମଧୁସୂଦନ କହିଥିଲେ ଯେ, ଏହି ପାର୍ଥକ୍ୟଗୁଡ଼ିକ ମଧ୍ୟରୁ ସେମାନଙ୍କ ଶାରୀରିକ ପ୍ରଭେଦ ଅନ୍ୟତମ । ମଣିଷ ତାହାର ହାତଗୋଡ଼ ଓ ଅଙ୍ଗୁଳିକୁ ତାର ବୁଦ୍ଧି ସାହାଯ୍ୟରେ ଉପଯୋଗ କରିପାରିବ ଓ ତାହାର କଳାତ୍ମକ ବ୍ୟବହାର ମଧ୍ୟ କରିପାରିବ । ଯଦି ମଣିଷ ସମ୍ପୂର୍ଣ୍ଣ ଭାବରେ କେବଳ କୃଷି ଉପରେ ନିର୍ଭର କରେ, ତେବେ ସେ ଭଗବତ୍ ପ୍ରଦତ୍ତ ତା'ର ଅଙ୍ଗୁଳିଗୁଡ଼ିକର ସଦ୍‌ବ୍ୟବହାର କରିପାରିବ ନାହିଁ ।

Digitized by srujanika@gmail.com

ଅସ୍ପୃଶ୍ୟତା ସମ୍ପର୍କରେ ମତାମତ- ପାଞ୍ଚ

... ପରିଷ୍କାର ଭାବରେ ଚମଡ଼ା ପ୍ରସ୍ତୁତିକରଣ ଗୋଟିଏ ଅତ୍ୟନ୍ତ କଠିନ ବ୍ୟାପାର । ଆମ କାରିଗରମାନେ ମଲା ପଶୁ ଦେହରୁ ଛାଲ ଉତାରିବା ତଥା ଚମଡ଼ା ପ୍ରସ୍ତୁତ କ୍ଷେତ୍ରରେ ଆଧୁନିକ ପଦ୍ଧତି ସହିତ ବିଶେଷ ଅଭ୍ୟସ୍ତ ନୁହଁନ୍ତି । ଚମଡ଼ା ପ୍ରସ୍ତୁତିକୁ ମୁଁ ଏ କ୍ଷେତ୍ରରେ ବ୍ୟାପକ ଦୃଷ୍ଟିକୋଣରୁ ବ୍ୟବହାର କରୁଛି । ସେହି ତଥାକଥିତ ଉଚ୍ଚବର୍ଗର ଲୋକମାନେ ଅପରାଧୀ ଭଳି ନିଜ ଦେଶବାସୀ ଓ ସ୍ୱଧର୍ମୀ ଲୋକଙ୍କ ଏହି ବୃତ୍ତିକୁ ଅବହେଳା କରିଛନ୍ତି । ମଲା ପଶୁ ଦେହରୁ ଛାଲ ଉତାରିବାଠାରୁ ଆରମ୍ଭ କରି ଚମଡ଼ା ତିଆରି ପର୍ଯ୍ୟନ୍ତ ଯେଉଁ ପଦ୍ଧତି ଅନୁସରଣ କରାଯାଏ, ତାହା ନିତାନ୍ତ ଅମାର୍ଜିତ ପଦ୍ଧତି । ଏହି କାରଣରୁ ଦେଶର ଅକଳନ୍ତି ସମ୍ପଦ କ୍ଷତି ହେଉଛି ଓ ଅନେକ କ୍ଷେତ୍ରରେ ନିମ୍ନମାନର ଚମଡ଼ା ପ୍ରସ୍ତୁତ ହେଉଛି ।

ସ୍ୱର୍ଗତ ମଧୁସୂଦନ ଦାସ ଥିଲେ ଜଣେ ମହାନ୍ ଜନହିତୈଷୀ । ସେ ନିଜେ ଚମଡ଼ା ପ୍ରସ୍ତୁତିର ଆଧୁନିକ ପ୍ରଣାଳୀ ଶିଖିଥିଲେ । ଧର୍ମର ଦ୍ୱାହି ଦେଇ ଅସ୍ପୃଶ୍ୟତାର ଯେଉଁ ଅନ୍ଧବିଶ୍ୱାସ ଏ ଦେଶର ଲୋକମାନଙ୍କ ମନରେ ବସା ବାନ୍ଧିଛି ତାହା ପ୍ରତିବର୍ଷ କେତେ ଜାତୀୟ କ୍ଷତିର କାରଣ ହୋଇଛି, ତାହାର ଏକ ପରିସଂଖ୍ୟାନ ମଧୁବାବୁ ପ୍ରସ୍ତୁତ କରିଥିଲେ । ହରିଜନ କାରିଗରମାନେ ଆଧୁନିକ ପ୍ରଣାଳୀ ଶିଖି ପାରିବେ ଓ ଚମଡ଼ା ପ୍ରସ୍ତୁତ କରୁଥିବା ଲୋକମାନଙ୍କୁ ତାହା ବିଷୟରେ ଯଥାସମ୍ଭବ ଅବଗତ କରାଇପାରିବେ ।

ଗୋ-ରକ୍ଷା

... ଏହା ସତ ଯେ, ବର୍ତ୍ତମାନ କଟା ଗୋରୁ ଛାଲରୁ ଚମଡ଼ା ହେଉଛି; କିନ୍ତୁ ଗତ ଯୁଦ୍ଧ ସମୟରେ ଭାରତ ସରକାର ମଲା ଗୋରୁ ଛାଲରୁ ଭଲ ଚମଡ଼ା କରିବା ଉଦ୍ଦେଶ୍ୟରେ ପ୍ରଚୁରଅର୍ଥ ବ୍ୟୟ କରିଥିଲେ । ଟାନେରୀ ବିଶେଷଜ୍ଞମାନେ ମୋତେ କହିଛନ୍ତି ଯେ କଟା ଗୋରୁ ଛାଲରୁ ଯେପରି ସୁନ୍ଦର ଚମଡ଼ା ପ୍ରସ୍ତୁତ ହୁଏ ମଲା ଗୋରୁ ଛାଲରୁ ମଧ୍ୟ ସେହିପରି ହୋଇପାରିବ । ମୁଁ ନିଜେ ଏ ଦିଗରେ ପରୀକ୍ଷା ଚଳାଇଛି । କଟକରେ ଶ୍ରୀ ମଧୁସୂଦନ ଦାସ ବହୁବର୍ଷ ହେଲା ଏହା କରାଉଛନ୍ତି ଓ ସେ ମୋତେ କହିଛନ୍ତି ଯେ ଏହା ସଫଳ ହୋଇଛି । କଲିକତା ସରକାରଙ୍କ ଗବେଷଣା କେନ୍ଦ୍ର ମଧ୍ୟ ଏପ୍ରକାର ପରୀକ୍ଷା ଚଳାଇଛନ୍ତି ।

Digitized by srujanika@gmail.com

ମଧୁସୂଦନ ଦାସଙ୍କୁ ଏକ ପତ୍ର

... ମୋର ତାରବାର୍ତ୍ତାର ପ୍ରତ୍ୟୁତ୍ତରରେ ମୁଁ ଏବେ ଏବେ ଆପଣଙ୍କଠାରୁ ପାଇଛି । ମୁଁ ଆପଣଙ୍କ ବିଷୟ ଅବିରତ ଭାବୁଛି । ଜାମସେଦପୁରକୁ ନ ଆସିବା ପର୍ଯ୍ୟନ୍ତ କେବଳ ଆପଣଙ୍କ ପରିକଳ୍ପନା (ଉତ୍କଳ ଟାନେରୀ)କୁ ଏକ ବିଶେଷ ପରିଦର୍ଶନରେ ଯିବାପାଇଁ ମୁଁ ମନ ସ୍ଥିର କରିପାରି ନଥିଲି । ଜାମସେଦପୁରରେ ପହଞ୍ଚିଲା ପରେ ମୋର ବିବେକ ମୋତେ ଆଘାତ କଲା ଓ ନିର୍ଦ୍ଦେଶ ଦେଲା ଯେ ମୋର ମଧ୍ୟ କଟକ ଯିବା ଓ ଆପଣଙ୍କ ଟାନେରୀ ଦେଖି ଆସିବା ନିହାତି ଉଚିତ । ମୁଁ ମଙ୍ଗଳବାର ଦିନ ପୁରୀ ଏକ୍ସପ୍ରେସରେ (କଲିକତା) ଛାଡୁଛି... ଏହା ନୁହେଁ କି? ମୁଁ ବୁଝୁଛି ଏହା ସକାଳ ଚାରିଟାରେ ପହଞ୍ଚିବ । ମୁଁ ସେଠାରେ ଦୁଇଦିନ ରହିବି । ମୁଁ ଜାଣିଛି ମୋର ଗସ୍ତକୁ ଆପଣ ଗୁପ୍ତ ରଖି ପାରିବେ ନାହିଁ । କିନ୍ତୁ ସେଠାରେ ମୁଁ ଏକ ଦୁର୍ବହ କାର୍ଯ୍ୟକ୍ରମ ଚାହେଁ ନାହିଁ । ଆପଣଙ୍କ ଟାନେରୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅବଗତ ହୋଇ ଆପଣଙ୍କର ଆବଶ୍ୟକତା କ'ଣ ତାହା ସଠିକ ଜାଣିଲା ପରେ ମୁଁ ଆପଣଙ୍କୁ ଯଥାର୍ଥଭାବେ କିପରି ସାହାଯ୍ୟ କରିପାରିବି ତାର ବାଟ ଖୋଜିବାକୁ ଚାହେଁ ।

ଆପଣଙ୍କ ସହ ରହିବାକୁ ମୁଁ ଭଲପାଏ । କିନ୍ତୁ ମୋ ସହିତ ଅଛନ୍ତି ରଙ୍ଗଲାଲ ଓ ସତୀଶଚନ୍ଦ୍ର ଦାଶଗୁପ୍ତ । ପ୍ରଥମ ଜଣକ ଜଣେ ମାରୱାଡ଼ି ଭଦ୍ରଲୋକ, ଗୋରକ୍ଷା ନେଇ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ତାଙ୍କୁ ସାଙ୍ଗରେ ନେଉଛି । ଦ୍ୱିତୀୟ ଭଦ୍ରବ୍ୟକ୍ତିଙ୍କୁ ଆପଣ ଜାଣନ୍ତି । ବୋଧହୁଏ ମୋ ସହିତ ଜଣେ ଆଉ ଜଣେ ଯିବେ; ସେ ହେଉଛନ୍ତି ମହାଦେବ ଦେଶାଇ, ତାଙ୍କୁ ଆପଣ ଜାଣନ୍ତି । ଆପଣ ଯେଉଁଠାରେ ଇଚ୍ଛା କରନ୍ତି, ବର୍ତ୍ତମାନ ସେଠାରେ ଆମମାନଙ୍କୁ ରଖି ପାରନ୍ତି ।

ସେଠାରେ ଥିବା ବଙ୍ଗୀୟ ବନ୍ଧୁମାନଙ୍କଠାରୁ ଦେଶବନ୍ଧୁ ସ୍ମୃତି ପାଇଁ ପାଣ୍ଠି ସଂଗ୍ରହ କରିବି । ଉତ୍କଳରେ ଚରଖାର ପ୍ରସାର କିପରି ହୋଇପାରିବ ମୁଁ ଆପଣଙ୍କଠାରୁ ଅବଶ୍ୟ ଶିକ୍ଷା କରିବି । ଯଦିଓ ସେଠାରେ କଂଗ୍ରେସ ପାଣିଭଳି ଟଙ୍କା ଖର୍ଚ୍ଚ କରୁଛି ତଥାପି ଉତ୍କଳରେ ଏହା ବିଶେଷ ଅଗ୍ରଗତି କରିପାରି ନାହିଁ । ଅବଶ୍ୟ ସେଥିପାଇଁ ମୁଁ ନିରାଶ ହୋଇନାହିଁ ।

Digitized by srujanika@gmail.com

ସ୍ୱଦେଶୀ ବନାମ ବିଦେଶୀ

... ଆମର ଅଜ୍ଞତା ଜଡ଼ତା ଓ ଉଦ୍‌ଭାବନ ପାଇଁ ଅନିଚ୍ଛା ହେତୁ ଆମ ଦେଶରେ ପ୍ରସ୍ତୁତ ହେଉଥିବା କୋଟି କୋଟି ଟଙ୍କାର କଞ୍ଚାମାଲ ବିଦେଶକୁ ରପ୍ତାନୀ ହୋଇଯାଉଛି । ଶ୍ରୀ ମଧୁସୂଦନ ଦାସଙ୍କ ମତାନୁସାରେ ଏହାର ପରିଣତି ହେଉଛି ଆମର ପଶୁତୁଲ୍ୟ ଅଜ୍ଞତା; ଆମର ହାତ ଯେଉଁ ପ୍ରଶିକ୍ଷଣ ଲାଭ କରିବା କଥା, ତାହା ସେ ଲାଭ କରି ପାରୁନାହିଁ ଓ ଆମର ଯେଉଁଭଳି ବୌଦ୍ଧିକ ବିକାଶ ଘଟିବା କଥା ତାହା ଘଟୁ ନାହିଁ ।

ତେଣୁ ବଞ୍ଚିବାର କଳାକୌଶଳ ଆମ ଦେଶରୁ ବିଦାୟ ନେଇଛି ଓ ଆମେ ପାଶ୍ଚାତ୍ୟକୁ ଅନୁକରଣ କରି ନିଜକୁ କୃତାର୍ଥ ମନେ କରୁଛୁ । ଯେପର୍ଯ୍ୟନ୍ତ ଆମ ଦେଶରେ ମିଳୁଥିବା କୋଟିକୋଟି ଟଙ୍କାର ମଲା ପଶୁ ଚମଡ଼ାକୁ କଷେଇବା ପାଇଁ ଯନ୍ତ୍ର ଆମେ ତିଆରି କରିପାରି ନାହୁଁ, ସେତେଦିନ ପର୍ଯ୍ୟନ୍ତ ପୃଥିବୀର ଯେକୌଣସି ଅଂଶରୁ ଏହି ଯନ୍ତ୍ରକୁ ଆମଦାନୀ କରିବା ପାଇଁ ମୁଁ ପ୍ରସ୍ତୁତ ଓ ମୁଁ ମନେ କରୁଛି ସ୍ୱଦେଶୀ ପ୍ରତି ମୋର ପ୍ରତିବଦ୍ଧତା ଏହାଦ୍ୱାରା କ୍ଷୁଣ୍ଣ ହେଉନାହିଁ । ଯଦି କିଦ୍‌ବଶତଃ ଏହି ଯନ୍ତ୍ରର ଆମଦାନୀକୁ ମୁଁ ପ୍ରତ୍ୟାଖ୍ୟାନ କରେ ତେବେ ମୋର ସ୍ୱଦେଶୀ-ବ୍ରତ ପ୍ରତି ତାହା ଅମର୍ଯ୍ୟାଦାଜନକ ହେବ ।

ବାଙ୍ଗାଲୋରଠାରେ ଖଦୀ ପ୍ରଦର୍ଶନୀ ଉତ୍ସବରେ ବକ୍ତୃତା

...ମଧୁସୂଦନ ଦାସ ଥିଲେ କଟକର ଜଣେ ବିଚକ୍ଷଣ ଓକିଲ । ଓଡ଼ିଶାର ଦାରିଦ୍ର୍ୟ ତାଙ୍କୁ ସ୍ୱପ୍ନରୁ ଜାଗ୍ରତ କଲା । ସେ ଦେଖିଲେ ଯେ କେବଳ ହଳ ଲଙ୍ଗଳ ଦ୍ୱାରା ବିଲରେ ଚାଷକାମ କଲେ ଅଳ୍ପ ଦିନରେ ଆମେ ଗୋରୁମାନଙ୍କ ପରି ନିର୍ବୋଧ ଓ ନିସ୍ତେଜ ହୋଇ (ମାନବିକ ଅବସ୍ଥାରୁ) ନିମ୍ନକୁ ଖସି ଆସିବୁ । ତେଣୁ ଆମକୁ ଚାଷବାସ ସହିତ କିଛି ଯନ୍ତ୍ରଶିଳ୍ପ ମିଶାଇବାକୁ ହେବ । ଯାହା ଫଳରେ ଆମେ ହାତର କୁଶଳତା ହାସଲ କରି ପାରିବା । ଏହି ସମନ୍ୱୟ ଫଳରେ ମଧୁବାବୁ ନିଜେ ଜଣେ ଦକ୍ଷ ଓ ନିପୁଣ କାରିଗର ହୋଇପାରିଥିଲେ ।

Digitized by srujanika@gmail.com

ବମ୍ବେର ରାଷ୍ଟ୍ରୀୟ ବିଦ୍ୟାଳୟ

...ଏହି ଦେଶରେ ଶିଳ୍ପ ବାତାବରଣର ଆବଶ୍ୟକତା ରହିଛି । ଏହି ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥାରେ ଧନ୍ଦାମୂଳକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବା ଉଚିତ । ଯେତେବେଳେ ଏହା ହୋଇଯିବ, ଛାତ୍ରଛାତ୍ରୀମାନେ ଏହି ଧନ୍ଦା ଶିଖିଯିବେ ଓ ସେମାନେ ତାଙ୍କ ସ୍କୁଲକୁ ଆର୍ଥିକ ଦିଗକୁ ସ୍ୱଚ୍ଛଳ କରିପାରିବେ । ଶ୍ରୀ ମଧୁସୂଦନ ଦାସ ଏହା ଚିନ୍ତାକରି କଟକରେ ଚମଡ଼ା କାରଖାନା ଆରମ୍ଭ କରିଥିଲେ । ଯୋଜନାଟି ଭଲ ଥିଲା । କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । କାରଣ ଦେଶର ପ୍ରଚଳିତ ବ୍ୟବସ୍ଥାରେ ଏହି ବିଷୟ ଯଥା ଧନ୍ଦାମୂଳକ ତାଲିମ ବା ଚମଡ଼ାଶିଳ୍ପକୁ ପ୍ରୋତ୍ସାହନ ମିଳି ନଥିଲା । କାହିଁକି ବଢ଼େଇ କାମ ଆମ ଉଚ୍ଚଶିକ୍ଷାର ଅଙ୍ଗ ହେବନାହିଁ ? ବୁଣାବୁଣି ଜ୍ଞାନରେ କାମ ନଥାଇ ଶିକ୍ଷାଦାନ ବ୍ୟବସ୍ଥାକୁ ସୂର୍ଯ୍ୟ ବିନା ସୂର୍ଯ୍ୟମଣ୍ଡଳ ସହିତ ତୁଳନା କରାଯାଇପାରେ । ଯେଉଁଠାରେ ଏହି ଶିଳ୍ପଗୁଡ଼ିକ ଭଲଭାବେ ଶିକ୍ଷା ଦିଆଯାଉଛି, ସେଠାରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ସେମାନଙ୍କର ପଢ଼ା ଖର୍ଚ୍ଚ ତୁଲାଇବାକୁ ସମର୍ଥ ହେବେ । ଏହି ପ୍ରକଳ୍ପକୁ ସକ୍ଷମ କରିବାକୁ ହେଲେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଶକ୍ତି, ମନୋବଳ ଓ ଶିକ୍ଷକଙ୍କଦ୍ୱାରା ସେଥିପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହେବା ଦରକାର ।

ତ୍ରୁଟି ସଂଶୋଧନ

... ଓଡ଼ିଶାରେ ରହୁଥିବା ଜଣେ ଆଶ୍ରମବାସୀ ମୋତେ ଗୋଟିଏ ଟେଲିଗ୍ରାମ ପଠାଇଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ମୋର ପୂର୍ବ ପ୍ରକାଶିତ ଅସ୍ପୃଶ୍ୟତା ସମ୍ପର୍କୀୟ ପଞ୍ଚମ ଲେଖାରେ ଚମଡ଼ା ଶିଳ୍ପୀଙ୍କ ପାଇଁ ଭଲ କାର୍ଯ୍ୟ କରିଥିବା ବାବୁ ମଧୁସୂଦନ ବାବୁ ଆଉ ନାହାନ୍ତି, ଏହା କଳ୍ପନା କରିବା ମୋର ନିର୍ବୋଧତା । ଏହି ଟେଲିଗ୍ରାମ ପାଇବା ପରେ ମୁଁ ମଧୁସୂଦନ ବାବୁଙ୍କୁ ନିମ୍ନଲିଖିତ ଟେଲିଗ୍ରାମ୍ ପଠାଇଥିଲି ।

"ମଧୁସୂଦନ ଦାସ ଦୀର୍ଘଜୀବୀ ହୁଅନ୍ତୁ । ମୋର ଭୁଲ୍ ଧାରଣା ହୋଇଥିଲା ଯେ, ଆପଣ ଆଉ ନାହାନ୍ତି । ଏହା ମୋର ନିର୍ବୋଧତାର ପ୍ରମାଣ କିନ୍ତୁ ଏହା ପ୍ରମାଣିତ ଯେ ଭଗବାନ ଆଗାମୀ ବହୁବର୍ଷ ପର୍ଯ୍ୟନ୍ତ ଆପଣଙ୍କଠାରୁ ସେବା ଗ୍ରହଣ କରିବେ ।"

ମୁଁ ମଧୁସୂଦନ ବାବୁ ଓ ତାଙ୍କର ପରିବାରଙ୍କ ନିକଟରେ ମୋର ନିର୍ବୋଧତା ପାଇଁ ବିନମ୍ର କ୍ଷମା ପ୍ରାର୍ଥନା କରୁଛି ।

Digitized by srujanika@gmail.com

ଗ୍ରାମୀଣ ଚମଡ଼ା ଶିଳ୍ପ ଓ ଏହାର ସମ୍ଭାବନା

... ଭାରତବର୍ଷ ଯେତିକି ପ୍ରାଚୀନ, ତାହାର ଗ୍ରାମୀଣ ଚମଡ଼ା ଶିଳ୍ପ ସେତିକି ପ୍ରାଚୀନ । କେବେଠୁଁ ଏହି ଚମଡ଼ା ଶିଳ୍ପ ଏକ ନୀଚ ବୃତ୍ତି ରୂପେ ବିବେଚିତ ହେଲା, ତାହା କେହି କହି ପାରିବେ ନାହିଁ । ପ୍ରାଚୀନ ଯୁଗରେ ଏହା ଏପରି ବିବେଚିତ ହେଉ ନଥିଲା । ମାତ୍ର ଆଜି ଆମେ ଜାଣୁଛେ, ଏପରି ଏକ ଅତି ଦରକାରୀ ଏବଂ ଅପରିହାର୍ଯ୍ୟ ଶିଳ୍ପ ଲକ୍ଷ ଲକ୍ଷ ଲୋକଙ୍କୁ ପୁରୁଷାନୁକ୍ରମିକ ଭାବେ ଅସ୍ପୃଶ୍ୟତାର ଅତଳ ଗହ୍ୱରରେ ନିକ୍ଷେପ କରିଛି । ଏକ ଅଶୁଭ ଦିନର ସିନ୍ଦୁରା ଫାଟିଥିଲା ଏହି ଅସୁଖୀ ଦେଶର ଦିଗ୍‌ବଳୟରେ, ଯେତେବେଳେ ଶ୍ରମକୁ ଘୃଣା କରାଯିବା ଆରମ୍ଭ ହେଲା ଏବଂ ଫଳରେ ଶରୀର ଶ୍ରମ ଅବହେଳିତ ହୋଇଗଲା । ମାଟିର ଲବଣ ରୂପେ ପରିଚିତ ଲକ୍ଷ ଲକ୍ଷ ଲୋକେ, ଯେଉଁମାନଙ୍କ ଶ୍ରମ ଉପରେ ଏ ଦେଶର ସ୍ଥିତି ଏକାନ୍ତ ନିର୍ଭରଶୀଳ, ସେମାନେ ଇତର ଶ୍ରେଣୀ ରୂପେ ପରିଗଣିତ ହେଲେ । ମୁଷ୍ଟିମେୟ ଆରାମପ୍ରବଣ ଗୋଷ୍ଠୀ ସୁବିଧାବାଦୀ ଶ୍ରେଣୀରେ ପରିଣତ ହେଲେ । ଦୁଃଖଦ ଫଳ ସ୍ୱରୂପ ଭାରତ ନୈତିକ ଓ ଭୌତିକ ଅଧଃପତନରେ ଆକ୍ରାନ୍ତ ହେଲା । ଅସମ୍ଭବ ନହେଲେ ବି ଏହି ଦୁଇଟି କ୍ଷତିରୁ, କେଉଁଟି ଅଧିକ କ୍ଷତିକାରକ ଆକଳନ କରିବା କଷ୍ଟକର । ମାତ୍ର କୃଷିଜୀବୀ ଓ କୁଟୀରଶିଳ୍ପୀମାନଙ୍କ ପ୍ରତି ଏହି ଅପରାଧମୂଳକ ଅବହେଳା, ଆମ୍ଭମାନଙ୍କୁ ନିଃସ୍ୱତା, ନିଷ୍କ୍ରିୟତା ଏବଂ ଅଭ୍ୟାସଗତ ଆଳସ୍ୟରେ ନିମଜ୍ଜିତ କଲା । ଚମତ୍କାର ଜଳବାୟୁ, ଉତ୍ତୁଙ୍ଗ ପର୍ବତମାଳା, ପ୍ରଖରସ୍ରୋତା ନଦୀ ଏବଂ ସୁଦୀର୍ଘ ବେଳାଭୂମି, ଭାରତକୁ ଅସୀମ ସମ୍ବଳର ଅଧିକାରୀ କରିଛି; ଯାହାର ପୂର୍ଣ୍ଣ ବିନିଯୋଗ ଦ୍ୱାରା ଗ୍ରାମମାନଙ୍କରୁ ଦାରିଦ୍ର୍ୟ ଓ ରୋଗ ନିରାକରଣ କରାଯାଇ ପାରନ୍ତା । ମାତ୍ର ଶରୀର ଶ୍ରମରୁ ବୁଦ୍ଧିର ବିଚ୍ଛେଦ, ସମ୍ଭବତଃ ଭୂପୃଷ୍ଠରେ ଆମ୍ଭମାନଙ୍କୁ ସବୁଠାରୁ ସ୍ୱଳ୍ପାୟୁ, ସମ୍ବଳହୀନ ଏବଂ ଚରମ ଶୋଷିତ ଜାତିରେ ପରିଣତ କରିଛି । ଗ୍ରାମ୍ୟ ଚମଡ଼ା ଶିଳ୍ପର ସାମ୍ପ୍ରତିକ ଅବସ୍ଥା ସମ୍ଭବତଃ ମୋ ବକ୍ତବ୍ୟର ସର୍ବୋତ୍କୃଷ୍ଟ ପ୍ରମାଣ । ମାନବ ସମାଜର ଏକ ଅଙ୍ଗ ବିରୋଧରେ ଚାଲିଥିବା ଏହି ମାରାତ୍ମକ ଅପରାଧ ସମ୍ପର୍କରେ ସ୍ୱର୍ଗତ ମଧୁସୂଦନ ଦାସ ହିଁ ମୋର ଆଖି ଖୋଲି ଦେଇଥିଲେ । ପୁନଃନିର୍ମାଣର ଅଭିପ୍ସା ସ୍ୱରୂପ ସେ ଯାହା କରିବାକୁ ଚାହିଁଥିଲେ, ତାହାକୁ ଚମଡ଼ା ଶିଳ୍ପର ତାଲିମଶାଳା ଭାବେ ଅବିହିତ କରାଯାଇପାରେ । ତାଙ୍କର ମାନସ ପ୍ରସୂତ ଉଦ୍ୟୋଗ, ତାଙ୍କ ଆଶାନୁରୂପ ସ୍ତରକୁ ଉଠିପାରି ନଥିଲା । କିନ୍ତୁ ମଧୁସୂଦନ ହିଁ ଶହଶହ ଜୋତା-ନିର୍ମାତାଙ୍କର ଜୀବିକା ନିର୍ବାହର ହେତୁ ଅଟନ୍ତି ।

Digitized by srujanika@gmail.com

ଭାରତରୁ ବାର୍ଷିକ ନଅକୋଟି ଟଙ୍କା ମୂଲ୍ୟର ପଣ୍ୟ-ଚମଡ଼ା ରପ୍ତାନୀ ହେଉଛି, ଏବଂ ସେହି ମୂଲ୍ୟର ଉତ୍ପାଦିତ ସାମଗ୍ରୀ ଆମଦାନୀ ହେଉଛି । ଏହାଦ୍ୱାରା କେବଳ ପଣ୍ୟଦ୍ରବ୍ୟର ନିଷ୍କାସନ ଘଟୁନାହିଁ, ବୁଦ୍ଧିର ମଧ୍ୟ ଘଟୁଛି । ଆମର ନିତ୍ୟ ବ୍ୟବହାର୍ଯ୍ୟ ଅସଂଖ୍ୟ ଚମଡ଼ା ସାମଗ୍ରୀର ତିଆରି ଓ ମରାମତି ନିମନ୍ତେ ଆବଶ୍ୟକ ତାଲିମ ସୁଯୋଗ ବି ଆମେ ହରାଇ ବସିଛୁଁ ।

ଏହି ନଗରୀକରଣ ହରିଜନମାନଙ୍କର କୌଣସି ଉପକାରରେ ଲାଗିବ ନାହିଁ । ଗ୍ରାମଗୁଡ଼ିକର ତ ଏହା ଆଦୌ କଲ୍ୟାଣକର ହେବନାହିଁ । ବରଂ ଏହି ପ୍ରକ୍ରିୟା ଗ୍ରାମଗୁଡ଼ିକୁ ଦ୍ୱିଧା-କ୍ଷୟ ସ୍ରୋତରେ ଆଗେଇ ନେଇଛି । ଭାରତବର୍ଷରେ ନଗରୀକରଣ ପ୍ରକ୍ରିୟା ମନ୍ଥର; ମାତ୍ର ଏହାହିଁ ହେଉଛି ତାହାର ଗ୍ରାମ ସମୂହ ଓ ଗ୍ରାମବାସୀମାନଙ୍କର ନିଶ୍ଚିତ ମୃତ୍ୟୁର କାରଣ। ଭାରତର ସାତଲକ୍ଷ ଗ୍ରାମରେ ବସବାସ କରୁଥିବା ସମୁଦାୟ ଜନସଂଖ୍ୟାର ନବେ ଭାଗ ଲୋକଙ୍କୁ ଏହି ନଗରୀକରଣ ରକ୍ଷଣାବେକ୍ଷଣ ପ୍ରଦାନ କରି ପାରିବ ନାହିଁ । ଏହି ଗ୍ରାମଗୁଡ଼ିକରୁ ଚମଡ଼ାଶିଳ୍ପ ବା ତଦ୍ରୂପ ଅନ୍ୟାନ୍ୟ ଶିଳ୍ପଗୁଡ଼ିକୁ ବହିଷ୍କାର କରିବା ଅର୍ଥ, ସେହି ପଲ୍ଲୀ ଅଞ୍ଚଳରେ ମୁଣ୍ଡ ଓ ହାତର କୁଶଳୀ ବ୍ୟବହାର ପାଇଁ ଯାହାକି ସାମାନ୍ୟତମ ସୁଯୋଗ ଅଛି; ତାହାକୁ ପ୍ରତ୍ୟାଖ୍ୟାନ କରିବା । ଯେତେବେଳେ ଗ୍ରାମାଞ୍ଚଳରୁ ହସ୍ତଶିଳ୍ପଗୁଡ଼ିକ ନିଶ୍ଚିହ୍ନ ହୋଇଯିବ, ଗ୍ରାମଗୁଡ଼ିକ କେବଳ ଜମିରେ ଗୋ ସମ୍ପଦର ବିନିଯୋଗ ଉପରେ ନିର୍ଭର କରିବେ ଏବଂ ତଦ୍ୱାରା ବର୍ଷରେ ଚାରି-ଛଅମାସ ଗାଁ ଲୋକମାନେ ନିଯୁକ୍ତି ବିହୀନ ଅବସ୍ଥାରେ ରହିବେ । ସେତେବେଳେ ସେମାନେ ମଧୁସୂଦନ ଦାସଙ୍କ ଭାଷାରେ, ପଶୁ ସ୍ତରକୁ ଓହ୍ଲାଇ ଆସିବେ-ଫଳରେ ସେମାନଙ୍କ ଜୀବନରୁ ଆଶା ଓ ଆନନ୍ଦ ନିର୍ବାପିତ ହୋଇଯିବ ।

ଏପରି ପରିସ୍ଥିତିରେ ସ୍ୱଦେଶୀ-ବତ୍ସଳମାନଙ୍କ ପାଇଁ ଶତକଡ଼ା ଶହେ କାମ କରିବା ସୁଯୋଗ ମିଳିଯିବ ଏବଂ ଏତାଦୃଶ ବିରାଟ ସମସ୍ୟାର ସମାଧାନ ପାଇଁ ବୈଷୟିକ-କୁଶଳୀକୁ ସଦୁପଯୋଗ କରିବାର ଅବକାଶ ବଢ଼ିଯିବ । ଏହି ପ୍ରକ୍ରିୟା, ଗୋଟିଏ ଫୋପଡ଼ରେ ତିନୋଟି ଫଳ ଝଡ଼ାଇ ପାରିବ । ଏହାଦ୍ୱାରା ହରିଜନମାନେ ଉପକୃତ ହେବେ; ଏହା ଗ୍ରାମବାସୀଙ୍କ ସେବାରେ ଲାଗିବ ଏବଂ ନିଯୁକ୍ତି ଅନ୍ୱେଷଣରେ ଥିବା ମଧ୍ୟମ ବର୍ଗ ବୁଦ୍ଧିଜୀବୀମାନେ ସମ୍ମାନଜନକ ବୃତ୍ତି ପାଇପାରିବେ । ଅଧିକନ୍ତୁ ଏହାଦ୍ୱାରା ଶିକ୍ଷିତ ଲୋକେ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ପାଇଁ ଯଥାର୍ଥ ସୁଯୋଗ ପାଇବେ ।

Digitized by srujanika@gmail.com

ଘନଶ୍ୟାମ ଦାସ ବିରଳାଙ୍କ ନିକଟକୁ ପତ୍ର

... ଆଉ ଗୋଟିଏ ବିଷୟ ରହିଛି । ଆପଣ ଗୋରକ୍ଷା ସମ୍ପର୍କରେ ମୋର ମତ ଜାଣନ୍ତି । ଶ୍ରୀ ମଧୁସୂଦନ ଦାସ କଟକରେ ଏକ ଟାନେରୀର ମାଲିକ ଓ ସେ ଏହାକୁ ଏକ ଲିମିଟେଡ଼ କମ୍ପାନୀରେ ପରିଣତ କରିଛନ୍ତି । ଗୋରକ୍ଷା ସମ୍ପର୍କିତ ଜନସାଧାରଣଙ୍କ ସ୍ୱାର୍ଥରକ୍ଷାକୁ ଆଖି ଆଗରେ ରଖି ଏହାକୁ ମୁଁ ନିୟନ୍ତ୍ରଣ କରିବାକୁ ଚାହେଁ ଓ ସେଥିପାଇଁ ଏହାର ଅଧିକାଂଶ ଅଂଶଧନ କ୍ରୟ କରିବାକୁ ଚାହେଁ । ଏହି ଟ୍ୟାନେରୀର ଦେୟ ପ୍ରାୟ ଟ ୧,୨୦,୦୦ଙ୍କା । ଏ ଋଣପତ୍ରାରୁ ଏହାକୁ ମୁକ୍ତ କରିବା ଏକାନ୍ତ ଆବଶ୍ୟକ । ଏହି ଟାନେରୀରେ ମଲା ଜନ୍ତୁଙ୍କ ଚମଡ଼ା ପ୍ରାୟତଃ ବ୍ୟବହୃତ ହୁଏ । କିନ୍ତୁ ଏଥିପାଇଁ ମରାଯାଉଥିବା ଗୋଧି (ଏକପ୍ରକାର ସରୀସୃପ) ଚମଡ଼ା ମଧ୍ୟ ଏଠାରେ ବ୍ୟବହାର କରାଯାଏ । ଯଦି ଏହି ଟାନେରୀର ପରିଚାଳନା ଗ୍ରହଣ କରାଯାଏ, ତେବେ ଏହି ତିନୋଟି ସର୍ତ୍ତ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସେଗୁଡ଼ିକ ହେଲା - କେବଳ ମଲାପ୍ରାଣୀମାନଙ୍କର ଚମଡ଼ା ବ୍ୟବହାର କରାଯିବ; ଚମଡ଼ା ପାଇଁ ଗୋଧିଗୁଡ଼ିକୁ ମାରିବାର ପରମ୍ପରାକୁ ବନ୍ଦ କରାଯିବ; ସୁଧ ପାଇବାର ମାନସିକତା ପରିତ୍ୟାଗ କରିବାକୁ ହେବ । ଯଦି ଟାନେରୀରୁ କିଛି ଲାଭ ମିଳେ, ତେବେ ଏହି ଲାଭକୁ ଟାନେରୀର ବିକାଶ ପାଇଁ ବିନିଯୋଗ କରାଯିବ । ଏହି ସର୍ତ୍ତରେ ମିଳିଲେ ଏହି ଟାନେରୀର ମାଲିକାନା ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ । ପରିଚାଳନା ଦାୟିତ୍ୱ ନେବାପାଇଁ ମଧ୍ୟ ମୁଁ ଇଚ୍ଛୁକ । ବାସ୍ତବ କ୍ଷେତ୍ରରେ ତାହା ଯଦି ସମ୍ଭବ ନହୁଏ, ଏହାର ପରିଚାଳନା ଦାୟିତ୍ୱ ନେଲାଭଳି ଯୋଗ୍ୟ ଲୋକ ଖୋଜିବି । ମୁଁ ନିଜେ ଦେଖିଛି ଟାନେରୀର କିଛି ଏକର ଜମି ଅଛି । ନିଜ ପକେଟରୁ ଶ୍ରୀ ମଧୁସୂଦନ ଦାସ ଏଥିରେ ବିପୁଳ ଅର୍ଥ ବିନିଯୋଗ କରିଛନ୍ତି ।

ସଭ୍ୟତାର ମାରାତ୍ମକ ଅଗ୍ରଗତି

...ଆମ ସମୟର ଶିକ୍ଷା ମଣିଷକୁ ଏପରି ମୋହାଚ୍ଛନ୍ନ କରିଛି ଯେ ସେ କେବଳ ଧନ ଦୌଲତ ଲାଭ ଆଶାରେ ଦୌଡ଼ୁଛି । ଏଣେ ସେ ତାର ସମ୍ମାନଜନକ ବୃତ୍ତିକୁ ଭୁଲିବାରେ ଲାଗିଛି । ମୋ ମତରେ ଏହା ତାକୁ ଅଧିକ ଅମର୍ଯ୍ୟାଦା ପ୍ରଦାନ କରୁଛି । ସଭ୍ୟତାର ଅର୍ଥ, ମୌଳିକ ବିଚାର ବିନା ଯଦି କେବଳ ବାହାର ଆବରଣର ପରିବର୍ତ୍ତନ ହୁଏ ତେବେ ତାର ମୂଲ୍ୟ ସନ୍ଦେହଜନକ ହୋଇଥାଏ । ଶ୍ରୀଯୁକ୍ତ ବାଲାଜି ରାଓଙ୍କ ବକ୍ତବ୍ୟର ଅର୍ଥ ଠିକ୍ ଏଇଆ । ବେପାର ବଣିଜର କୁପ୍ରଭାବ ଫଳରେ ବର୍ମାର ଲୋକମାନେ ଦରିଦ୍ର ହୋଇଛନ୍ତି ଓ ପଶୁଭଳି ଜୀବନଯାପନ କରୁଛନ୍ତି । ଶ୍ରୀଯୁକ୍ତ ମଧୁସୂଦନ ଦାସ କହିଛନ୍ତି- ଯେଉଁମାନେ କେବଳ ପଶୁମାନଙ୍କ ଭଳି ଖଟନ୍ତି ଏବଂ ହାତର କରାମତିକୁ ଭୁଲି ହସ୍ତଶିଳ୍ପକୁ ଅବହେଳା କରନ୍ତି ସେମାନେ ଖାଲି ଶାରୀରିକ ଦାରିଦ୍ର୍ୟ ନୁହେଁ, ମାନସିକ ଦାରିଦ୍ର୍ୟ ମଧ୍ୟ ବରଣ କରନ୍ତି ।

Digitized by srujanika@gmail.com

ଶ୍ରଦ୍ଧା ଓ ସମ୍ମାନାଞ୍ଜଳି

ବାବୁ ରାଜେନ୍ଦ୍ର ପ୍ରସାଦ

(ଭାରତବର୍ଷର ପ୍ରଥମ ରାଷ୍ଟ୍ରପତି)

ମୋତିହାରୀରେ ଅନୁଷ୍ଠିତ ହୋଇଥିବା ବିହାର ଛାତ୍ର ସମ୍ମିଳନୀରେ ମୁଁ ଏମ୍.ଏସ୍. ଦାସଙ୍କୁ ପ୍ରଥମ ଭେଟିଥିଲି। ସେ ଉକ୍ତ ସମ୍ମିଳନୀର ସଭାପତିତ୍ୱ କରିଥିଲେ। ଆମେ ସେଠାକୁ ଚମ୍ପାରଣ ଦେଇ ଯିବା ବାଟରେ, ଏକାଠି ଯାଇଥିଲୁ। ରେଳଗାଡ଼ି ଓ ଷ୍ଟିମରରେ ଏକାଠି ଯିବାବେଳେ ଆମ ଭିତରେ ଯେଉଁ ଆଳାପ ହୋଇଥିଲା ସେସବୁ ମୋ ମନରେ ଅଲିଭା ସ୍ମୃତି ଭାବରେ ରହିଯାଇଥିଲା। ସେଇଥିରୁ ମୁଁ ତାଙ୍କର ବ୍ୟକ୍ତିତ୍ୱ, ବୌଦ୍ଧିକ ଗଭୀରତା, ଭୟଶୂନ୍ୟତା ଓ ଦେଶପ୍ରେମ ତଥା ଉତ୍ସର୍ଗୀକୃତ ଜୀବନର ପରିଚୟ ପାଇଥିଲି। ତାଙ୍କର ଦୀର୍ଘ ଜୀବନ କାଳ ମଧ୍ୟରେ ସେ ବିଭିନ୍ନ ଭାବରେ ଜନସେବା କରିଥିଲେ। ସେ ଆର୍ଥିକ ଭାବରେ ଡଳିତଳାନ୍ତ ହୋଇ ଯାଇଥିଲେ ମଧ୍ୟ ସେଥିଲାଗି ଜନସାଧାରଣଙ୍କ ନିକଟରେ ହାତ ପତାଇ ନଥିଲେ। କିନ୍ତୁ ଦୁଃଖର କଥା ଯେ ତାଙ୍କର ମାନସ ସନ୍ତାନ ଉତ୍କଳ ଟ୍ୟାନେରୀ ଆର୍ଥିକ ସହାୟତା ଅଭାବରୁ ଉଧେଇ ପାରିଲା ନାହିଁ। ସେଇଥିରେ ସେ ବହୁତ ଅର୍ଥ ବ୍ୟୟ କରିଥିଲେ। ମୋର ଜନ୍ମର ବହୁ ପୂର୍ବରୁ ସେ ସାଧାରଣ କ୍ଷେତ୍ରରେ କାମ କରିବା ଆରମ୍ଭ କରିଥିଲେ। ସବୁ କଥାରେ ତାଙ୍କର ନୂତନତ୍ୱ ବାରି ହୋଇ ପଡୁଥିଲା। ମୋର ମନେ ଅଛି ଯେ ସେ ମନ୍ତ୍ରୀ ଥିଲାବେଳେ ଛାପ୍ରା ଗସ୍ତରେ ଆସିଥିଲେ। ମୋର ଅସୁସ୍ଥତା ଖବର ପାଇ ସେ ମୋତେ ଦେଖିବାକୁ ଆସିଥିଲେ। ତାଙ୍କର କୋମଳ ଅଙ୍ଗୁଳି ସ୍ପର୍ଶରେ ମୁଁ କେତେ ଆରାମ ଅନୁଭବ କରିଥିଲି ତାହା ଏବେ ବି ମୁଁ ଭୁଲି ନାହିଁ। ତାଙ୍କର ଅଳ୍ପ ଦିନର ମନ୍ତ୍ରିତ୍ୱ କାଳରେ ସେ ଯେଉଁ ସ୍ୱାୟତ୍ତ ଶାସନ ଆଇନ ପ୍ରଣୟନ କରିଥିଲେ ସେ ସମ୍ପର୍କରେ ମୋତେ କହିଥିଲେ ଯେ ଅତ୍ୟନ୍ତ ଉଦାର ଦୃଷ୍ଟିକୋଣ ନେଇ ଉକ୍ତ ଆଇନଟି ଗୃହୀତ କରାଇଥିଲେ ହେଁ କିଛି ଲୋକ ତାକୁ ଭଣ୍ଡୁର କରିବା ଲାଗି ଉଦ୍ୟମ କରୁଥିଲେ। ସେଭଳି ଲୋକପ୍ରିୟ ଅଧିକାର ସମ୍ବଳିତ ଆଇନଟି ଯେଭଳି ଭଣ୍ଡୁର ହୋଇଯାଏ ସେ ଦିଗରେ ସଜାଗ ରହିବାକୁ ସେ ଆମକୁ ଚେତାଇ ଦେଇଥିଲେ। ଯାହାକୁ ସେ ଠିକ୍ ବୋଲି ଅନୁଭବ କରୁଥିଲେ ତାହା ପ୍ରକାଶ କରିବା ଲାଗି ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଭୟ କରୁ ନଥିଲେ; ପରିଣାମ ଯାହା ହେଉନା କାହିଁକି? ସେ ଶେଷ ବେଳକୁ ଅତି ଦୁଃସ୍ଥ ଅବସ୍ଥା ଦେଇ ଗତି କରିଥିଲେ। ଯେଉଁ ବୟସ ପର୍ଯ୍ୟନ୍ତ ଆମ ଦେଶରେ କ୍ୱଚିତ୍ ଲୋକ ବଞ୍ଚିଥାନ୍ତି ଓ ସକ୍ରିୟ ଥାଆନ୍ତି ସେଭଳି ବାର୍ଦ୍ଧକ୍ୟରେ ସେ ଆଇନ ବ୍ୟବସାୟ କରୁଥିଲେ। ସେହି ଦୁର୍ଦ୍ଦିନକୁ ସେ ସାହସର ସହ ଅମ୍ଳାନ ଚିତ୍ତରେ ସାମ୍ନା କରିଥିଲେ।

Digitized by srujanika@gmail.com

ମଧୁସୂଦନଙ୍କ ସମ୍ପର୍କରେ କିଛି କଥା

ଆଚାର୍ଯ୍ୟ ପି.ସି. ରାୟ

ଏମ୍.ଏସ୍. ଦାସଙ୍କର ତ ବହୁମୁଖୀ ପ୍ରତିଭା ଥିଲା ଓ ସେସବୁ ସମ୍ପର୍କରେ ଲେଖିବାକୁ ତ ବହୁ ବିଜ୍ଞ ବ୍ୟକ୍ତି ଅଛନ୍ତି । ମୁଁ କିନ୍ତୁ ସେହି ବିଷୟ ଉପରେ ମୋର ବକ୍ତବ୍ୟକୁ ସୀମାବଦ୍ଧ କରିବି ଯେଉଁଥିରେ ମୁଁ ସାରା ଜୀବନ ମଜ୍ଜି ରହିଛି ।

ପ୍ରାୟ ତିରିଶ ବର୍ଷ ତଳେ ତତ୍କାଳୀନ ଡି.ପି.ଆଇ. ଆର୍ଚ୍ଚସ୍ ଡାଲେ କଟକର କିଛି ତରୁଣ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ବକ୍ତୃତା ଦେବା ପାଇଁ ମୋତେ ଡକାଇଥିଲେ । ସେହି ସମୟରେ ହିଁ ମୁଁ ପ୍ରଥମେ ତାଙ୍କ ସମ୍ପର୍କରେ ଆସେ ।

ମି. ଦାସ ଖୁବ୍ ଶ୍ରଦ୍ଧାର ସହ ସେହି ସମୟରେ ତାଙ୍କ ଆର୍ଟ ସ୍କୁଲକୁ ମୋତେ ନିମନ୍ତ୍ରଣ କରିଥିଲେ । ତାଙ୍କର 'ଓଡ଼ିଶା ଆର୍ଟ ଓୟାରସ୍' ନାମକ ସେହି ଅନୁଷ୍ଠାନଟି ସେତେବେଳେ ସାହାଯ୍ୟ ସହଯୋଗ ଅଭାବରୁ ଦୁଃସ୍ଥ ଅବସ୍ଥାରେ ଚାଲୁଥାଏ । ପ୍ରାୟ ଶହେ ଲୋକ ସେଥିରେ ନିଯୁକ୍ତ ଥିଲେ । କଟକ ଯେଉଁ ସୁନା ଓ ରୂପାର ତାରକସି କାମ ଲାଗି ବିଖ୍ୟାତ ଥିଲା, ବିଶେଷ କରି, ତା'ରି ଉପରେ ସେଠାରେ କାମ ହେଉଥିଲା । ଯେଉଁ ତାରକସି କାମ ଲାଗି କଟକ ପ୍ରାଚୀନ କାଳରୁ ଖ୍ୟାତି ଲାଭ କରିଥିଲା ତା'ର ଉଜ୍ଜ୍ୱଳ ସମ୍ଭାବନା ସମ୍ପର୍କରେ କହିଲାବେଳେ ସହାୟତା ଅଭାବରୁ ସେସବୁ କିଭଳି ଲୋପ ପାଇଯାଉଛି ସେଇକଥା ଆବେଗର ସହ ପ୍ରକାଶ କରିଥିଲେ । ତା'ରି ଗୌରବର ପୁନରୁଦ୍ଧାର ପାଇଁ ସେ ତାଙ୍କ ନିଜ ପାଣ୍ଠିରୁ ପ୍ରଚୁର ଅର୍ଥ ବ୍ୟୟ କରିଥିଲେ ।

ପରବର୍ତ୍ତୀ ସମୟରେ ୧୯୧୪ ମସିହାରେ ଉତ୍କଳ ୟୁନିଅନ କନ୍‌ଫରେନ୍‌ସର ସଭାପତିତ୍ୱ ଲାଗି ଆମନ୍ତ୍ରିତ ହୋଇଥିଲାବେଳେ ତାଙ୍କର ସହିତ ପୁଣି ମୋର ଦେଖା । ସେହି ସମୟରେ କଟକ ଷ୍ଟେସନ ନିକଟରେ ୪୦ ଏକର ଜମିରେ ସେ ପ୍ରତିଷ୍ଠା କରିଥିବା ଉତ୍କଳ ଟ୍ୟାନେରୀକୁ ନେଇ ମୋତେ ବୁଲାଇ ଦେଖାଇଥିଲେ । ସେଥିରେ ବି ସେ ପର୍ଯ୍ୟାପ୍ତଅର୍ଥ ବିନିଯୋଗ କରିଥିଲେ । କିନ୍ତୁ ସେଥିଲାଗି ମଧ୍ୟ ସେ ସ୍ଥାନୀୟ ଲୋକଙ୍କଠାରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ପାଇପାରି ନଥିଲେ । ଅସୁବିଧାର କଥା ଯେ ଆମ ଦେଶରେ, ବିଶେଷ କରି ବଙ୍ଗଳା ଓ ଓଡ଼ିଶାରେ ଶିଳ୍ପ ପ୍ରସାର ଦିଗରେ ଯେଉଁମାନେ ଅଗ୍ରଣୀ ସେମାନେ ହେଉଛନ୍ତି

Digitized by srujanika@gmail.com

ହୁଏତ ଡାକ୍ତର ନହେଲେ ଓକିଲ । ଏସବୁ ବ୍ୟାବସାୟିକ ଧନ୍ଦାରେ ବେଶ୍ କିଛି ପ୍ରାକ୍-ତାଲିମ୍ ଏକାନ୍ତ ଆବଶ୍ୟକ ।

ଉଲ୍ଲେଖଯୋଗ୍ୟ ଯେ, ଇଂଲଣ୍ଡ ଓ ଆମେରିକାରେ ଯେଉଁମାନେ ଶିଳ୍ପ ବାଣିଜ୍ୟ ଦିଗରେ ଅଗ୍ରଣୀ ସେମାନେ କୌଣସି ବିଶ୍ୱବିଦ୍ୟାଳୟ ସୀମା ମାଡ଼ି ନଥିଲେ । ଅତି ମାମୁଲି ସ୍ତରରୁ ନିଜ ଉଦ୍ୟମରେ ଉଠି ଉଠି ସେମାନେ ସାଫଲ୍ୟ ଲାଭ କରିଛନ୍ତି । ଆଣ୍ଡ୍ରୁ କାର୍ଣ୍ଣେଜି, ହେନେରୀ ଫୋର୍ଡ଼ ଓ ଇଷ୍ଟମ୍ୟାନ୍ (କୋଡ଼ାକ୍) ମୋର ମନେ ହେଉଛି ମାଧ୍ୟମିକ ଶିକ୍ଷା ବି ଲାଭ କରିପାରି ନଥିଲେ । ଇଂଲଣ୍ଡର ଉଇଲିୟମ୍ ହାସ୍‌କଟ୍, ଲିଭର୍ଲ ସାର୍ ଟମାସ୍ ଲିପଓ୍ଵିନ୍‌ଙ୍କ ଭଳି ବିରାଟ ବ୍ୟବସାୟୀ ସଂସ୍ଥାର ସ୍ରଷ୍ଟାମାନେ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ନଥିଲେ ।

କିନ୍ତୁ ଆମର ଦୁର୍ଭାଗ୍ୟ ଯେ ଆମ ଦେଶରେ ଉଚ୍ଚ ଶିକ୍ଷା ତଥା ସଂସ୍କୃତି ସମ୍ପନ୍ନ ବ୍ୟକ୍ତିମାନେ ଏସବୁ ଧନ୍ଦାରେ ହାତ ଦେଉଛନ୍ତି । ବାସ୍ତବ ଅଭିଜ୍ଞତା ଅଭାବରୁ ସେମାନଙ୍କର ସବୁ ପରିକଳ୍ପନା ତଥା ଉଦ୍ୟମ ଅଧିକାଂଶ କ୍ଷେତ୍ରରେ ଦୁର୍ଯୋଗର ସମ୍ମୁଖୀନ ହେଉଛି । ଏଭଳି କ୍ଷେତ୍ରର ବିଫଳତା ଉପରେ ମୁଁ ଅଧିକ ବର୍ଣ୍ଣନା କରିବାକୁ ଚାହେଁନା । ଏହା ବୋଲି ଆମେ ହାତବାନ୍ଧି ବସିଯିବା ଉଚିତ ନୁହେଁ । ଏସବୁ ବିଫଳତା ପରବର୍ତ୍ତୀ ପିଢ଼ି ଲାଗି ଶିକ୍ଷା ଭଳି ରହିବ । ଗୋଟିଏ ଦୁଇଟି କ୍ଷେତ୍ରରେ ଏଭଳି ବିଫଳତା ଲାଗି କରିଥିଲେ ହେଁ ମୁଁ ସେଇ ସାମୟିକ ଦୁର୍ବିପାକରେ ଭାଙ୍ଗିପଡ଼ି ନାହିଁ ।

ମି. ଦାସଙ୍କ ଦେହାବସାନ ପରେ ପରବର୍ତ୍ତୀ ପିଢ଼ି ବହୁ ଅର୍ଥ ବ୍ୟୟରେ ଆରମ୍ଭ ହୋଇଥିବା ତାଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ, ତାଙ୍କରି ଗଢ଼ା ମୂଳଦୁଆ ଉପରେ, ଆଗେଇ ନେଇ ପାରିବେ ତ ତାଙ୍କ ପ୍ରେରଣାରେ ନୂଆହୋଇ ସୃଷ୍ଟି ହେବାକୁ ଯାଉଥିବା ରାଜ୍ୟ ଆହୁରି ଉଜ୍ଜ୍ୱଳ ଓ ସମୃଦ୍ଧ ହୋଇ ଉଠିବ ।

ଆମ ଦେଶର ଲୋକେ ଯେତେବେଳେ ଚିନ୍ତା କରିପାରି ନଥିଲେ ଯେ କେବଳ କୃଷି ଭଳି ଅନିଶ୍ଚିତ ବୃତ୍ତିରେ ଆମର ଆର୍ଥନୀତିକ ମୁକ୍ତି ସମ୍ଭବପର ମି. ଦାସ ସେହି ସମୟରେ ଅନୁଭବ କରିଥିଲେ ଯେ ଆମେ ଆମର ପୂର୍ବ ଉଦ୍ୟୋଗ ଏକ ଶିଳ୍ପ ଉନ୍ନୟନ ଦ୍ୱାରା ହିଁ ଏହା ସମ୍ଭବ ।

ପରିଶେଷରେ ମୁଁ ଏତିକି କହୁଚି ଯେ ମି. ଦାସ ଆମ ଦେଶରେ ଶିଳ୍ପ ଉନ୍ନୟନ ଓ ଦେଶବାସୀଙ୍କ ପୁନର୍ଜାଗରଣ ଲାଗି ଆତ୍ମୋତ୍ସର୍ଗ କରି ଯାଇଛନ୍ତି ।

Digitized by srujanika@gmail.com

ମୋ ଧାରଣାରେ

ଶ୍ୟାମା ପ୍ରସାଦ ମୁଖାର୍ଜୀ

(କଲିକତା ବିଶ୍ୱବିଦ୍ୟାଳୟ କୁଳପତି)

ମୋତେ ୧୧ ବର୍ଷ ବୟସ ହୋଇଥିଲାବେଳେ, ଆଜିକୁ ପ୍ରାୟ ପଚିଶ ବର୍ଷ ତଳେ, ମୁଁ ମଧୁସୂଦନ ଦାସଙ୍କୁ ଦେଖିଥିଲି । ଶ୍ରୀଯୁକ୍ତ ଦାସ ମୋ ବାପା ଆଶୁତୋଷ ମୁଖାର୍ଜୀଙ୍କୁ ଦେଖିବାକୁ କଲିକତା ଆସିଥିଲେ । ସେ ଏହା ପୂର୍ବରୁ ବହୁବାର ଆମ ଘରକୁ ଆସିଥିବେ । ତେବେ ସେହିଥର ଆସିବାଟି ମୋର ବେଶ୍ ମନେ ଅଛି । ସେହି କ୍ଷୀଣ-କାୟ ଶରୀର ଓ ତେଜୋଦୀପ୍ତ ନୟନ ଏବଂ ଅଫୁରନ୍ତ ଶକ୍ତିବନ୍ତଙ୍କୁ ବାପା ଯେଭଳି ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରିଥିଲେ ତାହା ମୋ ଦୃଷ୍ଟି ଆକର୍ଷଣ କରିଥିଲା । ସେ ବାପାଙ୍କ ସହିତ ଅତି ସ୍ୱାଭାବିକ ଅଥଚ ମୁରବୀ ଭଳି କଥାବାର୍ତ୍ତା କରୁଥିଲେ । ସାକ୍ଷାତ ଶେଷରେ, ବହୁ କାଗଜପତ୍ର ଓ ଫାଇଲ ଆଦି ଖେଳେଇ ହୋଇ ପଡ଼ିଥାଏ, ବାପା ତାଙ୍କୁ ବିଦାୟ ଦେବା ଲାଗି ତାଙ୍କ ଅଫିସ ଘରୁ ତଳ ମହଲାକୁ ଯାଇଥିଲେ । ସେ ତାହାପରେ ଫେରିଆସି ତାଙ୍କ କାମରେ ଲାଗିଗଲେ । ସେ ଫେରି ଆସିଲା ବେଳକୁ ଏକ ସନ୍ତୋଷଜନକ କର୍ତ୍ତବ୍ୟଟିଏ ସମ୍ପାଦନ କଲାଭଳି ପରିଷ୍କାର ଜଣାପଡୁ ଥିଲେ । ସେ ମୋ ବିସ୍ମୟାଭୂତ ଚାହାଣୀକୁ ଲକ୍ଷ୍ୟ କରି ମୋତେ ସେହି ଭଦ୍ରବ୍ୟକ୍ତିଙ୍କ ସମ୍ପର୍କରେ କହିଲେ- 'ତମେ କଅଣ ସେହି ବ୍ୟକ୍ତିଙ୍କୁ ଜାଣନା? ସେ ମୋର ପୁରୁଣା ଗୁରୁ ଓଡ଼ିଶାର ପ୍ରଖ୍ୟାତ ବ୍ୟକ୍ତି ମି. ଏମ୍.ଏସ୍. ଦାସ । ମୋର ପରମ ପୂଜନୀୟ ପିତାଙ୍କର ଗୁରୁଙ୍କ ଏଭଳି ପରିଚୟ ପାଇ ମୁଁ ଖୁବ୍ ପ୍ରଭାବିତ ହୋଇ ଯାଇଥିଲି ।

କାଳକ୍ରମେ ମଧୁସୂଦନଙ୍କ ସହ ଆମ ପରିବାରର ଘନିଷ୍ଠତା ସମ୍ପର୍କରେ ଅନେକ କିଛି ଶୁଣିଥିଲି । ମଧୁବାବୁଙ୍କ ସହିତ ବାପାଙ୍କ ସାନ୍ନିଧ୍ୟ ସମ୍ପର୍କରେ କହିବାକୁ ଯାଇ ବାପା ତାଙ୍କର ପୁରାତନ ଶିକ୍ଷକଙ୍କଠାରୁ କେତେ କ'ଣ ପାଇଥିଲେ ସେସବୁ ବର୍ଣ୍ଣନା କରି କହନ୍ତି- "ସେ ଖାଲିମୋତେ ଇଂରାଜୀ ପଢ଼ାଉ ନଥିଲେ, ମଣିଷର ସର୍ବୋତ୍ତମ ବୈଶିଷ୍ଟ୍ୟ ଯେ ଚରିତ୍ର ଓ ସ୍ୱାଧୀନତା ସେହି କଥାରେ ମୋତେ ପ୍ରେରଣା ଦେଇଥିଲେ ।ମି. ଦାସଙ୍କ ବ୍ୟକ୍ତିତ୍ୱ ଏଭଳି

Digitized by srujanika@gmail.com

ପ୍ରଭାବଶାଳୀ ଅନାବିଳ ଥିଲା ଯେ ବୟସ ଗଡ଼ି ଚାଲିଥିଲେ ବି ଓ ପରିବେଶର ପରିବର୍ତ୍ତନ ଘଟିଥିଲେ ମଧ୍ୟ ଗୁରୁ ଶିଷ୍ୟ, ଦୁଇ ମହାନ ବ୍ୟକ୍ତିଙ୍କ ମଧୁର ସମ୍ପର୍କ ଅତୁଟ ରହିଥିଲା ।

୧୯୨୪ ମଇ ୧୭ ତାରିଖ ଦିନ ବାପା କଲିକତାରେ ଥାଆନ୍ତି । ସେହି ଶେଷଥର ମଧୁସୂଦନଙ୍କ ସହିତ ବାପାଙ୍କ ଆଳାପ ମୋର ବିଶେଷ ଭାବରେ ମନେ ଅଛି । ମୁଁ ସିମଲା ଯିବା ଉଦ୍ଦେଶ୍ୟରେ ରେଳ ଷ୍ଟେସନକୁ ବାହାରିଥାଏ । ମଧୁବାବୁ ଓ ବାପା କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅତି ନିମଗ୍ନ ଓ ଆନ୍ତରିକ ଭାବରେ କଥାବାର୍ତ୍ତାରେ ବ୍ୟସ୍ତ ଥାଆନ୍ତି । ମୁଁ ଯିବା ପୂର୍ବରୁ ବାପାଙ୍କ ବଖରାକୁ ପ୍ରବେଶ କରି ତାଙ୍କ ପାଦଧୂଳି ନେଇଥିଲି । ମି. ଦାସ ଆମ ଦୁଇଜଣଙ୍କୁ ସହାସ୍ୟ ବଦନରେ ଚାହିଁ କହିଲେ, ଆଶୁ! ଆମେ କାଲି କଥାବାର୍ତ୍ତା ହେବା । ଏବେ ତୁମେ ପ୍ରାୟ ତୁମ ପୁଅକୁ ଛାଡ଼ିବାକୁ ଷ୍ଟେସନକୁ ଯିବ । ଏତିକି କଥା ଖୁବ୍ ଆନନ୍ଦ ଦେଇଥିଲା । ମଧୁବାବୁ ଘଟଣାଟିକୁ ସହୃଦୟତାର ସହ ଅନୁଭବ କରିଥିବାରୁ ମୁଁ ବାପାଙ୍କ ସହ ଆଉ ଦେଢ଼ ଘଣ୍ଟା କଥାବାର୍ତ୍ତା କରିବାକୁ ସୁଯୋଗ ପାଇଥିଲି । ସେହି ସମୟତକ ଥିଲା ବାପାଙ୍କ ସହିତ ମୋର ଶେଷ ଏବଂ ସ୍ମରଣୀୟ ଆଳାପ । କାରଣ ମୋ ଯିବା ପରିଦନ ସେ ଦେହତ୍ୟାଗ କରିଥିଲେ । ମୁଁ ସେଦିନ ସାର୍ ସି.ଭି. ରମନ୍‌ଙ୍କ ସହିତ ଏକା ତବାରେ ଯାଉଥିଲି । ବାପା ଷ୍ଟେସନରେ ଆମ ଦୁଇଜଣଙ୍କୁ ହାତ ହଲାଇ ଶୁଭ କାମନା କଲେ । ଆଉ ସେହି ହେଉଛି ମୋ ପାଇଁ ଶେଷ ତଥା ଅଭୁଲା ଦର୍ଶନ । ବାପା ମଧୁବାବୁଙ୍କୁ ଚିଠି ଲେଖିଲାବେଳେ ଯେଉଁଭଳି ସମ୍ବୋଧନ କରି ଲେଖନ୍ତି ସେସବୁ ମୋ ଲାଗି ଅବିସ୍ମରଣୀୟ । ସେ କେଉଁ "ମାଇଁ ଡିଅର୍ ମି. ଦାସ୍" ଲେଖନ୍ତି ନାହିଁ । ଲେଖା ଆରମ୍ଭରୁ "ମାଇଁ ଡିଅର୍ ସାର୍" ଓ ଶେଷରେ "ଆପଣଙ୍କର ଶ୍ରଦ୍ଧେୟ" ବୋଲି ଲେଖିଥାନ୍ତି । ପାଶ୍ଚାତ୍ୟ ଲୋକମାନଙ୍କ ଲାଗି ଏହା ମାମୁଲି ବୋଲି ଜଣା ଯାଇପାରେ; କିନ୍ତୁ ଭାରତୀୟମାନଙ୍କ ଲାଗି ଏହା ଜଣେ ଛାତ୍ରର ଗୁରୁଙ୍କ ପ୍ରତି ସାବଲୀଳ ସମ୍ମାନର ପରିଚୟ ଦିଏ । ବହୁ ଲୋକ ମୋ ବାପାଙ୍କୁ ଦେଖି ଜଣେ କଠୋର ଓ ଦୁର୍ଦ୍ଦାନ୍ତ ବ୍ୟକ୍ତି ଭଳି ଭାବିଥାନ୍ତି । କିନ୍ତୁ ଅନେକ ଲୋକ ଜାଣନ୍ତି ଯେ ତାଙ୍କର ଅନ୍ତରଟି ବାସ୍ତବିକ ମାନବୀୟ କରୁଣାସିକ୍ତ । ତାଙ୍କ ଜୀବନରେ ସେ ବହୁ ଜଣା ଅଜଣା ଦିଗରୁ ଆକ୍ରାନ୍ତ ହୋଇଥିଲେ । କିନ୍ତୁ ସେସବୁର ଆଘାତ ବାହାରକୁ ପରି ପ୍ରକାଶିତ ହେଉ ନଥିଲା । ସେଭଳି ମନବ୍ୟଥା ସେ ମଧୁସୂଦନ ଦାସଙ୍କ ଭଳି ଅଳ୍ପ କିଛି ଲୋକଙ୍କ ନିକଟରେ ପ୍ରକାଶ କରୁଥିଲେ । ବାପାଙ୍କ ଜୀବଦ୍ଦଶାର ଶେଷ ଆଡ଼କୁ ମୁଁ ମଧୁବାବୁଙ୍କୁ ତାଙ୍କର ବହୁ ଚିଠି ଟାଇପ୍ କରିଛି । ଦେଖିଛି ଯେ, ପୂର୍ବତନ ଛାତ୍ର ଓ ଶିକ୍ଷକ କିଭଳି ଅତି ଖୋଲା ଖୋଲି ବିଭିନ୍ନ ବ୍ୟକ୍ତି ଓ ଘଟଣା

Digitized by srujanika@gmail.com

ସମ୍ପର୍କରେ ଅତି ସିଧାସଳଖ ଆଲୋଚନା କରନ୍ତି । ମି. ଦାସଙ୍କ ଉତ୍ତର ବି ଶୀଘ୍ର ଆସିଯାଇଥାଏ । ମି. ଦାସଙ୍କ ହାତଲେଖା ଅଛି ଛୋଟ ଛୋଟ ଅକ୍ଷରରେ ହୋଇଥିଲେ ବି ସ୍ପଷ୍ଟ ଓ ଚମତ୍କାର ଅକ୍ଷରରେ ଲେଖା ଯାଇଥାଏ । ଏଣୁ ବେଶ୍ ପଢ଼ି ହୁଏ । ସେ ଅକ୍ଷରର ଏକ ସ୍ୱତନ୍ତ୍ର ଶୈଳୀ ଥିଲା । ବାପାଙ୍କ ଚିଠିରେ ବର୍ଣ୍ଣିତ ବିଭିନ୍ନ ବିଷୟ ଉପରେ ସେ ଅନାବେଗ ଭାବରେ ଆଲୋଚନା କରିଥାନ୍ତି । ମି. ଦାସଙ୍କ ବିଭିନ୍ନ ସମସ୍ୟା ଉପରେ ବି ସେଥିରେ ବର୍ଣ୍ଣନା ଥାଏ । ତାଙ୍କ ଚିଠିରୁ ଆଶା, ବିଶ୍ୱାସ ଓ ସାହସର ପରିପ୍ରକାଶ ସହିତ ଆଶାବାଦର ପରିଚୟ ମିଳିଥାଏ ।

୧୯୨୩ ମସିହା ବାପାଙ୍କ ଲାଗି ଅତି ବିବ୍ରତମୟ ବର୍ଷ ଥିଲା । ସେହିବର୍ଷ ଆମ ପରିବାରର ଏକ ଦୁଃଖଦ ଘଟଣା ଘଟିଥାଏ ଏବଂ ତାଙ୍କ ପ୍ରିୟ ବିଶ୍ୱବିଦ୍ୟାଳୟକୁ ବିଗାଡ଼ିବା ଲାଗି କିଛି ଗଭୀର ଷଡ଼ଯନ୍ତ୍ର ଚାଲିଥାଏ । ଏହି ଦୁଇ ଘଟଣା ତାଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥିଲା । ନ ଲୋଡ଼ିଲେ ବି ମି. ଦାସ ବାପାଙ୍କୁ ସାନ୍ତ୍ୱନା ଓ ଧୈର୍ଯ୍ୟ ଦେବା ଲାଗି କଲିକତା ଆସନ୍ତି ଓ ତାଙ୍କ ସହିତ ଘଣ୍ଟା ଘଣ୍ଟା ସମୟ କଟାନ୍ତି । ସେମାନଙ୍କ ଭିତରର ଆଲୋଚନା କଥା ଅନ୍ୟମାନେ ନ ଜାଣିଲେ ବି, ମୁଁ ଜାଣିପାରେ ଯେ ସେହି ଆଲୋଚନା ଆସ୍ଥା ବିନିମୟ ପାଇଁ ଉଭୟଙ୍କ ପାଇଁ ସହାୟକ ହୋଇଥାଏ । ଏହିଭଳି ଭାବରେ ସେ ଦୁଇ ଜଣଙ୍କ ଆନ୍ତରିକ ଶ୍ରଦ୍ଧା ଓ ବୁଝାମଣା ବଢ଼ି ଚାଲିଥିଲା । ମି. ଦାସଙ୍କ ଚିଠିଗୁଡ଼ିକରୁ ତାଙ୍କର ଅଜେୟ ମନୋଭାବ ତଥା ଗଭୀର ଈଶ୍ୱରବିଶ୍ୱାସର ପରିଚୟ ମିଳିଥାଏ । ଶ୍ରୀଯୁକ୍ତ ଦାସଙ୍କ ବହୁ ପତ୍ରରୁ ତାଙ୍କର ବୈଶିଷ୍ଟ୍ୟ ବାଛି ହୋଇଯାଏ । ସେସବୁରୁ ଗୋଟିଏ କଥା ହେଲା କୌଣସି ଦୁର୍ବିପାକରେ ଭାଙ୍ଗି ନ ପଡ଼ିବା; ଅନ୍ୟଟି ହେଲା ସର୍ବମୟ କର୍ତ୍ତାଙ୍କ ଉପରେ ତାଙ୍କର ଅତୁଟ ବିଶ୍ୱାସ । କାରଣ ତାଙ୍କର ଦୃଢ଼ ଧାରଣା ଥିଲା ଯେ ଯିଏ ଠିକ୍ ବାଟରେ ଥିବ ତା' ଗୋଡ଼ରେ କଣ୍ଟା ପଶିବ ନାହିଁ ।

ମଧୁବାବୁଙ୍କ ଜୀବନୀ ଖାଲି ଓଡ଼ିଶା ଲାଗି ନୁହେଁ, ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କ ଲାଗି ଅତ୍ୟନ୍ତ ଉପାଦେୟ ତଥା ଆଗ୍ରହ ଉଦ୍ଦୀପକ ହେବ । ସେହିଥିରୁ ପରିସ୍ଫୁଟ ହୋଇଯିବ ଯେ ତାଙ୍କ ଭଳି ବାସ୍ତବବାଦୀ ରାଷ୍ଟ୍ରନୀତିନିପୁଣ, ଦୁର୍ଦ୍ଦମନୀୟ ଶକ୍ତି ଓ ସାହସ ଥିବା ଜଣେ ଲୋକ ବି କିଭଳି ନିଜ ପ୍ରଦେଶରେ ନୂତନ ଆଶା ତଥା ପ୍ରଗତିର ନୂଆ ଅଧ୍ୟାୟ ସୃଷ୍ଟି କରିପାରେ । ତାଙ୍କୁ ଯଥାର୍ଥରେ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କୁହାଯାଇଥାଏ । ସେଇଥିପାଇଁ ତାଙ୍କ ରାଜ୍ୟର ଲୋକେ ବହୁ ପିଢ଼ି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହ ତାଙ୍କୁ ସ୍ମରଣ କରୁଥିବେ । କିନ୍ତୁ ମଧୁବାବୁ ଥିଲେ ପ୍ରଥମେ ଦେଶପ୍ରେମୀ ଓ ପରେ ଅନ୍ୟ କିଛି । ଆଉ ସେହି ହେତୁ ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତର ଯୁବକଙ୍କ ପାଇଁ ତାଙ୍କ ଜୀବନୀ ଅନୁପ୍ରେରଣାର ଉତ୍ସ

Digitized by srujanika@gmail.com

ହୋଇ ରହିବ । ଯେଉଁ ଅଳ୍ପକାଳ ଲାଗି ସେ ବିହାର ଓଡ଼ିଶାର ମନ୍ତ୍ରୀ ଥିଲେ, ସେ ସମୟର ତାଙ୍କର କାର୍ଯ୍ୟକଳାପ, ତାଙ୍କ ଦେଶପ୍ରୀତି, ପ୍ରଶାସନିକ ଦକ୍ଷତା ଓ ନିଜ ପ୍ରଦେଶର ଲୋକଙ୍କ ଉନ୍ନତି ଦିଗରେ କଅଣ କଅଣ କରାଯାଇପାରେ ସେସବୁ ଅତି ଚମତ୍କାର ଭାବରେ ଦେଖାଇ ଦେଇଯାଇଛି । ସେ ଖାଲି ସେହି କାମକୁ ସଫଳତାର ସହ ସମ୍ପାଦନ କରି ଯାଇଛନ୍ତିବୋଲି କହିଲେ ଯଥେଷ୍ଟ ହେବ ନାହିଁ । ସେହିଥିରୁ ଜାଣିହୁଏ ଯେ କିଭଳି ଯଥାର୍ଥ ଭୟଶୂନ୍ୟ ଭାବରେ ସେ ନିଜର କର୍ତ୍ତବ୍ୟ କରୁଥିଲେ । ନିଜ ନୀତି ଓ ଆଦର୍ଶରେ ସେ ପାହାଡ଼ ଭଳି ଅଟଳ ଥିଲେ ଓ ମାମୁଲି କଥାରେ ପଥଚ୍ୟୁତ ହେଉ ନଥିଲେ । ସେହି ସମୟରେ ସେ ସରକାରଙ୍କୁ ଯେଉଁସବୁ ପତ୍ର ଲେଖିଥିଲେ ତହିଁରୁ ତାଙ୍କ ନିଜସ୍ୱ ଦୃଷ୍ଟିକୋଣ ଓ ଦୃଢ଼ ବିଶ୍ୱାସର ପ୍ରମାଣ ମିଳେ । ସେସବୁରେ ସମ୍ବିଧାନ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ବିଷୟମାନ ବର୍ଣ୍ଣିତ ହୋଇଛି ଯାହା ପରବର୍ତ୍ତୀ ପିଢ଼ିର ସବୁ ମତର ଲୋକଙ୍କ ଲାଗି ଅନୁଧ୍ୟାନ ଯୋଗ୍ୟ । ସାମାଜିକ, ଶିକ୍ଷା ଓ ଶିଳ୍ପ ସମ୍ପର୍କୀୟ ବିଷୟ ହେଉ ବା ରାଜନୈତିକ ଅଧିକାର ତଥା ସୁଯୋଗ କଥା ହେଉ ପ୍ରତ୍ୟେକ ବିଷୟରେ ତାଙ୍କର ଅଭିମତ ଥିଲା ସ୍ପଷ୍ଟ ତଥା ନିର୍ବିବାଦୀୟ । ସେ ଥିଲେ ଗଭୀର ଈଶ୍ୱରବିଶ୍ୱାସୀ । ସେଇଥି ଲାଗି ସେ ସତ୍ୟ ଓ ନୀତିନିଷ୍ଠାରୁ ବିଚ୍ୟୁତ ହେଉ ନଥିଲେ । ସେଭଳି ଜଣେ ନିଃସ୍ୱାର୍ଥପର, ସଚ୍ଚୋଟ ଓ ନିର୍ଭୀକ ନେତାଙ୍କ କାର୍ଯ୍ୟାବଳୀ ଆଜିର ଭାରତବର୍ଷର ଗୌରବ, ପ୍ରଗତି ତଥା ମୁକ୍ତିର ପଥକୁ ସମୁଜ୍ଜ୍ୱଳ କରୁ ।

Digitized by srujanika@gmail.com

ଜଣେ ବାସ୍ତବବାଦୀ ରାଜନୀତିଜ୍ଞ
ସାର୍ ମନ୍ମଥନାଥ ମୁଖାର୍ଜୀ
କଲିକତା ହାଇକୋର୍ଟର ଅସ୍ଥାୟୀ ଚିଫ୍ ଜଷ୍ଟିସ୍

ଓଡ଼ିଶାର ଇତିହାସ ରଚିତ ହେଲେ ମଧୁସୂଦନ ଦାସଙ୍କୁ ନିଶ୍ଚିତ ସର୍ବୋଚ୍ଚ ସ୍ଥାନ ଦିଆଯିବ । ମୁଖ୍ୟତଃ ତାଙ୍କରି ଲାଗି ଓଡ଼ିଶା ଆଜି ଜାଗିଛି ଓ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଭାରତବର୍ଷରେ ସ୍ଥାନ ପାଇଛି । ଗୋଟିଏ ସମୟରେ ବଙ୍ଗଳା ଉନ୍ନତିର ଏଭଳି ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ଯେ କୁହାଯାଉଥିଲା 'ବଙ୍ଗଳା ଆଜି ଯାହା ଭାବୁଛି, ଭାରତ କାଲି ସେହିକଥା ଠିକ୍ ଥିଲା ବୋଲି କହିବ ।' ସେହିଭଳି ଏକ ପ୍ରଦେଶରେ ମଧୁସୂଦନ ତାଙ୍କର ପ୍ରାରମ୍ଭିକ ତାଲିମ ପାଇଥିଲେ । ଏହି କାରଣରୁ ମଧୁବାବୁଙ୍କ ଏଭଳି ଗୌରବ ପଛରେ ବଙ୍ଗଳାର ବି କିଛି ଅବଦାନ ରହିଛି ।

ପ୍ରାୟ କୋଡ଼ିଏ ବର୍ଷ ତଳେ ମଧୁବାବୁଙ୍କ ସହିତ ମୋର ପ୍ରଥମ ଦେଖା ହୁଏ । ସେହି ସମୟ ଓ ସ୍ଥାନ ବି ମୋର ମନେ ଅଛି । ସେଇଟି ହେଉଛି ଉତ୍କଳ ଟ୍ୟାନେରୀର ଦୁର୍ଦ୍ଦିନର ସମୟ । ତା'ରି ଆଘାତରେ ସେ କଠିନ ଆଘାତ ପାଇଥିଲେ ବି ତାଙ୍କର ସେହି ପ୍ରିୟ ଅନୁଷ୍ଠାନଟିକୁ ପୁଣି ସଜାଡ଼ିବାକୁ ସେ ଯୁବକ ସୁଲଭ ଉଦ୍ୟମରେ ବାହାରି ପଡ଼ିଥାନ୍ତି । ପ୍ରାୟ ଘଣ୍ଟାକ ପର୍ଯ୍ୟନ୍ତ ଆମ ଭିତରେ ସେ ସମ୍ପର୍କରେ ଆଲୋଚନା ଚାଲିଲା । ସେହିଥିରୁ ମୁଁ ତାଙ୍କର ଅସାଧାରଣତ୍ୱ ଭଲ ଭାବରେ ଜାଣିବାକୁ ପାଇଥିଲି । ତାହାପରେ ଆମ ଭିତରେ ବହୁବାର ଭେଟାଭେଟି ହୋଇଛି । ଆଉ ପ୍ରତ୍ୟେକ ଥର ତାଙ୍କୁ ଦେଖିଲା ପରେ, ମୋର ତାଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ବଢ଼ି ବଢ଼ି ଯାଏ । ଆଜି ତାଙ୍କ ସମ୍ପର୍କରେ ଦି'ଧାଡ଼ି ଲେଖିଲା ବେଳକୁ ତାଙ୍କ କିସମର ଦୃଢ଼ମନା ଲୋକ ଅତି ବିରଳ ଆଖିରେ ପଡ଼ନ୍ତି ।

ମୁଁ ସବୁବେଳେ ଭାବେ ଯେ ସେ ହିଁ ପ୍ରଥମ ଲୋକ ଯିଏ ଦେଖିପାରୁଥିଲେ ଯେ କି ଅତୀତର ଗୌରବକୁ ନେଇ ବୃଥା ସମୟ ଶକ୍ତି ନଷ୍ଟ ନକରି ଓଡ଼ିଶା ଲୋକଙ୍କର ଉନ୍ନତି ସାଧନ ଦ୍ୱାରା ହିଁ ତା'ର ହୃତ ଗୌରବ ଫେରାଇ ଆଣି ହେବ । ସେ ଖାଲି ବିକାଶର ସ୍ୱପ୍ନ ଦେଖୁ ନଥିଲେ, ତାକୁ କାର୍ଯ୍ୟକାରୀ କରିବାକୁ ଆଗଭର ହୋଇଥିଲେ । ସେ ଯେଉଁ ଯଥାର୍ଥ କାର୍ଯ୍ୟକ୍ରମ ଘୋଷଣା କରୁଥିଲେ ତହିଁରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ଆଉ ସେ କହୁଥିଲେ

Digitized by srujanika@gmail.com

ଯେ ବିଭିନ୍ନ ଜାତିର ଇତିହାସରୁ ପ୍ରମାଣିତ ହୋଇଛି ଯେ ଏକ ନ୍ୟାଯ୍ୟ କଥାରେ ନିଃସ୍ୱାର୍ଥପର, ଆନ୍ତରିକ ଓ ଦୃଢ଼ତାର ସହ ଲାଗି ପଡ଼ିଲେ ସାଫଲ୍ୟ ଅବଶ୍ୟ ମିଳିବ । ସେ ବିଶ୍ୱାସ କରୁଥିଲେ ଯେ ଏକ ଜାତିର ବିକାଶ ଲାଗି ବାହାରର ସାହାଯ୍ୟ ଅପେକ୍ଷା ନିଜ ଭିତରର ପ୍ରେରଣା ଓ ଉଦ୍ୟମ ଅପରିହାର୍ଯ୍ୟ ।

ମି. ଦାସ ତାଙ୍କ ବେଳର ପ୍ରବୀଣ ରାଜନୀତିଜ୍ଞ ଓ ଦେଶପ୍ରେମୀମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ଶତାବ୍ଦୀ ଶତାବ୍ଦୀ ଧରି ନିଦ୍ରିତ ଭାରତବର୍ଷକୁ କର୍ମ ଚଞ୍ଚଳ କରାଇ ଉପଯୁକ୍ତ ମାର୍ଗରେ ଆଗେଇ ନେବା ଲାଗି ଦୃଢ଼ ପ୍ରତିଜ୍ଞ ହୋଇଥିଲେ । ତାଙ୍କର ମାର୍ଗ ପରବର୍ତ୍ତୀ ପିଢ଼ିର ନେତାମାନଙ୍କ ମନକୁ ନ ଯାଇପାରେ; କିନ୍ତୁ ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ ତହିଁରେ ଥିଲା ଅନାବିଳ ଆନ୍ତରିକତା, ଅସରନ୍ତି ପ୍ରଚେଷ୍ଟା ଓ ଅଜେୟ ମାନସିକ ଦୃଢ଼ତା । ତାଙ୍କଠାରୁ ଭିନ୍ନ ମତ ପୋଷଣ କରୁଥିବା ଲୋକେ ବି ତାଙ୍କ ପ୍ରତି ଶ୍ରଦ୍ଧାରେ କାର୍ପଣ୍ୟ କରୁ ନଥିଲେ । ସେ ସବୁବେଳେ ଭିନ୍ନ ମତ ପୋଷଣ କରୁଥିବା ଲୋକଙ୍କ ମତକୁ ବିଚାରକୁ ନେଉଥିଲେ ଓ ଯଦି ସେହି ମତର ସାର୍ଥକତା ଉପଲବ୍ଧି କରୁଥିଲେ ତ ତାକୁ ଗ୍ରହଣ କରି ନେବାରେ ଇତସ୍ତତଃ ହେଉ ନଥିଲେ; କାରଣ ତାଙ୍କର ହୃଦ୍‌ବୋଧ ହେଉଥିଲା ଯେ କୌଣସି ମଣିଷ ନିର୍ଭୟ ନୁହେଁ । ତାଙ୍କର ପରାମର୍ଶ ଥିଲା ପରିପକ୍ୱ, ନିର୍ଭରଯୋଗ୍ୟ ଓ ଉପାଦେୟ । ସେହି କାରଣରୁ ତାଙ୍କ ପ୍ରଦେଶ ଛଡ଼ା ଅନ୍ୟ ପ୍ରଦେଶର ଯେଉଁମାନେ ତାଙ୍କଠାରୁ ଭିନ୍ନମତ ପୋଷଣ କରୁଥିଲେ ସେମାନେ ବି ଆବଶ୍ୟକ ସ୍ଥଳେ ମଧୁବାବୁଙ୍କ ପରାମର୍ଶ ନେଉଥିଲେ । ସେ ଥିଲେ ଜଣେ ସୁବକ୍ତା ଏବଂ ଶକ୍ତିଶାଳୀ ଲେଖକ ।

Digitized by srujanika@gmail.com

ସ୍ୱର୍ଗତ ମଧୁସୂଦନ ଦାସ

ଡଃ ସାର୍ ଦେବପ୍ରସାଦ ସର୍ବାଧିକାରୀ

ମେମ୍ବର ବେଙ୍ଗଲ୍ ଲେଜିସେଲେଟିଭ୍ କାଉନସିଲ୍

ମି. ମଧୁସୂଦନ ଦାସ ଖାଲି କଟକର ନୁହେଁ ସେ ଥିଲେ ଓଡ଼ିଶାର ସବୁ ବର୍ଗର କୁଳବୃଦ୍ଧ । ଖ୍ରୀଷ୍ଟିଆନ ଥିଲେ ବି ସେସବୁ ଶ୍ରେଣୀ ଲୋକଙ୍କ ପାଇଁ ସମ୍ମାନନୀୟ ଥିଲେ ଓ ଜମିଦାରଏବଂ ଗଡ଼ଜାତ ରାଜା ମହାରାଜାମାନଙ୍କର ବିଶ୍ୱସ୍ତ ପରାମର୍ଶଦାତା ଭାବରେ ପରିଚିତ ଥିଲେ । ଶିକ୍ଷା ଓ ଶିଳ୍ପ ଦିଗରେ ସେ ଥିଲେ ଦିଗ୍‌ଦର୍ଶକ ଏବଂ ତାଙ୍କରି ଆହ୍ୱାନରେ ଓଡ଼ିଶାର ସାଂସ୍କୃତିକ ଅଭ୍ୟୁତ୍ଥାନ ଘଟିଛି । ଏହା ଭବିଷ୍ୟତରେ ଆହୁରି ସମୁଜ୍ଜ୍ୱଳ ହୋଇଉଠିବ । ସେ କିନ୍ତୁ ତା'ର ସାଫଲ୍ୟ ଦେଖିବାକୁ ବଞ୍ଚିଲେ ନାହିଁ । ସେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାର ଅଭ୍ୟୁଦୟ ଲାଗି ନିଜକୁ ଉତ୍ସର୍ଗ କରିଦେଇଥିଲେ ।

ମୁଁ ତାଙ୍କୁ ବହୁ ଦିନରୁ ଜାଣେ ଓ ତାଙ୍କୁ ଅତ୍ୟନ୍ତ ସମ୍ମାନ କରେ । ସାର୍ ଆଣ୍ଡ୍ରୁ ଫ୍ରିଦର୍ ଓ ସାର୍ ଏଡ଼ୱାର୍ଡ଼ ବେକର୍ ଗଭର୍ଣ୍ଣର୍ ଥିଲାବେଳେ ଆମେ ବହୁ ବର୍ଷ ବେଙ୍ଗଲ୍ କାଉନସିଲ୍‌ରେ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିଲୁ । ଅନେକ ସମୟରେ ଆମ ମଧ୍ୟରେ ତୁମୁଳ ଯୁକ୍ତିତର୍କ ହେଉଥିଲେ ବି ଆମେ ଥିଲୁ ସର୍ବଦା ଉତ୍ତମ ବନ୍ଧୁ । ସେସବୁ ଟଣା ଟଣି ପୁଣି ହସାହସି ଭିତରେ ଲିଭି ଯାଉଥିଲା ଓ ଆମ ଭିତରର ସହୃଦୟତା ଅବିଚ୍ଛିନ୍ନ ରହି ଆସିଥିଲା ।

ମି. ଦାସ କିଛି କାଳ ତାଙ୍କ ରାଜ୍ୟ ପକ୍ଷରୁ କଲିକତା ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଥିଲେଓ ସେ ସମୟରେ ବି ମୁଁ ତାଙ୍କର ସହକର୍ମୀ ଭାବରେ କାମ କରିବାର ସୁଯୋଗ ପାଇଛି । ଓଡ଼ିଶା ଓ ବଙ୍ଗଳାର ସାଂସ୍କୃତିକ ସାମ୍ୟ ସମ୍ପର୍କରେ ଆମ ଭିତରେ ଐକମତ ଥିଲା ଓ କଲିକତାର ଉତ୍କଳ ସୋସାଇଟିରେ ମୁଁ ଅଧିକ ଆଗ୍ରହର ସହ କାର୍ଯ୍ୟ କରିବାକୁ ସେ ମୋତେ ଉତ୍ସାହିତ କରୁଥିଲେ । ତାଙ୍କର ପାଳିତା କନ୍ୟା କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ଆଇନ ସ୍ନାତକ ହେବା ଏବଂ ମୋତେ ଆଇନ ବ୍ୟବସାୟ କରିବାକୁ ସକ୍ଷମ ହେବା ଦିଗରେ ତାଙ୍କର ପ୍ରଚେଷ୍ଟା ମୋତେ ମୁଗ୍ଧ କରିଥିଲା । ଇଣ୍ଡିଆନ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ଏବଂ ବିହାର ଓଡ଼ିଶାର ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଦସ୍ୟ କନିକା ରାଜା ସାହେବ ବି ଆମ ଆସରରେ ଯୋଗ ଦେଉଥିଲେ । ଶିଳ୍ପ ବିକାଶ ଥିଲା ମଧୁସୂଦନ ଦାସଙ୍କର ମୁଖ୍ୟ ଆକର୍ଷଣ ଓ ଉତ୍କଳ ଟ୍ୟାନେରୀ ତା'ର ଜ୍ୱଳନ୍ତ ନିଦର୍ଶନ । ତାହାର ପୁନରୁଦ୍ଧାରରେ ମୁଁ ବି କିଛି ସାହାଯ୍ୟ କରିଥିଲି, କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ତାହା ବିଫଳ ହେଲା ଓ ସେଇଥି ଯୋଗୁଁ ସେ ନିଃଶେଷ ପ୍ରାୟ ହୋଇ ପଡ଼ିଥିଲେ । କିନ୍ତୁ ସେଇଥିରେ ସେ ଭାଙ୍ଗି ନପଡ଼ି ଯୁବକ ସୁଲଭ ଉତ୍ସାହରେ ସେଇଟିକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ।

Digitized by srujanika@gmail.com

ଓଡ଼ିଶାରେ ଯେତେବେଳେ କୌଣସି ସମସ୍ୟା ଦେଖାଦେଇଛି ସେ ସମୟରେ ମଧୁବାବୁ ପୂର୍ଣ୍ଣପ୍ରାଣରେ ତା'ର ସମାଧାନ ପାଇଁ ଆଗେଇ ଆସିଛନ୍ତି । ତାଙ୍କ ଆତ୍ମା ଶାନ୍ତି ଲାଭ କରୁ ଓ ଓଡ଼ିଶାର ଗୌରବ ଫେରାଇ ଆଣିବା ଲାଗି ତାଙ୍କର ଅନୁଗାମୀମାନେ ନିଜକୁ ଉତ୍ସର୍ଗ କରିଦିଅନ୍ତୁ; ଯାହା ଫଳରେ ଓଡ଼ିଶାର କଳା ନୈପୁଣ୍ୟ, ସଂସ୍କୃତି, ସାହିତ୍ୟ ଓ ଅତୁଟ ଆଧ୍ୟାତ୍ମିକତାର ଯୁଗ ଫେରିଆସୁ । ମି. ଦାସଙ୍କ ଆଦ୍ୟ ଶିକ୍ଷା ଓ ତାଲିମ ବଙ୍ଗଳାରେ ହିଁ ହୋଇଥିଲା । ସେ ଅଧ୍ୟୟନ କରୁଥିବା କଲିକତାର ଲଣ୍ଡନ ମିଶନାରୀ ଇନ୍‌ଷ୍ଟିଚ୍ୟୁଟ୍‌ରେ 'ମଧୁ ଓଡ଼ିଆ' ଭାବରେ ଖାଲି ସେ ପରିଚିତ ନଥିଲେ, ଆଦରଣୀୟ ବି ଥିଲେ । ଆମ ଭିତରେର ବନ୍ଧୁତା ଯେ ଜୀବନ ବ୍ୟାପୀ ରହିଗଲା ତାହା ସେ ୧୯୩୦ ମସିହାରେ ମୋ ନିକଟରେ ପ୍ରକାଶ କରିଥିଲେ । ସେଥରକ ମୁଁ କଟକ କଲେଜର ପୁରାତନ ଛାତ୍ର ସମ୍ମିଳନୀରେ ସଭାପତିତ୍ୱ କରିବାକୁ ଯାଇଥିଲି ଓ ମଧୁବାବୁଙ୍କ ବାସଭବନର ଆତିଥ୍ୟ ଲାଭ କରିଥିଲି । ସେ ଉଭୟ ବଙ୍ଗଳା ଓ ଇଂରାଜୀରେ ଚମତ୍କାର କହିପାରୁଥିଲେ ଓ ବକ୍ତା ଓ ଲେଖକ ଭାବରେ ଥିଲେ ଅତି ପ୍ରଭାବଶାଳୀ । ବିହାର ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ ତାଙ୍କର ଭାଷଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଓ ସେଇଥିଯୋଗୁଁ ତାଙ୍କୁ ମନ୍ତ୍ରୀ ଭାବରେ ମନୋନୀତ କରାଯାଇଥିଲା । ପରେ ପରେ ତାଙ୍କୁ ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ସେ କିନ୍ତୁ କିଛି କାଳ ପରେ ମନ୍ତ୍ରିତ୍ୱ ଛାଡ଼ି ତାଙ୍କର ପ୍ରିୟ ଶିଳ୍ପୋଦ୍ୟୋଗକୁ ଫେରି ଯାଇଥିଲେ । ତାଙ୍କରି ଅଦମ୍ୟ ଉତ୍ସାହ ଓ ତ୍ୟାଗ ଫଳରେ ଉତ୍କଳ ଟ୍ୟାନେରୀ ତୁଙ୍ଗ ଶିଖରରେ ପହଞ୍ଚିପାରିଥିଲା; ଯଦିଓ କିଛି କାଳ ପରେ ତା'ର ପତନ ଘଟିଲା । ବଙ୍ଗୀୟମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା ଓ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସେ ଶିଳ୍ପ ଦିଗରେ ତାଲିମ ଦେଇଥିଲେ । ତାଙ୍କର ଅବିଚଳିତ ସ୍ୱାଧୀନ ଚିନ୍ତା ଓ ଚରମ ଆତ୍ମୋତ୍ସର୍ଗ ନବ ଉତ୍କଳର ଅଗ୍ରଗତି ଦିଗରେ ଆଲୋକ ପ୍ରଦାନ କରି ଚାଲିବ । ସୁବିଚାର ଓ ସହନଶୀଳତାର ସେ ଯେଉଁ ଆଦର୍ଶ ରଖି ଯାଇଛନ୍ତି ତାହା ଆଗାମୀ ପିଢ଼ି ଲାଗି ଅନୁକରଣୀୟ ହୋଇ ରହିବ । ମଧୁସୂଦନ ଦାସ ଏହି ଶିକ୍ଷା ଓ ମନ୍ତ୍ର ଭବିଷ୍ୟତ ବଂଶଧରଙ୍କ ପାଇଁ ରଖି ଯାଇଛନ୍ତି ।

Digitized by srujanika@gmail.com

ଓଡ଼ିଶାର ପରମ ପୂଜନୀୟ

ଖାଜା ମହମ୍ମଦ ନୁର୍, ଜଷ୍ଟିସ୍ ପାଟନା ହାଇକୋର୍ଟ

ମି. ମଧୁସୂଦନ ଦାସ ସି.ଆଇ.ଇଙ୍କ ବିୟୋଗରେ ଓଡ଼ିଶା ତା'ର ଜଣେ ସଚ୍ଚୋଟ ଦେଶପ୍ରେମୀ ଓ ତା'ର ଅଭିପ୍‌ସାର ଅଗ୍ରଦୂତଙ୍କୁ ହରାଇ ବସିଲା । କିନ୍ତୁ ଦୁଃଖର କଥା ଯେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ଲାଗି ସେ ଆତ୍ମୋତ୍ସର୍ଗ କରିଥିଲେ ତାକୁ ଦେଖିବାକୁ ସେ ବଞ୍ଚି ରହିପାରିଲେ ନାହିଁ ।

ମୋର ତାଙ୍କ ସହିତ ପ୍ରଥମ ଦେଖା ୧୯୧୩ ମସିହାରେ । ମୁଁ ସେତେବେଳେ ନୂଆ ହୋଇ ଗଠିତ ହୋଇଥିବା ବିହାର ଓଡ଼ିଶା କାଉନ୍‌ସିଲ୍‌ର ନିର୍ବାଚନରେ ଭାଗନେବା ଉଦ୍ଦେଶ୍ୟରେ କଟକ ଯାଇଥାଏ । ସେତେବେଳେ ମୁଁ ତାଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱ ଦେଖି ଚକିତ ହୋଇ ଯାଇଥିଲି । ସେ ସେତେବେଳେ ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି । ସେ ମୋତେ ବୁଝେଇଥିଲେ ଯେ ଓଡ଼ିଶା ତିନି ପ୍ରଶାସନିକ ଅଞ୍ଚଳରେ ବିଖଣ୍ଡିତ ହୋଇ ରହିବାରୁ ତାକୁ ମିଶାଇ ଏକ-ଶାସନାଧୀନ କହିବା ଲକ୍ଷ୍ୟରେ ସେ ଇମ୍ପେରିଆଲ କାଉନ୍‌ସିଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ସେଇଥିରୁ ମୁଁ ଜାଣିଲି ଯେ ସମ୍ମିଳିତ ଓଡ଼ିଶା ହିଁ ତାଙ୍କ ଜୀବନର ଆକାଙ୍‌କ୍ଷା । ଓଡ଼ିଶା ପାଇଁ ତାଙ୍କର ପ୍ରଗାଢ଼ ଶ୍ରଦ୍ଧା ଥିଲେ ହେଁ ସେ ଥିଲେ ଜାତି ବା ଗୋଷ୍ଠୀଗତ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ । ପରେ ଆମ୍ଭମାନଙ୍କ ଭିତରର ବନ୍ଧୁତା ଅଧିକ ଘନିଷ୍ଠ ହେଲା ଓ ତାହା ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅତୁଟ ରହିଥିଲା । ପ୍ରାୟ ଦୀର୍ଘ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଦସ୍ୟ ଓ ମନ୍ତ୍ରୀ ଭାବରେ ଏବଂ ବିଶ୍ୱବିଦ୍ୟାଳୟ ଫେଲୋ ହିସାବରେ ତଥା ବିଭିନ୍ନ କମିଟିର ସଦସ୍ୟ ଥିବା ଅବସରରେ ତାଙ୍କ ସହିତ ମିଶି କାମ କରିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ବହୁ ଜ୍ଞାନ ଓ ଅଭିଜ୍ଞତାର ଅଧିକାରୀ ଏବଂ ବିଭିନ୍ନ ସମସ୍ୟାକୁ ସେ ଗଭୀର ଭାବରେ ଉପଲବ୍ଧି କରିପାରୁଥିଲେ । ମନ୍ତ୍ରୀ ଭାବରେ ତାଙ୍କୁ ବିହାର ଓଡ଼ିଶା ମ୍ୟୁନିସିପାଲ୍ ବିଲ୍ ଓ ବିହାର ଓଡ଼ିଶା ସ୍ୱାୟତ୍ତ ଶାସନ ବିଲ୍ ପେଶ୍ କରିବାକୁ ପଡ଼ିଥିଲା । ସେସବୁ ବିଲ୍ ଉପରେ ଆଲୋଚନା ଚାଲିଥିଲାବେଳେ ଜାଣି ହେଉଥିଲା ଯେ ସେ କିଭଳି ସବୁକଥା ଟିକିନିଖି ଜାଣିବା ଭଳି ଲୋକ । ତାଙ୍କର ଚିନ୍ତାଧାରା ଥିଲା ଅତ୍ୟନ୍ତ ପ୍ରଗତିଶୀଳ । ସ୍ୱାୟତ୍ତ ଶାସନ ଜରିଆରେ ସ୍ଥାନୀୟ ସଂସ୍ଥାମାନେ କିଭଳି ଲୋକପ୍ରିୟ କାର୍ଯ୍ୟ କରିପାରିବେ ସେସବୁ ବ୍ୟବସ୍ଥା ସେ ବିଲ୍‌ରେ ଥିଲା । ଲୋକପ୍ରିୟ ହେବା ସଙ୍ଗେ ସଙ୍ଗେ

Digitized by srujanika@gmail.com

ସେଗୁଡ଼ିକ ଯେଭଳି ଦକ୍ଷତାର ସହ କର୍ତ୍ତବ୍ୟ ତୁଲାଇ ପାରିବେ ସେ ଦିଗ ପ୍ରତି ତାଙ୍କର ଦୃଷ୍ଟି ଥିଲା । ସେ ଥିଲେ ଅତ୍ୟନ୍ତ ନୀତିନିଷ୍ଠ । ଭିନ୍ନ ମତକୁ ସେ ଧ୍ୟାନର ସହ ଗୁରୁତ୍ୱ ଦେଉଥିଲେ । କିନ୍ତୁ ଯଦି ଅନୁଭବ କରୁଥିଲେ ଯେ ତାଙ୍କ ନିଜ ମତଟି ଠିକ୍ ତ ସେ ତାକୁ କାର୍ଯ୍ୟକାରୀ କରାଇ ନେବା ଲାଗି ଆପ୍ରାଣ ଚେଷ୍ଟା କରୁଥିଲେ ।

୧୯୩୦ ଡିସେମ୍ବର ମାସରେ କଟକରେ ସର୍କିଟ୍ କୋର୍ଟ ପଡ଼ିଥିବାବେଳେ ମୁଁ ଜଷ୍ଟିସ୍ ଓର୍ଟଙ୍କ ସହ ଯାଇଥିଲାବେଳେ କେତେ ମକଦ୍ଦମା ଚଳାଇବା ଲାଗି ସେ ନିଜେ ଆସୁଥିଲେ । ମକଦ୍ଦମାର ବିଭିନ୍ନ ଟିକିନିଖି ବିଷୟକୁ ସେ ଯେଭଳି ଉପସ୍ଥାପନ କରୁଥିଲେ ତାହା ବାସ୍ତବିକ ପ୍ରଶଂସନୀୟ । ପରିଣତ ବୟସ ସତ୍ତ୍ୱେ ତାଙ୍କଠାରେ ବାର୍ଦ୍ଧକ୍ୟର ଅବସାଦ ନଥିଲା । ସେ ତାଙ୍କ କଥାକୁ ଖୁବ୍ ଦୃଢ଼ତାର ସହ ଉପସ୍ଥାପନ କରୁଥିଲେ । ତାଙ୍କ ମୃତ୍ୟୁର ଅଳ୍ପ କେଇମାସ ପୂର୍ବରୁ ପାରଳାଖେମୁଣ୍ଡି ରାଜାଙ୍କର ଏକ ମକଦ୍ଦମାରେ ସେ ମୋ କୋର୍ଟକୁ ଆସିଥିଲେ । ସେତେବେଳେ ବି ତାଙ୍କର ଯୁକ୍ତିଗୁଡ଼ିକ ପୂର୍ବଭଳି ଗ୍ରହଣୀୟ ଥିଲା । ଅତି ବୃଦ୍ଧ ହୋଇ ଯାଇଥିଲେ ବି ତାଙ୍କଠାରେ ଯୁବକ ସୁଲଭ ଉତ୍ସାହ ଓ ଶକ୍ତି ବି ଥିଲା । ଖାଲି ରାଜା ରାଜୁଡ଼ାଙ୍କ କାମରେ ନୁହେଁ, ଗରିବ ଲୋକଟି ତାଙ୍କର ଆଇନଗତ ସହାୟତା ଲୋଡ଼ିଲେ ସେ ସେଥିଲାଗି ଆଗଭର ହୋଇ ପଡୁଥିଲେ । ବହୁବର୍ଷ ପର୍ଯ୍ୟନ୍ତ ସେ ଓଡ଼ିଶା ଲୋକଙ୍କର ବନ୍ଦନୀୟ ହୋଇ ରହିଥିଲେ, ଯାହା କ୍ୱଚିତ୍ ନେତାଙ୍କର ଭାଗ୍ୟରେ ଘଟିଥାଏ । ତାଙ୍କର ଅଭାବ ସହଜରେ ପୂରଣ ହେବାର ନୁହେଁ ।

Digitized by srujanika@gmail.com

ସ୍ମୃତିରେ ରହିଛନ୍ତି

ଏସ୍.ସି. ମଲ୍ଲିକ, ଆଇ.ସି.ଏସ୍.

କଲିକତା ହାଇକୋର୍ଟର ଅବସରପ୍ରାପ୍ତ ଜଜ୍

୩୮ ବର୍ଷ ତଳେ ୧୮୯୭ ମସିହା ଡିସେମ୍ବର ମାସର ଏକ ସନ୍ଧ୍ୟାରେ ଜଗତପୁର ଲକ୍ ଗେଟ୍‌ରୁ ଷ୍ଟିମର୍ ବିଶାଳ ମହାନଦୀ ମଧ୍ୟକୁ ପ୍ରବେଶ କରୁଥାଏ ଓ ସେତିକିବେଳକୁ ସୂର୍ଯ୍ୟ ଅସ୍ତ ହୋଇ ଆସୁଥାନ୍ତି । ଅନ୍ଧାର ହେଲାବେଳକୁ ଆମେ ଜୋବ୍ରା ଘାଟରେ ପହଞ୍ଚିଥିଲୁ । ଏକ ପତ୍ର ସହ କଟକ କଲେକ୍ଟରଙ୍କ ଏକ ଚପରାସୀ ଆମକୁ ସେଇଠି ଅପେକ୍ଷା କରିଥାଏ । ଇ.ଏଫ୍. ଗାଉଦ୍ ନିଜେ ଆସିପାରୁ ନଥିବାରୁ କ୍ଷମା ମାଗି ଚିଠିରେ ଲେଖିଥିଲେ ଯେ ଷ୍ଟିମର୍ କେତେବେଳେ ପହଞ୍ଚିବ ତା'ର ଠିକ୍ ଠିକଣା ନଥିବାରୁ ସେ ଆସିପାରି ନଥିଲେ । ମୋର କେଉଁଠି ରହିବାର ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ମୁଁ ତାଙ୍କ ଘରେ ରହିବାକୁ ସେ ଉକ୍ତ ପତ୍ରରେ ଲେଖିଥାନ୍ତି । ମୁଁ ସେତେବେଳେ କଟକର ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଭାବେ ଯୋଗ ଦେବାକୁ ଯାଇଥାଏ ।

ମି. ଗ୍ରାଉଜ୍‌ଙ୍କ ସହିତ ତୁଳସୀପୁର ସର୍କିଟ୍ ହାଉସ୍‌ରେ ରହିବା ପରେ ମୁଁ କଟକଚଣ୍ଡୀ ନିକଟସ୍ଥ ଇଣ୍ଡିଆନ୍ କ୍ଲବ୍‌ର ବିପରୀତସ୍ଥିତ ଏକ ଆବାସରେ ଯାଇ ରହିଲି । ମଧୁବାବୁଙ୍କ ଘରଟି ଥାଏ ତାକୁ ଲାଗିକରି । ସେତେବେଳକୁ ରାୟ ହରିବଲ୍ଲଭ ବୋଷ ବାହାଦୂର ଓ ମି. ଏମ.ଏସ୍. ଦାସ ଥାଆନ୍ତି କଟକ ଓକିଲଙ୍କ ମଧ୍ୟରେ ଆଗ ଧାଡ଼ିର । ତାଙ୍କ ଠିକ୍ ପଛକୁ ଥିଲେ ବାବୁ ଜାନକୀନାଥ ବୋଷ ଓ ପ୍ୟାରୀନାଥ ଚାଟାର୍ଜୀ । ଆଉ ତରୁଣ ଉଦୀୟମାନ ଓକିଲ ଭାବରେ ପରିଚିତ ଥିଲେ ବାବୁ ବ୍ରଜରାଜ ଚୌଧୁରୀ ଓ ବାବୁ ବିଶ୍ୱନାଥ ସିଂହ ଏବଂ ବାବୁ ଦୁର୍ଗା ପ୍ରସନ୍ନ ଦାସଗୁପ୍ତ । ଏମାନେ ସମସ୍ତେ ଥିଲେ ସେ ସମୟରେ ଓଡ଼ିଶାର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି । ସେତେବେଳେ କଟକ କାହିଁକି, ଓଡ଼ିଶାକୁ ବି ମଧୁବାବୁଙ୍କ ଛଡ଼ା ଚିନ୍ତା କରିହେଉ ନଥିଲା । ମଧୁବାବୁଙ୍କର ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ଉପରେ ଖୁବ୍ ପ୍ରଭାବ ଥିଲା । କାରଣ ସେ ସେମାନଙ୍କୁ ବହୁ ଅସୁବିଧା ଅବସ୍ଥାରୁ ମୁକୁଳାଇଥିଲେ । ସେମାନଙ୍କ ମକଦ୍ଦମା ଛଡ଼ା ଅନ୍ୟାନ୍ୟ ବହୁ ମକଦ୍ଦମା ସମ୍ପର୍କରେ ତାଙ୍କ ପାଖରେ ଭିଡ଼ ହେଉଥିଲା ।

ମୁଁ କଟକ ଆସିବାର କିଛିଦିନ ପରେ ମୋ ସହଧର୍ମିଣୀ ବି ମୋ ପାଖକୁ ଆସିଗଲେ । ତାଙ୍କ ବୟସ ମଧୁବାବୁଙ୍କ ପାଳିତ କନ୍ୟା ଶୈଳବାଳା ହାଜରାଙ୍କ (ଦାସ) ବୟସ

Digitized by srujanika@gmail.com

ପାଖାପାଖି । ସମବୟସ୍କ ହୋଇଥିବାରୁ ଏ ଦୁହିଙ୍କ ମଧ୍ୟରେ ବେଶ୍ ବନ୍ଧୁତା ଜମିଥିଲା ଓ ୧୯୨୯ ମସିହାରେ ମୋ ସହଧର୍ମିଣୀ ମୃତ୍ୟୁ ପର୍ଯ୍ୟନ୍ତ ଏହା ଅତୁଟ ଥିଲା । ମି. ଦାସ ବି ଆମ ଦୁଇଜଣଙ୍କୁ ତାଙ୍କ ସନ୍ତାନ ଭାବରେ ଦେଖୁଥିଲେ । ମୋ ପତ୍ନୀ ଓ ମୁଁ ଉଭୟ ସେତେବେଳକୁ ସାଂସାରିକ ଦିଗରେ ଅନଭିଜ୍ଞ । ଏଣୁ ମି. ଦାସଙ୍କ ସହାୟତା ଆମ୍ଭ ଦୁହିଁଙ୍କ ପାଇଁ ଖୁବ୍ ସାହାଯ୍ୟକାରୀ ହୋଇଥିଲା ।

ସେତେବେଳର ମଧୁବାବୁଙ୍କ ଆତିଥ୍ୟର ସୀମା ନଥିଲା । ସେ ସରକାରୀ ତଥା ବେସରକାରୀ ବ୍ୟକ୍ତିଙ୍କ ଆତିଥ୍ୟ ଦିଗରେ ଖୁବ୍ ଖର୍ଚ୍ଚ କରୁଥିଲେ । ସେତେବେଳେ ଏଭଳି କୌଣସି ବିଶେଷ ଘଟଣା ନଥିଲା ଯେଉଁଦିନ ମଧୁବାବୁଙ୍କ ଘରେ କିଛି ଭୋଜିଭାତ ହେଉ ନଥିଲା । ସେସବୁ ଦିନରେ ଖାଇବା ପିଇବା ଛଡ଼ା ମଧୁବାବୁଙ୍କଠାରୁ ମଜାଦାର ଓ କୌତୁକପୂର୍ଣ୍ଣ କାହାଣୀମାନ ଶୁଣିବାକୁ ମିଳୁଥିଲା ।

ମି. ଦାସ ଥିଲେ ଗରିବର ବାସ୍ତବ ବନ୍ଧୁ । ଗରିବ ଲୋକଟି ବାସ୍ତବରେ କିଛି ଅନ୍ୟାୟର ସମ୍ମୁଖୀନ ହୋଇଥିଲେ ସେ ତାକୁ ଆପ୍ରାଣ ସାହାଯ୍ୟ କରିବାକୁ ଆଗଭର ହେଉଥିଲେ । ମୋର ଟିକିଏ ମନେ ପଡ଼ୁଛି ଯେ ଗୋଟିଏ ନିର୍ଦ୍ଦୋଷ ଗରିବ ଲୋକ ଏକ ମକଦ୍ଦମାରେ ଦୋଷୀ ସାବ୍ୟସ୍ତ ହୋଇଥିଲା । ମଧୁବାବୁ ଲାଗି ଲାଗି ତାକୁ ଖଲାସ କରାଇ ଦେଇଥିଲେ ।

ଓଡ଼ିଶା ମଧୁବାବୁଙ୍କ ନିକଟରେ ବହୁ ଭାବରେ ଋଣୀ । ଓଡ଼ିଶାର ବଣିଆମାନେ କିଭଳି ସୁନା ରୂପାର ଚମତ୍କାର କାରିଗରୀ କାର୍ଯ୍ୟ କରି ଦେଖାଇ ପାରନ୍ତି ଓ କୁମ୍ଭୀର ଚମଡ଼ାରେ କିଭଳି ମୂଲ୍ୟବାନ ବସ୍ତୁ ପ୍ରସ୍ତୁତ ହୋଇପାରେ ତାଙ୍କରି ଉଦ୍ୟମରେ ତାହା ଦେଶ ବିଦେଶର ଲୋକେ ଜାଣି ପାରିଥିଲେ ।

ଆଉ ସେହି ମଧୁସୂଦନ ଦାସଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ଓ ଶ୍ରମ ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଥିଲା । କିନ୍ତୁ ଦୁଃଖର କଥା ଯେ, ତାଙ୍କ ଜୀବନବ୍ୟାପୀ ସ୍ୱପ୍ନ ସାକାର ହେଲାବେଳକୁ ସେ ଆଉ ନଥିଲେ ।

ମଧୁବାବୁଙ୍କର ବି ଅଜାତଶତ୍ରୁ ନଥିଲେ । ମୁଁ ଭଲ ଭାବରେ ଜାଣେ ଯେ ଓଡ଼ିଶାରେ କିଛି ଲୋକ ତାଙ୍କୁ ଦେଖିପାରୁ ନଥିଲେ ଓ ତାଙ୍କ କାର୍ଯ୍ୟକଳାପକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । କିନ୍ତୁ ସେଭଳି ସନ୍ଦେହର କାରଣ ମୁଁ କିଛି ଦେଖିପାରୁ ନଥିଲି । ହୁଏତ ମଧୁବାବୁ ଓକିଲାତିର ଆୟଠାରୁ ଅଧିକ ଖର୍ଚ୍ଚ କରୁଥିବାରୁ କିଛି ଲୋକ ସନ୍ଦେହ ଚକ୍ଷୁରେ

Digitized by srujanika@gmail.com

ଦେଖୁଥିଲେ । କିନ୍ତୁ ମଧୁ ବାବୁ ରାଜା ମହାରାଜାମାନଙ୍କ ମକଦ୍ଦମା ଚଳାଇ ତ ବେଶ୍ ଟଙ୍କା ରୋଜଗାର କରୁଥିଲେ ବୋଲି ମୁଁ ଜାଣେ ।

ଗୋଟିଏ କଥା ଲକ୍ଷ୍ୟଣୀୟ ଯେ ମୁଁ ପାଞ୍ଚବର୍ଷ କାଳ କଟକର ଜଏଣ୍ଟ ମାଜିଷ୍ଟ୍ରେଟ୍ ଓ ସବ୍ ଡିଭିଜନାଲ୍ ଅଫିସର ଥିଲେ ବି କୌଣସି ମକଦ୍ଦମା ମୋ କୋର୍ଟରେ ଥିଲେ ସେ ସେଠାକୁ ଆସୁ ନଥିଲେ, ଯଦିଓ ସେତେବେଳେ ମୋ କୋର୍ଟରେ ବହୁତ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ପଡ଼ୁଥିଲା । ମୁଁ ସେତେବେଳେ ଭାବି ଠିକ୍ କରିପାରୁ ନଥିଲି ଯେ ମଧୁବାବୁ ମୋ କୋର୍ଟରେ ପଡୁଥିବା ମକଦ୍ଦମାକୁ କାହିଁକି ଆସୁନାହାନ୍ତି ଓ ମୋର ବି ତାଙ୍କୁ ଏଭଳି ସମ୍ବେଦନଶୀଳ କଥାଟି ପଚାରିବାକୁ ଭରସା ପାଉ ନଥାଏ । ଓଡ଼ିଶା ଛାଡ଼ିବାର ବହୁଦିନ ପରେ ମୁଁ ଏହାର ଅସଲ କାରଣ ଜାଣିପାରିଥିଲି । ଆମ ଭିତରର ଘନିଷ୍ଠ ସମ୍ପର୍କ ହେତୁ ସେ ନୀତି ଦୃଷ୍ଟିରୁ ମୋ କୋର୍ଟରେ ଚାଲୁଥିବା ମକଦ୍ଦମା ଚଳାଇବାକୁ ଅମଙ୍ଗ ହେଉଥିଲେ ବୋଲି ମୁଁ ବୁଝିପାରିଲି । ପରେ ମୁଁ ଜାଣିବାକୁ ପାଇଥିଲି ଯେ ତାଙ୍କୁ ବେଶ୍ ମୋଟା ଫିସ୍ ଦେବାକୁ ପକ୍ଷମାନେ ଆଗ୍ରହ ପ୍ରକାଶ କରୁଥିଲେ ବି ସେ ମୋ କୋର୍ଟରେ ଚାଲିଥିବା ମକଦ୍ଦମା ଚଳାଇବାକୁ ମୋଟେ ରାଜି ହେଉ ନଥିଲେ ।

ମି. ଦାସ ମୋ ପତ୍ନୀଙ୍କୁ ଅତି ଶ୍ରଦ୍ଧା କରୁଥିଲେ । ସେ ତାଙ୍କୁ ନିଜ କନ୍ୟା ଭଳି ଦେଖୁଥିଲେ । ୧୯୨୮ ମସିହାରେ ମୋ ସହଧର୍ମିଣୀଙ୍କର ଏକ ଅସ୍ତ୍ରୋପଚାର ହେଲା । ସେତେବେଳକୁ ତାଙ୍କ ଅବସ୍ଥା ଅତି ଶୋଚନୀୟ । ସେହି ସମୟରେ ମଧୁବାବୁଙ୍କ ତାଙ୍କ ଉଦ୍ଦେଶ୍ୟରେ କହିଥିବା ମମତାଭରା ବଚନକୁ ମୁଁ ଭୁଲି ପାରିବି ନାହିଁ । ମଧୁସୂଦନ ଦାସଙ୍କୁ ଯଥାର୍ଥରେ ଗରିବ ବନ୍ଧୁ କୁହାଯାଇଥାଏ ଓ ସେ ଥିଲେ ବାସ୍ତବରେ ଓଡ଼ିଶାର ନ୍ୟାୟବନ୍ତ ଓ ନିର୍ଭୀକ ପୁରୁଷ । ତାଙ୍କର ମୃତ୍ୟୁରେ ଓଡ଼ିଶାର ଅପୂରଣୀୟ କ୍ଷତି ଘଟିଲା ।

Digitized by srujanika@gmail.com

ମଧୁସୂଦନ ଦାସଙ୍କ ସମ୍ପର୍କରେ ଦି'ପଦ

ମି. ଏମ୍.ୟୁନୁସ୍

ବିହାରର ପୂର୍ବତନ ପ୍ରଧାନମନ୍ତ୍ରୀ

ବିହାର ଓଡ଼ିଶାର ପୂର୍ବତନ ମନ୍ତ୍ରୀ ମଧୁସୂଦନ ଦାସଙ୍କ ସମ୍ପର୍କରେ କିଛି ଲେଖିବା ମୋ ପକ୍ଷରେ ଏକ ସୌଭାଗ୍ୟର କଥା ।

ଜଣେ ଆଡ୍‌ଭୋକେଟ୍ ଏବଂ ରାଜନୀତିଜ୍ଞ ଭାବରେ ମୁଁ ମି. ଦାସଙ୍କୁ ଭଲ ଭାବରେ ଜାଣିଛି ଓ କେତେକ କ୍ଷେତ୍ରରେ ଆମେ ଏକାଠି କାର୍ଯ୍ୟ କରିଛୁ ଓ ବେଳେବେଳେ ବି ବିପରୀତ ଦିଗରୁ ଲଢ଼ିଛୁ । ତାଙ୍କ ସହିତ ମିଶି କାମ କଲାବେଳେ ତ ଚିନ୍ତା ନଥାଏ । କିନ୍ତୁ ତାଙ୍କ ବିରୋଧରେ ଲଢ଼ିଲାବେଳେ ବେଶ୍ ନାକେଦମ୍ ହେବାକୁ ପଡ଼େ । ସେ ଥିଲେ ଭାରତବର୍ଷର ଜଣେ ମହାନ୍ ଦେଶପ୍ରେମୀ । ନିଜର ନୀତି ଓ ନିଜ ଦେଶବାସୀଙ୍କ ଲାଗି ସେ ସବୁ କିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ବ୍ୟକ୍ତିଗତ ଭାବରେ ବି ଭାରତବର୍ଷର ଶିଳ୍ପବିକାଶ ଲାଗି ସେ ଅଶେଷ ତ୍ୟାଗ ସ୍ୱୀକାର କରିଥିଲେ ଯାହାର ଜ୍ୱଳନ୍ତ ନିଦର୍ଶନ ଉତ୍କଳ ଟ୍ୟାନେରୀ । ତାଙ୍କର ରାଜନୀତିକ ମହାନୁଭବତା ଓ ସ୍ୱାଧୀନ ଚିନ୍ତା ସର୍ବଜନ ବିଦିତ । ସେ ଥିଲେ ନିର୍ଭୀକ ଓ ନୀତିନିଷ୍ଠ; 'ଆଉ ସେଥିଲାଗି ସେ କାହାରି ପ୍ରଶଂସା ବା ନିନ୍ଦାକୁ ଭ୍ରୂକ୍ଷେପ କରୁ ନଥିଲେ । ଓକିଲ ହିସାବରେ ତାଙ୍କର ସୁନାମ ତ ଥିଲା, ତାହାଛଡ଼ା ସେ ବହୁ ବ୍ୟକ୍ତିଙ୍କୁ ସାଧାରଣ କ୍ଷେତ୍ରରେ ଆଗେଇବା ଲାଗି ସହାୟତା କରୁଥିଲେ । ଓକିଲାତି କରିବାକୁ ହେଲେ ନିଜ ବୃତ୍ତିରେ ସାଧୁ, ସଚ୍ଚୋଟ ଓ ଦକ୍ଷ ତ ହେବାକୁ ହେବ; ଏହା ସଙ୍ଗେ ସଙ୍ଗେ ସ୍ୱାଧୀନଚେତା ହେବା ବାଞ୍ଛନୀୟ । ମଧୁବାବୁଙ୍କଠାରେ ଏସବୁ ଗୁଣ ଥିଲା ଓ ସେଇଥିଲାଗି ସେ ଏହି ଦିଗରେ ସୁନାମ ଓ ଯଶ ଅର୍ଜନ କରିଥିଲେ । ତାଙ୍କ ମୃତ୍ୟୁରେ କଟକର ଆଇନ ଜଗତରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଯାଇଛି ।

ମି. ଦାସ ଜଣେ ଚମତ୍କାର ବକ୍ତା ଓ ବିଚକ୍ଷଣ ଆଇନଜ୍ଞ ତ ଥିଲେ; କିନ୍ତୁ ମଣିଷ ହିସାବରେ ସେ ଥିଲେ ଆହୁରି ମହାନ୍ । ତାଙ୍କ ମରଶରୀର ତ ନିଶ୍ଚିହ୍ନ ହୋଇଯାଇଛି, କିନ୍ତୁ ତାଙ୍କ ନାମ ଓ ଖ୍ୟାତି ଅମର ହୋଇ ରହିବ । ଦେଶ ଓ ବିଶେଷ କରି ଗରିବ ଲୋକଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଲାଗି ସେ ଚିର ବନ୍ଦନୀୟ ହୋଇ ରହିବେ । ତାଙ୍କ ଶରୀରରେ ପ୍ରବାହିତ

Digitized by srujanika@gmail.com

ହେଉଥିବା ପ୍ରତ୍ୟେକ ରକ୍ତବିନ୍ଦୁରେ ପ୍ରେମର ପୁଲକ ଥିଲା । ସେ ଦେଶ ପାଇଁ ନିଜକୁ ସମର୍ପିତ କରିଦେଇ ଯାଇଛନ୍ତି । ସେହି ଦେଶ ଓ ଜାତିର ଉନ୍ନତି ହିଁ ଥିଲା ତାଙ୍କର ଏକମାତ୍ର କାମ୍ୟ । ତାଙ୍କଭଳି ମହାନ୍ ଦେଶପ୍ରେମୀ ଲାଗି ପୃଥିବୀର ଯେକୌଣସି ଦେଶର ଲୋକ ଗର୍ବ ଅନୁଭବ କରିବ । ବିଛିନ୍ନ ଓଡ଼ିଶାକୁ ଏକତ୍ର କରିବା ଲାଗି ସେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଈଶ୍ୱରଙ୍କ କୃପାରୁ ତାଙ୍କର ସେହି କାମନା ପୂର୍ଣ୍ଣ ହୋଇଛି; ଯଦିଓ ସ୍ୱତନ୍ତ୍ର ଉତ୍କଳ ଦେଖିବା ପର୍ଯ୍ୟନ୍ତ ସେ ବଞ୍ଚି ରହିପାରିଲେ ନାହିଁ । ତାଙ୍କର ମୃତ୍ୟୁଜନିତ କ୍ଷତି ଓଡ଼ିଶା ଲାଗି ଅପୂରଣୀୟ ହୋଇ ରହିବ ।

ମୁକ୍ତ ହସ୍ତ ଭାବରେ ତାଙ୍କ ଅଶେଷ ଖ୍ୟାତି ଥିଲା । ଦୀନ ଓ ଦୁଃସ୍ଥଙ୍କ ପାଇଁ ତାଙ୍କ ହୃଦୟ ବିଗଳିତ ହୋଇ ଯାଉଥିଲା । ତାଙ୍କର ମହାନୁଭବତା ଥିଲା ଅତୁଳନୀୟ । ସେ ରାଜପୁତ୍ର ଭଳି ରୋଜଗାର କରୁଥିଲେ ଓ ସେହିଭଳି ଖର୍ଚ୍ଚ କରୁଥିଲେ । ଯେ କେହି ତାଙ୍କଠାରୁ ସାହାଯ୍ୟ ପାଇଁ ଦ୍ୱାରସ୍ଥ ହେଉଥିଲେ ସେ ରିକ୍ତ ହସ୍ତରେ ଫେରିଯାଉ ନଥିଲେ । ତାଙ୍କର ଅର୍ଥର ଭଣ୍ଡାର ସର୍ବଦା ଥିଲା ମୁକ୍ତ । ଜୀବନର ଶେଷଦିନ ଆଡ଼କୁ ସେ ନିଜେ ଅଭାବରେ ଥିଲେ ମଧ୍ୟ କେହି ସାହାଯ୍ୟ ପାଇଁ ଆସିଲେ ସେ ନାଁ କହିପାରୁ ନଥିଲେ । ଅନ୍ୟକୁ ସାହାଯ୍ୟ କରିବାରେ ତାଙ୍କର ଥିଲା ଅପାର ସନ୍ତୋଷ ବହୁ ଲୋକଙ୍କର ସେ ଥିଲେ ଅନ୍ନଦାତା ଓ ତାଙ୍କର ତିରୋଧାନରେ ସେମାନଙ୍କ ହାଣ୍ଡି ଚୂଲିକୁ ଗଲା ନାହିଁ । ସେ ଛାତ୍ରମାନଙ୍କୁ ସବୁବେଳେ ସାହାଯ୍ୟ ଦେଇ ଆସୁଥିଲେ; ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ।

ତାଙ୍କଠାରେ ଥିଲା ଉତ୍ତମ ତଥା ମହାନ୍ ବ୍ୟକ୍ତିମାନଙ୍କର ଗୁଣାବଳୀ । ସେଗୁଡ଼ିକ ମଧ୍ୟରୁ ଅତ୍ୟନ୍ତ ଉଲ୍ଲେଖନୀୟ ଥିଲା ସ୍ୱାବଲମ୍ବନ, ସ୍ୱାଧୀନତା ତଥା ଈଶ୍ୱରଭକ୍ତି । ସେ ନିଜେ ହିଁ ନିଜକୁ ଗଢ଼ିଥିଲେ । ନିଜର ଦକ୍ଷତା ଓ ନିଷ୍ଠା ଫଳରେ ସେ ଏଡ଼େ ବଡ଼ ହୋଇ ପାରିଥିଲେ । ସେ ନିର୍ଭୀକ ଥିଲେ ବି ନୀତି ନିୟମ ମାନିବାରେ ଥିଲେ ଅବିଚଳ । ଈଶ୍ୱରଙ୍କ ଉପରେ ତାଙ୍କର ଅଟଳ ଆସ୍ଥା ଥିଲା । ତାହା ନ ହୋଇଥିଲେ ସେ ଜୀବନର ଶେଷ ଅଧ୍ୟାୟର ଦାରୁଣ ପରୀକ୍ଷାକୁ ଧୈର୍ଯ୍ୟର ସହ ସହିଯାଇ ନଥାନ୍ତେ । ସେ କହୁଥିଲେ ଯେ ଯେଉଁ ଲୋକର ଈଶ୍ୱରଙ୍କ ପ୍ରତି ଭୟ ଥାଏ ତାଙ୍କୁ ଆଉ କାହାରିକୁ ଭୟ କରିବାକୁ ପଡ଼ିବ ନାହିଁ । ଏହା ଏକ ଅଭ୍ରାନ୍ତ ସତ୍ୟ । ତାଙ୍କ ହୃଦୟରେ ସେ ଏଭଳି ଭାବକୁ ଆନ୍ତରିକ ଭାବରେ ଅନୁଭବ କରୁଥିଲେ ।

ଯେକୌଣସି ନ୍ୟାଯ୍ୟ କଥାରେ, ବିଶେଷ କରି ନିଜ ଦେଶବାସୀଙ୍କ ମଙ୍ଗଳ ଲାଗି ସେ କୌଣସି ପ୍ରତିବନ୍ଧକରେ ବିଚଳିତ ହେଉ ନଥିଲେ । ଯେତେବେଳେ ସେ ଅନୁଭବ

Digitized by srujanika@gmail.com

କରିଥିଲେ ଯେ ମନ୍ତ୍ରୀ ଭାବରେ ବିବେକାନୁମୋଦିତ ଭାବରେ କାମ-କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ, ସେ ବିନା ଦ୍ୱିଧାରେ ବିହାର ଓଡ଼ିଶାର ମନ୍ତ୍ରିତ୍ୱରୁ ଇସ୍ତଫା ଦେଇଥିଲେ । ଏହା କ'ଣ ଛୋଟିଆ ତ୍ୟାଗ? ଦେଶବାସୀଙ୍କ ସ୍ୱାର୍ଥ ଲାଗି ସେ ସବୁ କିଛି ତ୍ୟାଗ କରିଦେବାକୁ ପ୍ରସ୍ତୁତ ଥିଲେ । ସବୁ କାମ ଭିତରେ ସେ ସାଧାରଣ ଲୋକଙ୍କ ମଙ୍ଗଳ କଥାକୁ ଗୁରୁତ୍ୱ ଦେଉଥିଲେ । କର୍ତ୍ତବ୍ୟ-ବୋଧ ଥିଲା ତାଙ୍କ ବିଚାରରେ ସର୍ବଶ୍ରେଷ୍ଠ କରଣୀୟ ।

ସେ ୮୪ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ । ଶାରୀରିକ ଭାବରେ ଦୁର୍ବଳ ଥିଲେ ବି ତାଙ୍କଠାରେ ଥିଲା ଅଫୁରନ୍ତ ଶକ୍ତି । ସେ ଏତେ ସାମାନ୍ୟ ଖାଦ୍ୟରେ ବଞ୍ଚୁଥିଲେ ଯେ ଲୋକେ କହୁଥିଲେ ତାଙ୍କର ଧୀଶକ୍ତି ହିଁ ତାଙ୍କୁ ପ୍ରାଣଶକ୍ତି ଯୋଗାଉଥିଲା । ସେ ଥିଲେ କଠିନ ପରିଶ୍ରମୀ ଓ ଚଳତ୍‌ଶକ୍ତି ଥିବା ପର୍ଯ୍ୟନ୍ତ ସେ କିଛି ରୋଜଗାର ଲାଗି କାମ କରୁଥିଲେ । ଏପରିକି ତାଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ସେ ଯେଭଳି ପରିଶ୍ରମ କରିପାରୁଥିଲେ ତରୁଣମାନେ ତାଙ୍କ ସହିତ ତାଳଦେଇ ପାରୁ ନଥିଲେ । ଶେଷ ପର୍ଯ୍ୟନ୍ତ ତାଙ୍କର ଶରୀର ଓ ବିଶେଷ କରି ମସ୍ତିଷ୍କ ସକ୍ରିୟ ଥିଲା । ବାସ୍ତବିକ ସେ ଥିଲେ ଜଣେ ଅଦ୍ଭୁତ ବ୍ୟକ୍ତି ।

Digitized by srujanika@gmail.com

ଏକାଧାରରେ ଓକିଲ ଓ ମୋଚି

ସାର୍ ଗଣେଶ ଦତ୍ତସିଂହ

ବିହାର ଓଡ଼ିଶାର ସ୍ୱାୟତ୍ତ ଶାସନ ମନ୍ତ୍ରୀ

କଲିକତା ହାଇକୋର୍ଟରେ ଓକିଲାତି କରୁଥିବାବେଳେ ମୁଁ ମି. ଦାସଙ୍କୁ ଜଣେ ଆଇନଜ୍ଞ ତଥା ନେତା ଭାବରେ ବହୁତ କିଛି ଶୁଣିଥିଲି । ସେ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଦସ୍ୟ ଥିଲାବେଳେ ମୁଁ ତାଙ୍କୁ ପାଟନା ହାଇକୋର୍ଟରେ ଥରେ ଦୁଇଥର ଭେଟିବାର ସୁଯୋଗ ପାଇଥିଲି । ଲର୍ଡ଼ ସିହ୍ନା ଥିଲେ ପ୍ରଥମ ଭାରତୀୟ ଗଭର୍ଣ୍ଣର୍ । ତାଙ୍କରି ଅମଳରେ ମଧୁବାବୁ ମନ୍ତ୍ରିତ୍ୱ ଲାଭ କରିଥିଲେ । ସେହି ସମୟରେ ମୁଁ ତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କରେ ଆସିଲି । ସେତେବେଳକୁ ମଧୁବାବୁଙ୍କୁ ୭୩ ବର୍ଷ ହୋଇଯାଇଥିବାରୁ ଏତେ ଅଧିକ ବୟସ୍କର ବ୍ୟକ୍ତିଙ୍କୁ ମନ୍ତ୍ରୀ କରାଯିବାରେ, କିଛି ଲୋକ ଆଶ୍ଚର୍ଯ୍ୟ ହୋଇଥିଲେ ।

ସେ ସ୍ୱାୟତ୍ତ ଶାସନ ବିଭାଗର ଦାୟିତ୍ୱ ନେଇଥିଲେ ଓ ତାହାକୁ ଅତି ସୁଚାରୁରୂପେ ସମ୍ପାଦନ କରିଥିଲେ । କାଉନ୍‌ସିଲ୍‌ର ଜଣେ ସଦସ୍ୟ ଭାବରେ ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ, ବିଶେଷକରି ସ୍ୱାସ୍ଥ୍ୟ ଏବଂ ସ୍ୱାୟତ୍ତ ଶାସନ ସମ୍ବନ୍ଧୀୟ ବିଷୟରେ ତାଙ୍କ ସହିତ ଆଲୋଚନା କରିବାକୁ ପଡୁଥିଲା । ସେଇଥିରୁ ମୁଁ ଜାଣିଥିଲି ଯେ ସାଧାରଣ ଲୋକଙ୍କ ମଙ୍ଗଳ ଦିଗରେ ସେ କିଭଳି ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ମନ୍ତ୍ରୀ ଭାବରେସେ ଥିଲେ ସ୍ୱାଧୀନ-ଚେତା ଓ ସ୍ପଷ୍ଟବାଦୀ; ଯାହା ଦ୍ୱିଶାସନ କାଳରେ ଥିଲା ବେଶ୍ କଷ୍ଟକର । କେତେକ କଥାରେ ତାଙ୍କ ମତର ମୁଁ ଥିଲି ପୂରାପୂରି ବିରୋଧୀ; ଯେଭଳି ମନ୍ତ୍ରୀମାନଙ୍କ ଦରମା କଥାରେ । ମନ୍ତ୍ରୀମାନଙ୍କ ଦରମା ୫୦୦୦ ଟଙ୍କାରୁ କମି ୧୦୦୦ ଟଙ୍କା ହେବା ଲାଗି ମୁଁ କାଉନ୍‌ସିଲ୍‌ରେ ଗୋଟିଏ ବିଲ୍ ଆଣିଥିଲି । ତା' ଉପରେ ବହୁ ସଂଶୋଧନ ପ୍ରସ୍ତାବ ଆସିଥିଲା । ମଧୁବାବୁ କିନ୍ତୁ ଦରମା କମାଇବା ପକ୍ଷରେ ନଥିଲେ । କାଉନ୍‌ସିଲ୍‌ର ମୋ ପ୍ରସ୍ତାବ କାଟ୍ ଖାଇ ଯାଇଥିଲା । ଏହାର ବର୍ଷକ ପରେ ମି. ଦାସ ଏକ ବକ୍ତୃତାରେ କହିଥିଲେ ଯେ ମନ୍ତ୍ରୀମାନେ ବିନା ଦରମାରେ କାମ କରିବା ଉଚିତ । ସେହି ବକ୍ତୃତାଟି ମୁଁ ନିମ୍ନରେ ଉଲ୍ଲେଖ କରୁଛି ।

'ମୁଁ ସର୍ବଦା ସୁନାକୁ ମୁଠାଏ ଧୂଳି ଭଳି ଦେଖିଛି । ମଣିଷ ତାକୁ ଫିଙ୍ଗିଦେଲେ ବି ମଣିଷ ହୋଇ ରହିବ - ଐଶ୍ୱରୀୟ ଜ୍ୟୋତି ନେଇ । ସେ ମ୍ୟୁନିସିପାଲିଟି, ଡିଷ୍ଟ୍ରିକ୍ଟବୋର୍ଡ଼ ତଥା ଗ୍ରାମ ସ୍ତର ପର୍ଯ୍ୟନ୍ତ ସ୍ୱାୟତ୍ତ ଶାସନରେ କାର୍ଯ୍ୟ କରୁଥିବା ପ୍ରତିନିଧିମାନଙ୍କୁ ଦେଶପ୍ରୀତିରେ ଅନୁପ୍ରାଣୀତ ହୋଇ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ । ଯେଉଁ ସଂଗଠନର ଏଭଳି ପ୍ରତିନିଧିମାନେ ଅବୈତନିକ ସେଥିରେ ମନ୍ତ୍ରୀ ଜଣକ ଦରମା ନେବା

Digitized by srujanika@gmail.com

ଅସଂଗତ ଓ ଅବାଂଛିତ । ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ବି ଅବୈତନିକ ଭାବରେ କାର୍ଯ୍ୟ କରିବା ଉଚିତ ।'

ତାଙ୍କର ଯୁକ୍ତି ଥିଲା ଯେ ସ୍ୱାୟତ୍ତ ଶାସନରେ କାର୍ଯ୍ୟ କରୁଥିବା ପ୍ରତିନିଧିମାନେ ଅବୈତନିକ ଭାବରେ କାର୍ଯ୍ୟ କରୁଥିବାରୁ ସେ ବିଭାଗର ମନ୍ତ୍ରୀ କାହିଁକି ମୋଟା ଦରମା ନେଇ କାର୍ଯ୍ୟ କରିବେ । ତାଙ୍କ ଯୁକ୍ତି ପଛରେ ଯଥେଷ୍ଟ ଦୃଢ଼ତା ଥିଲା; କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତାହା କାର୍ଯ୍ୟକାରୀ ହେବ? ସମ୍ଭବପର କି ନାହିଁ ତାହା ତର୍କର ବିଷୟ ।

୧୯୨୩ ମସିହାରେ ମୁଁ ମନ୍ତ୍ରୀମାନଙ୍କ ଦରମା ୫୦୦୦ ଟଙ୍କା ନହୋଇ ୪୦୦୦ ଟଙ୍କା ହେଉ ବୋଲି ଏକ ବୈଧୟକ ଆଣିଥିଲି ଯାହାକି କାଉନ୍‌ସିଲ୍ ଦ୍ୱାରା ଗୃହୀତ ହୋଇଥିଲା । ମି. ଦାସ ଅତି କୁଣ୍ଠିତ ଭାବରେ ତାହାକୁ ସ୍ୱୀକାର କରିଥିଲେ । ତାଙ୍କର ଯୁକ୍ତି ଥିଲା ଯେ ମନ୍ତ୍ରୀମାନେ ହୁଏତ ପୂରା ଦରମା ନିଅନ୍ତୁ, ନହେଲେ ପୂରା ପୂରା ଅବୈତନିକ ଭାବରେ କାର୍ଯ୍ୟ କରନ୍ତୁ । ସେ ତାଙ୍କ ଅନ୍ତରଙ୍ଗ ମନ୍ତ୍ରୀ ସ୍ୱର୍ଗତ ଫକୀରୁଦ୍ଦିନଙ୍କ ମନ ରକ୍ଷା କରିବାକୁ ଏଭଳି ବିଧେୟକକୁ ବିରୋଧ କରି ନଥିଲେ ଓ ବର୍ଷକ ପରେ ନିଜ ବିବେକାନୁମୋଦିତ ନୀତିକୁ ସମ୍ମାନ ଜଣାଇ ଇସ୍ତଫା ଦେଇଥିଲେ । ସେ କହୁଥିଲେ ହୁଏତ ମନ୍ତ୍ରୀମାନେ ମର୍ଯ୍ୟାଦାଜନକ ଭାବରେ ଚଳିବା ଲାଗି ପୂରା ଦରମା ନିଅନ୍ତୁ; ନହେଲେ ବିଦୁର ବା ଚାଣକ୍ୟଙ୍କ ଭଳି ମନ୍ତ୍ରୀ ହେବା ପାଇଁ, କେହି ରାଜି ଥିଲେ ହୁଅନ୍ତୁ । କାଉନ୍‌ସିଲ୍ ତାଙ୍କ ମତକୁ ଗ୍ରହଣ ନ କରିବାରୁ ସେ ଇସ୍ତଫା ଦେଇ ଦେଲେ । ମୁଁ ଜାଣେନା ଯେ ତାଙ୍କ ଆଦର୍ଶ କେବେ କାର୍ଯ୍ୟକାରୀ ହେବ । ପୂର୍ବେ ମନ୍ତ୍ରୀମାନେ ସେମାନଙ୍କ ଦାରିଦ୍ର୍ୟ ଲାଗି ଗର୍ବିତ ଥିଲେ, କିନ୍ତୁ ଆଜି ତ ଅବସ୍ଥା ସମ୍ପୂର୍ଣ୍ଣ ଭିନ୍ନ । ମନ୍ତ୍ରୀମାନଙ୍କୁ ଅଧିକ ଦରମା ଦିଆଯାଉଥିବାରୁ ସେମାନେ ସମ୍ମାନିତ ବୋଧ କରୁଛନ୍ତି ।

ମନ୍ତ୍ରୀ ହେବା ପରେ ପରେ ମି. ଦାସ ମ୍ୟୁନିସିପାଲ୍ ଆକ୍ଟ ଓ ଲୋକାଲ୍ ସେଲ୍‌ଫ ଗଭର୍ଣ୍ଣମେଣ୍ଟ ଆକ୍ଟର ସଂଶୋଧନ କାମରେ ଲାଗି ପଡ଼ିଲେ । କାମଟି ବେଶ୍ ଦୁଃସାଧ୍ୟ ଥିଲା । ଜଣେ ଆଇନଜ୍ଞ ହୋଇଥିବାରୁ ଓ କଠିନ ପରିଶ୍ରମରେ ଅଭ୍ୟସ୍ତ ଥିବାରୁ ସେ ସେହି କାମଟି ଚମତ୍କାର ଭାବରେ ସମ୍ପାଦନ କରିପାରିଲେ । ବିଲ୍‌ଟି ଗୃହର ଅନୁମତି ପାଇବା ପରେ ଲୋକମତ ନିଆଯିବା ଲାଗି ପ୍ରଚାରିତ ହୋଇଥିଲା । କାଉନସିଲ୍ ଗୃହ ମଧ୍ୟରେ ଓ ବାହାରେ ଏହି ବିଲ୍ ଉପରେ ଯେଉଁ ଜନମତ ପ୍ରକାଶ ପାଇଥିଲା ମି. ଦାସ ସେସବୁକୁ ସତର୍କତାର ସହ ପରୀକ୍ଷା କରିଥିଲେ ଓ ଚିଠାଟି ଯେଭଳି ଯଥାସମ୍ଭବ ଉଦାର ହେବ ସେଥିପ୍ରତି ଧ୍ୟାନ ଦେଇଥିଲେ । ମୁଁ ତା'ର ସିଲେକ୍ଟ କମିଟିର ଜଣେ ସଦସ୍ୟ ଥିଲି । 'ଲୋକାଲ୍ ବଡ଼ି'ଗୁଡ଼ିକ ଯେଭଳି ପୂର୍ଣ୍ଣ କ୍ଷମତା ସହ କାର୍ଯ୍ୟ କରି ପାରିବେ ତାହାକୁ ଧ୍ୟାନ ଦେଇ ସେ ବିଲ୍‌ର ସଂଶୋଧନ କରାଇଥିଲେ । ବିଲ୍‌ଟି ଯେତେବେଳେ କାଉନ୍‌ସିଲ୍‌ର ବିଚାର ପାଇଁ ଆସିଥିଲା ମୁଁ ତାହା ଉପରେ ଅନେକ

Digitized by srujanika@gmail.com

ଗୁଡ଼ିଏ ସଂଶୋଧନ ଆଣିଥିଲି ଓ ସେଗୁଡ଼ିକରୁ ଅଧିକାଂଶ ଗୃହୀତ ହୋଇଥିଲା । 'ମ୍ୟୁନିସିପାଲ ଆକ୍ଟ' ଓ 'ଲୋକାଲ ସେଲ୍ଫ୍ ଗଭର୍ଣ୍ଣମେଣ୍ଟ ଆକ୍ଟ' ଦୁଇଟିଯାକ ତାଙ୍କ କାର୍ଯ୍ୟକାଳର ଅତ୍ୟନ୍ତ ଉଲେଖନୀୟ କାର୍ଯ୍ୟ । 'ରିଫର୍ମଡ଼ କାଉନ୍‌ସିଲ୍'ରେ ପ୍ରଥମ କରି ଏହି ଦୁଇ ବିଲ୍‌ରେ ଲୋକଙ୍କୁ ଯଥାସମ୍ଭବ କ୍ଷମତା ଦିଆଯିବା ଲାଗି ବ୍ୟବସ୍ଥା ହୋଇଥିଲା । ମୁଁ ମନ୍ତ୍ରୀ ହିସାବରେ ସେ ଦୁଇ ଆଇନକୁ ବହୁବର୍ଷ କାର୍ଯ୍ୟରେ ଲଗାଇଥିଲି । ଅବଶ୍ୟ କେତେକ 'ଲୋକାଲ୍ ବଡ଼ି' ଆଇନ ଅନୁସାରେ କାର୍ଯ୍ୟ ନ କରୁଥିବାରୁ ବେଳେବେଳେ ଖୁବ୍ ଅସୁବିଧା ହେଉଥିଲା । କିନ୍ତୁ ମି. ଦାସ ତହିଁରେ ଯେଉଁସବୁ ପ୍ରଗତିଶୀଳ ବ୍ୟବସ୍ଥା ରଖିଥିଲେ ତାହା ଅଧିକାଂଶ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥିଲା ।

ମି. ଦାସ ମନ୍ତ୍ରୀ ହିସାବରେ ବ୍ୟୟ ସଂକୋଚ ଅପେକ୍ଷା ଦକ୍ଷତାକୁ ଗୁରୁତ୍ୱ ଦେଉଥିଲେ । ତାଙ୍କର ଧାରଣା ଥିଲା ବ୍ୟୟ ସଂକୋଚ ଅନେକ ସମୟରେ କାମକୁ ସୁଚାରୁରୂପେ ସମ୍ପାଦନ କରିବା ଦିଗରେ ବାଧା ସୃଷ୍ଟି କରିଥାଏ । ରିଟ୍ରେଞ୍ଚମେଣ୍ଟ କମିଟି ମିଟିଙ୍ଗ୍ ଓ ସେହି ରକମ ପରିସ୍ଥିତିରେ, ଏସବୁ କଥା ଉଠିଥାଏ । ଏହାଛଡ଼ା ବିଚାର ବିଭାଗର ସ୍ୱାଧୀନତା ଉପରେ ସେ ଗୁରୁତ୍ୱ ଦେଉଥିଲେ । କାଉନ୍‌ସିଲ୍‌ର ବିଚାର ବିଭାଗୀୟ କାର୍ଯ୍ୟରେ ହସ୍ତକ୍ଷେପକୁ ସେ ପସନ୍ଦ କରୁ ନଥିଲେ । ସେ ଚାହୁଁଥିଲେ ଜଜ୍ ଓ ମନ୍ତ୍ରୀମାନଙ୍କ ମର୍ଯ୍ୟାଦା ତଥା ସ୍ୱାଧୀନତା ସୁରକ୍ଷିତ ହୋଇ ରହୁ ।

ବାର୍ଦ୍ଧକ୍ୟ ଆସି ଯାଇଥିଲେ ବି ତାଙ୍କଠାରେ ଯୁବକ ସୁଲଭ ଦୀପ୍ତି ଅତୁଟ ଥିଲା । ତାଙ୍କ ମର୍ଯ୍ୟାଦା ଓ ପଦବୀର ସାମାନ୍ୟ କ୍ଷୁଣ୍ଣ ହେଲେ ସେ ଅସନ୍ତୋଷ ପ୍ରକାଶ କରୁଥିଲେ । ତାଙ୍କ ଉଦାରତା ଓ ବଦାନ୍ୟତା ସର୍ବଜନବିଦିତ । ଦେଶର ଶିଳ୍ପ ବିକାଶ ଲାଗି ସେ ବ୍ୟଗ୍ର ଥିଲେ; କାରଣ ତାଙ୍କର ଦୃଢ଼ ଧାରଣା ଥିଲା ଯେ ତଦ୍ୱାରା ଦେଶର ଗରିବ ଲୋକଙ୍କୁ କାମ ମିଳିବ । ସେହି ଉଦ୍ଦେଶ୍ୟରେ ସେ ଉତ୍କଳ ଟ୍ୟାନେରୀ ଗଢ଼ିଥିଲେ ଯଦିଓ ସେଇଥିଯୋଗୁଁ ସେ ତଳିତଳାନ୍ତ ହୋଇଗଲେ । ମୁଁ ଟ୍ୟାନେରୀ ସମ୍ପର୍କୀୟ ରିପୋର୍ଟ ପଢ଼ିଛି । ସେ ସେଇଟିକୁ ସଫଳ କରିବାଲାଗି ଆପ୍ରାଣ ଚେଷ୍ଟା କରିଥିଲେ ଓ ତା'ରି ପାଇଁ ବହୁତ କିଛି ତ୍ୟାଗ କରିଥିଲେ । ଜୋତା ତିଆରି ଶିଖିବା ଲାଗି ସେ ନିଜେ ମୋଚି କାମ ବି ଶିଖିଲେ । ସେ ମନ୍ତ୍ରୀ ହେବା ପୂର୍ବରୁ ଥିଲେ ଏକାଧାରରେ ଆଇନଜ୍ଞ ଓ ମୋଚି । ସେ ମନ୍ତ୍ରିତ୍ୱ ଛାଡ଼ିବା ପରେ ୭୫ ବର୍ଷ ବୟସରେ ବି ଆଇନ ବ୍ୟବସାୟ କରୁଥିଲେ ଓ ଅତି ପରିଣତ ବୟସ ପର୍ଯ୍ୟନ୍ତ ମଧ୍ୟରାତ୍ରୀ ଯାଏ ସେ କାମ କରିପାରୁଥିଲେ । ଏହା ଫଳରେ ସେ ଭଲ ରୋଜଗାର ବି କରୁଥିଲେ । ୧୯୨୬ ମସିହାରେ ମୁଁ ତାଙ୍କୁ କଟକରେ ଭେଟିଲା ବେଳକୁ ସେ ଖୁବ୍ ଶୀର୍ଣ୍ଣ ଓ ଦୁର୍ବଳ ହୋଇଯାଇଥିଲେ ବି ତାଙ୍କଠାରେ ତେଜର ଅଭାବ ନଥିଲା । ତାଙ୍କ ପାଇଁ ବିଶ୍ରାମ ନଥିଲା । ସମାଧି ନେବା ପରେ ହିଁ ସେ ବିଶ୍ରାମ ପାଇଥିଲେ ।

Digitized by srujanika@gmail.com

ସ୍ୱର୍ଗତ ମି. ଏମ୍.ଏସ୍. ଦାସ

ବୋଧରାମ ଦୁବେ

ଓଡ଼ିଶାର ସ୍ୱାୟତ୍ତଶାସନ ମନ୍ତ୍ରୀ

ମଧୁବାବୁଙ୍କ ଭଳି କୌଣସି ଲୋକ ତାଙ୍କ ନିଜ ଜୀବଦ୍ଦଶାରେ ଏତେ ସମ୍ମାନର ଅଧିକାରୀ ହୋଇ ନାହାନ୍ତି । ଓଡ଼ିଶାର ସବୁ ସ୍ତରର ଲୋକେ ତାଙ୍କୁ ଶ୍ରଦ୍ଧା ଜ୍ଞାପନ କରୁଥିଲେ । ଶିକ୍ଷିତ ଲୋକଙ୍କ ମଧ୍ୟରେ ସେ ଥିଲେ କୁଳବୃଦ୍ଧ ଓ ମହାନ୍ ଦେଶପ୍ରେମୀ । ପ୍ରଥମ ଶ୍ରେଣୀ ଓକିଲ ଓ ଶିଳ୍ପାନୁରାଗୀ ଏବଂ ମହାନ୍ ବକ୍ତା । ତଥା ଅଶିକ୍ଷିତ ସାଧାରଣ ଲୋକ ପାଇଁ ଥିଲେ ସେ 'ମଧୁ ବାରିଷ୍ଟର'; ଯାହା ଉଚ୍ଚାରଣ କଲେ ଗଭୀର ପାଣ୍ଡିତ୍ୟର ସୂଚନା ମିଳିଥାଏ । ନିପଟ ମଫସଲି ଗାଁରେ ବି ଘରେ ଘରେ ତାଙ୍କ ନାଁ ଆଲୋଚିତ ହେଉଥିଲା ।

ଓଡ଼ିଶାର ଲୋକେ ତାଙ୍କୁ କେବେବି ଭୁଲି ପାରିବେ ନାହିଁ କାରଣ ତାଙ୍କ ନାଁ ଆମ ପ୍ରଦେଶ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆମେ ଯେତେବେଳେ ଓଡ଼ିଶା କଥା ଚିନ୍ତାକରୁ, ସେହି ମହାନ୍ ବ୍ୟକ୍ତି, ଯେ କି ତା'ର ସେବା ଦିଗରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ, ତାଙ୍କ ଛବି ଆମ ମାନସପଟରେ ଭାସିଉଠେ । ଯେତେବେଳେ ଓଡ଼ିଆଙ୍କୁ ଏକ ଜାତି ହିସାବରେ କେହି ଜାଣୁ ନଥିଲେ, ସେହି ସମୟରେ ତାଙ୍କରି ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ଏ ଜାତିକୁ ସ୍ୱୀକୃତି ମିଳିଥିଲା । ଏହି ଉଦ୍ଦେଶ୍ୟକୁ ସାକାର ରୂପ ଦେବାକୁ ଏବଂ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଗୋଟିଏ ଅନୁଷ୍ଠାନରେ ଏକତ୍ର କରାଇବା ଲାଗି ସେ ଉତ୍କଳ ସମ୍ମିଳନୀ ଆରମ୍ଭ କରିଥିଲେ । ଯେତେବେଳେ ଅନ୍ୟମାନେ ଓଡ଼ିଆଙ୍କ ଅଧିକାରକୁ ସ୍ୱୀକାର କରୁ ନଥିଲେ, ସେ ହିଁ ସେମାନଙ୍କର ନ୍ୟାଯ୍ୟ ଅଧିକାର ଓ ସୁଯୋଗ ପାଇଁ ପ୍ରଥମେ ଆଗଭର ହୋଇଥିଲେ । ଏଣୁ ତାଙ୍କୁ ନବ ଉତ୍କଳର ଜନକ ବୋଲି କୁହାଯାଇଥାଏ । ଓଡ଼ିଆ ଏବଂ ଉତ୍କଳ ମାତାଙ୍କ ପ୍ରତି ତାଙ୍କର ପ୍ରୀତି ଥିଲା ଅନାବିଳ ଓ ଆନ୍ତରିକ । ଯେଉଁମାନେ ତାଙ୍କଦ୍ୱାରା ପ୍ରଭାବିତ ହୋଇ ରାଜନୀତିକୁ ପ୍ରବେଶ କରିଥିଲେ ସେମାନେ ତାଙ୍କର ରାଜନୀତିକ ମତବାଦ ଭଲ ଭାବରେ

Digitized by srujanika@gmail.com

ଜାଣିଥିଲେ । ଯିଏ ତାଙ୍କର ଭାଷଣ ଥରେ ଶୁଣିଛି ସେ ଅନୁଭବ କରିଥିବ ଯେ ମଧୁବାବୁ କିଭଳି ଆବେଗମୟ ବକ୍ତା । ତାଙ୍କ ବକ୍ତୃତାରେ ଏକାଧାରରେ ଥିଲା ପାଣ୍ଡିତ୍ୟ, ଯୁକ୍ତିଯୁକ୍ତତା ତଥା ଓଜସ୍ୱିନିତା । ସେ ବହୁ ବିଷୟ ଉପରେ ବକ୍ତୃତା ଦେଇ ପାରୁଥିଲେ । ସେ ସବୁ ବକ୍ତୃତାର ଓଜସ୍ୱିନିତା ଓ ହାସ୍ୟରସ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ରଖୁଥିଲା । ସେହି ଶୀର୍ଣ୍ଣ ଶରୀରର ମଣିଷଟି ବିଦ୍ୱାନମଣ୍ଡଳୀ ମଧ୍ୟରେ ବଜ୍ରଗମ୍ଭୀର ସ୍ୱରରେ ଭାଷଣ ଦେଉଥିବାବେଳେ ତା'ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତମାନଙ୍କରେ ତାଙ୍କ ସ୍ୱର ଚରମ ସ୍ତରରେ ପହଞ୍ଚି ଯାଉଥିଲା । ସେ ଭାଷଣ ଦେଉଥିଲାବେଳେ, ସବୁ ଶ୍ରୋତାଙ୍କ ମନ ମି. ଦାସଙ୍କ ଉପରେ ନିବଦ୍ଧ ହୋଇଯାଉଥିଲା । କିଛି କାଳ ପର୍ଯ୍ୟନ୍ତ ଶ୍ରୋତାମାନଙ୍କ ମନରେ ମଧୁବାବୁଙ୍କ ବକ୍ତବ୍ୟ ହିଁ ନିନାଦିତ ହେଉଥିଲା । ସେ ଏଭଳି ହୃଦୟଗ୍ରାହୀ ଓ ଚମତ୍କାର ଭାବରେ ବକ୍ତୃତା ଦେଉଥିଲେ ଯେ ତାଙ୍କ ମତରେ ଏକମତ ନ ହେବାରେ ଚାରା ନଥିଲା ।

ମି. ଦାସ ଥିଲେ ସୁବିଖ୍ୟାତ ତଥା ଲୋକପ୍ରିୟ ଓକିଲ । ଏ କଥାରେକେହି ଦ୍ୱିମତ ନଥିଲେ । ଆଇନଗତ ଦିଗରେ ପ୍ରବୀଣତା ସାଙ୍ଗକୁ ସେ ଥିଲେ କଠିନ ପରିଶ୍ରମୀ ଓ ନିଷ୍ଠାବାନ୍ । ଜବାବ ସୁଆଲରେ ସେ ଥିଲେ ଅତୁଳନୀୟ ଏବଂ ମକଦ୍ଦମାର ବିଭିନ୍ନ ତଥ୍ୟ ଓ ଆଇନଗତ ଦିଗକୁ କୋର୍ଟରେ ଦକ୍ଷତା ଓ ହୃଦୟଗ୍ରାହୀ ଭାବରେ ଉପସ୍ଥାପନ କରୁଥିଲେ । ତାଙ୍କଭଳି ବିଖ୍ୟାତ ଆଇନଜ୍ଞଙ୍କୁ ମକଦ୍ଦମାରେ ଲଗାଇ ପକ୍ଷ ଆତ୍ମସନ୍ତୋଷ ଲାଭ କରୁଥିଲା ।

ସେ ହିଁ ପ୍ରଥମ କରି ପାଶ୍ଚାତ୍ୟ ଶିକ୍ଷା ଧାରାରେ ବି.ଏ. ଓ ଏମ୍.ଏ. ଶିକ୍ଷା ଲାଭ କରିଥିଲେ ଏବଂ ମନ୍ତ୍ରୀ ଆସନ ଲାଭ କରିବାରେ ଥିଲେ ପ୍ରଥମ । ମନ୍ତ୍ରୀ ଭାବରେ ବି ସେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ।

ଜନସାଧାରଣଙ୍କ ମଙ୍ଗଳ ହିଁ ତାଙ୍କର ପ୍ରଥମ ଧ୍ୟେୟ ଥିଲା । ବିହାର ଓଡ଼ିଶା ମ୍ୟୁନିସିପାଲ ଆଇନରେ ସେ ଯେଉଁସବୁ ସଂଶୋଧନ ଆଣିଥିଲେ ସେସବୁ ଥିଲା ଅନନ୍ୟ ତଥା ପ୍ରଶଂସନୀୟ । ତାଙ୍କର ସାହସ ଓ ଆତ୍ମବିଶ୍ୱାସ ଏବଂ ସ୍ୱାଧୀନ ମତ ତଥା ବିଚାର ଜୀବନର ଶେଷ ପର୍ଯ୍ୟନ୍ତ କ୍ଷୁଣ୍ଣ ହୋଇ ନଥିଲା । ମନ୍ତ୍ରୀ ହିସାବରେ ଅନୈତିକ ଭାବରେ କାମ କରିବାକୁ ତାଙ୍କୁ ଅନୁମତି ନ ମିଳିବାରୁ ସେ ନୀତି ଦୃଷ୍ଟିରୁ, ଇସ୍ତଫା ଦେଇଥିଲେ ।

ସ୍ୱଦେଶୀ ଶିଳ୍ପ ବିକାଶ ଦିଗରେ ସେ ସୁନାମ ଅର୍ଜନ କରିଥିଲେ । ଉତ୍କଳ ଟ୍ୟାନେରୀ ହେଉଛି ସେଭଳି ଏକ ମହାନ୍ ତଥା ଆଦର୍ଶ ଉଦ୍ୟମ । ସେଥିରେ ପ୍ରସ୍ତୁତ ଦ୍ରବ୍ୟ ବିଦେଶରେ ବି ସୁନାମ ଅର୍ଜନ କରିଥିଲା । ସେଠାରେ ପ୍ରସ୍ତୁତ ଜୋତା ଏଭଳି ଉଚ୍ଚକୋଟୀର ହେଉଥିଲା ଯେ ପ୍ରଥମ ମହାସମର କାଳରେ ସେହି କାରଖାନାର ଜୋତା ସୈନ୍ୟମାନଙ୍କ ଲାଗି କିଣା

Digitized by srujanika@gmail.com

ଯାଇଥିଲା । ସେହି ସଂସ୍ଥାଟି ବିଫଳ ହୋଇଥିଲେ ବି ତା'ରି ଜରିଆରେ ମଧୁବାବୁ ଓଡ଼ିଶାରେ ଆଦର୍ଶ ଶିଳ୍ପ ଉନ୍ନୟନର ଦ୍ୱାର ଉନ୍ମୁକ୍ତ କରିଦେଇ ଯାଇଛନ୍ତି ।

ମଣିଷର ଚରିତ୍ରକୁ ସେ ଉତ୍ତମ ରୂପେ ଅଧ୍ୟୟନ କରିଥିଲେ ଆଉ ସେ ଥିଲେ ଗଭୀର ଈଶ୍ୱର ବିଶ୍ୱାସୀ । ଶିକ୍ଷକ ହିସାବରେ ସେ ଯେ ଅତୁଳନୀୟ ଥିଲେ ତାହାର ପ୍ରମାଣ ତାଙ୍କ ଛାତ୍ର ସାର୍ ଆଶୁତୋଷ ମୁଖାର୍ଜୀଙ୍କ ମୁଖରୁ ପ୍ରମାଣ ମିଳେ । ଏହି ଆଶୁତୋଷ ଖାଲି ଜଣେ ମହାନ୍ ବିଦ୍ୱାନ୍ ନଥିଲେ, ସେ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ଖ୍ୟାତି ଲାଭ କରିଥିଲେ । ସେ ନିଜେ କଠୋର ପରିଶ୍ରମ କରିପାରୁଥିଲେ, ଆଉ ତରୁଣମାନଙ୍କ କାମରେ ଖିଲାପ ଦେଖିଲେ କଠୋର ସମାଲୋଚନା କରୁଥିଲେ । ତାଙ୍କ ଶ୍ରଦ୍ଧା ମିଶ୍ରିତ ସମାଲୋଚନାରେ ଯାହା ଭାଗ୍ୟରେ ଘଟିଛି ସେ ନିଜକୁ ଧନ୍ୟ ମନେ କରୁଥିଲା । ମୁଁ ଥରେ ଏଭଳି ଏକ ପରିସ୍ଥିତିରେ ସେହି ମହାନ୍ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହୋଇଥିଲି । ହେଲେ ତାହା ମୋ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ତଥା ଲାଭଦାୟକ ହୋଇଛି ।

ତାଙ୍କ ଦେହାନ୍ତ ହେବାର ଚାରି ବର୍ଷ ପୂରି ଯାଇଥିଲେ ବି ମୋ ଲାଗି ସେ ଏବେ ବି ଜୀବନ୍ତ ରହିଛନ୍ତି । ଓଡ଼ିଆ ଜାତୀୟ ବୀରମାନଙ୍କ ବନ୍ଦନା କଲାବେଳେ ମି. ଦାସ ସେମାନଙ୍କ ମନକୁ ପ୍ରଥମେ ହିଁ ଆସିବେ । ସେ ଆଜି ନଥିଲେ ବି ବହୁ ବର୍ଷ ପର୍ଯ୍ୟନ୍ତ ତାଙ୍କର ନାମ ଓ ଯଶ ଅକ୍ଷୁଣ୍ଣ ରହିଥିବ ।

Digitized by srujanika@gmail.com

ଆଧୁନିକ ଓଡ଼ିଶାର ସ୍ରଷ୍ଟା ମଧୁସୂଦନ

ଓଡ଼ିଶାର ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ବିଶ୍ୱନାଥ ଦାସ

ସ୍ୱର୍ଗତ ମଧୁସୂଦନ ଦାସ ଓଡ଼ିଶାର ପୁନର୍ଜନ୍ମଦାତା ଭାବରେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବେ। ମଧୁସୂଦନ ରାଜନୀତିକୁ ଆସିବା ବେଳର ଓଡ଼ିଶାଠାରୁ ଆଜିର ଓଡ଼ିଶାରେ ବହୁତ ପରିବର୍ତ୍ତନ ଘଟିଛି। ସେହି ସମୟକୁ ଓଡ଼ିଶା ଅତ୍ୟନ୍ତ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିଲା ଓ ତା'ର ଭାଷା ତଥା ଅସ୍ମିତା ମଧ୍ୟ ହରାଇବା ଅବସ୍ଥାରେ ଥିଲା। ସେହି ସମୟରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ କିଛି ବଙ୍ଗୀୟ ପ୍ରଚାର କରୁଥିଲେ ଯେ ଓଡ଼ିଆ ବଙ୍ଗଳା ଭାଷାର କନ୍ୟା। ଏଣୁ ବିଦ୍ୟାଳୟ ଓ ଆଇନ ଅଦାଲତ ସହିତ ସର୍ବତ୍ର ଓଡ଼ିଆ ବଦଳରେ ବଙ୍ଗଳା ଚାଲୁ। ଏହି ସମୟକୁ ଫକୀରମୋହନ ଓ ପ୍ୟାରୀମୋହନ ମଧୁସୂଦନଙ୍କ ସହିତ ଆବିର୍ଭୂତ ହୋଇ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବା ଲାଗି ବାହାରି ପଡ଼ିଥିଲେ। ଏହିଭଳି ଭାବରେ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷା, ସଂସ୍କୃତି ସହିତ ଓଡ଼ିଆ ଜାତିର ଅଭ୍ୟୁଦୟକାରୀ ମଧୁସୂଦନଙ୍କ ରାଜନୀତିକ ଜୀବନ। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଈଶ୍ୱର ଓ ସ୍ୱଦେଶ ଚିନ୍ତା ଥିଲା ତାଙ୍କର ଏକମାତ୍ର ଧ୍ୟେୟ।

ସୁରେନ୍ଦ୍ରନାଥ, ତିଳକ, ରାଣା ଦେ, ଅଯୋଧ୍ୟା ନାଥଙ୍କ ଭଳି ସେ ଥିଲେ ଆଧୁନିକ ଓଡ଼ିଶାର ସ୍ରଷ୍ଟା। ତାଙ୍କ ସହିତ କାନ୍ଧ ମିଶାଇଥିଲେ ଦେଶପ୍ରେମୀ ସ୍ୱର୍ଗତ ଗୋପବନ୍ଧୁ ଦାସ ଓ ଅଭିରାମ ଭଞ୍ଜଙ୍କ ଭଳି ବହୁ ଅନୁଗାମୀ। ସ୍ୱତନ୍ତ୍ର ଓଡ଼ିଶାର ଆବଶ୍ୟକତା ଅନୁଭବ କରି ସେ ଉତ୍କଳ ସମ୍ମିଳନୀ ସୃଷ୍ଟି କରିଥିଲେ। ତାଙ୍କରି ଚାଳିଶ ବର୍ଷ ସାଧନା ଫଳରେ ତାଙ୍କ ସ୍ୱପ୍ନ ସାକାର ହୋଇଥିଲା। ଗତ ପଚାଶ ବର୍ଷ ମଧ୍ୟରେ ଓଡ଼ିଶାରେ ଯେତେ ବିଶିଷ୍ଟ ଅନୁଷ୍ଠାନ ତଥା ଉଦ୍ୟୋଗ ଗଢ଼ି ଉଠିଛି ସେସବୁର ମୂଳରେ ମଧୁସୂଦନଙ୍କ ଦାନ, ସହଯୋଗ ଓ ସହାନୁଭୂତିର

Digitized by srujanika@gmail.com

ସ୍ମୃତି ବିଜଡ଼ିତ । ଶିଳ୍ପ ବିକାଶ ଦିଗରେ ସେ ଥିଲେ ପଥଦ୍ରଷ୍ଟା ଓ ସେ ହିଁ ପ୍ରଥମ କୃଷକଙ୍କ ଉଦ୍ଦେଶ୍ୟରେ 'ପ୍ରଭା ସଭା' ପ୍ରତିଷ୍ଠା କରିଥିଲେ । ସେ ଥିଲେ ଜଣେ ସ୍ୱପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ପ୍ରାଦେଶିକ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ଓ କେନ୍ଦ୍ରୀୟ ଆସେମ୍ବ୍ଲିରେ ତାଙ୍କର କାର୍ଯ୍ୟାବଳୀ ତାହାର ପ୍ରମାଣ । ସେ ବ୍ରିଟିଶ ସାମ୍ରାଜ୍ୟବାଦର ସମାଲୋଚକ ଥିଲେ ବି ଭାରତବର୍ଷ ବ୍ରିଟିଶ କମନ୍ ୱେଲ୍‌ଥରେ ରହିବା ସେ ଚାହୁଁଥିଲେ । ଧର୍ମବିଶ୍ୱାସରେ ଖ୍ରୀଷ୍ଟିଆନ୍ ହୋଇଥିଲେ ବି ମଧୁସୂଦନ କାର୍ଯ୍ୟରେ ଥିଲେ ଉଦାରବାଦୀ ଖ୍ରୀଷ୍ଟିଆନ୍ ।

କ୍ଷମତା, ଅର୍ଥ ବା ଉପାଧି କେହି ତାଙ୍କୁ ବିଚଳିତ କରିପାରି ନଥିଲା । ସେ କଟକ ଭଳି ଛୋଟ ସହରରେ ଓକିଲାତି କରି ବି ଅଯୁତ ଅଯୁତ ଟଙ୍କା ରୋଜଗାର କରିଥିଲେଓ ମୃତ୍ୟୁ ବେଳକୁ କପର୍ଦ୍ଦକ ଶୂନ୍ୟ ହୋଇ ଦେହତ୍ୟାଗ କରିଥିଲେ । ତାଙ୍କ ଭଳି ମୃତ୍ୟୁ ପର୍ଯ୍ୟନ୍ତ ନିଜ ପରିଶ୍ରମରେ ଚଳିବାର ଗୌରବ ଭାରତବର୍ଷରେ ବିରଳ । ସେ ରାଜପୁତ୍ର ଭଳି ଧନ ଅର୍ଜନ କରିଥିଲେ ଓ ବ୍ୟୟ ବି କରିଥିଲେ । ସେ ମାସିକ ୫୦୦୦ ଟଙ୍କା ଦରମା ନନେଇ ଅବୈତନିକ ଭାବରେ ମନ୍ତ୍ରୀ ଦାୟିତ୍ୱ ତୁଲାଇବାକୁ ଚାହୁଁଥିଲେ । ତାହା ଗୃହୀତ ନ ହୋବାରୁ ତହିଁରୁ ଇସ୍ତଫା ଦେଇଥିଲେ । ନିଜେ ସାରା ଜୀବନ ପେଟରୋଗୀ ଥିଲେ ବି ସର୍ବୋତ୍କୃଷ୍ଟ ଭୋଜନରେ ଆପ୍ୟାୟିତ କରିବାରେ ତାଙ୍କର ସୁନାମ ଥିଲା । ସେ ଥିଲେ ଯୁବ ସମାଜଙ୍କର ସଶ୍ରଦ୍ଧ ନେତା ଓ ମହିଳାମାନଙ୍କର ଶୁଭାକାଂକ୍ଷୀ । ଯୁବକମାନଙ୍କ କଟୁ ସମାଲୋଚକ ଥିଲେ ବି, ସେ ୫୦ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାର ଗାଁ ଗଣ୍ଡାର ଲୋକଙ୍କର ପୂଜନୀୟ ବ୍ୟକ୍ତି ଭାବରେ ବିବେଚିତ ହେଉଥିଲେ ।

ଏହି ଲେଖକ ସେହି ମହାନ୍ ବ୍ୟକ୍ତିଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲା । ଯେଉଁଦିନ ମଧୁବାବୁ ମୋତେ ରାଜନୀତିରେ ପ୍ରବେଶ କରି, ସବୁ ସମୟ ଓ ଶକ୍ତି ଦେଶ ପାଇଁ ନିୟୋଜିତ କରିବାକୁ ପ୍ରଚୋଦିତ କରିଥିଲେ, ସେ ଦିନଟି ଏବେ ବି ମୋର ମନେ ଅଛି । ମୁଁ ଆଜି ଯାହା ହୋଇପାରିଛି ତାହା ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପ୍ରେରଣା ଓ ପ୍ରଭାବରେ ସମ୍ଭବପର ହୋଇଛି ।

Digitized by srujanika@gmail.com

ଏକ ମହାନ୍ ବ୍ୟକ୍ତିତ୍ୱ

ଅବ୍‌ଦୁଲ୍ କରିମ୍

ବେଙ୍ଗଲ୍ ଲେଜିସ୍‌ଲେଟିଭ୍ କାଉନସିଲ୍ ସଦସ୍ୟ

୧୮୯୬ ମସିହାରେ ମି. ଏମ୍.ଏସ୍. ଦାସଙ୍କ ସହିତ କଟକରେ ମୋର ସାକ୍ଷାତ ହୁଏ । ମୁସଲମାନଙ୍କ ସ୍କୁଲର ଇନ୍‌ସପେକ୍ଟର ଭାବରେ ପରିଦର୍ଶନ ଉଦ୍ଦେଶ୍ୟରେ ମୁଁ କଟକ ଯାଇଥାଏ । ସେଠାରେ ତାଙ୍କର ସଂଭ୍ରମ ଓ ଶ୍ରଦ୍ଧାରେ ମୁଁ ସମ୍ମୋହିତ ହୋଇଥିଲି । ସାଧାରଣ କ୍ଷେତ୍ରରେ କାମ କରିବା ଦିଗରେ ହେଉ ଓ ଉଦାର ମନୋଭାବ ଯୋଗୁଁ ଏବଂ ନାନା ଅନୁଷ୍ଠାନକୁ ଦାନ ପାଇଁ ହେଉ, ତାଙ୍କ ବେଳର ଉତ୍ତୁଙ୍ଗ ବ୍ୟକ୍ତି ମଧ୍ୟରେ ମି. ଦାସ ଥିଲେ ଅନ୍ୟତମ । ତାଙ୍କଠାରେ ଜାତିଆଣ ଭାବ ନଥିଲା । ଏଣୁ ସେ ସବୁ ଶ୍ରେଣୀ ମଧ୍ୟରେ ଲୋକପ୍ରିୟ ଥିଲେ ।

ସେ ବିହାର ଓଡ଼ିଶାର ମନ୍ତ୍ରୀ ଥିଲାବେଳେ ମୁଁ ସ୍ୱର୍ଗତ ସୟଦ ଫକିରୁଦ୍ଦିନ୍‌ଙ୍କ ବାସଗୃହରେ ତାଙ୍କୁ ଭେଟିବାର ସୁଯୋଗ ପାଇଥିଲି । ବୟସ ଅତିକ୍ରାନ୍ତହୋଇଥିଲେ ବି ତାଙ୍କଠାରେ ଚିନ୍ତାର ସ୍ପଷ୍ଟତା, ନମ୍ରତା, ସ୍ୱାଧୀନତା ଓ କର୍ତ୍ତବ୍ୟନିଷ୍ଠା ଅତୁଟ ଥିଲା । ସରକାରଙ୍କର କେତେକ ନୀତି ସହିତ ଏକମତ ନହୋଇ ପାରିବାରୁ ସେ ଇସ୍ତଫା ଦେଇଥିଲେ ।

କହିବା ବାହୁଲ୍ୟ ଯେ, ସେ ତାଙ୍କ ଦେଶବାସୀଙ୍କ ଲାଗି ଚିର ଆଦର୍ଶ ହୋଇ ରହିବେ ।

Digitized by srujanika@gmail.com

ଜଣେ ମହାନ୍ ପଥଦ୍ରଷ୍ଟା

ମୁକୁନ୍ଦ ପ୍ରସାଦ ଦାସ
ଓଡ଼ିଶା ବିଧାନସଭାର ବାଚସ୍ପତି

ମଧୁସୂଦନ ଦାସଙ୍କ ଭଳି ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଲେଖିବାକୁ ଗଲାବେଳେ ମୁଁ ଏଭଳି ବିହ୍ୱଳିତ ହୋଇଯାଉଛି ଯେ ମୁଁ କେଉଁଠୁ ଆରମ୍ଭ କରି କେଉଁଠି ଶେଷ କରିବି ତାହା ସ୍ଥିର କରିପାରୁ ନାହିଁ । ୧୯୦୭ ଉତ୍କଳ ସମ୍ମିଳନୀ ଅଧିବେଶନରେ ମୁଁ ପ୍ରଥମ ତାଙ୍କ ସମ୍ପର୍କରେ ଆସିଥିଲି । ସେତେବେଳକୁ ଓଡ଼ିଶା ଚାରିଟି ପ୍ରଦେଶରେ ବିଖଣ୍ଡିତ ହୋଇ ରହିଥିଲା । ସେସବୁକୁ ଏକ ପ୍ରଶାସନାଧୀନରେ ରଖିବାକୁ ଉତ୍କଳ ସମ୍ମିଳନୀର ସୃଷ୍ଟି ।

ପୂର୍ଣାଙ୍ଗ ନହେଲେ ବି ଓଡ଼ିଶା ଯେ ଏକ ପ୍ରଦେଶ ହେଲା ଏହା ଦେଖିପାରିଥିଲେ ସେ କେତେ ଖୁସି ହୋଇ ନଥାନ୍ତେ? କିନ୍ତୁ ତା'ର ଅଳ୍ପ କିଛି ବର୍ଷ ପୂର୍ବରୁ ତାଙ୍କର ତିରୋଧାନ ହୋଇଥିଲା । ତାଙ୍କର ଜୀବନସାରା ସେ ରାଜପୁତ୍ର ଭଳି ସ୍ୱଚ୍ଛଳ ଥିଲେ ଓ ଖର୍ଚ୍ଚବାର୍ଚ୍ଚ ବି ରାଜପୁତ୍ର ଭଳି କରୁଥିଲେ । ଅବଶ୍ୟ ସେଇଥିଲାଗି ତାଙ୍କୁ ଶେଷବେଳକୁ ଆର୍ଥିକ ଅନାଟନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ରୂପା ତାରକସି କାମକୁ ଲୋକପ୍ରିୟ କରିବାକୁ ସେ ବହୁ ଅର୍ଥ ବ୍ୟୟ କରିଥିଲେ । ମଲା ଗାଈଙ୍କ ଚମଡ଼ାରୁ ଜୋତା କରି ସେ ତାଙ୍କର ଶିଳ୍ପ ଚାତୁରୀ ପ୍ରଦର୍ଶନ କରିଥିଲେ । ଏପର୍ଯ୍ୟନ୍ତ ଉତ୍କଳ ଟ୍ୟାନେରୀର ସୁନାମ ଲୋକେ ଭୁଲି ନାହାନ୍ତି । ଏହାର ପ୍ରାଥମିକ ଅବସ୍ଥାନ ଜୋତା କ୍ରେତାଙ୍କୁ ବର୍ଷକର ଗ୍ୟାରେଣ୍ଟି ଦିଆଯାଉଥିଲା । ମୋ ଜାଣିବାରେ ବହୁ ସହସ୍ର ଜୋତା କିଣିଥିବା ବ୍ୟକ୍ତି ଅଭିଯୋଗ କଲେ ଯେ ଜୋତା ବର୍ଷେ ପିନ୍ଧି ହେଲା ନାହିଁ । ଆଉଥରେ ଅନେକଗୁଡ଼ିଏ ଚମଡ଼ାରେ, ଟ୍ୟାନିଙ୍ଗ୍ ହେବା ପରେ, ଦୋଷ ଦେଖିବାରୁ ସେଗୁଡ଼ିକୁ ତାଙ୍କ ସାମ୍ନାରେ ନଷ୍ଟ କରି

Digitized by srujanika@gmail.com

ଦିଆଯାଇଥିଲା । ଏହାଦ୍ୱାରା ତାଙ୍କୁ ବହୁ ସହସ୍ର ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା । ବ୍ୟବସାୟର ସୁନାମ ଲାଗି ସେ କିଭଳି ତତ୍ପର ଥିଲେ ଏହିଥିରୁ ଜାଣିହୁଏ, । ଏହି ଧନ୍ଦାକୁ ଆହୁରି ଟିକିଏ ସତର୍କତା ଓ ବ୍ୟବସାୟୀ ଢଙ୍ଗରେ ଚଳାଇଥିଲେ ଏଇଟି ଭାରତବର୍ଷର ଚମଡ଼ାଶିଳ୍ପରେ ଏକ ଆଗୁଆ ଅନୁଷ୍ଠାନ ହୋଇ ବାହାରିଥାଆନ୍ତା ।

ଆଇନଜ୍ଞ ଭାବରେ ଓ ଇଂରାଜୀ ଭାଷା ଉପରେ ଦକ୍ଷତା ଦିଗରେ ଏବଂ ସମୁଜ୍ଜ୍ୱଳ ଦେଶପ୍ରୀତି ଦିଗରୁ ସେ ତାଙ୍କ ସମୟର ଭାରତବର୍ଷୀ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ନିଶ୍ଚିତ ଭାବରେ ଅନ୍ୟତମ ଥିଲେ । ସେ ବିବେକାନୁମୋଦନ ହୋ'ଇ ମନ୍ତ୍ରିତ୍ୱରୁ ଇସ୍ତଫା ଦେଇଥିଲେ । ବହୁ ପ୍ରଶଂସିତ ମଣ୍ଟେଗୁ-ଚେମ୍‌ଫୋର୍ଡ଼ ସଂସ୍କାରର ଅସାରତା କଥା ସେ ହିଁ ମନ୍ତ୍ରୀ ଭାବରେ ପ୍ରଥମ ଘୋଷଣା କରିଥିଲେ । ୧୯୨୧ ମସିହାରେ କଟକରେ ଅସହଯୋଗ ସଭାରେ ତଥାକଥିତ ମଣ୍ଟେ-ଫୋର୍ଡ଼ ସଂସ୍କାରକୁ ନିନ୍ଦା କରାଯାଇ ମି. ଦାସ ମନ୍ତ୍ରିତ୍ୱ ଗ୍ରହଣକୁ ଅପସନ୍ଦ କରାଯାଇଥିଲା । ମୁଁ ସେ ସଭାରେ ସଭାପତିତ୍ୱ କରିଥିଲି ।

୮୪ ବର୍ଷ ପର୍ଯ୍ୟନ୍ତ ମି. ଦାସଙ୍କର ସ୍ମୃତିଶକ୍ତି ଓ ଧୀଶକ୍ତି ଅତୁଟ ରହିଥିଲା । ବହୁ ବର୍ଷ ପର୍ଯ୍ୟନ୍ତ ତାଙ୍କର ଅଭାବ ଅପୂରଣୀୟ ରହିବ ।

Digitized by srujanika@gmail.com

ଜଣେ ପଦାଧିକାରୀଙ୍କ ସ୍ମୃତିରେ

ବି.କେ. ଗୋଖଲେ

ଆଇ.ସି.ଏସ୍.

ମୁଁ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ଭାବରେ ଯୋଗ ଦେଲାବେଳେ, ପ୍ରାୟ କୋଡ଼ିଏ ବର୍ଷ ତଳେ, କୁଳବୃଦ୍ଧଙ୍କୁ ଭେଟିଥିଲି। କଟକର ସବୁ ପଦାଧିକାରୀ ତାଙ୍କ ବହୁଚର୍ଚ୍ଚିତ ଆତିଥ୍ୟ ଓ ସାନୁରାଗର ସୌଭାଗ୍ୟ ଲାଭ କରିଥିଲେ। ଓଡ଼ିଶାର ଉପର ମହଲରେ ଓ ଓଡ଼ିଆ ସାହିତ୍ୟ ସହିତ ସେ ମୋତେ ପରିଚିତ କରାଇଥିବାରୁ ମୁଁ ତାଙ୍କଠାରେ ବିଶେଷ ରୂପେ ଋଣୀ। ତରୁଣ ଅଫିସରମାନଙ୍କ ସମ୍ମୁଖରେ ସେ ଯେଭଳି ଅମାୟିକ ବ୍ୟବହାର ପ୍ରଦର୍ଶନ କରୁଥିଲେ ତାହା ଆମକୁ ବେଳେବେଳେ ଅସୁବିଧାରେ ପକାଇ ଦେଉଥିଲା। ମୋର ମନେ ଅଛି ଖୋର୍ଦ୍ଧାରେ ଏକ କୋର୍ଟରେ ମକଦ୍ଦମା ଚାଲୁ ଚାଲୁ ଅଫିସ ସମୟ ଗଡ଼ି ଯାଇଥିଲା। ମୁଁ ତାଙ୍କୁ ବୟସ ଦୃଷ୍ଟିରୁ ବସିକରି ଜବାବ ସୁଆଲ କରିବାକୁ ଅନୁରୋଧ କରିଥିଲି। ସେ କିନ୍ତୁ ବିରକ୍ତ ହୋଇ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏହାପରେ ମୋର ତାଙ୍କ ସହିତ ଆଉ ଦେଖା ନ ହୋଇଥିଲେ ବି ତାଙ୍କୁ ଓଡ଼ିଶାର ମହାନ୍ ବ୍ୟକ୍ତି ଭାବରେ ସାକ୍ଷାତ ପାଇବା କଥା ସବୁବେଳେ ମୋ ମନେ ପଡ଼େ।

Digitized by srujanika@gmail.com

ମନେ ପଡ଼େ

ଏସ୍.ଲାଲ୍, ଆଇ.ସି.ଏସ୍.

୧୯୨୦ ଜାନୁଆରୀ ମାସରେ ମୋ ବାପାଙ୍କ ଏକ ଚିଠି ସହ ମୁଁ ମି. ମଧୁସୂଦନ ଦାସଙ୍କୁ କଟକରେ ସାକ୍ଷାତ କରିଥିଲି । ବାପାଙ୍କ ସହିତ ତାଙ୍କର ଭଲ ପରିଚିତି ଥିଲା । ମୁଁ ସେତେବେଳେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ଭାବରେ ଯୋଗ ଦେବାକୁ ଯାଇଥିଲି । ଶୀର୍ଣ୍ଣ ଶରୀର ସତ୍ତ୍ୱେ ତାଙ୍କର ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଅବିଳମ୍ବେ ମୋ ମନରେ ଗଭୀର ରେଖାପାତ କରିଥିଲା । ସେତେବେଳକୁ ସେ ପରିପକ୍ୱ ବୟସର ହୋଇଥିଲେ ମଧ୍ୟ ତାଙ୍କଠାରେ ଅଫୁରନ୍ତ ତେଜ ଦେଖି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଇଥିଲି । ନିଜର ଓକିଲାତି ଧନ୍ଦା ଛଡ଼ା ସେ ଅନେକ ଦିଗରେ ଲାଗି ପଡ଼ିଥିଲେ, ଯାହା ଫଳରେ ତାଙ୍କୁ ବିଶ୍ରାମ ମିଳୁ ନଥିଲା । ବିଶେଷ କରି ଉତ୍କଳ ଟ୍ୟାନେରୀ ଲାଗି ତାଙ୍କୁ ବସ୍ତୁତଃ ବ୍ୟସ୍ତ ରହିବାକୁ ପଡ଼ୁଥିଲା । ସେ ମୋତେ ତାଙ୍କ ଟ୍ୟାନେରୀରକୁ ନେଇ ବୁଲେଇ ଦେଖାଇଥିଲେ । ସେଠାକାର କାମରୁ ମୁଁ ଦକ୍ଷତା ଓ ଦାନ ଉଭୟ କଥା ଦେଖିଥିଲି । ସେ ଶ୍ରମିକମାନଙ୍କୁ ଭଲ ମଜୁରୀ ଦେଉଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ମଧୁବାବୁ ଜେଲ୍‌ରୁ ମୁକ୍ତି କରାଇ ସୁଧାରିବା ପାଇଁ ଏଥିରେ ଲଗାଇଥିଲେ । ସେଇଟିର ବିଫଳତା ମଧୁବାବୁଙ୍କୁ ନିଶ୍ଚୟ ଗଭୀର କଷ୍ଟ ଦେଇଥିବ । ଯଦିଓ ବାହାରକୁ ତାହା ଜଣାପଡୁ ନଥିଲା ।

ମଧୁବାବୁ ତରୁଣମାନଙ୍କୁ ଭେଟିଲେ, ହସହସ ମୁହଁରେ ସ୍ୱାଗତ କରୁଥିଲେ । ସେମାନଙ୍କ ସହିତ ମିଶିବାର ସୁଯୋଗ ମିଳିଲେ ସେ ଯୁବକମାନଙ୍କୁ ଦେଶପ୍ରୀତି ଓ ସେବାରେ ନିୟୋଜିତ ହେବା ଲାଗି ପ୍ରୋତ୍ସାହନ ଦେଉଥିଲେ । ସେହିଥିରୁ ଆମେ କେହି ଅନୁଭବ କରୁ ନଥିଲୁ ଯେ ମଧୁବାବୁ ଭଲେଇ ହେବାଲାଗି ଏପରି କରୁଛନ୍ତି । ତାଙ୍କ କଥାବାର୍ତ୍ତା ଏପରି ମଜାଦାର ଥିଲା ଯେ ପ୍ରତ୍ୟେକ ତାଙ୍କ ସହିତ ମିଶିବାରେ ଅସୁବିଧା ଅନୁଭବ କରୁ ନଥିଲେ । ସେ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ହେଲା ସମୟରେ ମୁଁ ତାଙ୍କୁ ପୁଣି, ଦ୍ୱାରଭଙ୍ଗାରେ ଥିଲାବେଳେ, ଭେଟିଥିଲି । କଲେକ୍ଟର ମୋତେ ତାଙ୍କୁ ଭେଟ କରାଇଲାବେଳେ ତାଙ୍କୁ ମୁଁ ଠିକ୍ ପୂର୍ବ ଭଳି ଅନୁଭବ କରିଥିଲି; ଯଦିଓ ସେତେ ବେଳକୁ ସେ ଉଚ୍ଚ ପଦବୀ ଅଧିକାରୀ ହୋଇଥାନ୍ତି । ମୁହଁରେ ତାଙ୍କର ସେହିଭଳି ସ୍ମିତହାସ୍ୟ । ତାଙ୍କର ଦ୍ୱାରଭଙ୍ଗୀ ପରିଦର୍ଶନ ବି ଲୋକଙ୍କ ମନରେ ଭଲ ପ୍ରଭାବ ପକାଇଥିଲା । ସେ ମନ୍ତ୍ରିତ୍ୱରୁ ଇସ୍ତଫା ଦେବା ପରେ ମଧ୍ୟ ମୋର ତାଙ୍କ ସହିତ ସାକ୍ଷାତ ହୋଇଥିଲା । ସେ ତାଙ୍କ ଜୀବନର ବ୍ୟର୍ଥତା ମୋ ନିକଟରେ ପ୍ରକାଶ କରିଥିଲେ । ସେଇଥିଯୋଗୁଁ ବି ସେ ଆହୁରି ବୁଢ଼ା ଭଳି ଦେଖା ଯାଉଥିଲେ । ଏହା ସତ୍ତ୍ୱେ ତାଙ୍କ ମୁହଁର ହସଖୁସିଆ ଭାବ ଲୋପ ପାଇ ନଥିଲା । ଅତ୍ୟନ୍ତ ଦୁଃଖର କଥା ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲାବେଳକୁ ସେ ଆଉ ନଥିଲେ; ଯାହା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ । ସେ ତାଙ୍କ ପ୍ରଦେଶବାସୀଙ୍କ ସମେତ ସମସ୍ତଙ୍କ ପାଇଁ ସେବା ଓ ତ୍ୟାଗର ସ୍ୱର୍ଗୀୟ ବାର୍ତ୍ତା ଛାଡ଼ି ଯାଇଛନ୍ତି ।

Digitized by srujanika@gmail.com

ଓଡ଼ିଶାର କୁଳବୃଦ୍ଧ

ବି.ସି. ମୁଖାର୍ଜୀ,

ଆଇ.ସି.ଏସ୍.

୧୯୨୭ ମସିହାରେ ମୁଁ କଟକରେ ସେଟଲମେଣ୍ଟଟ୍ରେନିଂ ନେବାକୁ ଯାଇଥିଲି । ସେହି ସମୟରେ ହିଁ ମୋର ମଧୁସୂଦନ ଦାସଙ୍କ ସହ ପ୍ରଥମ ସାକ୍ଷାତ, ଯେଉଁ ଘଟଣାଟି ଆଜି ପର୍ଯ୍ୟନ୍ତ ଅଭୁଲା ରହିଛି । ସେତେବେଳକୁ ମି. ଦାସ ତାଙ୍କ ବୟସଠାରୁ ଅଧିକ ବୃଦ୍ଧ ଭଳି ଦିଶୁଥା'ନ୍ତି । ତାଙ୍କର ଯାପ୍ୟ ରୋଗ ଯୋଗୁଁ ପ୍ରାୟ ସେ ଏଭଳି ହୋଇଯାଇଥିଲେ । ନୀଳମଣି ସେନାପତିଙ୍କ ସହ ମୁଁ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିଲି । ତାଙ୍କର ବାର୍ଦ୍ଧକ୍ୟ ଓ ଦୁଃସ୍ୱାସ୍ଥ୍ୟ ସତ୍ତ୍ୱେ ତାଙ୍କ ଭିତରେ ଥିବା ତେଜ ଓ ମାନସିକ ସତେଜତା ଦେଖି ମୁଁ ପ୍ରଭାବିତ ହୋଇ ଯାଇଥିଲି । ବାହାରକୁ ସେ ଅତ୍ୟନ୍ତ କ୍ଷୀଣ ଓ କ୍ଷୁଦ୍ରକାୟ ବ୍ୟକ୍ତିଟି ପରି ଦେଖାଯାଉଥିଲେ । ମୁହଁରେ ତାଙ୍କର ଗଭୀର ରେଖା ଓ ଶାରୀରିକ ତଥା ମାନସିକ ଯନ୍ତ୍ରଣାର ଛାପ ରହିଥିଲା । କିନ୍ତୁ କହିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ତାଙ୍କ ନୟନ ଯୁଗଳ ଝଲକି ଉଠିଥିଲା ଓ ତାଙ୍କ ବକ୍ତବ୍ୟରୁ ଅସଲ ବ୍ରକ୍ତିତ୍ୱର ଆଭାସ ମିଳୁଥିଲା । କଥା କହିବା ଭିତରେ ସେ କହି ପକାଇଲେ 'ମୁଁ କାନ୍ଧରୁ ତଳକୁ ମରି ଯାଇଛି କହିଲେ ଭୁଲ୍ ହେବ ନାହିଁ, ଖାଲି ମୋ ମୁଣ୍ଡଟି ବଞ୍ଚିଛି ।' ସତରେ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଆତ୍ମଶକ୍ତି ଓ ମାନସିକ ଶକ୍ତି ଅତୁଟ ରହିଥିଲା । ଆମ ଭିତରେ ନାନା ବିଷୟରେ କଥାବାର୍ତ୍ତା ଚାଲିଲା; କିନ୍ତୁ ମି. ଦାସଙ୍କର ହିଁ ତହିଁରେ ଥିଲା ଅଧିକ ଭାଗ । ସେ କହିଚାଲିଲେ ଗାଁର ପିଲା ଅବସ୍ଥାରୁ ସେ କଲିକତା ଯାଇ କିପରି ପଢ଼ାପଢ଼ି କଲେ । ଓକିଲାତି କଲେଏବଂ ସାଧାରଣ କ୍ଷେତ୍ରରେ ପ୍ରବେଶ କଲେ । ଏହାପରେ ମନ୍ତ୍ରୀ ଓ ଉତ୍କଳ ଟ୍ୟାନେରୀ ବେଳର କଥା ତାଙ୍କର ସେହି କଥାବାର୍ତ୍ତାରୁ ଜଣାଯାଉଥିଲା ସେ କେଉଁ ସ୍ତରର ଦେଶପ୍ରେମୀ । ଓଡ଼ିଆ ଲୋକଙ୍କୁ ଏକତ୍ର କରାଇବା ଓ ସେମାନଙ୍କର ସାଂସ୍କୃତିକ ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିବାକୁ ଆଜୀବନ ପ୍ରଚେଷ୍ଟା, ସେହି କଥାରୁ ଜଣାଯାଉଥିଲା । ଗୋଟିଏ ଗୋଡ଼ ସମାଧି ଭିତରେ ଓ ଅନ୍ୟଟି ବାହାରେ ଥିବା ସେ ଜାଣିଥିଲେ ବି ଜୀବନର ଅନ୍ତିମ କାଳ ପର୍ଯ୍ୟନ୍ତ ସେ ବ୍ୟକ୍ତିଗତ ଜୀବନ ତଥା ଜାତୀୟ ଜୀବନର ସବୁ ସମସ୍ୟା ସହିତ ଜଡ଼ିତ ଥିଲେ । ଏକ ସଂଗ୍ରାମରତ ମଣିଷ ଭଳି ସବୁ

Digitized by srujanika@gmail.com

କଥା ଓ ସବୁ ଲୋକଙ୍କ ସମ୍ପର୍କରେ ମତବ୍ୟକ୍ତ କରୁଥିଲେ । ସାଂସାରିକ ମଣିଷର ସାଫଲ୍ୟ ଯାହାକୁ କୁହାଯାଏ ମି. ଦାସ ସେଥିରୁ ବଞ୍ଚିତ ହୋଇଥିଲେ । ଉତ୍କଳ ଟ୍ୟାନେରୀ ବିଫଳ ହେଲା ପରେ, ଜୀବନର ଶେଷ କାଳ ପର୍ଯ୍ୟନ୍ତ ସେ ଆଇନ ବ୍ୟବସାୟରେ ଥିଲେ । ତାଙ୍କ ପାଇଁ ନଥିଲା ଆରାମ କି ବିଶ୍ରାମ ।

ନ୍ୟାୟ ଓ ସତ୍ୟ ପ୍ରତି ସମର୍ପିତ ଏଭଳି ଏକ ମହାନ୍ ପ୍ରତିଭାବାନ ବ୍ୟକ୍ତିଙ୍କର ଜୀବନ ଶେଷବେଳକୁ ତିକ୍ତ ହୋଇ ଯାଇଥିଲା ।

ଏହାର ଚାରି ବର୍ଷ ପରେ ଓଡ଼ିଶା କମିଟି ଆଗରେ ଓଡ଼ିଆ ଭାଷାଭାଷୀ ଲୋକଙ୍କର ସମ୍ମିଳନ ଦାବି ଜଣାଇବା ଲାଗି ଆସିଥିଲାବେଳେ ମୁଁ ପୁଣି ତାଙ୍କୁ ଭେଟିଥିଲି । ଯାହାହେଉ ତାଙ୍କୁ ଯଥେଷ୍ଟ ସନ୍ତୋଷ ମିଳିଥିବ ଯେ ତାଙ୍କ ସ୍ୱପ୍ନର ସମ୍ମିଳିତ ଓଡ଼ିଶା ବାସ୍ତବ ରୂପ ନେବାକୁ ଯାଉଛି ।

ମୁଁ କଟକର କଲେକ୍ଟର ଥିବା ସମୟରେ ତାଙ୍କର ଦେହାନ୍ତ ଘଟିଥିରଲରା । ସେହି ଦୁଇ ବର୍ଷ ମଧ୍ୟରେ ମୋର ତାଙ୍କ ସହିତ ବହୁବାର ସାକ୍ଷାତ ହୋଇଛି । ମୁଁ ତାଙ୍କୁ ଯେତେ ଅଧିକ ଦେଖିଛି, ତାଙ୍କର ମହାନତା ମୋ ଭିତରେ ସେତିକି ଦୃଢ଼ୀଭୂତ ହୋଇଛି । ବେଳେବେଳେ ସେ କଠୋର ଓ ନିର୍ମମ ଭଳି ମନେ ହେଉଥିଲେ ବି ତାଙ୍କ ଭିତରଟି ଅତ୍ୟନ୍ତ କୋମଳ ଥିଲା ବୋଲି ମୁଁ ପ୍ରଥମ ଭେଟରୁ ଜାଣିପାରି ନଥିଲି । ତାଙ୍କ ଭିତରେ ଥିଲା ଶିଶୁସୁଲଭ ସ୍ମିତହାସ୍ୟ ଯାହା କ୍ୱଚିତ ପ୍ରକଟିତ ହୋଇ ତାଙ୍କ ରକ୍ଷ ମନ୍ତ୍ରିମଣ୍ଡଳକୁ ସହାସ୍ୟଭରା କରି ଦେଉଥିଲା; ଆଉ ମଜାଦାର ହାସ୍ୟ-ଉଲ୍ଲାସମୟ କଥା ତ ଜୀବନର ଶେଷ ପର୍ଯ୍ୟନ୍ତ ଉପଭୋଗ କରିବାକୁ ମିଳୁଥିଲା ।

ସେ ପର ପିଢ଼ି ପାଇଁ କ'ଣ ରଖି ଦେଇଗଲେ ତାକୁ ହିଁ ନେଇ ମି. ଦାସଙ୍କ ଭଳି ବ୍ୟକ୍ତିଙ୍କୁ ବିଚାର କରିବା ଭୁଲି ହେବ । ସେ ଛାଡ଼ିଯାଇ ନାହାନ୍ତି ଅମାପ ଅର୍ଥ ବା ସଫଳ ସଂଗଠନ । କିନ୍ତୁ ଓଡ଼ିଆ ଲୋକଙ୍କ ପାଇଁ ସେ ଯେଉଁ ଉଚ୍ଚ ଆଦର୍ଶ, ସାଧାରଣ କ୍ଷେତ୍ରରେ ଅସାଧାରଣ ଚରିତ୍ରବତ୍ତା ଛାଡ଼ି ଯାଇଛନ୍ତି ସେସବୁ ଚିର ସ୍ମରଣୀୟ ହୋଇ ରହିବ । ତାତ୍କାଳିକ ଲାଭ କ୍ଷତିକୁ ବିଚାରକୁ ନନେଇ ସେ ସାରା ଜୀବନ ସଂଗ୍ରାମ କରି ଯାଇଛନ୍ତି । ସେ ତାଙ୍କର ଦେଶବାସୀଙ୍କ ଲାଗି ସବୁ କିଛି ଉତ୍ସର୍ଗ କରିଦେଇ ଯାଇଛନ୍ତି; ଯଦିଓ ଅନେକ ସମୟରେ ସେ ସେମାନଙ୍କୁ ଗାଳି କରୁଥିଲେ। ସେ ନିଃସ୍ୱ ଓ ହତାଶ ଲୋକଟିଏ ହୋଇ ମରିଥିଲେ ବି ସେ ତାଙ୍କ ଦେଶବାସୀଙ୍କ ଲାଗି ଏବଂ ଆଧ୍ୟାତ୍ମିକ ପରମ୍ପରା ରଖିଦେଇ ଯାଇଛନ୍ତି ଯାହା ସବୁ କାଳ ପାଇଁ ଏକ ସମ୍ପଦ ହୋଇ ରହିବ ।

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

ପି.ସି. ରାୟଚୌଧୁରୀ

ବିହାରର ଡେପୁଟୀ ମାଜିଷ୍ଟ୍ରେଟ୍

ମି. ଦାସଙ୍କ କଥା ମନକୁ ଆସିଲେ ସେହି ଶୀର୍ଣ୍ଣ ଲୋକଟିର ଚିତ୍ର ଆଖି ଆଗରେ ଭାସିଆସେ, ଯାହାଙ୍କ ପାଖରେ ଥିବ ଏକ ହୁକ୍କା, ଆଉ 'ଷ୍ଟଡ଼ି' (ଅଫିସ) ଟେବୁଲ ପରେ ଖେଳାଇ ହୋଇ ପଡ଼ିଥିବ ଗୁଡ଼ିଏ ବହି ଏବଂ କାଗଜପତ୍ର । ଆଉ ମଝି ମଝିରେ କଥାବାର୍ତ୍ତାବେଳେ ଶିଶୁସୁଲଭ ହସ । ତାଙ୍କର 'ଷ୍ଟଡ଼ି'କୁ ରାଜା ମହାରାଜାଙ୍କଠାରୁ ଦାଣ୍ଡର ଭିକାରୀଟିର ବି ପ୍ରବେଶ ଉନ୍ମୁକ୍ତ ଥିଲା । ତାଙ୍କ ସହିତ କଥାବାର୍ତ୍ତା କରିବା ଏକ ସୌଭାଗ୍ୟର କଥା । ସେ ଆଲୋଚନାରେ ଥାଏ ହୃଦୟଗ୍ରାହୀ ପାଣ୍ଡିତ୍ୟ ଏବଂ ଶିକ୍ଷଣୀୟ ବସ୍ତୁ । ସେ ଥିଲେ ଜ୍ଞାନର କୋଷ ଭଳି । ସେ କହି ଚାଲିଥିବେ ଯାହାସବୁ ଅତ୍ୟନ୍ତ ଉପାଦେୟ ଓ ଯୁକ୍ତିସଙ୍ଗତ, ଆଉ ଶ୍ରୋତାମାନେ ମନ୍ତ୍ରମୁଗ୍ଧ ଭଳି ସେସବୁ ଶୁଣିବାରେ ମଗ୍ନ ହୋଇ ରହିଥିବେ । ତାଙ୍କ ଟେବୁଲ ଉପରୁ ପୃଥିବୀର କେଉଁ କୋଣର ରାଜନୀତିକ ବିସମ୍ବାଦର ସଦ୍ୟ ବିବରଣୀ ସମ୍ବଳିତ ସମ୍ବାଦ ଥିବ ତ ଆଉ କେଉଁ କଡ଼ରେ ପାଇବେ ମାନସିକ ଅନଗ୍ରସରତା ସମ୍ବନ୍ଧିତ ସଦ୍ୟତମ ଗବେଷଣାଲବ୍ଧ ପ୍ରକାଶନ; ପୁଣି ଆଉ କୋଉଠି ପଡ଼ିଥିବ ଓଡ଼ିଶାର କେଉଁ କୋଣର ଅଜ୍ଞାତ କବିର ରଚନା । ନିଜ ଆଇନ ବ୍ୟବସାୟଗତ ପଢ଼ାପଢ଼ି ଛଡ଼ା ସେ ଏଭଳି ବିବିଧ ବିଷୟକ ପୁସ୍ତକ, ପୁସ୍ତିକା ଓ ପତ୍ରିକାମାନ ପଢ଼ାରେ ଘଣ୍ଟା ଘଣ୍ଟା ଧରି କଟାଉଥିଲେ ।

ଓଡ଼ିଶାରେ ତାଙ୍କର କିଭଳି ପ୍ରଭାବ ଥିଲା ତାହା ନିମ୍ନ ଏକ ଘଟଣାରୁ ଜାଣିହୁଏ । ଯେତେବେଳେ ପ୍ରଥମ ମହାସମର ଘଟିଥିଲା ତାହାର ପ୍ରଭାବରେ ସହରଠାରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ଲୋକେ ନାନା ଅଭାବର ସମ୍ମୁଖୀନ ହେଉଥିଲେ । ଦିନେ ଗାଁରୁ ଦି'ଜଣ ଲୋକ ମଧୁ ବାବୁଙ୍କ ପାଖରେ ତାଙ୍କର ଅସୁବିଧା କଥା ଜଣାଇବାକୁ ଆସିଥିଲେ । ମଧୁବାବୁ ଆସିବାର କାରଣ ପଚାରିବାରୁ ସେମାନେ କହିଲେ 'ଆଜ୍ଞା ଏ ଯୁଦ୍ଧଟାକୁ ଆପଣ ବନ୍ଦ କରାନ୍ତୁ ତ! ଆମେ ବଡ଼ ହଇରାଣ ହୋଇ ଗଲୁଣି । ଏଇଥିରୁ ଲୋକଙ୍କ ଉପରେ ମଧୁବାବୁଙ୍କର କିପରି ପ୍ରଭାବ ଥିଲା ଜଣାଯାଏ । ସେ ଥିଲେ ଲୋକଙ୍କର ମୁକୁଟ ବିହୀନ ଭୂପତି ।

ତାଙ୍କର କାର୍ଯ୍ୟକଳାପ ଥିଲା ବହୁମୁଖୀ । ସେ ଏସବୁ କିଭଳି ଚମତ୍କାର ଭାବରେ

Digitized by srujanika@gmail.com

ସମ୍ପାଦନ କରିପାରୁଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେ ଓଡ଼ିଶାର ସୁନାରୂପା ତାରକସି କାମର ବିକାଶ ଛଡ଼ା ଚମଡ଼ା ଶିଳ୍ପକୁ ନୂଆ ଢଙ୍ଗରେ କରାଇଥିଲେ । ଦିନାକେତେ ସେ ଓଡ଼ିଶାର ବିଖ୍ୟାତ ବସ୍ତ୍ର ବୟନକୁ ଉନ୍ନତ କରାଇବା ଲାଗି ଲୋକଙ୍କୁ ଉତ୍ସାହିତ କରାଇଲେ ଓ ତାକୁ ନେଇ ଅନ୍ୟ ରାଜ୍ୟରେ ପ୍ରଦର୍ଶନୀ କରାଇଲେ । ଉତ୍ପାଦିତ ପଦାର୍ଥ କିପରି ଶୀଘ୍ର ପ୍ରସ୍ତୁତ ହୋଇପାରିବ ଅଥଚ ଉନ୍ନତ ମାନର ବି ହୋଇଥିବ ସେ ଦିଗରେ ସେ ନିଜେ ଚିନ୍ତା କରୁଥିଲେ । ଥରେ ସେ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ଜୋତାକୁ ନଷ୍ଟ କରି ଦେଇଥିଲେ, ଯେହେତୁ ତାହା ତାଙ୍କ ରୁଚି ମୁତାବକ ନଥିଲା (ସେତେବେଳର ଟଙ୍କା ଟିରେ ଆଜିର ୩୦୦ ଟଙ୍କାର ଜିନିଷ କିଣି ହେବ) । କୋଡ଼ିଏ ବର୍ଷ ପୂର୍ବେ ଉତ୍କଳ ଟ୍ୟାନେରୀର ଜୋତା ସର୍ବୋତ୍କୃଷ୍ଟ ଥିଲା । ଓଡ଼ିଶାର ଜଙ୍ଗଲ ସମ୍ପଦ ଓ ତା'ର ଅମାପ ଆର୍ଥନୀତିକ ସମ୍ବଳ ସମ୍ବନ୍ଧରେ ସେ ସଚେତନ ଥିଲେ ଓ ଓଡ଼ିଆ ଲୋକଙ୍କ ମଧ୍ୟରେ ଲୁଚି ରହିଥିବା ଦକ୍ଷତା ସମ୍ପର୍କରେ ମଧ୍ୟ ଅବଗତ ଥିଲେ । ଏହି ଦୃଷ୍ଟିରୁ ସେ ଆଧୁନିକ ଓଡ଼ିଶାର ଜଣେ ବାସ୍ତବବାଦୀ ତଥା ବୈଜ୍ଞାନିକ ଦୃଷ୍ଟିକୋଣ ଥିବା ବ୍ୟକ୍ତି ଭାବରେ ବିବେଚିତ ହେବେ । ଅତି ଉନ୍ନତ ମାନର ବସ୍ତୁ ନିର୍ମାଣ ପାଇଁ ଜିଦ୍ ଯୋଗୁଁ ଏବଂ ଟିକିଏ ବ୍ୟବସାୟୀ ବୁଦ୍ଧି ଅଭାବରୁ ସେ ସଫଳ ଶିଳ୍ପୋଦ୍ୟୋଗୀ ହୋଇ ପାରିଲେ ନାହିଁ । ତାଙ୍କ ଓଡ଼ିଶା ଆର୍ଟ ଓୟାର କଟକର ଏକ ବ୍ୟବସାୟୀ ଦୋକାନ ଅପେକ୍ଷା ଉନ୍ନତ ରୂପା ତାରକସି କାମର ଏକ ମ୍ୟୁଜିୟମ ଭଳି ଲାଗୁଥିଲା । ସେ ନଡ଼ିଆ ଷଢ଼େଇରେ ଚାହା କପ୍ ଓ ଚମଡ଼ା ବ୍ୟବହାର ନକରି ଗଛର ବକଳରେ ଜୋତା ତିଆରି କରାଇଥିଲେ । ଏହିଥିରୁ ତାଙ୍କର କଳ୍ପନା ଶକ୍ତିର ପରିଚୟ ମିଳେ ।

ତାଙ୍କ ଚରିତ୍ରର ଦୁଇଟି ବିଶେଷତ୍ୱ ବେଶ୍ ଲକ୍ଷଣୀୟ । ପ୍ରଥମ ହେଲା ମା'ଙ୍କ ପ୍ରତି ତାଙ୍କର ଅପାର ସମ୍ମାନ । ଅତି ପରିଣତ ବୟସରେ ବି ତାଙ୍କ ମା'ଙ୍କ କଥା କହିଲାବେଳେ ସେ ଗଦ୍‌ଗଦ୍ ହୋଇଯାଆନ୍ତି । ତାଙ୍କର ମା' ହିଁ ତାଙ୍କ ଚରିତ୍ରର ମୂଳଦୁଆ ପକାଇଥିଲେ ଏହି କଥା ସେ ବାରମ୍ବାର କହୁଥିଲେ । ବହୁ ସଭା ସମିତିରେ ସେ ମା'ଙ୍କ ସେହି କଥା ଉଦ୍ଧାର କରୁଥିଲେ 'ଆପଣା ମହତ୍ୱ ଆପେ ରଖି' । ପିଲାଟି ଦିନରୁ ମା' କୋଳରୁ ଏହି କଥା ଶୁଣି ଶୁଣି ତାହା ତାଙ୍କ ଚରିତ୍ରରେ ଛାପିହୋଇ ଯାଇଥିଲା । ସେହି ଭାବନାର ବଶବର୍ତ୍ତୀ ହୋଇଥିବାରୁ ସେ ପରାଜୟକୁ ସ୍ୱୀକାର କରୁ ନଥିଲେ । ଜୀବନର ବହୁ ପର୍ଯ୍ୟାୟର ଅନୁଭୂତି ତାଙ୍କର ଥିଲା । ଧନୀ ଭଳି ଚଳିବା ପରେ ଦାରିଦ୍ର୍ୟ କ'ଣ ସେ ଅନୁଭବ କରିଥିଲେ । କିନ୍ତୁ ସେଥିଲାଗି ସେ ଗୁଁ

Digitized by srujanika@gmail.com

ପୁଁ ହେଉ ନଥିଲେ ବା ଆଶା ହରାଇ ନଥିଲେ । ଏହା ସତ୍ତ୍ୱେ ସାରା ଜୀବନ କେବେ ସେ ସ୍ୱାଭିମାନ ହରାଇ ନଥିଲେ ।

ତାଙ୍କର ଅନ୍ୟ ଏକ ବିଶେଷତ୍ୱ ଥିଲା ଯେ ସେ ଗରିବଟିକୁ ବି ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ସନ୍ଧ୍ୟାବେଳିଆ ମହାନଦୀ କୂଳରେ ବୁଲି ଯାଉଥିଲାବେଳେ ସେ କେବେକେବେ ଅତି ସାଧାରଣ ଲୋକଟିକୁ ଅଟକାଇ ତା ସହିତ ନିଜ ଭାଇ ଭଳି କଥାବାର୍ତ୍ତା କରୁଥିଲେ । ସେ ସବୁବେଳେ କହୁଥିଲେ ଯେ ସେଇ ଲୋକ ଯଥାର୍ଥ ରାଷ୍ଟ୍ରନୀତିଜ୍ଞ ଯିଏ ଗରିବଙ୍କ ପାଇଁ କାମ କରେ । ଆଉ ମନ୍ତ୍ରୀ ଥିଲାବେଳେ ସେ ଏହି ଭାବନାକୁ ଅନେକ ପରିମାଣରେ କାମରେ ଲଗାଇଥିଲେ ।

ଏ କଥା ବର୍ଣ୍ଣନା କରିବା ବାହୁଲ୍ୟ ଯେ ସେ ଥିଲେ ଓଡ଼ିଆ ଜାତୀୟତାର ଜନକ । ଓଡ଼ିଆମାନଙ୍କୁ ଗୋଟିଏ ପ୍ରଶାସନ ଅଧୀନକୁ ଆଣିବାକୁ ସେ ଯେଉଁ ଅଭିଳାଷ ପୋଷଣ କରିଥିଲେ ତାହାକୁ କାର୍ଯ୍ୟକାରୀ କରିବା ଲାଗି ସେ ଆଜୀବନ ଆପ୍ରାଣ ଉଦ୍ୟମ କରିଥିଲେ । ସାମ୍ବାଦିକ ଭାବରେ ତାଙ୍କର ବିଶେଷ ଦକ୍ଷତା ଥିଲା । ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ରାୟ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦି ଷ୍ଟାର୍ ଅଫ୍ ଉତ୍କଳ' ପତ୍ରିକାରେ ତାଙ୍କର ଲେଖା ତ ବାହାରୁଥିଲା, ସେ ସେଥିର ସମ୍ପାଦକୀୟ ବି ବେଳେବେଳେ ଲେଖୁଥିଲେ । ଉକ୍ତ ପତ୍ରିକାଟି ବନ୍ଦ ହେଲା ପରେ 'ଦି ଓରିୟା' ନାମକ ଏକ ପତ୍ରିକା ତାଙ୍କ ସମ୍ପାଦନାରେ ବାହାରୁଥିଲା । ସେସବୁ ଲେଖା ତ ଉଚ୍ଚକୋଟୀର ହେଉଥିଲା । ତହିଁର ବେଳେବେଳେ ଚମତ୍କାର ସମାଲୋଚନା ଓ ବ୍ୟଙ୍ଗ ପ୍ରକାଶିତ ହେଉଥିଲା । ଭାରତବର୍ଷର ଅଳ୍ପକେତେ ଜଣ ସୁବକ୍ତାଙ୍କ ମଧ୍ୟରେ ଥିଲେ ଅନ୍ୟତମ । ଶିକ୍ଷାକୁ ସେ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲେ ଓ କହୁଥିଲେ ରାଷ୍ଟ୍ରନୀତିଜ୍ଞମାନେ ଶିକ୍ଷା ଓ ଆନ୍ଦୋଳନ ଦୁଇ ଦିଗ ପ୍ରତି ଧ୍ୟାନ ଦେବା ଉଚିତ ।

ତାଙ୍କର ଦୋଷ ନଥିଲା ନୁହେଁ । କିନ୍ତୁ ତାକୁ ଦୃଷ୍ଟି ନ ଦେଇ ସେ ଯାହାସବୁ କରି ଯାଇଛନ୍ତି ସେଗୁଡ଼ିକୁ ସ୍ୱୀକୃତି ଦେବାର ବେଳ ଆସିଛି । ସବୁ ସାଧାରଣ ଲୋକର କିଛି ନା କିଛି ତ୍ରୁଟି ଥାଏ; ଆଉ ସେ ସେଥିରୁ ବ୍ୟତିକ୍ରମ ନଥିଲେ । କିନ୍ତୁ ସେ ସବୁକୁ ଭ୍ରୂକ୍ଷେପ ନକରି ସେହି ମହାନ୍ ବ୍ୟକ୍ତିଙ୍କ ଯଶ ଗାନ କରିଚାଲିବା; ଯିଏ ଓଡ଼ିଶା ପାଇଁ ଆତ୍ମୋତ୍ସର୍ଗ କରି ଦେଇଥିଲେ ।

Digitized by srujanika@gmail.com

ମଧୁ ସୂଦନଙ୍କ ସ୍ମରଣରେ

ଶ୍ରୀକୃଷ୍ଣ ମହାପାତ୍ର

କଟକ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ

ଇଂରାଜୀ ଶିକ୍ଷା ଓଡ଼ିଶାରେ ଯେଉଁ ବିଶିଷ୍ଟ ଲୋକମାନଙ୍କୁ ସୃଷ୍ଟି କରିଛି, ସେମାନଙ୍କ ମଧ୍ୟରେ ମଧୁସୂଦନ ହେଉଛନ୍ତି ସର୍ବଶ୍ରେଷ୍ଠ । ଓଡ଼ିଶାକୁ ଯେତେବେଳେ ହେୟ ଚକ୍ଷୁରେ ବିଚାର କରାଯାଉଥିଲା ସେଭଳି ସମୟରେ, ଏକ ଗାଁରେ ଜନ୍ମ ହୋଇ ବି, ସେ ସେକାଳର ସାଧାରଣ ଲୋକଙ୍କ ପାଇଁ ସେ ଥିଲେ ଦର୍ଶନୀୟ ବ୍ୟକ୍ତି । ଗାଁରୁ କେହି କଟକ ଆସି ଫେରୁଥିଲେ ଲୋକେ ତାଙ୍କୁ ପଚାରନ୍ତି "କଟକ ଯାଇଥିଲୁ ମଧୁବାବୁଙ୍କୁ ଦେଖିଲୁ? ଗୌରୀଶଙ୍କରଙ୍କ ଛପାକଳ ଦେଖିଛୁ? ଆଉ ଗୋଲୋକ ବାବୁଙ୍କ ପୋଷା ବାଘ ଦେଖିଲୁ କି?" ଛାତ୍ରମାନଙ୍କ ଲାଗି ସେ ଥିଲେ ପ୍ରେରଣାର ଉତ୍ସ ଓ ଗଡ଼ଜାତ ରାଜାମାନଙ୍କ ପାଇଁ ଥିଲେ ଜଣେ ଏକାନ୍ତ ବିଶ୍ୱାସୀ ବ୍ୟକ୍ତି । ଜଣେ ବିଶିଷ୍ଟ ଇଂରେଜ ଲୋକ ଓଡ଼ିଶା ଫେରିଯାଇ କହିଥିଲେ "ଓଡ଼ିଶାର ସେ ଥିଲେ ମୁକୁଟ ବିହୀନ ନୃପତି ।" ସେ ଥିଲେ ଜଣେ ଲଢୁଆ ଲୋକ ଏବଂ ସଂଗ୍ରାମର ଶେଷ ପର୍ଯ୍ୟନ୍ତ ସେ ହଟୁ ନଥିଲେ । ତାଙ୍କ ଧମନୀରେ କ୍ଷତ୍ରୀୟ ରକ୍ତ ପ୍ରବାହିତ ହେଉଥିଲା ତାଙ୍କ ପୂର୍ବ ପୁରୁଷ ମରହଟ୍ଟାମାନଙ୍କ ମଲ୍ଲ ଥିଲେ । ତାଙ୍କ ଜେଜେମା ' ସତୀ ହୋଇଥିଲେ । ସେ ଯେବେ ନିଜ ଗାଁକୁ ଯାଉଥିଲେ ପ୍ରତିଥର ନିଶ୍ଚୟ ସେହି ପୁଣ୍ୟ ସ୍ଥାନକୁ ଦର୍ଶନ କରି ଆସୁଥିଲେ ।

ମଧୁ ବାବୁ ଶିକ୍ଷକ ଭାବରେ ଜୀବନ ଆରମ୍ଭ କରିଥିଲେ ଓ ସାରା ଜୀବନ ଶିକ୍ଷକର ଭୂମିକାରେ ଥିଲେ । ଅଳ୍ପ କିଛି ଦିନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ ସତ କିନ୍ତୁ ସାରା ଜୀବନ ନିଜ ଜାତିକୁ ଶିକ୍ଷା ଦେଇ ଦେଇଗଲେ । ସେ ଦେଶବାସୀଙ୍କ ମନରେ ଜାତୀୟତାଭାବ ଉଦ୍ରେକ କରିଥିଲେ, ଯାହା ଫଳରେ ସେମାନେ ପୂର୍ବ ଗୌରବରେ ଉଦ୍‌ବୋଧିତ ହୋଇଥିଲେ । ସେ ପ୍ରଥମେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ; କିନ୍ତୁ ପରେ ଅନୁଭବ କରିଥିଲେ ଯେ ଓଡ଼ିଆ ଜାତିର ଅଭ୍ୟୁତ୍ଥାନ ଲାଗି ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଆବଶ୍ୟକ । ସେହି ଉଦ୍ଦେଶ୍ୟରେ ସେ ଉତ୍କଳ ସମ୍ମିଳନୀ ସୃଷ୍ଟି କରିଥିଲେ ଏବଂ ସେଇଥି ପାଇଁ ପ୍ରଚୁର ଅର୍ଥ ବ୍ୟୟ କରିଥିଲେ । ସେହି ଅନୁଷ୍ଠାନର ଅବିରାମ ଏକାଗ୍ର ସଂଗ୍ରାମ ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଛି ।

Digitized by srujanika@gmail.com

ସେ ଯେ ଜଣେ ମହାନ୍ ବ୍ୟକ୍ତି ଥିଲେ ଏହା ଅର୍ଦ୍ଧ ଶତାବ୍ଦୀ ଧରି ଓଡ଼ିଶାର ବିଶିଷ୍ଟ ଲୋକମାନେ ସ୍ୱୀକାର କରୁଥିଲେ । ସେ ଲୋକଙ୍କୁ ଦୁଃସ୍ଥ ଅବସ୍ଥାରେ ସର୍ବଦା ସାହାଯ୍ୟ କରୁଥିଲେ; ହେଲେ ତାହା କାହାକୁ ଜାଣିବାକୁ ଦେଉ ନଥିଲେ ।

ମଧୁସୂଦନଙ୍କୁ ମହାନ୍ ଜଗନ୍ନାଥ ମନ୍ଦିରର ରକ୍ଷାକାରୀ ଭାବରେ କୁହାଯାଇଥାଏ । ବଙ୍ଗଳା ସରକାର ଯେତେବେଳେ ସେହି ମନ୍ଦିରକୁ ନିଜ ପରିଚାଳନାକୁ ନେବାକୁ ଉଦ୍ୟମ କରିଥିଲେ, ଯାହା ଫଳରେ ଦେଶସାରା ଉତ୍ତେଜନା ଦେଖା ଯାଇଥିଲା; ମଧୁସୂଦନ ସେହି ସମୟରେ ହିନ୍ଦୁମାନଙ୍କ ପାଇଁ ଅଣ୍ଟା ଭିଡ଼ିଥିଲେ । ସେ ଯୁକ୍ତି ଦର୍ଶାଇଲେ ଯେ ଖ୍ରୀଷ୍ଟିଆନ୍‌ମାନଙ୍କର ପୋପ୍ ଭଳି, ପୁରୀର ରାଜାଙ୍କୁ ହିନ୍ଦୁମାନେ ପୂଜା କରନ୍ତି ଓ ତାଙ୍କରି ଶାସନ ବର୍ଷ ଅନୁସାରେ ଓଡ଼ିଆ ନବଜାତ ଶିଶୁର ଜାତକ ପ୍ରସ୍ତୁତ ହୋଇଥାଏ । ସେହି ଲଢ଼େଇରେ ସେ ସଫଳ ହୋଇଥିଲେ ଓ ବ୍ରିଟିଶ ସରକାର ଏ ଦିଗରେ ଆଉ ଉଦ୍ୟମ କଲେ ନାହିଁ । ସମ୍ବାଦପତ୍ର ଓ ଜନସାଧାରଣ ତାଙ୍କର ଜୟ ଜୟକାର କଲେ ।

ଇଂରାଜୀ ସାହିତ୍ୟରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା । ତାଙ୍କର ଇଂରାଜୀ ଲେଖା ଯେପରି ସରସ, ବକ୍ତୃତା ମଧ୍ୟ ସେହିପରି ସରସ ଥିଲା ।

ବଙ୍ଗଦେଶର କୃତୀ ସନ୍ତାନ ସରସ୍ୱତୀ ଉପାଧିପ୍ରାପ୍ତ ସର୍ ଆଶୁତୋଷ ମୁଖୋପାଧ୍ୟାୟ ତାଙ୍କଠାରୁ ଇଂରାଜୀ ଶିକ୍ଷା କରିଥିଲେ । ଯେଉଁଦିନ ସେ ହାଇକୋର୍ଟରେ ଜଜ୍ ପଦରେ ନିଯୁକ୍ତ ହେଲେ, ସେହିଦିନ ସେ ମଧୁସୂଦନଙ୍କୁ ଖଣ୍ଡିଏ ପତ୍ର ଲେଖିଥିଲେ । ସେ ଯାହା ଲେଖିଥିଲେ ତହିଁର ମର୍ମ- 'ମୁଁ ଆପଣଙ୍କ ଯୋଗେ ମନୁଷ୍ୟ ହୋଇଅଛି । ଆପଣଙ୍କ ଯୋଗେ ମୁଁ ଆଜି ଏ କର୍ମ ପାଇଲି' । ମୁଁ ସେତେବେଳେ କଲିକତାରେ ଥିଲି । ସେ ପତ୍ର ଖଣ୍ଡିକ ମଧୁବାବୁ ମୋ ନିକଟକୁ ପଠାଇଥିଲେ । ମୁଁ ପଢ଼ି ଫେରାଇ ଦେଇଥିଲି । ସର୍ ଆଶୁତୋଷ ମଧୁବାବୁଙ୍କୁ ପିତୃତୁଲ୍ୟ ସମ୍ମାନ କରୁଥିଲେ ଏବଂ ତାଙ୍କୁ ପିତୃବ୍ୟ ବୋଲି ସମ୍ବୋଧନ କରୁଥିଲେ ।

ପ୍ରଥମଥର ବିଲାତ ଯିବା ପୂର୍ବରୁ ସେ ଖଣ୍ଡିଏ ଉଇଲ ଲେଖି ତାହା ବନ୍ଦ ଲଫାପାରେ ରେଜେଷ୍ଟ୍ରି ଅଫିସରେ ଦାଖଲ କରିଥିଲେ । ସେ ବିଲାତରୁ ଫେରିବା ପରେ ତାହା ଫେରାଇ ନେଇ ଘରେ ରଖିଥିଲେ । ତାଙ୍କ ବାକ୍ସ ଚୋରିଗଲା । ସେ ବାକ୍ସରେ ସେ ଉଇଲ ଥିଲା । ଚୋର ସେ ବାକ୍ସରେ ଥିବା କାଗଜପତ୍ର ଯେଉଁଠି ପୋଡ଼ିଥିଲେ, ସେହିଠାରେ ସେ ଉଇଲ ପୋଲିସ ପାଇଥିଲେ । ଜଣେ ଓଡ଼ିଆ ଛାତ୍ରକୁ ସିଭିଲ ସର୍ଭିସ୍ ପରୀକ୍ଷା ଦେବା ନିମନ୍ତେ ବିଲାତ ପଠାଯିବ ବୋଲି ସେ ଉଇଲରେ ବ୍ୟବସ୍ଥା ଥିଲା ।

Digitized by srujanika@gmail.com

ସେ ଯେତେବେଳେ କଟକ ଆସି ଓକିଲାତି ଆରମ୍ଭ କଲେ, କଚେରିରେ ଲୋକେ ତାଙ୍କର ବକ୍ତୃତା ଶୁଣିବାକୁ ରୁଣ୍ଡ ହେଉଥାନ୍ତି । ମଫସଲର ଲୋକ କଟକରୁ ଫେରିଗଲେ ଗ୍ରାମରେ କହନ୍ତି, ମୁଁ ମଧ୍ୟ ବରିଷ୍ଟରକୁ ଦେଖି ଆସିଲି ।

ସରସ ଓ ସାରଗର୍ଭ କଥୋପକଥନରେ ତାଙ୍କ ଭଳି ଲୋକ ଦୁର୍ଲ୍ଲଭ । ଯେ କେହି ଅଳ୍ପକ୍ଷଣ ପାଇଁ ତାଙ୍କ ନିକଟକୁ ଯାଇଛନ୍ତି, ନିଶ୍ଚୟ କିଛି ହେଲେ ନୂଆ କଥା ଶୁଣି ଉପକୃତ ହୋଇଛନ୍ତି ।

ଦେଶର ଅଭିବୃଦ୍ଧିରେ ଶିଳ୍ପ ବିକାଶର ଗୁରୁତ୍ୱ ମଧୁସୂଦନ ବେଶ୍ ହୃଦୟଙ୍ଗମ କରିଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ ଓଡ଼ିଶାରୁ ଶହଶହ ଟନ୍ ହାଡ଼ ଓ ଚମଡ଼ା ବିଦେଶକୁ ରପ୍ତାନୀ ହେଉଛି । ସେଇ କଥାରୁ ତାଙ୍କର ଉତ୍କଳ ଟ୍ୟାନେରୀ ସୃଷ୍ଟି କରିବା ଭାବନା ଆସିଲା । ଏଥିରେ ପ୍ରସ୍ତୁତ ଜୋତା ଇଉରୋପ ଓ ଆମେରିକାରେ ଆଦୃତ ହେବାରେ ଲାଗିଲା । ଏହାଦ୍ୱାରା ସେ ଏତେ ଉତ୍ସାହିତ ହୋଇ ଯାଇଥିଲେ ଯେ ଉତ୍କଳ ଟ୍ୟାନେରୀରୁ ପ୍ରସ୍ତୁତ ନିକୃଷ୍ଟ ଜୋତା ଅପେକ୍ଷାକୃତ କମ୍ ଦାମ୍‌ରେ ବିକ୍ରି ନ କରାଇ ସେ ନଷ୍ଟ କରାଉଥିଲେ । ବ୍ୟବସାୟ ଦୃଷ୍ଟିରୁ କିନ୍ତୁ ଏହା ଥିଲା ଅନୁଚିତ ବିଚାର । ସେ ତାଙ୍କର ସମସ୍ତ ଅର୍ଥ ସେଇଥିରେ ଖଟେଇ ଦେଲେ ଓ ତା'ରି ଯୋଗୁଁ ସେ ଆର୍ଥିକ ଦୁରବସ୍ଥାରେ ପଡ଼ିଥିଲେ ।

ସେ ରାଜପୁତ୍ର ଭଳି ଅର୍ଥ ଅର୍ଜନ କରି ଦୁଃସ୍ଥ ଅବସ୍ଥାରେ ଦେହତ୍ୟାଗ କରିଥିଲେ ବି ସେଥିଲାଗି ତାଙ୍କର ଶୋଚନା ନଥିଲା । ଓଡ଼ିଆମାନେ କାମ କରିବାକୁ ବିଦେଶ ଯାଇ ରୋଗ ନେଇ ଫେରୁଥିବା ଲକ୍ଷ୍ୟକରି, ସେ ମୃତ୍ୟୁ ପୂର୍ବରୁ ଭାବୁଥିଲେ, ଓଡ଼ିଶାରେ ବଡ଼ ଧରଣର ଶିଳ୍ପ ହେଉ ଯାହା ଫଳରେ ଓଡ଼ିଆମାନଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ ।

ଓଡ଼ିଶାର ଅଭ୍ୟୁତ୍ଥାନ ଥିଲା ମଧୁସୂଦନଙ୍କ ମିଶନ । ତାଙ୍କର ସେହି ମିଶନ ସଫଳ ହୋଇଛି । ଶେଷ ପ୍ରଶ୍ୱାସ ନେଲା ପର୍ଯ୍ୟନ୍ତ ସେ ଦେଶ କଥା ହିଁ ଭାବୁଥିଲେ । ତାଙ୍କର ଦେହାବସାନ ହୋଇଥିଲେ ହେଁ ତାଙ୍କର ଆତ୍ମା ଓଡ଼ିଆ ପ୍ରାଣରେ ଜାଗରୁକ ହୋଇରହିବ । ଜୟ ମଧୁସୂଦନ କି ଜୟ ।

Digitized by srujanika@gmail.com

ମି. ଦାସଙ୍କ ଖ୍ରୀଷ୍ଟୀୟତ୍ୱର ଏକ ଦିଗ

ଜନାର୍ଥନ ମହାନ୍ତି

ରେଭେନ୍‌ସା କଲେଜର ପ୍ରଫେସର

୧୯୧୬ ମସିହାରେ ମୁଁ ପ୍ରଥମେ ମଧୁସୂଦନ ଦାସଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସେ। ସେବର୍ଷ ଏମ୍.ଏ ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇଥିଲେ ସେହିମାନଙ୍କ ଉଦ୍ଦେଶ୍ୟରେ ସେଥର ତାଙ୍କ ବାସଭବନରେ ଏକ ନୈଶ ଭୋଜିର ବ୍ୟବସ୍ଥା ହୋଇଥିଲା। ତାଙ୍କ ଭଳି ଓଡ଼ିଶାର ଶିକ୍ଷା ପ୍ରସାର ପାଇଁ କେହି ଏଭଳି ଆଗ୍ରହୀ ନଥିଲେ ଓ ଓଡ଼ିଆ ପିଲାଏ ଶିକ୍ଷା ଦିଗରେ ସାଫଲ୍ୟ ଲାଭ କଲେ ସେ ଅତି ଆନନ୍ଦିତ ହୋଇ ଯାଉଥିଲେ। ବାପା ପୁଅର ଶିକ୍ଷା ବିକାଶରେ ଯେଭଳି ଗୌରବ ଅନୁଭବ କରିଥାଏ ତାଙ୍କଠାରୁ ଆମେ ଠିକ୍ ସେହିଭଳି ବ୍ୟବହାର ପାଇଥିଲୁ। ସେହି ସମୟଠାରୁ ମୁଁ ତାଙ୍କ ସହିତ ମିଶିବାର ବହୁ ସୁଯୋଗ ପାଇଥିଲି। ତାଙ୍କ ଆଳାପରେ ଯୋଗ ଦେଲେ କେତେ ଯେ ନୂଆ କଥା ଆମେ ଜାଣୁ ତା'ର ହିସାବ ନାହିଁ। ସେସବୁ ଆମ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଥିଲା।

ମୁଁ ନିଜେ ଖ୍ରୀଷ୍ଟିଆନ ହୋଇଥିବାରୁ ଆମ ଧର୍ମ ସମ୍ପର୍କରେ ତାଙ୍କର ଅଭିମତ ଜାଣିବା ଲାଗି ମୋର ଖୁବ୍ ଆଗ୍ରହ ଥାଏ। ସେ କିଭଳି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ ସେକଥା ମୁଁ ତାଙ୍କ ମୁହଁରୁ ଶୁଣିଛି। ଘରୋଇ କଥାବର୍ତ୍ତାରେ ଓ ସାଧାରଣ ସଭାରେ ଖ୍ରୀଷ୍ଟଧର୍ମର ମହାନତା ଓ ଯୀଶୁଖ୍ରୀଷ୍ଟଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ପ୍ରତି ତାଙ୍କର ଆନୁଗତ୍ୟ କଥା ସେ ପ୍ରକାଶ କରୁଥିଲେ। 'ହେ ପରମପିତା! ସେମାନେ ଯାହା କରୁଛନ୍ତି ତାହା ସେମାନେ ଜାଣିପାରୁ ନାହାନ୍ତି, ସେମାନଙ୍କୁ କ୍ଷମା ଦିଅ', ଯୀଶୁ କ୍ରୁଶରେ ଝୁଲୁଥିବାବେଳେ ଏଇ ଯେଉଁ କଥା କହିଥିଲେ ସେହି ବାକ୍ୟଟିରୁ ହିଁ ସେ ତାଙ୍କୁ ନିଜର ମାଲିକ ବୋଲି ଗ୍ରହଣ କରି ନେଇଥିଲେ। ଦିନେ ସନ୍ଧ୍ୟାବେଳେ ସେ କିଲ୍ଲା ଚାଟିପଟେ ଘୂରୁଥିଲାବେଳେ ମୁଁ ତାଙ୍କୁ ଭେଟିଥିଲି। ମୁଁ କେଉଁ ଚର୍ଚ୍ଚର ବୋଲି ସେ ମୋତେ ପଚାରିଲେ। ମୁଁ କହିଥିଲି ମୁଁ କୌଣସି ଚର୍ଚ୍ଚ ଅନ୍ତର୍ଭୁକ୍ତ ନୁହେଁ। ସେ କହିଲେ ଯେ ସେ କଲିକତାରେ ଥିଲାବେଳେ ଗୋଟିଏ ଚର୍ଚ୍ଚର ସଭ୍ୟ ଥିଲେ। ଉକ୍ତ ଚର୍ଚ୍ଚର ଜଣକୁ ଥରେ ନିଶାସକ୍ତ ଅବସ୍ଥାରେ ଦେଖି ତାଙ୍କ ବିରୋଧରେ ଧର୍ମରୁ ବହିଷ୍କାର କରିବା ଉପରେ ଆଲୋଚନା ଚାଲିଥାଏ। ମଧୁବାବୁ ସେହି ସମୟରେ ସେଠାରେ ଉପସ୍ଥିତ ଥିଲେ। ସେ ଏଭଳି ଉଦ୍ୟମକୁ ବିରୋଧ କରି କହିଥିଲେ ଯେ ଚର୍ଚ୍ଚର ପଦାଧିକାରୀମାନେ ଆବଶ୍ୟକତାଠାରୁ ଅଧିକ ମଦ୍ୟପାନ କରିବା ସେ ଦେଖିଛନ୍ତି। ଚର୍ଚ୍ଚ ଆଇନ ଅଦାଲତ ଭଳି ଦଣ୍ଡାଦେଶରେ ବ୍ୟସ୍ତ ନ ରହି ଲୋକର ପାରମାର୍ଥିକ ଦିଗର ବିକାଶ ଦିଗରେ ମନ ନିବେଶ କରିବା ଦରକାର; ଯାହା ତା'ପାଇଁ ଅଧିକ ଆବଶ୍ୟକ। ସେହି ସମୟରୁ ସେ ଚର୍ଚ୍ଚମାନଙ୍କଠାରୁ ସମ୍ପର୍କ ତୁଟାଇ ଦେଇଥିଲେ।ସେ ମୋତେ କହିଲେ ଯେ ସେ ହେଉଛନ୍ତି ଖ୍ରୀଷ୍ଟିଆନ, ଚର୍ଚ୍ଚିଆନ ନୁହନ୍ତି। ସେ ଥିଲେ ନିଜ ବିଶ୍ୱାସରେ ଅଟଳ ଏବଂ ସ୍ପଷ୍ଟବାଦୀ। ଚର୍ଚ୍ଚ ସମ୍ବନ୍ଧରେ ତାଙ୍କର ଏଭଳି ବିଚାରକୁ ଗଭୀର ଭାବରେ ଚିନ୍ତା କରିବାର କଥା।

Digitized by srujanika@gmail.com

ମଧୁସୂଦନ ଦାସ

ବାବା କର୍ତ୍ତାର୍ ସିଂହ

ପାଟନା କଲେଜର ପ୍ରଫେସର

ଦୁଃଖର କଥା ଯେ ଓଡ଼ିଶାର କୁଳବୃଦ୍ଧ ମଧୁସୂଦନ ଦାସ ଆଉ ନାହାନ୍ତି । ସେ ଯେ ବହୁ ଦିଗରେ ଓଡ଼ିଶାର ଅଗ୍ରଦୂତ ଭଳି କାର୍ଯ୍ୟ କରିଥିଲେ ବା ନବ ଉତ୍କଳର ନିର୍ମାତା ଏତିକି କହିଦେଲେ ଯଥେଷ୍ଟ ହେବ ନାହିଁ । ସେ ଥିଲେ ଏସବୁଠାରୁ ଆହୁରି କିଛି ଅଧିକ । ତାଙ୍କ ମୃତ୍ୟୁ ସାଧାରଣ ଜୀବନରେ ଅପୂରଣୀୟ କ୍ଷତି ସୃଷ୍ଟି କରିଦେଇ ଯାଇଛି । ଯଦିଓ ଅନେକ ଜାଣନ୍ତି ନାହିଁ, ମି. ମଧୁସୂଦନ ଦାସ ଥିଲେ ଜଣେ ଯଥାର୍ଥ ଶିକ୍ଷକ । ଓଡ଼ିଆ ପିଲାମାନେ ଆଇନ ପରୀକ୍ଷାରେ ଭଲ କରୁ ନଥିବା ଲକ୍ଷ୍ୟ କରି ସେ ନିଜେ କଲେଜରେ ଆଇନ ପଢ଼ାଇଲେ । ସେ ମୋତେ କହିଥିଲେ ଯେ ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ପିଲାବେଳେ ସେ ପଢ଼ାଉଥିଲେ ଓ ଗୁରୁଙ୍କ ସହିତ ଆଶୁତୋଷ ସବୁବେଳେ ସମ୍ପର୍କ ରଖୁଥିଲେ । ଆଉ ସେ ବି ମୋତେ କହିଥିଲେ ଯେ ସାର୍ ଆଶୁତୋଷଙ୍କ ମୃତ୍ୟୁ ଦିନ ତାଙ୍କୁ ସେଭଳି ଘଟଣା ଘଟିବାକୁ ଯାଉଥିଲା ବୋଲି କେମିତି ଗୋଟାଏ ବୋଧ ହେଉଥିଲା । ମି. ଏମ୍.ଏସ୍. ଦାସ ହିଁ ଯଥାର୍ଥରେ ବହୁ ଦିଗରୁ ଆଧୁନିକ ଓଡ଼ିଶାର ପ୍ରଥମ ଥିଲେ । ସେ ଥିଲେ କଳା ଓ ଆଇନରେ ପ୍ରଥମ ସ୍ନାତକ । ପ୍ରଥମ ଓଡ଼ିଆ ବିଦେଶ ଯାତ୍ରୀ ଓ ମନ୍ତ୍ରୀ ଭାବରେ ବି ଥିଲେ ଓଡ଼ିଶାରୁ ପ୍ରଥମ ।

ସେ ଆଇନ ବ୍ୟବସାୟରେ ଖୁବ୍ ଭଲ କରୁଥିଲେ ବି ଶିଳ୍ପ ବିକାଶ ଦିଗରେ ତାଙ୍କର ବିଶେଷ ଅଗ୍ରହ ଥିଲା; କାରଣ ସେ ଜାଣୁଥିଲେ ଯେ ତାହା ଦ୍ୱାରା ହିଁ ଓଡ଼ିଶାର ପୁନଃଜାଗରଣ ସମ୍ଭବପର । ରୂପାର ତାରକସି କାମ, ଶିଙ୍ଗ କାମ ଓ ଚମଡ଼ା କସାଇବା କାମରେ ସେ ନୂତନ ପ୍ରୟୋଗମାନ କରିଥିଲେ ଏବଂ ଏସବୁ ଦିଗରେ ତାଲିମ ଦେଇ ବହୁ ଓଡ଼ିଆଙ୍କୁ ଧନ୍ଦା ଯୋଗାଇଥିଲେ । ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ବ୍ୟବସାୟ ମାନ୍ଦା ଧରିବାରୁ ତାଙ୍କ ଉଦ୍ୟୋଗମାନ କ୍ଷତିରେ ଚାଲିଲା ଓ ବାର୍ଦ୍ଧକ୍ୟରେ ତାହା ତାଙ୍କୁ ଦାରୁଣ ଆଘାତ ଦେଇଥିଲା ।

ମି. ମଧୁସୂଦନ ଦାସ ନିଃସନ୍ଦେହରେ ଥିଲେ ଜଣେ ମହାନ ଆଦର୍ଶବାଦୀ । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ଓଡ଼ିଶା ୧୯୧୨ରେ ବଙ୍ଗଳାରୁ ବିଚ୍ଛିନ୍ନ ହେବାଦ୍ୱାରା ତାଙ୍କର ସେ ଅଭିଳାଷ ଆଂଶିକ ଭାବରେ ପୂରଣ ହୋଇଥିଲା । ଆଉ ଗୋଲ ଟେବୁଲ ବୈଠକର ନିଷ୍ପତ୍ତିରୁ ସେ ଜାଣିଥିଲେ ଯେ ଓଡ଼ିଶା ଏକ ପ୍ରଦେଶ ହେବାକୁ ଯାଉଚି କିନ୍ତୁ ସେଇଟି ବାସ୍ତବ ରୂପ ନେବା ପର୍ଯ୍ୟନ୍ତ ସେ ରହିପାରିଲେ ନାହିଁ । ଆଉ ସେହି କୁଳବୃଦ୍ଧଙ୍କ ଅଭିଳାଷ ପୂର୍ଣ୍ଣାଙ୍ଗ ହେବା ଲାଗି, ଓଡ଼ିଶାକୁ ମହାନ୍ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦାୟିତ୍ୱ ସେ ଛାଡ଼ି ଦେଇ ଯାଇଛନ୍ତି ପରବର୍ତ୍ତୀ ପିଢ଼ି ଲାଗି ।

Digitized by srujanika@gmail.com

ମୋର ସ୍ମରଣରେ

ଗିରିଜା ଶଙ୍କର ରାୟ

ରେଭେନ୍‌ସା କଲେଜର ପ୍ରଫେସର

ମୁଁ ମାଟ୍ରିକ୍ୟୁଲେସନ ପାସ୍ କଲା ପରେ ସ୍ୱର୍ଗତ ମି. ଦାସଙ୍କ ସହିତ ସାକ୍ଷାତର ସୁଯୋଗ ପାଇଥିଲି । ସେତେବେଳେ ଉଚ୍ଚଶିକ୍ଷା ଲାଗି ମୋର ଇଂଲଣ୍ଡ ଯିବାର କଥା ଚାଲିଥାଏ । ସେ ବାର୍ ଲାଇବ୍ରେରୀରେ ବାବାଙ୍କୁ କହିଥିଲେ ମୁଁ ଅପରାହ୍ନରେ ତାଙ୍କ ସହିତ ଦେଖା କରେ । ଉପରଓଳା ପାଞ୍ଚଟା ସମୟରେ ମୁଁ ତାଙ୍କ ବାସଭବନରେ ପହଞ୍ଚିଥିଲି । ସେ ତାଙ୍କ ଲାଇବ୍ରେରୀରେ ବସି ମୋତେ ଡକାଇଥିଲେ । ମୁଁ ଦେଖିଲି ଗଦାଏ ବହି ମଝିରେ ଜଣେ ଖର୍ବକାୟ ଓ କ୍ଷୀଣ ବ୍ୟକ୍ତି ବସିଛନ୍ତି । ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ସେ ହୋଇପାରନ୍ତି ମହାନ୍ ମି. ଦାସ । ମୋ ବସିବାକୁ କହି ସେ ପଚାରିଲେ 'ମୁଁ କାହିଁକି ଇଂଲଣ୍ଡ ଯିବାକୁ ଚାହୁଁଛି?' ମୁଁ କହିଥିଲି 'ମୁଁ ଭଲ ଉଚ୍ଚଶିକ୍ଷା ଲାଭ ପାଇଁ ଯିବାକୁ ଚାହୁଁଛି ।' ତାଙ୍କ ଚାରିପାଖର ପୁସ୍ତକଗୁଡ଼ିକୁ ଆଖି ବୁଲାଇ ସେ ମୋତେ ପଚାରିଲେ 'ଭାରତବର୍ଷରେ କ'ଣ ଉଚ୍ଚଶିକ୍ଷା ଲାଭ କରିହେବ ନାହିଁ? ଅବିରାମ ପୁସ୍ତକ ପାଠ ଦ୍ୱାରା କଅଣ ଜଣେ ମହାନ୍ ତଥା ପଣ୍ଡିତ ହୋଇପାରିବ ନାହିଁ ?' ତାଙ୍କର ଶେଷ ପ୍ରଶ୍ନ ଥିଲା 'ଆମ ଏଇଠାରେ ଥିବା ବହୁ ବହି ତ ତୁମେ ପଢ଼ିନା, ଆଉ ଖାଲି ପଢ଼ିବା ପାଇଁ କାହିଁକି ବାହାରକୁ ଯିବାକୁ ଚାହୁଁଛ?' ଏସବୁ ପ୍ରଶ୍ନ ଉତ୍ତର ମୋଠାରେ ନଥିଲା; ଆଉ ମୋର ବିଦେଶ ଯିବା କଥା ସେଇଠି ରହିଲା ।

ଦିନ ଗଡ଼ି ଚାଲିଲା । ମୁଁ ବି.ଏ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଏ । ଏହି ସମୟକୁ ମୋର କକା ରାୟବାହାଦୁର ଗୌରୀଶଙ୍କର ରାୟଙ୍କର ଦେହାନ୍ତ ହୋଇଗଲା । ପ୍ରିଣ୍ଟିଂ କମ୍ପାନୀ ପରିସରରୁ ତାଙ୍କ ମରଦେହ ଆମ ଘରକୁ ଆସିଲା । ଶବାଧାର ପ୍ରସ୍ତୁତ । କ୍ରନ୍ଦନରତ ପରିଜନମାନେ ଅଶ୍ରୁ ନୟନରେ ତାଙ୍କୁ ଶ୍ମଶାନକୁ ନେବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ଏତିକିବେଳେ ଆସି ପହଞ୍ଚିଗଲେ, ଆମ ସମସ୍ତଙ୍କୁ ଚକିତ କରି ମି. ଦାସ; ଖାଲି ପାଦ ଓ ଖାଲି

Digitized by srujanika@gmail.com

ମସ୍ତକ ଏବଂ ଦେହରେ ଗୋଟିଏ ଧୋତି ଓ ସାର୍ଟ । ତାଙ୍କ ଦେହରେ ସେତେବେଳକୁ ଜର ବି ଥାଏ । ରାତିର ଥଣ୍ଡା ପବନରେ ବାହାରକୁ ନ ଯିବାକୁ ଡାକ୍ତର ତାଙ୍କୁ ତାଗିଦ୍ କରିଥାନ୍ତି । ଶ୍ମଶାନକୁ ନ ଯିବାକୁ ଆମେ ତାଙ୍କୁ ବୁଝେଇଲୁ । ସେ କହିଲେ, "ଶବ ସହ ଯାତ୍ରା କରିବାକୁ ମୋତେ ମନା କରନା । ତାଙ୍କୁ ସମ୍ମାନ ଦେଖାଇବା ଲାଗି ଏହା ମୋ ପାଇଁ ଶେଷ ସୁଯୋଗ । ଈଶ୍ୱର କୌଣସି ଭଲ କାମ କଲା ଲୋକକୁ ଦଣ୍ଡ ଦିଅନ୍ତି ନାହିଁ । ମୁଁ ଗଲେ ମୋର କିଛି ହେବ ନାହିଁ; ଆଉ ମୋତେ ବାଧା ଦେଲେ ମୁଁ ଦାରୁଣ କଷ୍ଟ ଭୋଗ କରିବି । ଡାକ୍ତରଙ୍କ ତାଗିଦ, ଆମ ପରିବାରର ଓ ତାଙ୍କ ପରିବାର ଲୋକଙ୍କ ଅନୁରୋଧକୁ ଉପେକ୍ଷା କରି, ସେ ଶବାଧାର ସହିତ ଚାଲିଥିଲେ ଏବଂ ଶବ ଦାହ ଶେଷ ପର୍ଯ୍ୟନ୍ତ ରାତି ଅ'ଧ ଯାଏ ରହିଥିଲେ ।

କଟକର ଏକ ସଭାରେ ମୁଁ ତାଙ୍କୁ ପୁଣି ଦେଖିବାକୁ ସୁଯୋଗ ଲାଭ କରିଥିଲି । କଲେକ୍ଟର, ସିନେମା ହଲ୍‌ରେ ହେବାକୁ ଥିବା ସେହି ସଭାଟି ଡକାଇଥିଲେ । ନିମନ୍ତ୍ରଣ ପତ୍ରରେ ଥିବା ତ୍ରୁଟିକୁ ମି. ଦାସ ଉଚ୍ଚ ସ୍ୱରରେ ଦର୍ଶାଇ କହିଲେ, ଇଂରେଜମାନେ ଏଣିକି ଭାରତୀୟମାନଙ୍କୁ ଇଂରାଜୀ ଶିଖାଇ ପାରିଲା ଅବସ୍ଥାରେ ନାହାନ୍ତି । ନୈଶ ଭୋଜନ କାଳରେ ମି. ହ୍ୱିଟ୍‌ଲକ୍ କହିଲେ ଇଂରେଜମାନେ ଭାରତକୁ ଭଲ ଭାବରେ ଜାଣିଛନ୍ତି ବୋଲି ଏତେ ବଢ଼ିଆ ଭାବରେ ରାଜ୍ୟ ଚଳାଇ ପାରୁଛନ୍ତି । ଏ କଥାକୁ ମି. ଦାସ ମନରେ ରଖି ଏକ ଛବି ଆଡ଼କୁ ତାଙ୍କ ଦୃଷ୍ଟି ଆଣିଲେ । ଛବିଟିରେ ଏକ ନଡ଼ିଆ ଗଛ ଗଣ୍ଡି ମଝିରେ ଜଣେ ବିରାଟକାୟ ମଣିଷକୁ ଲକ୍ଷ୍ୟ କରି ପଚାରିଲେ ସେ ଛବିଟିରୁ କ'ଣ ଦେଖୁଛନ୍ତି । ମି. ହ୍ୱିଟ୍‌ଲକ୍ ଭାରତୀୟ ଚମାରର ନଡ଼ିଆଗଛ ଚଢ଼ା କେବେ ଦେଖି ନଥିଲେ, ତେଣୁ ଛବିର ମର୍ମ କହିପାରଲେ ନାହିଁ । ପନ୍ଦର ବର୍ଷରୁ ଅଧିକ ଓଡ଼ିଶାରେ ରହିବି ସେ ଏତକ ଜାଣିପାରିଲେ ନାହିଁ କହି ମଧୁବାବୁ ହୋ ହୋ ହୋଇ ହସିଲେ ।

ମୁଁ ଯେତେ ଥର ତାଙ୍କୁ ଭେଟିଛି ସବୁବେଳେ ତାଙ୍କଠାରେ ତାଙ୍କର ଦୃଢ଼ ଆତ୍ମବିଶ୍ୱାସ ଓ ନିର୍ଭୀକତା ଲକ୍ଷ୍ୟ କରିଛି । ତାଙ୍କଠାରେ ହୀନମନ୍ୟତାର ଲେଶ ଚିହ୍ନ ନଥିଲା; ଅବଶ୍ୟ ଯଥାର୍ଥ ଆଭିଜାତ୍ୟର ତଥା ନେତୃତ୍ୱର ଆଭାସ ଥିଲା । ସେ ତାଙ୍କ ସ୍ୱାଭିମାନ ପ୍ରତି ସର୍ବଦା ସଚେତନ ଥିଲେ । ଆଉ ଶୁଣିଛି କିପରି ଚିଫ୍ ଜଷ୍ଟିସ୍‌ଙ୍କୁ ମୁହେଁ ମୁହେଁ ବତେଇଲେ, କିଭଳି ଅହେତୁକ ହସ୍ତକ୍ଷେପ କରୁଥିବା ପଦାଧିକାରୀଙ୍କୁ ତାଚ୍ଛଲ୍ୟ କରି କହିବାର, କିପରି ରାଜାମାନଙ୍କୁ ଭୁଲ୍ ପାଇଁ ଗାଳିଦେବାର, ରୂପାର ଗିନାରେ ସାମାନ୍ୟ ତ୍ରୁଟି ଯୋଗୁଁ ତାକୁ ପିଟି ଚେପା କରିବାର ଓ ଜୋତାରେ ସୂତାଟିଏ ଭୁଲ୍‌ରେ ସିଲେଇ ହୋଇଯାଇଥିଲେ ତାକୁ ଚିରି ପକାଇବାର ଏବଂ ନିଜର ରାଜନୀତିକ ପ୍ରତିପକ୍ଷଙ୍କ ପ୍ରତି ଉଦାର ବ୍ୟବହାରର ତଥା ଦାନ ଖଇରାତିର ଅସଂଖ୍ୟ

Digitized by srujanika@gmail.com

କାହାଣୀ । ସେସବୁ ସାଧାରଣତଃ ବିଶ୍ୱାସ କରିହେଲା ଭଳି ନ ହୋଇଥିଲେ ବି ସେହି ଅଦ୍ଭୁତ ଲୋକଟି ପକ୍ଷରେ ସେସବୁ ସମ୍ଭବପର ବୋଲି; ତା'ର ପ୍ରତ୍ୟେକ ଶବ୍ଦକୁ ସତ ବୋଲି ଗ୍ରହଣ କରି ନେଇଥିଲୁ । ବହୁବର୍ଷ ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଘଟଣା ଘଟୁଥିଲେ ଆମେ ନିଶ୍ଚିତ ହୋଇ ଯାଉଥିଲୁ ଯେ ସେହି ଅଦ୍ଭୁତ କାର୍ଯ୍ୟଟି ମଧୁବାବୁଙ୍କ ଦ୍ୱାରା ହିଁ ହୋଇଥିବ । ତାଙ୍କର ମନୁଆ ଭାବର ବହୁ କାହାଣୀ ଶୁଣିଛୁ ଓ ତାଙ୍କ ଜୀବନର ବହୁ ଘଟଣା ଉପରେ ବହୁ ମତ ଓ ମନ୍ତବ୍ୟ ଶୁଣିବାକୁ ମିଳିଥାଏ ।

ଆଉ ମି. ଦାସଙ୍କ ଭଳି ବ୍ୟକ୍ତିଙ୍କ ପକ୍ଷରେ ସବୁ ସମ୍ଭବପର; ଅତ୍ୟନ୍ତ ବିରାଟ ବ୍ୟାପାର ପୁଣି ଅତ୍ୟନ୍ତ ନଗଣ୍ୟ ବିଷୟ ।

ବାପା ଅତ୍ୟନ୍ତ ଅସୁସ୍ଥ ଥିଲାବେଳେ ସେ ପ୍ରତିଦିନ ତାଙ୍କୁ ଦେଖିବାକୁ ଆସୁଥିଲେ । କିନ୍ତୁ ସେବାକାରୀଙ୍କୁ ବିବ୍ରତ ନ କରିବା ଲାଗି ସେ ତାଙ୍କ ଶେଯ ପର୍ଯ୍ୟନ୍ତ ଯାଆନ୍ତି ନାହିଁ । ସେ ଟିକିଏ ନିଜରେ ବସିବେ ଓ କଅଣ କରିବାକୁ ହେବ ଏବଂ କଅଣ ନ କରିବାର କଥା ସେସବୁ ଆମକୁ ବୁଝାଇ କିଛି ସମୟ ନିରବ ରହି ବିଦାୟ ନେଉଥିଲେ । ବାପାଙ୍କ ମୃତ୍ୟୁ ବେଳକୁ ସେ ହିଁ ପ୍ରଥମ ଆମ ଘରକୁ ଆସି ଆମ୍ଭମାନଙ୍କୁ ସେହି ବିରାଟ କ୍ଷତି ପାଇଁ ସାନ୍ତ୍ୱନା ଦେଇଥିଲେ ।

ସେ ଥିଲେ ମଣିଷ ଭଳିଆ ମଣିଷଟିଏ । ଜୀବନର ଅତ୍ୟନ୍ତ ତିକ୍ତ ମୁହୂର୍ତ୍ତକୁ ବି ସେ ହସି ହସି ଉଡ଼େଇ ଦେଉଥିଲେ । ଜୀବନର ବିଭିନ୍ନ ବିଭାବରେ ସେ ଥିଲେ ଉତ୍ତୁଙ୍ଗ । ସେଭଳି ମଣିଷ ବହୁ ବର୍ଷ ପରେ ଏ ଧରଣୀରେ ଆବିର୍ଭୂତ ହୁଅନ୍ତି । ଏ ଧରା ତାଙ୍କ ଭଳି ଲୋକଙ୍କୁ କେବେ ହେଲେ ଭୁଲି ପାରେନା ।

Digitized by srujanika@gmail.com

ସେ ନ ଥିଲେ ଖାଲି ସ୍ୱପ୍ନ ବିଳାସୀ

ଶ୍ରୀ ସତୀଶ ଚନ୍ଦ୍ର ବୋଷ

ବାର୍ ଆଟ୍ ଲ', କଟକ

ମି. ମଧୁସୂଦନ ଦାସଙ୍କ ନାଁ ଉଚ୍ଚାରିତ ହେବା ସଙ୍ଗେ ସଙ୍ଗେ ମନରେ ବହୁ ଝଲକ ଆସିଯାଏ । ଗତ ଶତାବ୍ଦୀର ଷଷ୍ଠ ଦଶାବ୍ଦୀରେ କଲିକତାର ରାଜପଥରେ ଜ୍ଞାନ ଓ ସଂସ୍କୃତି ଅନ୍ୱେଷଣରେ ଘୂରି ବୁଲୁଥିବା ଏକ ବ୍ୟକ୍ତି; ଆଉ ସେ ଆସନ୍ତି କଲିକତା ବିଶ୍ୱବିଦ୍ୟାଳୟର ପ୍ରାଙ୍ଗଣକୁ ଯେଉଁଠି ରହିଛି 'ଶିକ୍ଷାର ସମୁନ୍ନତି' ମଟୋ । ସେ ସେତେବେଳକୁ ଓଡ଼ିଶାର ଅଯୌକ୍ତିକ ପ୍ରଚଳିତ ପ୍ରଥାର ବନ୍ଧନରୁ ମୁକ୍ତ । କଲିକତାରେ ବେଶ୍ କିଛିକାଳ ରହିବା ଭିତରେ ସେ ବଙ୍ଗଳାର ଶିକ୍ଷା, ସଂସ୍କୃତି ଦିଗରେ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ସଂସର୍ଗରେ ଆସନ୍ତି । ସେଇଥିରୁ ଉନ୍ମିଳିତ ହୁଏ ତାଙ୍କର ବୌଦ୍ଧିକ ଅଭୀପ୍ସା ଏବଂ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାର ଅଭିପ୍ରାୟ । ଓଡ଼ିଶାର ନାଁ ସେତେବେଳକୁ ବାହାରେ ଅଜଣା ଥିଲା । ମଧୁବାବୁ ହିଁ ତାକୁ ବାହ୍ୟ ଜଗତରେ ପରିଚିତ କରାଇଥିଲେ ।

ସପ୍ତମ ଦଶାବ୍ଦୀର ଶେଷ ଆଡ଼କୁ ସେ ଓକିଲାତି କରିବା ଲାଗି ନିଜ ପ୍ରଦେଶକୁ ଫେରନ୍ତି । ଆଇନ ବ୍ୟବସାୟର ଆକର୍ଷଣ ତ ଥିଲା କିନ୍ତୁ ତହିଁରୁ ଅଧିକ କିଛି ନିଶ୍ଚୟ ଥିଲା । ଅନ୍ୟାୟର ପ୍ରତିରୋଧ ଓ ନିଜ ରାଜ୍ୟ ଲୋକଙ୍କୁ ଶିଳ୍ପ, ବାଣିଜ୍ୟ ଓ ରାଜନୀତି ଦିଗରେ ଆଗେଇ ନେବା ଥିଲା ତାଙ୍କ ପାଇଁ ଆହୁରି ଜରୁରୀ । ଓଡ଼ିଶାର ବିଚ୍ଛିନ୍ନ ଅଂଶକୁ ଏକତ୍ର କରିବା ଛଡ଼ା ସବୁ ପ୍ରକାର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସେ ସଂଗଠିତ ଉଦ୍ୟମ କରିଥିଲେ । ଏସବୁ ଥିଲା ଓଡ଼ିଶା ଲାଗି ସମ୍ପୂର୍ଣ୍ଣ ଅଭିନବ । ଗତ ଶତାବ୍ଦୀର ଶେଷ ଆଡ଼କୁ ସେ ଓଡ଼ିଶାରେ ଶିଳ୍ପ ପ୍ରସାର ଲାଗି ନିଜର ସବୁ ଅର୍ଥ ବିନିଯୋଗ କରିଥିଲେ । ସେସବୁ ଉଦ୍ୟମ ଓ କାର୍ଯ୍ୟ ଥିଲା ଅସାଧାରଣ । ସେଇଥିରେ ଜୀବନର ସବୁ ସଞ୍ଚିତ ଅର୍ଥ ନିଃଶେଷ ହୋଇ ଯାଇଥିଲା । ଆର୍ଥିକ ଦୁରବସ୍ଥା ମଧ୍ୟରେ ବି ସେ ଅପାର ଶକ୍ତି ପ୍ରଦର୍ଶନ କରିଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ଆତ୍ମ ନିର୍ଭରଶୀଳ ଜୀବନ କଟାଇଥିଲେ । ଏହିଭଳି ଜଣେ ଲୋକ ଓଡ଼ିଆ ଲୋକଙ୍କ ପାଇଁ ଏକ ପ୍ରଦେଶ ପ୍ରଦାନ କରି ଇତିହାସ ସୃଷ୍ଟି କରିଦେଇ ଗଲେ । ଏହାସତ୍ତ୍ୱେ ତାଙ୍କର କାହାର ପ୍ରତି ଅସୂୟା ନଥିଲା । ଓଡ଼ିଆ ଲୋକଙ୍କ ମନରୁ ହୀନମନ୍ୟତା ଦୂର କରିବା ଲାଗି ସେ ନିଜ ରାଜ୍ୟବାସୀଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିଥିଲେ । ତାଙ୍କରି ଉଦାର ମନୋଭାବ ଯୋଗୁଁ ଓଡ଼ିଆ ଓ ବଙ୍ଗୀୟମାନଙ୍କ ମଧ୍ୟରେ ତିକ୍ତତା ନଥିଲା । ଓଡ଼ିଶାର 'ସୂର୍ଯ୍ୟ' ଅସ୍ତ ହୋଇଯାଇଛି । ସେ ଓଡ଼ିଶାକୁ ଆଲୋକ ଏବଂ ଜୀବନ ପ୍ରଦାନ କରି ଯାଇଛନ୍ତି, ଯାହା ଓଡ଼ିଶାର କୋଣ ଅନୁକୋଣକୁ ଉଦ୍ଭାସିତ କରୁଥିବ ।

Digitized by srujanika@gmail.com

ସବୁ ଉପରେ ଓଡ଼ିଶା

ଶ୍ରୀ ସତୀନ୍ଦ୍ର ନାରାୟଣ ରାୟ ମହାଶୟ

ଏମ୍.ବି.ଏଲ୍. କଟକ

ମଧୁସୂଦନ ଦାସ ନବାବ୍ ଭଳି ଚଳୁଥିଲେ ଓ ନବାବ୍ ଭଳି ଖର୍ଚ୍ଚ ବି କରୁଥିଲେ । ସେ ଥିଲେ ଗରିବ ଲୋକର ସାହା । ଜନତାଙ୍କ ଉପରେ ଏଭଳି ଅଖଣ୍ଡ ପ୍ରଭାବ ଥିବା ନେତା ତାଙ୍କ ଭଳି ମୁଁ ଦେଖିନାହିଁ ।

ସେ ଓଡ଼ିଶାକୁ ଗଭୀର ଭାବରେ ଭଲ ପାଉଥିଲେ । ସେଇଥିପାଇଁ ସେ ସର୍ବଭାରତୀୟ ରାଜନୀତି ସହିତ ସମ୍ପର୍କ ରଖିଲେ ନାହିଁ । ସେ ଯେଉଁ ବ୍ୟୟସାପେକ୍ଷ ଭୋଜି ଦେଉଥିଲେ ତାହା ଦେଖାଇ ହେବା ପାଇଁ ନୁହେଁ, ବରଂ ନିଜ ରାଜ୍ୟ ଓ ଲୋକଙ୍କ ସମ୍ମାନ ବୃଦ୍ଧି ଦିଗରେ ସେସବୁ ଉଦ୍ଦିଷ୍ଟ ଥିଲା ।

ତାଙ୍କ ଦେବାଳିଆ ହେବା କଥା ଶୁଣି ଅନେକ ଚକିତ ହୋଇ ଯାଇଥିଲେ । ୧୯୨୬ ମସିହାର ୭୨ ନଂ ନିଲାମ ମକଦ୍ଦମାରେ ତାଙ୍କ ଉତ୍କଳ ଟ୍ୟାନେରୀରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା (ସେତେବେଳର) ୨,୫୦,୦୦୦ ଟଙ୍କା । କିନ୍ତୁ ତାହା ୬୫,୦୦୦ ଟଙ୍କାରେ ବିକ୍ରି ହୋଇଥିଲେ ମଧୁବାବୁଙ୍କ ସବୁ ଋଣ ପରିଶୋଧ ହୋଇ ଯାଇଥାନ୍ତା ।

ମୁଁ ତାଙ୍କ ସମ୍ପତ୍ତିର 'ରିସିଭର୍' ଥିଲା ସମୟରେ ତାଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲି । ବାହାରଟା କର୍କଶ ମନେ ହେଉଥିଲେ ହେଁ ଅନ୍ତର ଥିଲା ତାଙ୍କର ଅତ୍ୟନ୍ତ କୋମଳ ତଥା ଶ୍ରଦ୍ଧାଭରା । ଏହା ସଙ୍ଗେ ସଙ୍ଗେ ସେ ଥିଲେ ଜଣେ ଧର୍ମପ୍ରାଣ ବ୍ୟକ୍ତି । ଦେବାଳିଆ ହେବାରେ ସେ ବିଚଳିତ ହୋଇ ନଥିଲେ । କହୁଥିଲେ ତାହା ଈଶ୍ୱରଙ୍କ ଇଚ୍ଛା । ସେ ୧୯୩୪ ଫେବ୍ରୁଆରୀ ୪ ତାରିଖରେ ଦେହତ୍ୟାଗ କରି ଈଶ୍ୱରଙ୍କଠାରେ ଲୀନ ହୋଇଯାଇଥିଲେ ।

Digitized by srujanika@gmail.com

ମୋ ଦୃଷ୍ଟିରେ ମି. ମଧୁସୂଦନ ଦାସ

ମି. ପରମାନନ୍ଦ ଦତ୍ତ

କଲିକତା ହାଇକୋର୍ଟର ଆଡ଼ଭୋକେଟ ଓ

ଅମୃତବଜାର ପତ୍ରିକାର ସହ-ସମ୍ପାଦକ

ମି. ମଧୁସୂଦନ ଦାସଙ୍କ ସମ୍ପର୍କରେ ବର୍ଣ୍ଣନା କରିବାକୁ ଗଲାବେଳେ ଅନ୍ଧଙ୍କ ହାତୀ ବର୍ଣ୍ଣନା ଭଳି ବୋଧ ହେବ । ମୋ ପିଲାଦିନେ, ମୋ ଅଜା ଅମୃତବଜାର ପତ୍ରିକାର ସମ୍ପାଦକ ମୋତିଲାଲ୍ ଘୋଷଙ୍କ ଗହଣରେ, ମୁଁ ତାଙ୍କୁ ବହୁବାର ଦେଖିଛି । ସେତେବେଳେ ରାଜନୀତି ଓ ସାମ୍ବାଦିକତା ଦିଗରେ ମୋର ବିଶେଷ ଆଗ୍ରହ ନଥିବାରୁ ମୁଁ ସେମାନଙ୍କ କଥାବାର୍ତ୍ତା କାନେଇବା ଲାଗି ଆଗ୍ରହ ପ୍ରକାଶ କରୁ ନଥିଲି । ଏହା ହେଉଛି ବଙ୍ଗ ବିଭାଜନ ପରେ ଦେଖା ଦେଇଥିବା ସ୍ୱଦେଶୀ ଆନ୍ଦୋଳନ ବେଳର କଥା ।

ମୋତିଲାଲ ଘୋଷଙ୍କ ମୃତ୍ୟୁ ପରେ ତାଙ୍କ ସାନ ଭାଇ ଗୋପାଳଲାଲ ଘୋଷ ଅମୃତବଜାର ପତ୍ରିକାର ସମ୍ପାଦକ ଦାୟିତ୍ୱ ନେଲା ପରେ ବି ମଧୁସୂଦନ ଦାସଙ୍କର ତାଙ୍କ ପରିବାର ସହ ପୂର୍ବ ଘନିଷ୍ଠତା ଥିଲା ଏବଂ ମଧୁବାବୁ ବହୁବାର ତାଙ୍କ ନିକଟକୁ ଆସୁଥିଲେ ।

ଉତ୍କଳ ଟ୍ୟାନେରୀ ସୃଷ୍ଟିବେଳେ ମୋତି ବାବୁଙ୍କ ସହିତ ମି. ଦାସଙ୍କ ଶିଳ୍ପ ବିକାଶ ସମ୍ପର୍କରେ ଅମୃତ ବଜାର ପତ୍ରିକା କାର୍ଯ୍ୟାଳୟରେ ବହୁବାର ଆଲୋଚନା ହେବାର ମୁଁ ଶୁଣିଛି । ଦିନେ ତାଙ୍କ ଆଲୋଚନା କାଳରେ ଅଜା ମୋତେ ଡାକି ପଚାରିଲେ ତୁମେ ପିନ୍ଧୁଥିବା ଜୋତା କେଉଁଠୁ କିଣିଛ? ମୁଁ କହିଲି 'ନ୍ୟାସନାଲ ଟ୍ୟାନେରୀ'ରୁ । ତା ପର ପ୍ରଶ୍ନ 'କେତେ ଦାମ୍‌ରେ?' ମୁଁ କହିଲି 'ତେର ଟଙ୍କାରେ ।' ଅଜା କହିଲେ ଦାମ୍ ବହୁତ ହୋଇଗଲା । ଦେଖ ୨ ଟଙ୍କା ୪ ଅଣାରେ ମୁଁ ପିନ୍ଧିଥିବା ଜୋତା କିଭଳି? ତୁମେ ଏଭଳି ଜୋତା କାହିଁକି କିଣୁନା? ମୁଁ କହିଲି 'ଆପଣଙ୍କ ଜୋତା କାନ୍‌ଭାସ୍ ତିଆରି, ଯାହାକି ଦୁଇ ତିନି ମାସ ଯିବ । ମୋ ଜୋତା ଦୁଇ ତିନି ବର୍ଷ ଯିବ ।' ଏହା ଶୁଣି ଅଜା ବିରକ୍ତ ହୋଇ କହିଲେ, 'ତୁମେ ଖୁବ୍ ଯୁକ୍ତି କରି ଶିଖିଲଣି ।' ସେ ଆଉ କଅଣ କହିଥାନ୍ତେ ମି. ଦାସ ବାଧା ଦେଇ କହିଲେ, 'ବନ୍ଦ ହୁଅ ମୋତିବାବୁ! ତୁମ କେଶ ପାଚିଲାଣି । ଆଉ ତାଙ୍କ ମୁଣ୍ଡକୁ ଚାହଁ । ବୟସର କରାମତି ତ ଅଛି!' ଏଇ କଥାରେ ଅଜା ଥଣ୍ଡା ପଡ଼ିଗଲେ । ସେଦିନ ମଧୁବାବୁଙ୍କ ଶ୍ରଦ୍ଧାପୂର୍ଣ୍ଣ କଥା ମୋ ମନରେ କେବେ ଭୁଲିବି ନାହିଁ ।

Digitized by srujanika@gmail.com

ଏହାପରେ ମି. ଦାସ ଓ ମୋତି ବାବୁଙ୍କ ଆଳାପ ଚାଲିଲା । ଆଉ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ କଥା ଚାଲିଲା ଜୋତା ଆଉ ଜୋତା ଉପରେ ।

ସେତେବେଳେ ଲର୍ଡ଼ କାର୍‌ମାଇକେଲ୍ ବେଙ୍ଗଲର ଗଭର୍ଣ୍ଣର ଥାଆନ୍ତି । ଅଜାଙ୍କର ନାନା ରାଜନୀତିକ କାର୍ଯ୍ୟରେ ତାଙ୍କ ସହିତ ଭେଟ ହେଉଥିଲା । ଅଜା କହିଲେ, 'ମି. ଦାସ, ଲର୍ଡ଼ କାର୍‌ମାଇକେଲ୍‌ଙ୍କର ଜୋତାରେ ଖୁବ୍ ସଉକ୍ । ତାଙ୍କର ଖାଲି ବହୁ ହଳ ଜୋତା ନଥିଲା, ସେଗୁଡ଼ିକ ଆକାର ପ୍ରକାରରେ ଥିଲା ଚମତ୍କାର ଓ ଚକ୍‌ଚକ୍ । ତାଙ୍କ ଘରକୁ ଗଲାବେଳେ ମୋ ଜୋତାକୁ ମୁଁ ଦୟନୀୟ ଦୃଷ୍ଟିରେ ଚାହେଁ । ମୋ ଜୋତା ମନ୍ଦ ନୁହେଁ । ଗୋଡ଼କୁ ନରମ । ଚମଡ଼ା ଜୋତାଗୁଡ଼ା ଟାଣ । ମୁଁ ସେଗୁଡ଼ାକ ପିନ୍ଧି ପାରେନା ।'

ମି. ଦାସ ପଚାରିଲେ, 'ତୁମେ କେବେ ଉତ୍କଳ ଟ୍ୟାନେରୀ ଜୋତା ପିନ୍ଧିଛ କି? ମୋତିଲାଲ ନାଁ କହିବାରୁ ମି. ଦାସ କହିଲେ ମୁଁ ଗୋଟିଏ ଲୋକକୁ ପଠାଇବି । ସେ ତୁମ ଗୋଡ଼ ମାପ ନେଇଯିବ ଓ ତୁମ ପାଖକୁ ହଳେ ଜୋତା ଆସିବ । ଦେଖିବ ଯେ କ୍ୟାନଭାସ୍ ଜୋତାଠାରୁ ବି ତାହା ନରମ ।

ଏହାର କିଛି ଦିନ ପରେ ମୋତିଲାଲ ବାବୁ ଲର୍ଡ଼ କାର୍‌ମାଇକେଲ୍‌ଙ୍କ ଘରକୁ ଯାଇଥିବାବେଳେ ସେ ଲକ୍ଷ୍ୟ କରିଥିଲେ ଯେ ମୋତିଲାଲ ବାବୁ ବଢ଼ିଆ ଚକଚକିଆ ଜୋତା ପିନ୍ଧିଛନ୍ତି । ଘରେ ବି ସେ ଉତ୍କଳ ଟ୍ୟାନେରୀ ନିର୍ମିତ ଚପଲ ପିନ୍ଧୁଥିଲେ । ତାଙ୍କର ସେ ଜୋତା ଆଖିରେ ପଡ଼ିଲେ ମି. ମଧୁସୂଦନ ଦାସଙ୍କ କଥା ମନେ ପଡ଼େ ।

Digitized by srujanika@gmail.com

ମୋ ସ୍ମୃତିରେ ମୋ ଗୁରୁ

ସ୍ୱାମୀ ବିଚିତ୍ରାନନ୍ଦ ଦାସ

ବି.ଏଲ୍. କଟକର ଆଡ଼ଭୋକେଟ

ମୁଁ ସ୍ୱର୍ଗତ ମଧୁସୂଦନ ଦାସଙ୍କ କଥା ମନେ ପକାଇଲେ ମନରେ ଅପୂର୍ବ ଆନନ୍ଦ ଲାଭକରେ; କାରଣ ତାଙ୍କରି ଯୋଗୁଁ ହିଁ ମୁଁ ମୋର ଆଦର୍ଶ ଲାଭ କରିପାରିଥିଲି । ସେ ଥିଲେ ଜଣେ ମହାନ୍ ବ୍ୟକ୍ତି, ନାନା ବିଷୟରେ ମହାପଣ୍ଡିତ, ସଫଳ ଓକିଲ, ପ୍ରବୀଣ ରାଜନୀତିଜ୍ଞ, ମହାନ ଶିଳ୍ପୋଦ୍ୟୋଗୀ ଓ ଆଧୁନିକ ଓଡ଼ିଶାର ଜନକ ଆଉ ଏ ଯୁଗର ହରିଶ୍ଚନ୍ଦ୍ର । ଏହି ମହାନ୍ ବ୍ୟକ୍ତିଙ୍କ ମହାନତା ଓ ସେ ଯେଭଳି ଜାଗତିକ ଦିଗରୁ ତଳିତଳାନ୍ତ ହୋଇଗଲେ ସେସବୁ ମୋ ମନେ ଅଛି । ସେ ସାଧାରଣ ସ୍ତରରୁ ବହୁତ ଉପର ସ୍ତରରେ ଥିଲେ । ସେ ସବୁବେଳେ କହୁଥିଲେ "ଭଗବାନଙ୍କ ଛଡ଼ା ଆଉ କାହାକୁ ଭୟ କରନା ।" ଏଭଳି ମନୋଭାବ ଯୋଗୁ, ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଶ୍ରଦ୍ଧା ସତ୍ତ୍ୱେ, ସେ ସରକାର ଓ ଦମନକାରୀ ତଥା ଅତ୍ୟାଚାରୀ ପଦାଧିକାରୀମାନଙ୍କର କଠୋର ସମାଲୋଚକ ଥିଲେ । ଯେଉଁଠି ସାମାଜିକ ବା ରାଜନୀତିକ ଅତ୍ୟାଚାର ଅବା ସ୍ୱେଚ୍ଛାଚାରୀ ହେଉଛି ବୋଲି ଶୁଣିଲେ ସେ ତାହା ବିରୋଧରେ ଅଣ୍ଟା ଭିଡୁଥିଲେ । ସେ ଥିଲେ ନୀତିନିଷ୍ଠ ଖ୍ରୀଷ୍ଟିଆନ; ଯାହାଙ୍କର ଖ୍ରୀଷ୍ଟଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରତିବଦ୍ଧତା ଥିଲା । ସେ କହୁଥିଲେ ଖ୍ରୀଷ୍ଟଙ୍କ ଭଳି ମହନୀୟ ବ୍ୟକ୍ତିତ୍ୱ ପୃଥିବୀରେ ଦେଖିଲି ନାହିଁ ଯିଏ ଯନ୍ତ୍ରଣା ମଧ୍ୟରେ ବି କହୁଥିଲେ 'ହେ ପରମପିତା! ସେମାନେ କ'ଣ କରୁଛନ୍ତି ତାହା ଜାଣୁ ନାହାନ୍ତି; ସେମାନଙ୍କୁ କ୍ଷମା ଦିଅ' । ବିଶ୍ୱର ମଙ୍ଗଳ ଲାଗି ନିଜ ଅସ୍ଥି ଦାନ କରିଥିବା ମହର୍ଷି ଦଧୀଚିଙ୍କ ଭଳି ମହାନ୍ ବୋଲି ମୁଁ ଅନେକ ଥର ତାଙ୍କୁ କହିଛି । ସେ ଦେଶ ପାଇଁ ତ୍ୟାଗ ଓ କଷଣ ସହିବାର ଉଦାହରଣ ରଖି ଯାଇଛନ୍ତି । ତାଙ୍କର ନିଜ ମା ଓ ଉତ୍କଳ ମାତାର ବନ୍ଦନା ଥିଲା ସୀମାହୀନ ଓ ଅତ୍ୟନ୍ତ ଆନ୍ତରିକ । ସେ ଥିଲେ ପ୍ରଥମେ ଭାରତୀୟ । ମାନ୍ଦ୍ରାଜଠାରେ ହୋଇଥିବା ସର୍ବଭାରତୀୟ ଖ୍ରୀଷ୍ଟିୟାନ ସମ୍ମିଳନୀରେ ସେ ଘୋଷଣା କରିଥିଲେ "ଆମେ ପ୍ରଥମେ ଭାରତୀୟ ଓ ତା'ପରେ ଖ୍ରୀଷ୍ଟିଆନ୍ ।" ସେ ଅନୁଭବ କରୁଥିଲେ ଯେ ଓଡ଼ିଶାର ସମସ୍ୟା ଭାରତବର୍ଷର ସମସ୍ୟା ସମୁହର ଜ୍ୱଳନ୍ତ ନିଦର୍ଶନ, ଆଉ ଓଡ଼ିଶାର ଉନ୍ନତିରେ ଭାରତର ଉନ୍ନତି ନିହିତ । ତାଙ୍କର ପ୍ରିୟତମାଙ୍କ ମୃତ୍ୟୁ ପରେ ସେ କଲିକତାର ଲୋଭନୀୟ ଲାଭଜନକ ପରିବେଶ ଛାଡ଼ି ଓଡ଼ିଶାର ସେବାରେ ନିୟୋଜିତ ହେବା ଲାଗି କଟକ ଆସିଥିଲେ । ସେ ଥିଲେ ସେ କାଳର ପ୍ରବୀଣ ରାଜନୀତିଜ୍ଞ ସୁରେନ୍ଦ୍ରନାଥ ବାନାର୍ଜୀ, ଗୋଖେଲ୍, ରାଣାଡେ ଓ ଦାଦାଭାଇ ନାରୋଜିଙ୍କ ସ୍ତରର ଓ ଭାବୁଥିଲେ ଇଂଲଣ୍ଡର ମଙ୍ଗଳ ସହିତ ଭାରତବର୍ଷର

Digitized by srujanika@gmail.com

ମଙ୍ଗଳ ଜଡ଼ିତ । ସେ ଇଂରାଜୀ ଅନୁଷ୍ଠାନ ଓ ବନ୍ଧୁମାନଙ୍କ ପାଇଁ ଗର୍ବ ଅନୁଭବ କରୁଥିଲେ; କିନ୍ତୁ ଆବଶ୍ୟକ ପଡ଼ିଲେ ସେମାନଙ୍କ ବିରୋଧରେ ନିର୍ଭୟରେ ଦଣ୍ଡାୟମାନ ହେଉଥିଲେ ।

ଅଳାପ ଆଲୋଚନାର ଉତ୍କର୍ଷତାରେ ସେ ଶ୍ରୋତାଙ୍କ ହୃଦୟ ଜୟ କରିପାରୁଥିଲେ । ସେ କହିଲାବେଳେ ତାଙ୍କର ଚକ୍ଷୁ ପ୍ରଜ୍ଜ୍ୱଳିତ ହୋଇ ଯାଉଥିଲା, ଯେପରିକି ତାହା ଶ୍ରୋତାଙ୍କ ଅନ୍ତର ପର୍ଯ୍ୟନ୍ତ ସ୍ପର୍ଶ କରୁଥିଲା । ତାଙ୍କର ଅନେକ ଛୋଟିଆ ଛୋଟିଆ କଥାରୁ ତାଙ୍କ ମହାନତା ଜାଣି ହୋଇଯାଏ ।

ମାତ୍ର ୨୯ ବର୍ଷ ବୟସରେ ତାଙ୍କ ସହଧର୍ମିଣୀଙ୍କ ଦେହାନ୍ତ ହୋଇଗଲା । ତାହା ହୁଏତ ଥିଲା ଈଶ୍ୱରଙ୍କ ଇଚ୍ଛା । ସେତିକିବେଳେ ତାଙ୍କ ଭଳି ବ୍ୟକ୍ତିଙ୍କୁ କନ୍ୟା ଓ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଯୌତୁକ ଦେବାକୁ ବହୁ ହିନ୍ଦୁ ଓ ଖ୍ରୀଷ୍ଟିଆନ ପରିବାର ଆଗ୍ରହ ଦେଖାଇଥିଲେ । ସେ ସେଦିଗକୁ ମୁହଁ ମୋଡ଼ି ଦେଇ ନିଜ ମାଟି ଓଡ଼ିଶାର ଗରିବ ଓ ଅଜ୍ଞ ଲୋକଙ୍କ ଲାଗି ନିଜକୁ ବିନିଯୋଗ କରିବାର ନିଷ୍ପତ୍ତି ନେଇଥିଲେ ।

ଦିନକର କଥା । ସେତେବେଳକୁ ସେ ଦେବାଳିଆ ଜୀବନର ଯନ୍ତ୍ରଣା ଭୋଗ କରୁଥାନ୍ତି । ସେ ଦିନ ସନ୍ଧ୍ୟା ୮ ଟାରେ ଜଣେ ଲୋକ ତାଙ୍କ ପାଖରେ ସାହାଯ୍ୟ ପାଇଁ ପହଞ୍ଚିଥିଲେ ଯିଏ କି ଦିନେ ବେଶ୍ ସ୍ୱଚ୍ଛଳ ଥିଲେ । ମଧୁବାବୁ ବାକ୍ସ ଖୋଲି ଦେଖିଲେ ପଚାଶ ଟଙ୍କା ଅଛି । ସେତକ ବି ସେ ତାଙ୍କ ହାତରେ ଥୋଇଦେଇ କହିଲେ- '' ଏତିକି ତ ଥିଲା ନେଇଯାଅ ।''

ତାଙ୍କର ମୃତ୍ୟୁର ପ୍ରାୟ ସପ୍ତାହେ ପୂର୍ବରୁ ସେ ଖୁବ୍ ଦୁର୍ବଳ ହୋଇ ପଡ଼ିଥାନ୍ତି । ଏହି ସମୟରେ ତାଙ୍କ ପାଖକୁ ୮୦୦ ଟଙ୍କାର ଏକ ମନିଅର୍ଡ଼ର ଆସିଥିଲା । କଟକ କେଉଟ ସାହିରେ ଟ୍ୟୁବ୍‌ୱେଲ ନଥିବାରୁ ସେଠାରେ ବାରମ୍ବାର ହଇଜା ହେଉଥିବା କଥା ସେ ଜାଣିଥିଲେ । ମନିଅର୍ଡ଼ର ଟଙ୍କାତକ ସଙ୍ଗେ ସଙ୍ଗେ ଟ୍ୟୁବ୍‌ୱେଲ ଖୋଳା ପାଇଁ ସେ ପଠାଇ ଦେଇଥିଲେ । ରାଜା ହରିଶ୍ଚନ୍ଦ୍ରଙ୍କ ପରି ସେ ଦେଶବାସୀଙ୍କୁ ଶ୍ରଦ୍ଧା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଲାଗି କଷ୍ଟ ଭୋଗିବାକୁ ଆଗଭର ହେଉଥିଲେ ।

Digitized by srujanika@gmail.com

କେତୋଟି ସ୍ମୃତି

ଶ୍ରୀ ଚନ୍ଦ୍ର କୁମାର ହାଜରା

ବାର୍ ଆଟ୍ ଲ', ମେଦିନୀପୁର

ମୁଁ ମି.ଏମ୍.ଏସ୍. ଦାସଙ୍କ ଦ୍ୱାରା ଲାଳିତ ପାଳିତ ହୋଇଛି ଏବଂ ତାଙ୍କ ଘରେ ବହୁ ବର୍ଷ କଟାଇଛି । ଏଣୁ ମୁଁ ତ ତାଙ୍କ ସମ୍ପର୍କରେ ଲେଖିଲେ ଗୋଟିଏ ଗ୍ରନ୍ଥ ହେବ । କିନ୍ତୁ ସୁଶ୍ରୀ (ଶୈଳବାଳା) ଦାସ କହିଛନ୍ତି ଅଳ୍ପରେ ଲେଖିବାକୁ ।

ମୁଁ ତାଙ୍କୁ ଦାଦା ଡାକୁଥିଲି । ତା'ମାନେ ଅଜା ଓ ଆମେ ସମସ୍ତେ ସେଇ ଦାଦା ଡାକୁଥିଲା । ଆମ ବନ୍ଧୁମାନେ ଆମେ 'ଦାଦା' ଡାକିବା ଶୁଣି ସେମାନେ ବି ତାଙ୍କୁ ଦାଦା ଡାକିଲେ, ଆଉ ସେ ହୋଇଗଲେ ସମସ୍ତଙ୍କର ଦାଦା ।

ତାଙ୍କ କଲେଜ ପଢ଼ା ବେଳରୁ ସେ ଥିଲେ ଶାରୀରିକ ଭାବରେ ଦୁର୍ବଳ; ଏଣୁ ମୋର ମନେ ଅଛି ସେ କେବେ ରାତିରେ ଭୋଜନ କରୁ ନଥିଲେ । କିନ୍ତୁ ଆମେ ନୈଶ ଭୋଜନରେ ବସିଲେ, ତାଙ୍କର ଯେତେ କାମ ଥାଉ, ସେ ସେସବୁ ଛାଡ଼ି ଆସି ଆମ ପାଖରେ ବସି ଗପ କରିବେ । ସେ କଥାବାର୍ତ୍ତାରେ ରାଜନୀତିଠାରୁ ଆରମ୍ଭ କରି ଦୁନିଆଯାକ କଥା ପଡ଼େ; ବିଶେଷ କରି ଓଡ଼ିଆ ଓ ଓଡ଼ିଶା କଥା । ସେ କାହା ବିରୋଧରେ, ଏପରିକି ତାଙ୍କ ଅତି ଶତ୍ରୁ ବିରୋଧରେ ବି କିଛି କହନ୍ତି ନାହିଁ । ବରଂ ତାଙ୍କ ଶତ୍ରୁଙ୍କ ଉଦ୍ଦେଶ୍ୟରେ ସଶ୍ରଦ୍ଧ ଭାବ ପୋଷଣ କରିଥାନ୍ତି ଓ ତାଙ୍କ ଶତ୍ରୁ କିଛି କରିଥିଲେ ତା ସପକ୍ଷରେ ଯୁକ୍ତି କରନ୍ତି । ଥରକର କଥା ମନେ ଅଛି । ମୁଁ ଥରେ ତାଙ୍କୁ କହିଲି ''ଦାଦା, ଆପଣଙ୍କ ବିରୋଧରେ ସେ ଲୋକଟା ଏଭଳି କହୁଥିଲା'' । ସେ କହିଲେ ''ମୋ ସମ୍ପର୍କରେ ସମସ୍ତେ ଯେ ଭଲ କହିବେ ମୁଁ ଏହା ଆଶା କରେନା । ସେ ଯୀଶୁଙ୍କ ଉଦାହରଣ ଦେଇ କହନ୍ତି ଯେ ସେଭଳି ଲୋକ ତ କ୍ରୁଶବିଦ୍ଧ ହେଲେ ମୁଁ ବା କି ଛାର!''

ତାଙ୍କ କଥାରେ ଥାଏ ବୁଦ୍ଧିମତ୍ତା ଓ ହାସ୍ୟରସ । ଦୁଃଖର କଥା ଯେ ତାଙ୍କର ଚତୁର କଥା ଓ ହାସ୍ୟରସ ଗୁଡ଼ିକୁ କେହି ସଂଗ୍ରହ କରି ରଖିପାରିଲେ ନାହିଁ । ସେସବୁ ଯିଏ ଶୁଣୁଥିଲା ତା' ମନକୁ ପାଇଯାଉଥିଲା । ତାଙ୍କ ଭାଷଣରେ ବି ସେହି ଭାବ ପ୍ରତିଫଳିତ ହେଉଥିଲା ଓ ସେସବୁ ଥିଲା ବେଶ୍ ଶିକ୍ଷଣୀୟ ଓ ମନକିଣା ।

Digitized by srujanika@gmail.com

ସେ ତାଙ୍କ ଜାତୀୟତା ଲାଗି ଗର୍ବ ଅନୁଭବ କରୁଥିଲେ। କେହି ତାଙ୍କୁ ବଙ୍ଗୀୟ ବୋଲି ଭ୍ରମରେ ପଡ଼ିଲେ, ସେ କହିଥାନ୍ତି "ସେ ହେଉଛନ୍ତି ଖାଣ୍ଟି ଓଡ଼ିଆ। ୧୯୦୫ ମସିହାରେ ତାଙ୍କ ସହିତ ମୁଁ କଲିକତାର ବହୁବଜାର ଷ୍ଟ୍ରୀଟ୍‌ରେ ବୁଲୁଥାଏ। ମଧୁବାବୁ ସେତେବେଳକୁ ଓଡ଼ିଶାର ଶିଳ୍ପବିକାଶ ଲାଗି ଖୁବ୍ ଆଗ୍ରହୀ ଥା'ନ୍ତି ଏବଂ 'ଓଡ଼ିଶା ଆର୍ଟ ଓୟାର' ନାମକ ଏକ ଆର୍ଟ ସ୍କୁଲ ପତିଷ୍ଠା କରିଥାନ୍ତି। ଆମେ ଏକ ମେକାନିକ୍‌ଙ୍କ ଦୋକାନକୁ ଯାଇଥିଲୁ। ଦାଦାଙ୍କର ଗୋଟିଏ ନୂଆ ଧରଣର ହାତଚଲା ମେସିନ୍ ଦରକାର ହେଉଥାଏ। ତାଙ୍କ କଥାବାର୍ତ୍ତା ଶୁଣି ମେକାନିକ୍ ତାଙ୍କୁ ବଙ୍ଗଳାରେ ପଚାରିଲା "ଆପଣ କ'ଣ କରନ୍ତି? ମେସିନ୍ ସମ୍ପର୍କରେ ଆପଣ ଏତେ କଥା କିପରି ଜାଣିଲେ? ଆଉ ଆପଣ କେଉଁଠିକାର ଲୋକ?" ମି. ଦାସ କହିଲେ ମୁଁ ଜଣେ ଓଡ଼ିଆ। ଲୋକଟି ଭାବିଲା ଯେ ତା କଥାକୁ ମି. ଦାସ ଖରାପ ଭାବରେ ନେଇ 'ଓଡ଼ିଆ' ବୋଲି କହିଲେ। କାରଣ 'ଓଡ଼ିଆ' କହିଲେ 'ନିର୍ବୋଧ' ଭଳି ବୁଝାଯାଉଥିଲା। ସେ ଲୋକଟି ମଧୁବାବୁଙ୍କୁ ଓଡ଼ିଆ ବୋଲି ଗ୍ରହଣ କରିବାକୁ ମୋଟେ ପ୍ରସ୍ତୁତ ନଥିଲା। ସେ ଭାବିଲା ମଧୁବାବୁ ପ୍ରାୟ ରାଗି ଯାଇଥିଲେ। ଏଣୁ ସେ କ୍ଷମା ମାଗିଥିଲେ। ମଧୁବାବୁ କହିଲେ କ୍ଷମା ଦେବାରେ କ'ଣ ଅଛି? ମୁଁ ତ ବାସ୍ତବିକ ଓଡ଼ିଆ ଏବଂ ଓଡ଼ିଆ ବୋଲି ଗର୍ବ କରେ। ସେଥିଲାଗି ଲଜ୍ଜାର କିଛି ନାହିଁ, ଏହା କହି ସେ ଉକ୍ତ ଲୋକଟିର ପିଠିକୁ ଥାପୁଡ଼େଇଥିଲେ। ଏଥିରେ ସେ ଆଚମ୍ବିତ ହୋଇଯାଇଥିଲା। ତା'ର ଧାରଣା ଥିଲା ଓଡ଼ିଆ କହିଲେ କାଠ ଚିରିବା, ପାଣି ବୋହିବା ବା ପାଲିଙ୍କିବୋହିବା ଲୋକ ବା ଚାକର ଥିବା ପୂଜାରୀ। ପାଶ୍ଚାତ୍ୟ ଲୋକଙ୍କ ପୋଷାକ ପିନ୍ଧି ଚମତ୍କାର ଶୁଦ୍ଧ ବଙ୍ଗଳା କହୁଥିବା ଲୋକଟି ଓଡ଼ିଆ ହୋଇ ନପାରେ। ବଙ୍ଗୀୟଙ୍କ ଭଳି ଏପରି ବୁଦ୍ଧିମାନ, ଚତୁର ଏବଂ ଚମତ୍କାର ବଙ୍ଗଳା କହୁଥିବା ଓଡ଼ିଆ ସେ କେବେ ଦେଖି ନଥିଲା। ସେ ଓଡ଼ିଆ ବୋଲି କହିବାରେ ଯେଉଁ ଗର୍ବ ଅନୁଭବ କରନ୍ତି ତାକୁ ଶୁଣି ମୋତେ ଭାରି ମଜା ଲାଗେ।

ମୁଁ ତାଙ୍କଠାରୁ ଅନେକ ସମୟରେ ଶୁଣିଛି ଯେ କୌଣସି ରାଜା ନାହାନ୍ତି ଯାହାଙ୍କ ନାମରେ ଅଙ୍କ ଚାଲେ। ଏହା କେବଳ ଓଡ଼ିଶାରେ ଅଛି ଓ ପ୍ରତ୍ୟେକ ଓଡ଼ିଆ ଜାତକରେ ସେହି ଅଙ୍କ ଲିଖିତ ହୋଇଥାଏ।

ଦାଦାଙ୍କର୍ ସବୁଠାରୁ ବଡ଼ ଅଭିଳାଷ ଥିଲା କିପରି ବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଶାର ଅଂଶ ଗୁଡ଼ିକର ମିଶ୍ରଣ ହେବ। ୧୯୦୦ ମସିହାରେ ସେ ଲର୍ଡ଼ କର୍ଜନଙ୍କୁ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବିଷୟରେ ଏକ ଦୀର୍ଘ ପତ୍ର ଲେଖିଥିଲେ। ମୋତେ ସେଇଟିକୁ ପଢ଼ାଇଥିଲେ। ପତ୍ରରେ ବର୍ଣ୍ଣିତ ଯୁକ୍ତିଗୁଡ଼ିକ ଥିଲା ଅତ୍ୟନ୍ତ ଶକ୍ତିଶାଳୀ। ଏହାପରେ ସେ କର୍ଜନଙ୍କୁ ଭେଟିବା ଲାଗି ସିମଳା

Digitized by srujanika@gmail.com

ଯାଇଥିଲେ । ଲର୍ଡ଼ କର୍ଜନ ତାଙ୍କ କଥାକୁ ପ୍ରଥମେ ମୋଟେ ଗୁରୁତ୍ୱ ଦେଲେ ନାହିଁ । କର୍ଜନଙ୍କ କଥା ଶୁଣି ଅତି ମର୍ମାହତ ହୋଇ ସେ କାନ୍ଦ କାନ୍ଦ ହୋଇ ପଡ଼ିଥିଲେ । ସେ ବୁଝେଇବାକୁ ଲାଗିଲେ ଯେ "ଓଡ଼ିଶା ମା" ପ୍ରତି କିପରି ଅନ୍ୟାୟ ହେଉଛି । ତା'ର ମୁଖ୍ୟ ଅଂଶ, 'ମା'ଠାରୁ କନ୍ୟାକୁ ଦୂରେଇ ରଖିବା ଦ୍ୱାରା ଓଡ଼ିଆ ଜାତି ଅତ୍ୟନ୍ତ ଦୁଃଖ ଭୋଗୁଛି । ମଧୁବାବୁଙ୍କ ଆବେଗମୟ ଆବେଦନ ଓ ଯୁକ୍ତିର ଜୟ ହେଲା । ଲର୍ଡ଼ କର୍ଜନ ଏ ଦିଗରେ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଲେ । ସେହି ସମୟକୁ ଓଡ଼ିଶା କଥାରେ ଉଚ୍ଚ ପଦାଧିକାରୀମାନେ ମୋଟେ ମୁଣ୍ଡ ଖେଳାଉ ନଥିଲେ ଓ ଅନେକଙ୍କ କାମରେ ତା' ନାଁ ବି ପଡ଼ି ନଥିବ । ଲର୍ଡ଼ କର୍ଜନ ଅବିଳମ୍ବେ ଓଡ଼ିଶାର ଏକ ମ୍ୟାପ୍ ମଗାଇଲେ ଓ ପାଖ ପ୍ରଦେଶମାନଙ୍କରେ ଆବଶ୍ୟକୀୟ ଚିହ୍ନ ଦେଇ ତାଙ୍କ ସେକ୍ରେଟେରୀଙ୍କୁ ଡକାଇଲେ; ଆଉ କହିଲେ ଯେ ତାଙ୍କ ଓଡ଼ିଶା ପରିଦର୍ଶନ ପାଇଁ ବ୍ୟବସ୍ଥା ହେଉ । ମି. ଦାସଙ୍କୁ ବିଦାୟ ଦେବା ସଙ୍ଗେ ସଙ୍ଗେ ସେ କହିଥିଲେ "ଓଡ଼ିଆମାନେ ତୁମ ଭଳି ନ୍ୟାଯ୍ୟ ଅଧିକାର ପାଇଁ ଏଭଳି ଲଢୁଆ ପାଇ ସଂସାରେ ଧନ୍ୟ ମନେ କରିବା କଥା ।" ଏହାର କିଛି ମାସ ପରେ ଲର୍ଡ଼ କର୍ଜନ ଓଡ଼ିଶା ପରିଦର୍ଶନରେ ଆସିଥିଲେ ଓ ମି. ଦାସ ପୁଣି ପୁରୀରେ ତାଙ୍କୁ ଦେଖା କରିଥିଲେ । ଏହାହିଁ ପ୍ରଥମ ଥର ୱାଇଁ ଜଣେ ଭାଇସରାୟଙ୍କ ଓଡ଼ିଶା ଆଗମନ ।

ଲର୍ଡ଼ କର୍ଜନଙ୍କ କାର୍ଯ୍ୟ କାଳରେ ଓଡ଼ିଶା କଥା ବୁଝାଯିବା ଲାଗି ଯଥେଷ୍ଟ ସମୟ ନଥିଲା; କାରଣ ଅନ୍ୟାନ୍ୟ ପ୍ରଦେଶର ଏ ସମ୍ପର୍କୀୟ ମତ ନେବାକୁ ଥିଲା । କେତେ ଆଡ଼ୁ ବି ଖୁବ୍ ବିରୋଧ ହୋଇଥିଲେ ବି ଏ ଦିଗରେ କିଛି ଅଗ୍ରଗତି ହୋଇଥିଲା । କିନ୍ତୁ ଲର୍ଡ଼ କର୍ଜନଙ୍କ ପରେ କଥାଟା ଥଣ୍ଡା ପଡ଼ି ଯାଇଥିଲା । ହେଲେ ମି. ଦାସଙ୍କ ଭିତର ନିଆଁ ଅଲିଭା ରହିଗଲା । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ଫଳରେ ତାଙ୍କର ସେ ଅଭିଳାଷ ପରିଶେଷରେ ପୂରଣ ହୋଇଥିଲା । ଈଶ୍ୱରଙ୍କ ନିକଟରେ ସେ ସେଥିପାଇଁ କୃତଜ୍ଞତା ଜ୍ଞାପନ କରୁଥିଲେ ଯେ ତାଙ୍କ ଜାତି ଏଣିକି ଅନ୍ୟ ଜାତି ସହିତ କାନ୍ଧ ମିଳାଇ ଠିଆ ହେବା ପାଇଁ ସକ୍ଷମ ହେବ । ୧୯୨୫ ମସିହାରେ ତାଙ୍କ ଘର ଓ ଅନ୍ୟାନ୍ୟ ସମ୍ପତ୍ତି ନିଲାମରେ ବିକ୍ରି ହେବା ପାଇଁ ଥିଲାବେଳେ ମୁଁ କଟକରେ ଥିଲି । ସେ ରାଜାରୁ ଫକୀର ହେବାକୁ ଯାଉଥାନ୍ତି; କିନ୍ତୁ ତାଙ୍କଠାରେ ମୁଁ କିଛି ପରିବର୍ତ୍ତନ ଦେଖୁ ନଥାଏ । ଅନ୍ୟ ଜଣେ ହୋଇଥିଲେ ସେ ଏଇଥିରେ ଭାଙ୍ଗି ପଡ଼ିଥାନ୍ତା । କିନ୍ତୁ ମଧୁବାବୁ ଏସବୁ ପରିବର୍ତ୍ତନରେ ଅବିଚଳ ରହିଥାନ୍ତି; ସେ ଥିଲେ ଅନ୍ୟ ଉପାଦାନରେ ଗଢ଼ା । ବାବା ତାଙ୍କର ଯେଉଁ ନାମ ଦେଇଥିଲେ ତାହା ଥିଲା ଯଥାର୍ଥ । ସେ ଥିଲେ

Digitized by srujanika@gmail.com

ମଧୁସୂଦନଙ୍କ(ଈଶ୍ୱର) ଦାସ ବା ଚାକର। ଈଶ୍ୱରଙ୍କ ଉପରେ ସେ ସବୁ କଥା ଛାଡ଼ି ଦେଇଥିଲେ; ନଥିଲା ଉଦ୍‌ବେଗ, ନା ଦୁଃଖ, ନତୁବା ଲଜ୍ଜା- ଅନ୍ୟ ବେଳ ଭଳି ଅଧରରେ ଥିଲା ସେହି ସ୍ମିତହାସ୍ୟ।

ତାଙ୍କ ଘର ବିକ୍ରି ହେବା ନୋଟିସ୍‌ର ଦୁଇ ଦିନ ପୂର୍ବରୁ ସକାଳେ କଟକରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ମୃତ୍ୟୁ ଖବର ପହଞ୍ଚିଥିଲା। ମୁଁ ତାଙ୍କ ବଖରାକୁ ଯାଇ ଦେଖିଲି ଯେ ସେ ବିମର୍ଷ ଭାବରେ ବସିଛନ୍ତି। ସେ ଥିଲେ ସୁରେନ୍ଦ୍ରନାଥଙ୍କ ସମସାମୟିକ। ଉଭୟ ଏକା ସମୟରେ ବଙ୍ଗଳାର କାଉନ୍‌ସିଲ୍‌ରେ କାର୍ଯ୍ୟ କରିଥିଲେ। ମୁଁ ମି. ଦାସଙ୍କଠାରୁ ଶୁଣିଲି 'ଭାରତୀୟ ଜାତୀୟତାର ଜନକ ଚାଲିଗଲେ'। ଆଉ ସେ ନିଜେ ଥିଲେ 'ଓଡ଼ିଆ ଜାତୀୟତାର ଜନକ'। ଏଣୁ ସୁରେନ୍ଦ୍ର ନାଥଙ୍କ ବିୟୋଗ ତାଙ୍କୁ କେତେ ବାଧିଥିବ ତାହା ଅନୁମେୟ। ସେ କିଛି ଓଡ଼ିଆ ଭଦ୍ରଲୋକଙ୍କୁ ଡାକି ପରଦିନ ସନ୍ଧ୍ୟାରେ ଟାଉନ୍‌ହଲ୍‌ରେ ଏକ ସଭା ଡକାଇବା ଲାଗି ବରାଦ କଲେ। ମି. ଦାସ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଓ ଆବାହକମାନଙ୍କ ମଧ୍ୟରୁ ଜଣଙ୍କୁ ଡକାଇ ସାର୍ ସୁରେନ୍ଦ୍ରନାଥଙ୍କ ପୁଅଙ୍କ ନିକଟକୁ ଏବଂ ଖବର କାଗଜକୁ ସଭାରେ ଗୃହୀତ ହୋଇଥିବା ଶୋକବାର୍ତ୍ତା ପଠାଇବା ଲାଗି କହିଥିଲେ। ପରଦିନ ସକାଳେ ଜଣେ ଲୋକ ମଧୁବାବୁଙ୍କୁ ଏକ ପତ୍ର ଆଣି ଦେଲେ। ସେଇଟି ଥିଲା ପୂର୍ବ ସନ୍ଧ୍ୟାର ପ୍ରସ୍ତାବ; ଯାହାକୁ ମଧୁବାବୁ ପଠାଇବା ପାଇଁ ଲେଖାଇଥିଲେ। ମୁଁ ଉତ୍ତେଜିତ ହୋଇ ମି. ଦାସଙ୍କୁ କହିଲି 'ବଙ୍ଗଳାରେ କ'ଣ ଏହା ସମ୍ଭବପର ହୋଇପାରିଥାନ୍ତା? ଜଣଙ୍କର ଘରଦ୍ୱାର ନିଲାମ ହେବାକୁ ଯାଉଛି। କାଲିକି ତା'ର ପିନ୍ଧିବା ଲୁଗା ଛଡ଼ା ଆଉ କିଛି ନଥିବ ଓ ସେ ଗୃହହୀନ ହୋଇଯିବ। ଦେଶବାସୀ ସାଧାରଣ କାର୍ଯ୍ୟ ଲାଗି ପୁଣି ସେହି ମଧୁସୂଦନ ଦାସଠାରୁ ଅର୍ଥ ଆଶା କରିବେ?'' ମି. ଦାସ କିଛି ସମୟ ଗମ୍ଭୀର ହୋଇ ନିରବ ରହିଗଲେ। ତା'ପରେ ଟିକିଏ ହସି ମୋତେ କହିଲେ ''ଚନ୍ଦ୍ର! ଓଡ଼ିଶାକୁ ବଙ୍ଗଳା ସହିତ ତୁଳନା କରନା। ବଙ୍ଗଳାରେ ଯେଉଁମାନେ ସାଧାରଣ କ୍ଷେତ୍ରରେ କାମ କରୁଛନ୍ତି ସେମାନଙ୍କ ଚାରି ପୁରୁଷ ପୂର୍ବରୁ ସେ ପ୍ରଦେଶର ଲୋକେ ସାଧାରଣ କ୍ଷେତ୍ରର କାର୍ଯ୍ୟ କରୁଥିଲେ। ଆଉ ମୁଁ ମୋ ଦେଶରେ ସାଧାରଣ କ୍ଷେତ୍ରରେ କାମ କରୁଥିବା ପ୍ରଥମ ପିଢ଼ିର ଲୋକ ଓ ଏବେ ବି ବଞ୍ଚିଛି। ଏଣୁ ଓଡ଼ିଶାକୁ ବଙ୍ଗଳା ସହିତ ତୁଳନା କରନା।'' ସେ ସେହି ଦୁର୍ଦ୍ଦିନରେ ବ ନିଜ ଦେଶବାସୀଙ୍କୁ ଯେଉଳି ଘଣ୍ଟ ଘୋଡ଼େଇଲେ ମୁଁ ତାହା ଭୁଲି ପାରିବି ନାହିଁ। ତାଙ୍କ ଦେଶ ତଥା ଜାତି ପ୍ରେମର ଏହା ଜ୍ୱଳନ୍ତ ଉଦାହରଣ।

ଦିନେ କମିଶନରଙ୍କ ସହଧର୍ମିଣୀ ତାଙ୍କ କନ୍ୟାଙ୍କୁ ଚା'ପାନ ପାଇଁ ନିମନ୍ତ୍ରଣ କରିଥିଲେ।

Digitized by srujanika@gmail.com

କଚବାନ (ଘୋଡ଼ାଗାଡ଼ିଚାଳକ) ଯଥା ସମୟରେ ପହଞ୍ଚିଲା ନାହିଁ । ଏଣୁ ସୁଶ୍ରୀ ଦାସ ମଧୁବାବୁଙ୍କ ପାଖକୁ ଯାଇ କହିଲେ ତାଙ୍କର ଜଣେ ବନ୍ଧୁଙ୍କ ଘୋଡ଼ାଗାଡ଼ିଟି ପଠାଇବା ପାଇଁ ଅନୁରୋଧ କରିବା ଲାଗି । ମି. ଦାସ କହିଲେ ମୁଁ କାହାକୁ ଘୋଡ଼ା ଗାଡ଼ି ପାଇଁ ଅନୁରୋଧ କରିପାରିବି ନାହିଁ । ତୁମେ 'ଟିକ୍କା ଗାଡ଼ି'ରେ ଯାଅ । ତୁମକୁ ଯିଏ ନିମନ୍ତ୍ରଣ କରୁଛନ୍ତି ଯଦି ସେ ଏହି ଗାଡ଼ି ପାଇଁ ଯଥାବିଧି ସମ୍ମାନ ନ ଦିଅନ୍ତି ତ ଫେରି ଆସିବ ଏବଂ ପରଦିନ ତୁମ ଗାଡ଼ିଟି ପଠାଇ ଦେବା ଲାଗି କହି ଆସିବ । ସୁଶ୍ରୀ ଦାସ ଟିକ୍କା ଗାଡ଼ିରେ ଯିବାକୁ ଚାହୁଁ ନଥିଲେ । କିନ୍ତୁ ଅନନ୍ୟୋପାୟ ହୋଇ ସେହିଥିରେ ହିଁ ଗଲେ । ଚା' ପାନ ପରେ କମିଶନରଙ୍କ ସହଧର୍ମିଣୀ କଟକ କ୍ଲବ ପର୍ଯ୍ୟନ୍ତ ସୁଶ୍ରୀ ଦାସଙ୍କ ଗାଡ଼ିରେ ଯିବା ପାଇଁ କହିବାରୁ ସେ କହିଲେ ଯେ ତାଙ୍କ ଘୋଡ଼ାଗାଡ଼ିରେ ନ ଆସି ସେ ଏକ ଟିକ୍କା ଗାଡ଼ିରେ ଆସିଛନ୍ତି । ଏହା ଶୁଣି ସେ କହିଥିଲେ "ତୁମେ ଯଦି ଟିକ୍କା ଗାଡ଼ିରେ ଆସିପାରିଲି ତ ମୁଁ କାହିଁକି ଯାଇପାରିବି ନାହିଁ ।" ସୁଶ୍ରୀ ଦାସ ଖୁସି ମନରେ ଫେରି ତାଙ୍କ ବାବାଙ୍କୁ ଏକଥା କହିଲେ । ଏହା ଶୁଣି ମଧୁବାବୁ ଖୁସି ହୋଇଥିଲେ ଯେ ଯାହାହେଉ ଝିଅକୁ କଥାଟି ଭଲ ଶିକ୍ଷା ଦେଲା । ଏହିଭଳି ଅସଂଖ୍ୟ ସ୍ମୃତି ରହିଛି ।

ମି. ଦାସଙ୍କ ଶେଷ କାଳରେ ମୁଁ ତାଙ୍କ ପାଖରେ ଥିଲି । ମୁଁ ନତଜାନୁ ହୋଇ ତାଙ୍କୁ ଚାହିଁ ରହିଲି । ସେ ଆଖି ଖୋଲି କହିଲେ, "ଚନ୍ଦ୍ର! ତୁମେ ମୋ ପାଇଁ କାହିଁକି ଏତେ କଷ୍ଟ ସହୁଛ?" ମୁଁ କହିଲି "ଏହା ମୋ ପାଇଁ ଦଣ୍ଡ ନୁହେଁ, ଆପଣ ଆହୁରି ବଞ୍ଚି ରହିବା ଲାଗି ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି ।" ମି. ଦାସ କହିଲେ, "ମୋ ବଞ୍ଚିବାରୁ ଆଉ କେହି କିଛି ଲାଭ ପାଇବେ ନାହିଁ, ମୋ ଦେଶ ଓ ଦେଶବାସୀ ତ ମୋଠାରୁ ଆଉ କିଛି ପାଇବା ସମ୍ଭବପର ନୁହେଁ, ଆଉ କେଉଁଥିପାଇଁ ମୁଁ ବଞ୍ଚିବି?" ମୃତ୍ୟୁ ଶଯ୍ୟାରେ ଯେ ଲୋକଟି ଦେଶ କଥା ଭାବୁଛି ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

Digitized by srujanika@gmail.com

ମୋ ସ୍ମୃତିରେ ସ୍ୱର୍ଗତ ଏମ୍.ଏସ୍. ଦାସ

ଗୋପାଳଚନ୍ଦ୍ର ପ୍ରହରାଜ

ଏମ୍.ଏ., ବି.ଏଲ୍., ଆଡ଼ଭୋକେଟ, କଟକ

ସ୍ୱର୍ଗତ ମି. ଏମ୍.ଏସ୍. ଦାସ ଯାହାଙ୍କୁ ଉତ୍କଳବାସୀ ଶ୍ରଦ୍ଧାରେ କୁଳବୃଦ୍ଧ ବୋଲି କହିଥାନ୍ତି, ଗୋଟିଏ ଦିଗରୁ ସେ ଥିଲେ ମୋର ଗୁରୁ। ସେହି ଭକ୍ତିର ସହ ମୁଁ ତାଙ୍କ ସମ୍ପର୍କରେ କେତୋଟି କଥା କହିବି। ମୁଁ ସ୍କୁଲ ଓ କଲେଜରେ ପଢୁଥିଲାବେଳେ ମୋ ବାପା ସ୍ୱର୍ଗତ ନରସିଂହ ପ୍ରହରାଜ ମି. ଏମ୍.ଏସ୍. ଦାସଙ୍କ ନିକଟକୁ ମାଲିମକଦ୍ଦମା ସମ୍ପର୍କୀୟ କାର୍ଯ୍ୟ ପାଇଁ ଆସୁଥିବାର ମୁଁ ଜାଣେ। ୧୯୦୩ରେ ମୁଁ କଟକରେ ଓକିଲାତି କରିବାକୁ ଆରମ୍ଭ କରିବା ପରେ ତାଙ୍କ ସହିତ ମୋର ଘନିଷ୍ଠତା ଆସେ। ମୋର ଓତକିଲାତିର ପ୍ରଥମ ସମୟରେ ସେ ମୋ ପାଖକୁ ମକଦ୍ଦମା ଚଳାଇବ: ପାଇଁ ମହକିଲ ପଠାଉଥିଲେ।ଓକିଲାତି ଆରମ୍ଭ କାଳରେ ଏଭଳି ସାହାଯ୍ୟ ଥିଲା ମୋ ପାଇଁ ଅତି ମୂଲ୍ୟବାନ।

ସେବର ଓଡ଼ିଶା ଆଜିର ଓଡ଼ିଶା ନୁହେଁ। ଦୂର କଲିକତାରେ ରହୁଥିବା ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କର ଓଡ଼ିଶା ଲୋକଙ୍କ ସମ୍ପର୍କରେ ବିଚିତ୍ର ଧାରଣା ଥାଏ। ସେମାନଙ୍କ ମଧ୍ୟରୁ କେତେକ କହୁଥିଲେ ଯେ ଓଡ଼ିଆମାନେ ମାଜିଷ୍ଟ୍ରେଟ୍ ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି; ଯାହା କେବଳ ବଙ୍ଗୀୟମାନଙ୍କ ଏକଚାଟିଆ ଥିଲା। ସେହି ପଦବୀରେ ଓଡ଼ିଆମାନେ ଅଧିକାରୀ ହୋଇପାରିଲେ କେବଳ ମି. ଏମ୍.ଏସ୍. ଦାସଙ୍କ ଦୃଢ଼ ଯୁକ୍ତି ଫଳରେ। ବଙ୍ଗଳାରେ ଚାଲିଥିବା ଚିରସ୍ଥାୟୀ ବନ୍ଦୋବସ୍ତ ଭଳି ଓଡ଼ିଶାରେ ବି ଚିରସ୍ଥାୟୀ ବନ୍ଦୋବସ୍ତ ହେଉ ଏଇ କଥାକୁ ମି. ଦାସ ଇଂଲଣ୍ଡ ଯାଇ ନାନା ଯୁକ୍ତି ଦେଖାଇ ବୁଝାଇଥିଲେ। ସେ ଏଥିଲାଗି ସେକ୍ରେଟେରୀ ଅଫ୍ ଷ୍ଟେଟସ୍ ଓ ବହୁ ପ୍ରମୁଖ ସାଂସଦଙ୍କୁ ଭେଟିଥିଲେ ଓ ସମସ୍ତେ ତାଙ୍କର ଆକର୍ଷଣୀୟ ବ୍ୟକ୍ତିରେ ପ୍ରଭାବିତ ହୋଇଥିଲେ। ସେ ଫେରି ଓଡ଼ିଶାର କଳା ଓ ସଂସ୍କୃତିର ବିକାଶରେ ଲାଗିପଡ଼ିଲେ ଏବଂ ତାରକସି କାମ ଓ ଉନ୍ନତ ଶାଢ଼ୀ ଉତ୍ପାଦନ ଦିଗରେ ପ୍ରୋତ୍ସାହନ ଦେଲେ। ବଙ୍ଗଳା ସରକାର ଓଡ଼ିଆମାନଙ୍କୁ ମାଜିଷ୍ଟ୍ରେଟ୍ ଚାକିରିରେ ନିଯୁକ୍ତ କରିବାବେଳେ ମଧୁବାବୁଙ୍କ ମତ ନେଉଥିଲେ। ସ୍ୱର୍ଗତ ଅଭିରାମ

Digitized by srujanika@gmail.com

ଭଞ୍ଜ ଓ ମୁଁ ଏମ୍.ଏ. ପାସ୍ ପରେ ମାଜିଷ୍ଟ୍ରେଟ୍ ଚାକିରି ପାଇଁ ସୁପାରିଶ ଲାଗି ମି. ଦାସଙ୍କୁ ଦେଖା କଲୁ। ସେ ଆମ୍ଭମାନଙ୍କୁ ସେ ଦିଗରେ ନିରୁତ୍ସାହିତ କରି କହିଲେ ''ଉଦୀୟମାନ ଯୁବକମାନେ ସରକାରୀ ଚାକିରିରେ ପଶିଲେ ଦେଶର ବହୁତ କ୍ଷତି ହେବ। ଆମେ ତାଙ୍କୁ ହରାଇବୁ।'' ତାଙ୍କ କଥାକୁ ଆମେ ଶିରୋଧାର୍ଯ୍ୟ କଲୁ।

ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକତ୍ର କରିବା କାମ ମି. ଦାସଙ୍କୁ ଗୌରବାନ୍ୱିତ କରିଥିଲା। ୧୯୦୩ରୁ ଉତ୍କଳ ସମ୍ମିଳନୀ ଆରମ୍ଭ କରି ପ୍ରତିବର୍ଷ ସେ ସରକାରଙ୍କ ନିକଟରେ ଦେଶ ମିଶ୍ରଣ ଦାବି ପେଶ୍ କରିଆସୁଥିଲେ। ସେ ଏଥିଲାଗି କେତେ ଅର୍ଥ ଓ ଶକ୍ତି ବିନିଯୋଗ କରିଥିଲେ ତା କେହି କହିପାରିବ ନାହିଁ। ସମସ୍ତେ ଜାଣନ୍ତି ଯେ ତାଙ୍କର ୩୦ ବର୍ଷର ସାଧନା ଫଳରେ ଓଡ଼ିଆ ଜାତିର ଅଭିଳାଷ ଫଳବତୀ ହୋଇଛି।

ସୁଶ୍ରୀ ଶୈଳବାଳା ଦାସ ମି. ଦାସଙ୍କ ପ୍ରୋତ୍ସାହନରେ ହିଁ ରେଭେନ୍ସା ହିନ୍ଦୁ ବାଳିକା ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେତେବେଳେ ଅନୁଷ୍ଠାନଟିର ଶିଶୁ ଅବସ୍ଥା। କିଛି ଦିନ ମୁଁ ସୁଶ୍ରୀ ଦାସଙ୍କ ସହକାରୀ ସମ୍ପାଦକ ଭାବରେ ସେ କାର୍ଯ୍ୟରେ ସହାୟତା କରିଥିଲେ।

ଏହିଭଳି ଭାବରେ ପ୍ରାୟ ଦଶ ବର୍ଷଯାଏ ମୁଁ ବିଭିନ୍ନ ଭାବରେ ତାଙ୍କର ସମ୍ପର୍କରେ ଆସିଥିଲି। ୧୯୧୨ରେ ମୁଁ ପୁରୀ ଲାଗି ସରକାରୀ ଓକିଲ ଭାବରେ ନିଯୁକ୍ତି ପାଇଲି। ମୁଁ ତାଙ୍କ ପରାମର୍ଶ ନନେଇ ଏହି ଦାୟିତ୍ୱ ଗ୍ରହଣ କରିଥିଲି। ଏ ଖବର ପାଇ ସେ ମୋ ଘରକୁ ଆସି କହିଲେ, ''ଗୋପାଳ! ଓଡ଼ିଶା ଲାଗି ଆମେ ତୁମକୁ ଆଜିଠାରୁ ହରାଇଲୁ। ତୁମେ ଏଣିକି ବହୁତ ଟଙ୍କା ରୋଜଗାର କରିବ ଓ ନାଁ କରି ପାରିବ; କିନ୍ତୁ ଓଡ଼ିଆ ଜାତି ଓ ଓଡ଼ିଆ ମା' ତୁମକୁ ଆଜିଠାରୁ ହରାଇଲା।''

ଏଭଳି ଅଭିମତର ପାର୍ଥକ୍ୟ ସତ୍ତ୍ୱେ ଆମ ସୌହାର୍ଦ୍ଦ୍ୟ ପୂର୍ବ ପରି ରହିଲା। ୧୯୧୬ରେ ମୁଁ ସରକାରୀ ଓକିଲ ଧନ୍ଦା ଛାଡ଼ି କଟକ ଆସିଲି ଭାଷାକୋଷ ପ୍ରଣୟନ ଲାଗି। ସେଥିଲାଗି ମୁଁ ଅନ୍ୟ କାର୍ଯ୍ୟରୁ ବିରତ ରହିଲି। ମଧୁବାବୁ ବି ସେତେବେଳକୁ ମନ୍ତ୍ରିତ୍ୱ ଛାଡ଼ିଥାନ୍ତି ଓ ତାଙ୍କ ଟ୍ୟାନେରୀ ଟଳଟଳ ଅବସ୍ଥାରେ ଥାଏ। ସେ ଅତ୍ୟନ୍ତ ଖରାପ ଅବସ୍ଥା ଦେଇ ଚାଲିଥାନ୍ତି। ତଥାପି ମୋର ଆବଶ୍ୟକ ସମୟରେ ସେ ମୋତେ ମୂଲ୍ୟବାନ ଉପଦେଶ ଦେଉଥିଲେ। ନିଜ କାମରେ ଅତିଶୟ ବ୍ୟସ୍ତ ଥିବାରୁ ମୁଁ ତାଙ୍କର ଅନ୍ତିମ କାଳରେ ତାଙ୍କ ପାଖରେ ରହିପାରିଲି ନାହିଁ।

ମି. ଦାସଙ୍କ ସ୍ମୃତିଶକ୍ତି ଭଳି ବ୍ୟକ୍ତି କେଉଁଠି ହେଲେ ଦେଖି ନାହିଁ। ଆଇନଗତ ତଥ୍ୟ ତ ତାଙ୍କ ମୁହଁରେ ଥିଲା। କେଉଁ ବହିରେ ସେଇଟି ଥିଲା ଓ ସେ ବହି ତାଙ୍କ ଆଲମିରାର କେଉଁ ସ୍ଥାନରେ ଥିବ ତାହା ସେ କହି ଦେଉଥିଲେ। ଦିନେ ମୁଁ ତାଙ୍କ ପାଖରେ ବସିଥିଲାବେଳେ ଆକାଶରେ ଦଳେ ବଗ ଉଡ଼ିଗଲେ। ମୁଁ ତାଙ୍କୁ ସେ କଥା କହିବାରୁ ସେ ଉପେନ୍ଦ୍ର ଭଞ୍ଜଙ୍କ ଚମ୍ପୂରୁ

Digitized by srujanika@gmail.com

ସେ ସମ୍ପର୍କୀୟ ବର୍ଣ୍ଣନା ମୂଳରୁ ଶେଷ ପର୍ଯ୍ୟନ୍ତ ଗାଇଗଲେ। କହିଲେ ଗାଁ ପାଠଶାଳାରେ ପଢୁଥିଲାବେଳେ ହିଁ ସେ ଚମ୍ପୂଟି ପଢ଼ିଥିଲେ।

ମି. ଦାସଙ୍କର ରାଜପୁତ୍ର ଭଳି ଉଦାରତା, ମହାନୁଭବତା ଓ ମୁକ୍ତହସ୍ତ ଭାବ। ଯେତେବେଳେ ସେ ମୋତେ ବିରସ ମନରେ ଥିବା ଦେଖନ୍ତି, ତାଙ୍କ ଆଲମିରାରୁ ଏକ ନୋଟ୍ କାଢ଼ି ବଢ଼େଇ ଦେଇ କହନ୍ତି "ତୁମ ମୁହଁରୁ ଜାଣୁଛି ତୁମର ଆର୍ଥିକ ଅନାଟନ ଘଟିଛି।'

ମଫସଲ କୋର୍ଟକୁ ମୁଁ ତାଙ୍କ ଜୁନିଅର ଭାବରେ କେତେ ଥର ଯାଇଛି। ଆମେ ଏକାଠାରେ ରହୁ ଓ ମୁଁ ନ ଖାଇଲା ପର୍ଯ୍ୟନ୍ତ ସେ ଖାଇବାକୁ ଅପେକ୍ଷା କରନ୍ତି ଓ ଖାଇବାବେଳେ କ'ଣ ନାହିଁ ପଚାରି ବୁଝନ୍ତି।

ମୁଁ ତାଙ୍କ ଜୁନିଅର ଭାବରେ କାମ କରିବା ପୂର୍ବରୁ ବାପା ତାଙ୍କଠାରୁ କିଛି ଋଣ କରିଥିଲେ। ମୁଁ ଓକିଲାତି ଆରମ୍ଭ କରିବା ପରେ ବାପା ସୁଧ ମୂଳ ସହିତ ସମସ୍ତ ଦେୟ ମୋ ହାତରେ ପଠାଇଥିଲେ। ସେ ସମ୍ପୃକ୍ତ ତମସୁକ କେଉଁଠୁ ଖୋଜି ପାଇଲେ ନାହିଁ। କିନ୍ତୁ ସମୂଳ ସୁଧ ପାଇଲେ ବୋଲି ରସିଦ ଲେଖିଦେଲେ। ଆଉ ମୁଁ ନେଇଥିବା ଟଙ୍କା ତକ ମୋତେ ଫେରାଇଦେଇ କହିଲେ "ତୁମେ ଓକିଲାତି କରିବା ଆରମ୍ଭ କରୁଛ। ଏ ଟଙ୍କା ତକ ତୁମର ନିଶ୍ଚୟ କାମରେ ଲାଗିବ।" ତାଙ୍କର ହଜାର ହଜାର ବଦାନ୍ୟ କାହାଣୀରୁ ଏଇଟି ଗୋଟିଏ। ଏପରିକି ସେ ଦେବାଳିଆ ଥିବାବେଳେ ବି ସେ ମୁକ୍ତହସ୍ତ ଥିଲେ।

ସେ ଥିଲେ ଆଜନ୍ମ ବକ୍ତା। ଶ୍ରୋତା ତଥା ଜନତାକୁ ସେ ତାଙ୍କ ବକ୍ତୃତାରେ ସମ୍ମୋହିତ କରୁଥିଲେ। ଉତ୍କଳ ମାତାର ଦୁରବସ୍ଥା ଏଭଳି ମର୍ମ-ସ୍ପର୍ଶୀ ଭାବାବେଗରେ ସେ ବର୍ଣ୍ଣନା କରୁଥିଲେ ଯେ ସମସ୍ତ ଶ୍ରୋତାଙ୍କ ଆଖିରୁ ଲୁହ ବହି ଯାଉଥିଲା। ଉତ୍କଳ ଶବ୍ଦଟି ସେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ସଂଗ୍ରହ କରିଥିଲେ। ତାଙ୍କ ମତରେ ବଙ୍ଗୀୟ, ତେଲୁଗୁ ଓ ମରହଟ୍ଟୀ ଯେ ହେଉ ସେ ଯଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ସ୍ଥାୟୀ ଭାବରେ ବାସକରି 'ଡୋମି ସାଇଲଡ଼' ହୋଇ ଯାଇଛନ୍ତି ତାଙ୍କୁ ଉତ୍କଳୀୟ କୁହାଯିବ। ସେ ହିଁ ଉତ୍କଳୀୟଙ୍କ ପାଇଁ ଗୋଲାପ ରଙ୍ଗ ପଗଡ଼ି ପ୍ରବର୍ତ୍ତନ କରିଥିଲେ। ତାଙ୍କ ସମୟରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଏଭଳି ହଜାର ହଜାର ଗୋଲାପ ରଙ୍ଗର ପଗଡ଼ି ପିନ୍ଧିଥିବା ଲୋକଙ୍କୁ ଦେଖିବାକୁ ମିଳୁଥିଲା। ସମ୍ମିଳନୀ ଅଧିବେଶନ କାଳରେ ଶିଳ୍ପ, କୃଷି, କଳା ଓ ବସ୍ତ୍ରର ପ୍ରଦର୍ଶନୀ ପାଇଁ ବ୍ୟବସ୍ଥା ଥିଲା। ଅନ୍ୟାନ୍ୟ ପ୍ରଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ସେ ହାତକଟା ଓ ହାତବୁଣା ଲୁଗା ପାଇଁ ପ୍ରେରଣା ଦେଇଥିଲେ।

ରାଜା ଓ ମହାରାଜାଙ୍କ ଉପରେ ତାଙ୍କର ଅଖଣ୍ଡ ଆଧିପତ୍ୟ ଥିଲା। ବିଭିନ୍ନ ବର୍ଗ ତଥା ଜନସାଧାରଣଙ୍କ ମଧ୍ୟରେ ତାଙ୍କ ଭଳି ସମ୍ମାନିତ ବ୍ୟକ୍ତି ନଥିଲେ। ମଧୁବାବୁ, ନାମଟି ଉଚ୍ଚାରିତ ହେଲେ ଯଥେଷ୍ଟ ହୋଇ ଯାଉଥିଲା। ସାରା ଜୀବନ ସେ 'ଆବ୍‌ଡୋମିନାଲ୍ ଅଲ୍‌ସର୍' ରୋଗ

Digitized by srujanika@gmail.com

ଭୋଗୁଥିଲେ । ଏଣୁ ତାଙ୍କ କୋଟ୍ ପକେଟରେ ସେ ସବୁବେଳେ ଏକ ବଡ଼ ଗରମ ପାଣି ବୋତଲ ନେଇ ଚାଲୁଥିଲେ । ଯେତେବେଳେ ପେଟରୁ ଯନ୍ତ୍ରଣା ହୁଏ ସେ ଉକ୍ତ ଗରମ ପାଣି ବୋତଲଟି ଚାପି ଦିଅନ୍ତି । ଗୋଟିଏ ଚାମଚ ଭାତ ଓ ଚେନାଏ ସିଝା ବାଇଗଣ ଏବଂ ଅଧ କପ୍ ପାଣିମିଶା କ୍ଷୀରରେ ସେ କିଭଳି ସାରା ଦିନ ଚଳି ଯାଉଥିଲେ ତାହା ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରୁଥିଲା । ତାଙ୍କ କଙ୍କାଳ ଗଠିତ ଶରୀରରେ ଖାଲି ଚମଡ଼ାଟି ଘେରି ରହିଥିଲା । ଶାରୀରିକ କଷ୍ଟ ଯୋଗୁ ସେ ଅନେକ ସମୟରେ ଚିଡ଼୍‌ଚିଡ଼ିଆ ହୋଇ ପଡ଼ିଥିଲେ । ଏ ସମ୍ପର୍କରେ ସେ ସଚେତନ ଥିଲେ । କେବେ କାହା ପ୍ରତି କଡ଼ା କଥା ପ୍ରୟୋଗ କରିଥିଲେ; ସେ ନିଜେ ଭୁଲ ମାଗି ନେଉଥିଲେ । ଚତୁର ଓ ହାସ୍ୟ ଉଦ୍ଦୀପକ କଥା କହି ସେ ଓକିଲମାନଙ୍କ ଲାଇବ୍ରେରୀ ହଲ୍‌କୁ ହର୍ଷମୁଖର କରି ଦେଉଥିଲେ ।

ସେ ଥିଲେ ବାମନମାନଙ୍କ ମଧ୍ୟରେ ଅତିକାୟ । ସ୍ୱତନ୍ତ୍ର ଉତ୍କଳ ତାଙ୍କରି ଯୋଗୁଁ ହିଁ ସମ୍ଭବପର ହୋଇଛି । ତାଙ୍କ ଅଭିଳାଷ ସଫଳ ହେବା ଜାଣିପାରି ସେ ଦେହତ୍ୟାଗ କରିଥିଲେ । ଯେଉଁଦିନ ଘୋଷିତ ହେଲା ଯେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ ସେଦିନ ସେ ଆମ ଘରକୁ ଆସି କହିଲେ, ''ଗୋପାଳ! ତିରିଶ ବର୍ଷ ଧରି ଆମେ ଯେଉଁ ଶ୍ରମ କରିଥିଲେ ତାହା ଫଳବତୀ ହୋଇଛି । ଆଉ ଯେଉଁମାନେ ଏ ଦିଗରେ ଲାଗିଥିଲେ ସେହି ଅଳ୍ପ କେତେ ଜଣଙ୍କ ମଧ୍ୟରୁ ତୁମେ ହିଁ ଏକା ବଞ୍ଚିଛ । ଯାହାହେଉ, ଏତେ ଦିନେ ବ୍ରିଟିଶ ସରକାର ଆମ ଦାବି ସ୍ୱୀକାର କଲେ ଯେ ଓଡ଼ିଆଙ୍କର ଏକ ସ୍ୱତନ୍ତ୍ର ପରମ୍ପରା, ସଭ୍ୟତା, ଇତିହାସ ଓ ସଂସ୍କୃତି ରହିଛି ଆଉ ଏଣିକି ଓଡ଼ିଶା ଭାରତୀୟ ପ୍ରଶାସନ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ରହିଯିବାରେ ମୁଁ ଚିନ୍ତିତ ନୁହେଁ । ମୁଖ୍ୟ ଦାବିଟି ସ୍ୱୀକୃତ ହୋଇଗଲା ପରେ ଅନ୍ୟ ଅଞ୍ଚଳ ଦିନେ ନା ଦିନେ ତହିଁରେ ମିଶିବ ।''

ମି. ହବାକ୍‌ଙ୍କ ସଭାପତିତ୍ୱରେ ଯେଉଁ ପ୍ରଶାସନିକ କମିଟି ହୋଇଥିଲା ତହିଁରେ ଯୋଗ ଦେଇ ସେ ତାଙ୍କ ଶେଷ କର୍ତ୍ତବ୍ୟଟି ସମ୍ପାଦନ କରିଥିଲେ ଓ ପ୍ରଶାସନିକ ଦିଗରେ କ'ଣ କରାଯାଇ ପାରିବ ସେ ସମ୍ପର୍କରେ ଟିକିନିଖି ତଥ୍ୟ ଦେଇଥିଲେ । ଇଟାଲିକୁ ନୂଆ କରି ଗଢ଼ିବାରେ ମାଜିନି ଯେଭଳି ଭୂମିକା ଗ୍ରହଣ କରିଥିଲେ, ତିରିଶ ବର୍ଷ କାଳ ଲଢ଼ି ଲଢ଼ି ସେ ସେହିଭଳି ଐତିହାସିକ କାର୍ଯ୍ୟ ସମ୍ପାଦନ କରିଥିଲେ ।

ବିଭିନ୍ନ ଦିଗରୁ ତାଙ୍କ ସମ୍ପର୍କରେ ଲେଖିବାକୁ ବସିଲେ ଏକ ଗ୍ରନ୍ଥ ହେବ ।

ନବ ଉତ୍କଳ ପ୍ରତି ତାଙ୍କ ଆଶୀର୍ବାଦର ବାରି ଝରୁଥାଉ ।

Digitized by srujanika@gmail.com

ମଧୁସୂଦନ ଦାସ

ପାରେଶ୍ୱର ମହାନ୍ତି

ଆଡ଼ଭୋକେଟ୍, କଟକ

ଓଡ଼ିଶାର ଅନ୍ଧକାରାଚ୍ଛନ୍ନ କାଳରେ ମଧୁସୂଦନଙ୍କ ଜନ୍ମ । ଓଡ଼ିଆ ରାଜାମାନଙ୍କ ପତନ ପରେ ଓଡ଼ିଶାର କ୍ଷୟ ଆରମ୍ଭ ହୋଇଥିଲା ଓ ପରବର୍ତ୍ତୀ କାଳରେ ତା'ର ସତ୍ତା ବି ଲୋପ ପାଇବାକୁ ବସିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରେସିଡେନ୍‌ସିରେ ରହିଯିବାରୁ ଓଡ଼ିଆମାନଙ୍କର ସ୍ୱାର୍ଥ ଉପେକ୍ଷିତ ହେବାକୁ ଲାଗିଲା । ଛିଡ଼ିଛିଡ଼ି ଓଡ଼ିଶା ବୋଲି ଯେଉଁ ଖଣ୍ଡଟି ରହିଲା ତା'ର ଅବସ୍ଥା ମଧ୍ୟ ସେମିତି କିଛି ଭଲ ନଥିଲା । ଇଂରେଜମାନେ ପଡ଼ୋଶୀ ଅଞ୍ଚଳକୁ ପୂର୍ବରୁ ଦଖଲ କରି ନେଇଥିବାରୁ ସେଠାର ଲୋକେ ଶିକ୍ଷା ଦୀକ୍ଷାରେ ଆଗୁଆ ଥିଲେ । ଓଡ଼ିଶା ବ୍ରିଟିଶ ଶାସନ ଅଧୀନ ଆସିଲା ପରେ ଅନ୍ୟ ପ୍ରଦେଶରୁ ବହୁ ପ୍ରଶାସକ ଓ କର୍ମଚାରୀଙ୍କୁ ଓଡ଼ିଶାକୁ ଅଣାଯାଇଥିଲା । ସେହିମାନେ ମଧ୍ୟବର୍ତ୍ତୀ ସ୍ଥାନୀୟ ଶାସକ ହୋଇ ବସିଲେ ଓ ସବୁ ପ୍ରକାର ଅନ୍ୟାୟ ଅତ୍ୟାଚାର ଚଳାଇଲେ । ଏଣୁ ଓଡ଼ିଆମାନେ ମୁଣ୍ଡ ଟେକିବା ଲାଗି ବହୁତ ଡେରି ହୋଇଗଲା । ଗତ ଶତାବ୍ଦୀରେ ଓଡ଼ିଆ ଭାଷାକୁ କୋର୍ଟ କଚେରୀରୁ ଲୋପ କରିଦେବା ଲାଗି ଧାରାବାହିକ ଉଦ୍ୟମ ଚାଲିଥିଲା । ଏଣୁ ଓଡ଼ିଶାର ଅଭ୍ୟୁଦୟ ଲାଗି ଯେଉଁମାନେ ବାହାରିଥିଲେ ସେମାନଙ୍କୁ କେତେ କଷ୍ଟ କରିବାକୁ ପଡ଼ିଥିବ ଏଇ କଥାରୁ ଅନୁମେୟ । କଟକରେ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ମଧୁସୂଦନ ଉଚ୍ଚଶିକ୍ଷା ଲାଗି କଲିକତା ଯାଇଥିଲେ । ସ୍କୁଲ ଓ କଲେଜରେ ପଢ଼ିଲାବେଳେ ସେ ଅନ୍ୟ ପ୍ରଦେଶର ଲୋକଙ୍କ ଭିତରେ ଓଡ଼ିଆଙ୍କ ଅବସ୍ଥା ଉପଲବ୍ଧି କରିଥିଲେ । ଓଡ଼ିଆଙ୍କ ପ୍ରତି ତାଚ୍ଛଲ୍ୟ ଭାବକୁ ବେଖାତିର କରି, ପାଠ ପଢ଼ା ସାରି, ଓକିଲାତିରେ ବେଶ୍ ଆଗେଇଲା ପରେସେ ଅନୁଭବ କରିଥିଲେ ଯେ ଓଡ଼ିଶା ମାତାର ନିର୍ଯାତନା ଦୂର କରିବାଂ ପାଇଁ ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିବ ।

ଓଡ଼ିଶା ଫେରି ସେ ଓକିଲାତିରେ ବେଶ୍ ଟଙ୍କା ରୋଜଗାର କଲେ ଓ ସେସବୁ ରାଜ୍ୟର ମଙ୍ଗଳ ଲାଗି ଖର୍ଚ୍ଚ କଲେ ।

ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରାଇ ଏକ ସ୍ୱତନ୍ତ୍ର ପ୍ରଶାସନରେ ରଖିବାକୁ, ନହେଲେ ଗୋଟିଏ ପ୍ରଦେଶର ସରକାର ଅଧୀନରେ ରଖିବାକୁ । ସେ ଅନୁଭବ କରିଥିଲେ ଯେ ଗୋଟିଏ ଜାତିକୁ ଗଢ଼ିବା ପାଇଁ ସଂଖ୍ୟା ତ ଦରକାର; ଆଉ ବିଶେଷ ଆବଶ୍ୟକ ଆର୍ଥନୀତିକ ବିକାଶ । ସେ କହୁଥିଲେ ଏକ ଭୋକିଲା ଓ ଖଣ୍ଡ ବିଖଣ୍ଡିତ ଜାତି କି ରାଜନୀତି କରିବ?'' ସେ ଆସିଲା ବେଳକୁ ଓଡ଼ିଆ ଜାତିର

Digitized by srujanika@gmail.com

ପ୍ରାଣ ନଥାଏ ଓ ବିଗତ ଗୌରବ ହଜି ଯାଇଥାଏ ।

ଓଡ଼ିଆଙ୍କ ମଧ୍ୟରେ ଜାତୀୟତା ଭାବ ଓ ଜାତୀୟ ଚେତନା ଉଜ୍ଜୀବିତ କରିବା ଲାଗି ସେ ସବୁ ପ୍ରକାର ପ୍ରଚେଷ୍ଟା କରିଥିଲେ । ୧୯୦୩ ମସିହାରେ ତାଙ୍କରି ପ୍ରଚେଷ୍ଟା ଓ ସାଂଗଠନିକ ଉଦ୍ୟମରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମହା ସମାରୋହରେ ପାଳିତ ହୋଇଥିଲା । ସେ ହିଁ ସମ୍ମିଳନୀର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ଓଡ଼ିଶାର ବହୁ ବରପୁତ୍ର ଅତୀତରେ ତା'ର ପୁନର୍ଜାଗରଣ ଲାଗି ଯେଉଁ ଉଦ୍ୟମ କରିଥିଲେ ସେହି ବିରାଟ ସମ୍ମିଳନୀରେ ତାହା ପରିସ୍ଫୁଟ ହୋଇଥିଲା । ସେହି ଐତିହାସିକ ସମାବେଶରେ ଓଡ଼ିଆ ଜାତିର ସ୍ୱର ଶୁଭିଥିଲା ଓ ସେହି ସମୟରୁ ସୃଷ୍ଟି ହୋଇଥିବା ଆନ୍ଦୋଳନ ବ୍ରିଟିଶ ଜାତିର ଦୃଷ୍ଟି ଆକର୍ଷଣ କରିଥିଲା । ଏକ ପ୍ରାଚୀନ ଜାତି ପ୍ରତି ବାସ୍ତବିକ ଅନ୍ୟାୟ ହୋଇଯାଇଛି ବୋଲି ସେମାନେ ଅନୁଭବ କଲେ ତ ତାକୁ ଦୂର କରିବା ପାଇଁ ଉଦ୍ୟମ କଲେ । ମଧୁସୂଦନଙ୍କ ନେତୃତ୍ୱରେ ବହୁ ବର୍ଷ ଧରି ଆନ୍ଦୋଳନ ଚାଲିଲା ପରେ ବ୍ରିଟିଶ ସରକାର ସେମାନଙ୍କର ଦାବିର ଯଥାର୍ଥତା ଉପଲବ୍ଧି କଲେ ଓ ଓଡ଼ିଆ କହୁଥିବା ମୁଖ୍ୟ ଅଂଶରେ ବିଚ୍ଛିନ୍ନାଞ୍ଚଳ ମିଶି ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲା । ମଧୁସୂଦନଙ୍କ ଜୀବିତ ଅବସ୍ଥାରେ ହିଁ ତାଙ୍କ ସଂଗ୍ରାମ ସଫଳ ହୋଇଥିଲା । ଯଦିଓ ତା'ର ଜନ୍ମ ପୂର୍ବରୁ ସେ ସ୍ୱର୍ଗାରୋହଣ କରିଥିଲେ ।

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ଆନ୍ଦୋଳନ କରିବା ସମୟରେ ବି ସେ ଓଡ଼ିଆଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଦିଗରେ କାର୍ଯ୍ୟ କରୁଥିଲେ ।

ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନ ହେବାର ବହୁ ପୂର୍ବରୁ ସେ ନିଜ ଫାର୍ମରେ କୃଷିର ବିକାଶ ପରୀକ୍ଷା ଚଳାଇଥିଲେ । କିନ୍ତୁ ଅନିଶ୍ଚିତ ଜଳବାୟୁ ଯୋଗୁଁ ସେ ଦିଗରେ ବିଶେଷ ସଫଳତା ଲାଭ କରିପାରି ନଥିଲେ । ଏଣୁ ସେ ଅନ୍ୟାନ୍ୟ ବିଭିନ୍ନ ଜିନିଷ ଉତ୍ପାଦନ ଦିଗରେ ମନନିବେଶ କରିଥିଲେ । କାରଣ ସେ ଲକ୍ଷ୍ୟ କରିଥିଲେ ଯେ ପ୍ରତି ପାଞ୍ଚବର୍ଷରେ ଓଡ଼ିଶାରେ ବଡ଼ ଧରଣର ବନ୍ୟା ନହେଲେ ମରୁଡ଼ି ହେଉଛି । ଏଣୁ କୃଷିରୁ କିଛି ଲୋକଙ୍କୁ ଶିଳ୍ପ ଆଡ଼କୁ ନ ମୁହାଁଇଲେ ଏ ଦୁର୍ଗତିର ଅବସାନ ଘଟିବ ନାହିଁ ।

ଏଇଆକୁ ଆଖି ଆଗରେ ରଖି ସେ ଓଡ଼ିଶାରେ ସୂତାକଟା ଓ ଲୁଗାବୁଣାକୁ ଉତ୍ସାହିତ କଲେ । ଏହା ବିଶେଷ ସଫଳତା ହାସଲ ନକଲେ ମଧ୍ୟ ହାତବୁଣା ଲୁଗା ପ୍ରତି କିଛି ଲୋକଙ୍କ ଆଦର ସୃଷ୍ଟି ହେଲା ଯାହା ସ୍ୱରାଜ ଆନ୍ଦୋଳନ ବେଳକୁ ଅଧିକ ବ୍ୟାପକ ହେଲା ।

ଏହାଛଡ଼ା ସେ ସୁନା ଓ ରୁପା ଅଳଙ୍କାରକୁ ଉନ୍ନତ ମାନର କରାଇଲେ । ତାରକସି କାମର ପୁନରୁଦ୍ଧାର ହେଲା ଏବଂ ସେସବୁ ଦ୍ରବ୍ୟ ବିଦେଶକୁ ଗଲା । ମଧୁସୂଦନଙ୍କ ନିଜ ଟଙ୍କାରେ 'ଓଡ଼ିଶା ଆର୍ଟ ଓୟାର୍' ପ୍ରତିଷ୍ଠିତ ହୋଇ ପରିଚାଳିତ ହୋଇଥିଲା । ଓଡ଼ିଆ

Digitized by srujanika@gmail.com

କାରିଗରଙ୍କୁ ଏ ଦିଗରେ ତାଲିମ ଦିଆଗଲା । ସେମାନଙ୍କ ବଂଶଧର ସେଇ ଧନ୍ଦାରେ ଏବେ ଚଳୁଛନ୍ତି । କିନ୍ତୁ ମଧୁସୂଦନଙ୍କୁ ଏଥିଲାଗି ପ୍ରଚୁର କ୍ଷତି ସହିବାକୁ ହୋଇଥିଲା ।

ମଧୁସୂଦନ ଜାଣିବାକୁ ପାଇଲେ ଯେ ଓଡ଼ିଶାରୁ ପ୍ରତିବର୍ଷ ୭୫ ଲକ୍ଷ ଟଙ୍କାର ଚାଉଳ ରପ୍ତାନି ହେଉଛି । କିନ୍ତୁ ଭଲ ଚାଉଳ କିପରି ହୁଏ ଓଡ଼ିଶା ଲୋକେ ଜାଣି ନଥିବାରୁ ସେମାନେ ଯାହା ପାଇବା କଥା ତହିଁରୁ ଶତକଡ଼ା ୨୦ କମ୍ ପାଉଛନ୍ତି । ଏଣୁ ସେ ନିଜେ ନିଜ ଘରେ ଏ ଦିଗରେ ପରୀକ୍ଷା ଚଳାଇ, ଯାହା ସଫଳତା ଲାଭ କଲେ, ତାକୁ ଲୋକ ପଠାଇ ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ । ଅନ୍ୟାନ୍ୟ ଶିଳ୍ପରେ ହାତ ଦେଇସାରି ଶେଷକୁ ସେ ଚମଡ଼ା ଶିଳ୍ପରେ ତାଙ୍କର ସମସ୍ତ ଶକ୍ତି ବିନିଯୋଗ କରିଥିଲେ । ନିଜ ଉଦ୍ୟମ ଓ ଅର୍ଥରେ ସେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କଲେ । ୧୯୨୧ ମସିହାରେ ଏହା ସମ୍ପର୍କରେ ବିହାର ଓଡ଼ିଶା ସରକାର, ବିଶେଷଜ୍ଞ ବି.ଏମ୍. ଦାସଙ୍କ ଦ୍ୱାରା ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ତହିଁରୁ କିଛି ଅଂଶ ନିମ୍ନରେ ପ୍ରଦତ୍ତ ହେଲା ।

‘‘କଟକର ମି. ଏମ୍.ଏସ୍. ଦାସ ଯେ କି ବିହାର ଓଡ଼ିଶାର ମନ୍ତ୍ରୀ ଥିଲେ, ତାଙ୍କ ଦ୍ୱାରା ସମଗ୍ର ବିହାର ଓ ଓଡ଼ିଶାରେ ପ୍ରଥମ କରି ଆଧୁନିକ ପ୍ରଣାଳୀରେ ଚମଡ଼ା କାମ, ହାଡ଼ କାମ ଏବଂ ଚମଡ଼ା କଷା କାମ ଆରମ୍ଭ ହୋଇଥିଲା । ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ବହୁ ପୂର୍ବରୁ ଓ ବଙ୍ଗଳାର ୧୯୦୫ ସ୍ୱଦେଶୀ ଆନ୍ଦୋଳନର ଯଥେଷ୍ଟ ଆଗରୁ, ପଛୁଆ ବୋଲି ବିବେଚିତ, ସଂଲଗ୍ନ ଅଞ୍ଚଳରେ ଜଣେ ଏସବୁ କାମରେ ହାତ ଦେଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ମି. ଦାସଙ୍କ ଭଳି ଜଣେ ଅତି ଉଚ୍ଚଶିକ୍ଷିତ ଏବଂ ବିଖ୍ୟାତ ଓକିଲ ଚମାର ଓ ତମଙ୍କ ଭଳି ନୀଚ ଜାତି ନିୟୋଜିତ ଏଭଳି ଦୟନୀୟ ଉଦ୍ୟୋଗ ପ୍ରତି ଆକୃଷ୍ଟ ହେବା ।

ଏହିଭଳି ବିଭିନ୍ନ ଶିଳ୍ପରେ ହାତ ଦେଇ ତା’ରି ଜରିଆରେ ଓଡ଼ିଆ ଜାତିକୁ ଆର୍ଥିକ ଦିଗରେ ଉଠେଇବାକୁ ଚେଷ୍ଟା କରି କରି ମଧୁବାବୁ ନିଜେ ଆର୍ଥିକ ଦିଗରେ ତଳିତଳାନ୍ତ ହୋଇଗଲେ । ଅବଶ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ସେ ଅନ୍ୟ କାହାର ଆର୍ଥିକ ସହାୟତା ଉପରେ ନିର୍ଭର କରୁ ନଥିଲେ । ଯେତେବେଳେ ସେ ଦେଖିଲେ ତାଙ୍କ ରୋଜଗାରରେ ସେ ଋଣ ପରିଶୋଧ କରିପାରବେ ନାହିଁ, ସେ ନିଜକୁ ଦେବାଳିଆ ଘୋଷଣା କରିଥିଲେ । ଏଥିରୁ ଅଧିକାଂଶ ଋଣ ଉତ୍କଳ ଟ୍ୟାନେରୀ ପାଇଁ ହୋଇଥିଲା ।

ଜଣେ ମଣିଷ ନିଜର ଯେତେ ଅର୍ଥ ଖର୍ଚ୍ଚ କରିଲେ ବି ଏକ ଜାତିର ଆର୍ଥନୀତିକ ପରିସ୍ଥିତି ବଦଳାଇ ପାରିବ ନାହିଁ । ମଧୁସୂଦନ ଦାସ ଏହିଭଳି ଉଦ୍ୟମ କରିଥିଲେ ଓ ବିଭିନ୍ନ ଦିଗରେ ନାନା ଅଭିନବ ଉପାୟରେ ସ୍ଥାନୀୟ ଶିଳ୍ପର ବିକାଶ କରିଥିଲେ ବି ଦେଶବାସୀଙ୍କ ଅବସ୍ଥାର ଆଖିଦୃଶିଆ ପରିବର୍ତ୍ତନ କରିପାରି ନଥିଲେ; ଯଦିଓ ସେଇଥିରେ ସେ ନିଃସ୍ୱ ହୋଇ ଯାଇଥିଲେ । କିନ୍ତୁ ସେ ଜାତୀୟ ଜାଗରଣ ପାଇଁ ଯେଉଁ ଅର୍ଥ ବ୍ୟୟ କରିଥିଲେ ତାହାର

Digitized by srujanika@gmail.com

ସୁଫଳ ମଧୁବାବୁ ଦେଖି ପାରିଥିଲେ । ଜାତି କଥା ଉଠିଲେ ଅର୍ଥ ପାଇଁ ସେ ଖାତିର କରୁ ନଥିଲେ । ୧୯୦୫ରେ ମଧ୍ୟପ୍ରଦେଶ ସରକାର ସମ୍ବଲପୁର କଚେରୀରେ ଓଡ଼ିଆ ବଦଳରେ ହିନ୍ଦୀ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଥିଲେ । ସମ୍ବଲପୁରର ହିତୈଶୀମାନେ ମଧୁବାବୁଙ୍କ ମତ ଜାଣିବା ପାଇଁ ଯେଉଁ ପତ୍ର ଦେଇଥିଲେ ତାହା ଭୁଲ୍‌ରେ ରାୟବାହାଦୁର ମଧୁସୂଦନ ରାଓ (ଭକ୍ତ କବି)ଙ୍କ ପାଖରେ ପହଞ୍ଚି ଯାଇଥିଲା । ଶିକ୍ଷା ବିଭାଗର ଇନ୍‌ସପେକ୍ଟର ଥିବାରୁ ସେ ଗସ୍ତରେ ଥିଲେ । ସେ ଫେରି ଚିଠିଟି ମି. ଦାସଙ୍କ ଘରକୁ ପଠାଇଲା ବେଳକୁ ସରକାରଙ୍କୁ (ଦିଲ୍ଲୀ) ଜଣାଇବା ଲାଗି ମାତ୍ର ଗୋଟିଏ ଦିନ ଥିଲା । ସାଧାରଣ ଡାକରେ ପଠାଇବାକୁ ଆଉ ଦିନ ନଥିବାରୁ ମଧୁବାବୁ ସେ ବେଳର ୮୦୦ ଟଙ୍କା ଖର୍ଚ୍ଚ କରି ଏକ ଦୀର୍ଘ ଟେଲିଗ୍ରାମରେ ତାଙ୍କର ମତ ସରକାରଙ୍କୁ ଜଣାଇଥିଲେ ।

ରାଜନୀତିକ ଜୀବନରେ ମି. ଦାସ ଅନ୍ୟ ମତରେ ଭାସିଯିବାର ଲୋକ ନଥିଲେ । ଦେଶ ପ୍ରୀତିରେ ସେ ଥିଲେ ଅଦ୍ୱିତୀୟ । କିନ୍ତୁ(ଓଡ଼ିଶା) ପରିସ୍ଥିତିକୁ ବିଚାର କରି ସେ ସବୁବେଳେ ନୀତି ନିର୍ଦ୍ଧାରଣ କରୁଥିଲେ । ସେ ସରକାରଙ୍କର ବିଶ୍ୱସ୍ତ ଥିଲେ ବି ନିର୍ଭୟରେ ସରକାରଙ୍କୁ ସମାଲୋଚନା କରୁଥିଲେ । ସାଧାରଣ କ୍ଷେତ୍ରରେ କାର୍ଯ୍ୟ କରିବା କାଳରେ ସେ କେବେ ସାମୟିକ ସୁବିଧା ଲାଗି ନିଜ ନୀତିକୁ ପରିହାର କରୁ ନଥିଲେ । ନିଜ ମହତ ବିଚାରଟିକୁ କାର୍ଯ୍ୟକାରୀ କରିବା ଯେତେବେଳେ ଅସମ୍ଭବ ଅନୁଭବ ହେଲା, ମନ୍ତ୍ରୀ ପଦବୀ ପରିତ୍ୟାଗ କରିବାକୁ ସେ ମୁହୂର୍ତ୍ତେ ବି ବିଳମ୍ବ କରି ନଥିଲେ ।

ଓଡ଼ିଆ ଘରେ ଜନ୍ମ ହୋଇଥିଲେ ବି ଓଡ଼ିଆ ସାହିତ୍ୟ ଅଧ୍ୟୟନ କରିବାକୁ ସେ ଖୁବ୍ କମ୍ ସମୟ ପାଇଥିଲେ । ଗାଁ ବିଦ୍ୟାଳୟରେ ପଢ଼ିଲାବେଳେ ଯାହା ଓଡ଼ିଆ ସାହିତ୍ୟ ପଢ଼ିଥିଲେ ସେତିକି । କିନ୍ତୁ ତାଙ୍କର ଗଭୀର ଦେଶଭକ୍ତି ତାଙ୍କୁ ଆବେଗଭରା କବିତା ରଚନା କରିବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ସେହି କବିତା ଆଜି ବି ଓଡ଼ିଆ ପ୍ରାଣରେ ପୁଲକ ସୃଷ୍ଟି କରେ ।

ମା' ମା' ବୋଲି କେତେ ମୁଁ ଡାକିଲି ମା'କୁ ପାଇଲି ନାହିଁ
ଭାଇ ଭାଇ ବୋଲି ଯେତେ ମୁଁ ଡାକିଲି ନଦେଲେ ଉତ୍ତର କେହି ।
ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ......

ମଧୁବାବୁଙ୍କ ଜୀବନ ଜଣେ ମହାନ ଜୀବନୀ ଲେଖକଙ୍କ ଲେଖା ମନେ ପକାଏ ଯେ ଲେଖିଥିଲେ- 'ମହାପୁରୁଷମାନଙ୍କ ଜୀବନ ଦୀପର ସଳିତା ପରି; ଯିଏ ନିଜେ ଜଳି ଜଳି ଅନ୍ୟକୁ ଆଲୋକ ଦେଖାଇ ଥାଏ ।''

Digitized by srujanika@gmail.com

ଓଡ଼ିଶାର ସର୍ବୌଷଧି

ରାୟ ସାହେବ ଭିକାରୀ ଚରଣ ପଟ୍ଟନାୟକ

ବି.ଏଲ୍., କଟକ

ମି. ଏମ୍.ଏସ୍. ଦାସ ଓଡ଼ିଶାର ଘରେ ଘରେ ମଧୁବାବୁ ବୋଲି ପରିଚିତ । ମୋତେ ୬ ଓ ୭ ବର୍ଷ ବୟସ ବେଳକୁ ମୁଁ ଆମ ମଫସଲ ଗାଁରେ ମଧୁବାବୁଙ୍କ ନାଁ ଶୁଣିଥିଲି । ମୁଁ କେବେ ଅଝଟ ହେଉଥିଲେ ମୋ ଭଉଣୀ ମଧୁବାବୁଙ୍କ କଥା କହି ମୋତେ ଶାନ୍ତ କରି ଦେଉଥିଲା । ମୁଁ ତା' କଥା ଶୁଣୁ ଶୁଣୁ ମଧୁବାବୁଙ୍କ ସମ୍ପର୍କରେ କେତେ କ'ଣ ଭାବିଯାଏ ।

କଟକ ଆସି କଲେଜରେ ପଢ଼ିଲା ପରେ ମଧୁବାବୁଙ୍କୁ ଦେଖିବାକୁ ମୋର ଖୁବ୍ ଆଗ୍ରହ ବଢ଼ି ଯାଇଥିଲା ଓ ତାଙ୍କ ଭାଷଣ ଦେବାର ଖବର ପାଇଲେ ମୁଁ ନିଶ୍ଚୟ ସେଠାକୁ ଯାଉଥିଲି ।

ମୁଁ ଓକିଲାତି ଆରମ୍ଭ କରିବା ପରେ ସାଧାରଣ କ୍ଷେତ୍ରରେ ତାଙ୍କ ସହିତ ଏକତ୍ର କାମ କରିବାର ସୁଯୋଗ ପାଇଥିଲି ଓ ଓକିଲାତି କାମରେ ବେଳେବେଳେ ତାଙ୍କ ସହିତ ଥିଲି । ମଧୁବାବୁଙ୍କ ପାଖରେ କାମ କରୁଥିବା ତରୁଣମାନେ ତାଙ୍କଠାରୁ ଗାଳି ଖାଆନ୍ତି ବୋଲି ଶୁଣିଥିଲି । ଏହା କେତେକାଂଶରେ ସତ୍ୟ । କିନ୍ତୁ ତାଙ୍କର ଭର୍ତ୍ସନା ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମଙ୍ଗଳ ଲାଗି ଓ ପରୋକ୍ଷ ଭାବରେ ଦେଶର ମଙ୍ଗଳ ପାଇଁ ବୋଲି ବୁଝିବାକୁ ହେବ । ଯେଉଁମାନଙ୍କଠାରୁ ଦେଶ ଖୁବ୍ କିଛି ଆଶା କରେ ସେହିମାନଙ୍କୁ ହିଁ ସେ ଅଧିକାଂଶ ସମୟରେ ଭର୍ତ୍ସନା କରିଥାନ୍ତି । ତାଙ୍କର ଭର୍ତ୍ସନାର ଅଭାବ କିଭଳି ଆମେ ଆଜି ଗଭୀର ଭାବରେ ଅନୁଭବ କରୁଛୁ! ମଧୁବାବୁଙ୍କ ସହିତ ମୋର ବହୁବାର ମତାନ୍ତର ହୋଇଛି । କିନ୍ତୁ ମୋର ତାଙ୍କ ପ୍ରତି ଭକ୍ତି ଅତୁଟ ରହିଛି ଓ ତାଙ୍କର ଗୁଣଗ୍ରାହୀମାନଙ୍କ ମଧ୍ୟରେ ମୁଁ ଜଣେ । ସେ ମୋତେ ଓ ମୋ କାମକୁ ଖୁବ୍ ପସନ୍ଦ କରୁଥିଲେ । ତାଙ୍କ ଅସୁସ୍ଥ ଅବସ୍ଥାରେ ସେ ଶୁଣିବାକୁ ପାଇଲେ ଯେ ମୁଁ ମୟୂରଭଞ୍ଜର ପ୍ରାଥମିକ ଶିକ୍ଷା ତଥା କୁଟୀର ଶିଳ୍ପର ନିର୍ଦ୍ଦେଶକ ଭାବରେ ଚାକିରି ପାଇଁ ସେଠାକୁ ଯାଇଛି । ସେ ଏଥିରେ ଆଶ୍ଚର୍ଯ୍ୟ ହୋଇ ସେହି ଅବସ୍ଥାରେ ମୋ କୁଟୀରରେ ପହଞ୍ଚି ପଚାରିଲେ "ଭିକାରୀ ତା'ର ନିଜସ୍ୱ ଲକ୍ଷ୍ୟ ଛାଡ଼ି ଶେଷକୁ ଚାକିରି ଧରିଲା?" ଯେତେବେଳେ ଶୁଣିଲେ ଯେ ସେ ମାତ୍ର ଦୁଇବର୍ଷ ପାଇଁ ଏ ଧନ୍ଦା ଧରିଛନ୍ତି; ସର୍ତ୍ତ ଅଛି ସେ ତା ଭିତରେ ଯେତେଥର ଚାହିଁବେ କଟକ ଆସିପାରିବେ, ଆଉ ସେଠାରେ ବି କୁଟୀର ଶିଳ୍ପ, ପ୍ରାଥମିକ ଶିକ୍ଷା, କୃଷି ଓ ସମବାୟ ଉନ୍ନୟନ ଉଦ୍ଦେଶ୍ୟରେ ଯାଇଛନ୍ତି ଏତକ ଶୁଣି ଟିକିଏ ଆଶ୍ୱସ୍ତ ହେଲେ ।

Digitized by srujanika@gmail.com

ସେ ହେଉଛନ୍ତି ଓଡ଼ିଶାର ଯଥାର୍ଥ ନିର୍ମାତା ଓ ଓଡ଼ିଆଙ୍କ ମଧ୍ୟରେ ଜାତୀୟତାବୋଧ ସୃଷ୍ଟି କରାଇବା ଦିଗରେ ଆଦି ପୁରୁଷ । ଓଡ଼ିଶାରେ କେଉଁ ଅନୁଷ୍ଠାନ ଅଛି ଯାହାର ବିକାଶ ଦିଗରେ ତାଙ୍କର କିଛି ନା କିଛି ଅବାଦନ ନାହିଁ? ଜଗନ୍ନାଥ ମନ୍ଦିର ଆଜି ଯେଉଁ ଅବସ୍ଥାରେ ଅଛି, ତାହା ସେଭଳି ନଥାନ୍ତା ମି. ଦାସ ସେ ସମୟରେ ତାକୁ ସୁଧାରିବା ଲାଗି ମୁଣ୍ଡ ପୂରାଇ ନଥିଲେ ।

ଓଡ଼ିଶା ଓ ଓଡ଼ିଆ ଜାତି ଥିଲା ତାଙ୍କର ଧର୍ମ ଏବଂ କହିବାକୁ ଗଲେ ଓଡ଼ିଶା ଥିଲା ତାଙ୍କର ପ୍ରାଣ । ଓଡ଼ିଆ ଲୋକଙ୍କ ଦାରିଦ୍ର୍ୟ ଦୂର କରିବା ଥିଲା ତାଙ୍କର ଆଜୀବନ ଆକାଙ୍କ୍ଷା । ସେହି ଲକ୍ଷ୍ୟରେ ସେ ଓଡ଼ିଶାର ମୁମୂର୍ଷୁ ଶିଳ୍ପର ପନରୁତ୍ଥାନ କାମକୁ ହାତକୁ ନେଇଥିଲେ । ସେଇଥିଲାଗି ସେ ତାଙ୍କର ମନ, ଧନ ଓ ସମୟ ଅଜାଡ଼ି ଦେଇଥିଲେ । ସେ ହିଁ ଶିଙ୍ଗ ଓ ତାରକସି କାମର ପୁନରୁଦ୍ଧାର ଏବଂ ବିକାଶ କରାଇଥିଲେ । ଶେଷକୁ ସେ ଚମଡ଼ା କାମରେ ହାତ ଦେଇଥିଲେ । ସେହି କାମରେ ଅଭିନବ ଉପାୟ ପ୍ରୟୋଗ କରି ଓଡ଼ିଶାର ଚମଡ଼ା କାମକୁ ଦେଶ ବିଦେଶରେ ପରିଚିତ କରାଇଥିଲେ । ଓଡ଼ିଶାର ଦୁର୍ଭାଗ୍ୟ ଯେ ଅର୍ଥ ଅଭାବରୁ ସେହି ଶିଳ୍ପ ଉଧେଇ ପାରି ନଥିଲା । ସେ ରାଜପୁତ୍ର ଭଳି ଅର୍ଥ ରୋଜଗାର କରିଥିଲେ କିନ୍ତୁ ଓଡ଼ିଶା ମା'ର ପୀଠରେ ଏବଂ ଓଡ଼ିଆ ଜାତି ପାଇଁ ସବୁତକ ଅଜାଡ଼ି ଦେଇ ସେ ନିଃସ୍ୱ ଭାବରେ ଦେହ ତ୍ୟାଗ କରିଥିଲେ ।

Digitized by srujanika@gmail.com

ଓଡ଼ିଆ ଜାତୀୟ ତଥା ରାଜନୀତିକ ଜାଗରଣର ପ୍ରୋତ୍ସାହକ ମି. ଏମ୍.ଏସ୍. ଦାସ

ଶ୍ରୀ ଗଜେନ୍ଦ୍ର ପ୍ରସାଦ ଦାସ, ଆଡ଼ଭୋକେଟ୍ ପାଟନା

ବାଲେଶ୍ୱରରେ ଏକ ନିପଟ ଗାଁ ସ୍କୁଲରେ ପଢୁଥିଲାବେଳେ ମୁଁ ମଧୁବାବୁଙ୍କ ନାଁ ଶୁଣିଥିଲି। ବଡ଼ ଲୋକ ବୋଇଲେ ମଧୁବାବୁଙ୍କୁ ହିଁ ଲୋକେ ବୁଝୁଥିଲେ। ୧୯୦୦ ମସିହା ପାଖାପାଖି ଭାରତୀୟ ଶିଳ୍ପର ପୁନରୁଦ୍ଧାର ଆନ୍ଦୋଳନ ଚାଲିଥିଲା। ପଙ୍ଗା ଲୁଣ ଓ ମୋଟା ମିଲ୍ ଲୁଗା ମଧୁବାବୁଙ୍କ ନାଁରେ ବିକ୍ରି ହେଉଥିଲା। ସାଧାରଣ ଭାବରେ ବିଶ୍ୱାସ କରାଯାଉଥିଲା ଯେ ମଧୁବାବୁଙ୍କ କାରଖାନାରେ ଲୁଣ, ଲୁଗା ଓ ଅନ୍ୟାନ୍ୟ ସ୍ୱଦେଶୀ ବସ୍ତୁ ପ୍ରସ୍ତୁତ ହେଉଥିଲା। ଓକିଲ ହିସାବରେ ଗାଈଆଳ ବି ତାଙ୍କ ନାଁ ଜାଣିଥିଲା। ଆମ ଗାଁ ଓ ଆଖପାଖ ଲୋକ ଯେଉଁ ଲୋକଟି ସମ୍ପର୍କରେ ଏତେ କଥା କହୁଛନ୍ତି ତାଙ୍କ ସମ୍ପର୍କରେ ଅଧିକ ଜାଣିବା ଲାଗି ମୋର ସେତେବେଳୁ ଭାରି ଇଚ୍ଛା ଥାଏ। ଗାଁ ଛାଡ଼ି ଉଚ୍ଚଶିକ୍ଷା ପାଇଁ ଆସିବା ପରେ ମୁଁ ତାଙ୍କ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ସୁଯୋଗ ପାଇଥିଲି। ତାଙ୍କ ଜୀବନର ଶେଷ ପଚିଶ ବର୍ଷ ମୁଁ ତାଙ୍କୁ ଅଧିକ ଘନିଷ୍ଠ ଭାବରେ ଜାଣିବାର ସୁଯୋଗ ପାଇଥିଲି। ଆଉ ତାଙ୍କ ସହିତ ଅନେକ ମକଦ୍ଦମାରେ ଏକାଠି ଲଢ଼ିବାର ସୌଭାଗ୍ୟ ମୋର ହୋଇଥିଲା।

ଓକିଲ ହିସାବରେ ସେ ଥିଲେ ଅତି ପରିଶ୍ରମୀ, ବୁଦ୍ଧିମାନ ଏବଂ ଆଇନଜ୍ଞ। ଆଉ ମହକିଲଙ୍କ ସହିତ ତାଙ୍କ ବ୍ୟବହାର ଉଚ୍ଚକୋଟୀର ଥିଲା। ଦୁଃସ୍ୱାସ୍ଥ୍ୟ ସତ୍ତ୍ୱେ ସେ ମକଦ୍ଦମାର ବିଷୟବସ୍ତୁ ତନ୍ନତନ୍ନ କରି ପଢୁଥିଲେ। ବିଷୟଟିକୁ ଟିକିନିଖି ପଢ଼ି ମନବୋଧ ହେଲା ପର୍ଯ୍ୟନ୍ତ ଓ ଏ ସମ୍ପର୍କରେ ଅପର ପକ୍ଷରୁ ଆଉ ଯେଉଁସବୁ ପ୍ରଶ୍ନ ଉଠିପାରେ ସେସବୁ ଅବବୋଧ ନହେଲାଯାଏ ସେ ସନ୍ତୁଷ୍ଟ ହେଉ ନଥିଲେ। କାମରେ ଥିଲାବେଳେ ସେ ବାହାର ଜଗତକୁ ଭୁଲି ଯାଉଥିଲେ। କାମ ହିଁ ଥିଲା ତାଙ୍କ ପାଇଁ ଆରାଧନା। ତାଙ୍କଠାରୁ ଶୁଣିଛି ଯେ ଗୋଟିଏ ମକଦ୍ଦମାର ଗ୍ରହଣ ଲାଗି ସମୟସୀମା ଗଡ଼ି ଯାଇଥିବାରୁ ସେ ଭାରି ବିବ୍ରତ ଅବସ୍ଥାରେ ଥିଲେ। ଯେଉଁ ମକଦ୍ଦମାଟିର ଦାୟିତ୍ୱ ନେଇଥିଲେ ତା'ର ଅନ୍ୟାନ୍ୟ ଦିଗ ବେଶ୍ ଭଲ ଥିଲା କିନ୍ତୁ ସମୟ ସୀମା (ଲିମିଟେସନ୍) ଗଡ଼ି ଯାଇଥାଏ। ତାଙ୍କର ଜ୍ଞାନ ଓ ଅଭିଜ୍ଞତାରେ ଯାହା ଜାଣିଥିଲେ କେଉଁ ବାଟରେ ସେଥିରୁ ଉଧୁରିବାର ବାଟ ପାଉ ନଥଲେ। ଆଇନ ବହି ଓ ନଜିର୍‌ମାନ ଖେଳାଇ ଖେଳାଇ ରାତି ଗୋଟାଏ ବେଳକୁ ସେ କ୍ଲାନ୍ତ ହୋଇ ଶୋଇ ପଡ଼ିଲେ। ପାହାନ୍ତାକୁ

Digitized by srujanika@gmail.com

ସେ ଏକ ସ୍ୱପ୍ନ ଦେଖିଲେ ଯେ ତାଙ୍କ ନୋଟ୍ ବହିରେ ଉକ୍ତ ସମସ୍ୟାର ସମାଧାନ ମିଳିବ । ସେ ଉଠିପଡ଼ି ସିଧା ତାଙ୍କ ଲାଇବ୍ରେରୀକୁ ଯାଇ ନୋଟ୍ ବହିରେ ଗୋଟିଏ ଚିଠା ପାଇଲେ ଯହିଁରେ ଯେଉଁ ବହିର ଯେଉଁ ପୃଷ୍ଠାରେ ଏ ସମ୍ପର୍କୀୟ ସମାଧାନର ଏକ ନଜିର ରହିଛି । ସେ ଉକ୍ତ ଲ' ରିପୋର୍ଟର ସମ୍ପୃକ୍ତ ପୃଷ୍ଠାଟି ଖୋଲି ଦେଖନ୍ତି ଯେ ବାସ୍ତବିକ ଉକ୍ତ ଲିମିଟେସନ୍ ବିଷୟରେ ସେଥିରେ ଏକ ନିଷ୍ପତ୍ତି ରହିଛି । ସେ ବିଶ୍ୱାସ କଲେ ଯେ ଏହା ପଛରେ ଭଗବାନଙ୍କର ଅଦୃଶ୍ୟ ହାତ ରହିଛି । ଆମେ ତାଙ୍କ ବିଶ୍ୱାସକୁ ଗ୍ରହଣ ନ କରିପାରୁ; କିନ୍ତୁ ତାଙ୍କ କର୍ତ୍ତବ୍ୟରେ ଯେ କିଭଳି ନିବିଷ୍ଟ ଥିଲେ ଏଇଥିରୁ ତା'ର ପ୍ରମାଣ ମିଳେ । ସିଏ ଅଧିକ ଫିସ୍ ପାଇଥିବା ମକଦ୍ଦମାକୁ ଯେଭଳି ଗୁରୁତ୍ୱ ଦେଇ ଦେଖୁଥିଲେ ମାଗଣା ଲଢୁଥିବା ମକଦ୍ଦମାକୁ ମଧ୍ୟ ସେହିଭଳି ଗୁରୁତ୍ୱ ଦେଇ ଲଢୁଥିଲେ । ମୁଁ ଜାଣେ ଅନେକ ମକଦ୍ଦମାରେ ସେ ଅଧିକ ଫିସ୍ ପାଇବାକୁ ଉପେକ୍ଷା କରି ଅପରପକ୍ଷର କାମ ମାଗଣାରେ କରିବାର । ସେ କୌଣସି ମକଦ୍ଦମାରେ କୌଣସି ଅଲଂଘନୀୟ କାରଣରୁ ହାଜର ନ ହୋଇପାରିଲେ ମହକିଲଙ୍କୁ ସମଗ୍ର ଫିସ୍ ଫେରାଇ ଦେଉଥିଲେ । ବଡ଼ ବଡ଼ ଓକିଲଙ୍କ ମଧ୍ୟରୁ କ୍ୱଚିତ୍ ଏଭଳି କରିବାର ଦୃଷ୍ଟାନ୍ତ ମିଳେ ।

କଲିକତା ଓ ପାଟନା ହାଇକୋର୍ଟର ନାମଜାଦା ଆଡ଼ଭୋକେଟଙ୍କ ମକଦ୍ଦମା ଚିଠା ମୁଁ ଦେଖିଛି । କିନ୍ତୁ ମକଦ୍ଦମା ଚିଠା କରିବାରେ ସେ ଥିଲେ ଅତୁଳନୀୟ । ମକଦ୍ଦମାଟିକୁ ସେ ଚମତ୍କାର ଓ ଜୀବନ୍ତ ଭାବରେ ପେଶ୍ କରୁଥିଲେ । ସେ ଥିଲେ ନିର୍ଭୀକ । ମହକିଲଙ୍କ ପାଇଁ କର୍ତ୍ତବ୍ୟ କରିବାକୁ ଯାଇ ଦେହରେ ୧୦୩° ପର୍ଯ୍ୟନ୍ତ ଜ୍ୱରକୁ ସେ ଖାତିର କରୁ ନଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ଅନୁଶାସନକୁ ପାଳନ କରୁଥିଲେ, ଏଣୁ ଦୈହିକ ଶକ୍ତି ଅପେକ୍ଷା ଆଧ୍ୟାତ୍ମିକ ଶକ୍ତି ଉପରେ ଅଧିକ ଭରସା ରଖୁଥିଲେ । ଓକିଲାତି ବ୍ୟବସାୟର ସ୍ୱାଧୀନତା, ସମ୍ମାନ ଓ ନୈତିକତା ପ୍ରତି ସେ ଅତ୍ୟନ୍ତ ସତର୍କ ଦୃଷ୍ଟି ଦେଉଥିଲେ ।

ମି. ଦାସଙ୍କୁ ମୁଁ ଜଣେ ରାଜନୀତିକ ବ୍ୟକ୍ତି ଭାବରେ ଦେଖିଛି । ସେ ପ୍ରୋଭିନ୍‌ସିଆଲ୍ କାଉନ୍‌ସିଲ୍ ଓ ସେଣ୍ଟ୍ରାଲ୍ ଲେଜିସ୍‌ଲେଚର୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି । ତାଙ୍କର ତରୁଣ ଅବସ୍ଥାରୁ ବି ସେ ଅନୁଭବ କରିଥିଲେ ଯେ ଓଡ଼ିଶା ତିନି ଚାରି ପ୍ରଦେଶରେ ବିଖଣ୍ଡିତ ହୋଇ ରହିଯାଇଥିବାରୁ ତା'ର କୌଣସି ଉନ୍ନତି ସମ୍ଭବପର ହେଉ ନାହିଁ । ଯେଉଁ ଓଡ଼ିଶାର ଥିଲା ଗୌରବମୟ ଅତୀତ, ଯାହାର ଲୋକେ କଳା, ସ୍ଥାପତ୍ୟ, ଶିଳ୍ପ ଏବଂ ସାହିତ୍ୟ ଦିଗରେ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ସେହି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲେ ଯାଇ ତାହାର ପୁନରୁଦ୍ଧାର ସମ୍ଭବପର ହେବ । ତାଙ୍କ ମତରେ ଓଡ଼ିଶାର ବିଭିନ୍ନ ବିଚ୍ଛିନ୍ନ ଅଞ୍ଚଳ, ସେଥିରେ

Digitized by srujanika@gmail.com

ନ ମିଶିଲେ ତା' ପାଇଁ ଭାରତବର୍ଷର ସ୍ୱାଧୀନତା ନିରର୍ଥକ । ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ତାଙ୍କର ଚମତ୍କାର ବକ୍ତୃତା ଦେବାର ପାରଙ୍ଗମତାରେ ସେ ଉକ୍ତ ଅନୁଷ୍ଠାନରେ ପ୍ରାଧାନ୍ୟ ଲାଭ କରି ପାରିଥିଲେ । କିନ୍ତୁ ସେ ଅନୁଭବ କରିଥିଲେ ଯେ ଏକ ସମ୍ମିଳିତ ଓ ସ୍ୱତନ୍ତ୍ର ଓଡ଼ିଶା ଲାଗି ତାଙ୍କୁ ପ୍ରଚୁର ପରିଶ୍ରମ କରିବାକୁ ପଡ଼ିବ । ଏଣୁ ସେ ଭାରତୀୟ ଜାତୀୟ କଂଗ୍ରେସ ଛାଡ଼ି ଓଡ଼ିଶାର ବିଶେଷ ସମସ୍ୟାର ସମାଧାନ ଲାଗି ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ ଓ ଓଡ଼ିଆ ଲୋକଙ୍କ ମଧ୍ୟରେ ଜାତୀୟତା ଭାବ ଏବଂ ରାଜନୀତିକ ଜାଗରଣ ପାଇଁ ତିରିଶ ବର୍ଷ କାଳ, କହିବାକୁ ଗଲେ, ଏକାକୀ ସଂଗ୍ରାମ ଚଳାଇଥିଲେ । ଏହି ଲକ୍ଷ୍ୟ ସାଧନ ପାଇଁ ସେ ଓକିଲ ହିସାବରେ ପ୍ରଚୁର ଅର୍ଥ ଓ ନିଜର ସ୍ୱାର୍ଥ ଏବଂ ସମୟ ପ୍ରତି ଆଖି ବୁଜି ଦେଇଥିଲେ । ସେହି ସମୟରେ ଦୁର୍ଦ୍ଦିନ ଆସିଛି ଓ ନିରାଶା ଦେଖା ଦେଇଛି । କିନ୍ତୁ ସେଥିରୁ ଉଧୁରିବା ଲାଗି ସେ ଅନ୍ୟ କାହାର ସାହାଯ୍ୟକୁ ଅପେକ୍ଷା କରି ନାହାନ୍ତି । ଏକ ବୀରଏବଂ ସ୍ୱଦେଶପ୍ରେମୀର ସଂକଳ୍ପ ନେଇ ସେ ସେସବୁ ପ୍ରତିବନ୍ଧକକୁ ଅତିକ୍ରମ କରିଛନ୍ତି । ଜୀବନର ସାୟାହ୍ନରେ ତାଙ୍କ ସ୍ୱପ୍ନ ବହୁ ପରିମାଣରେ ସାର୍ଥକ ହେବାର ସେ ଦେଖିଛନ୍ତି । ନୂଆ ପ୍ରଦେଶଟି ଜନ୍ମ ନେବା ପୂର୍ବରୁ ରାଜଧାନୀ ସ୍ଥାପନକୁ ନେଇ ବିବାଦ ତା'ର ସଂସ୍କୃତି ଓ ସଭ୍ୟତାକୁ ବିପନ୍ନ କରିଥିଲା; ଯଦିଓ ଐତିହାସିକ କାଳରୁ କଟକ ହିଁ ବହୁ କାଳଧରି ତା'ର ରାଜଧାନୀ ଥିଲା । କେହି କେହି କହୁଥିଲେ କେବଳ ଭାବାବେଗ ଦିଗରୁ କଟକକୁ ରାଜଧାନୀ ହେବା କଥା କୁହାଯାଉଛି । ମଣିଷ ପାଇଁ ଇତିହାସ ତଥା ଭାବାବେଗର ମହତ୍ତ୍ୱ ରହିଛି । ଐତିହାସିକ ଓ ଭାବାବେଗକୁ ବିଚାରକୁ ନେଇ ରାଞ୍ଚି ନହୋଇ ପାଟନା ବା ପୂର୍ବର ପାଟଳିପୁତ୍ରକୁ ବିହାର ଓଡ଼ିଶାର ରାଜଧାନୀ ଭାବରେ ମନୋନୀତ କରାଯାଇଥିଲା । ଯଦିଓ ସ୍ୱାସ୍ଥ୍ୟକର ଦିଗରୁ ଓ ଅନ୍ୟାନ୍ୟ ବିଚାରକୁ ରାଞ୍ଚି ହିଁ ଭଲ ହୋଇଥାନ୍ତା, ସେହି ଐତିହାସିକ ବିଚାରରୁ ଇଂରେଜମାନେ କଲିକତାରୁ ଦିଲ୍ଲୀକୁ ରାଜଧାନୀ ଉଠାଇ ନେଇଥିଲେ । କଟକ ସହିତ ମି.ଏମ୍.ଏସ୍. ଦାସଙ୍କ ସ୍ମୃତି ବିଜଡ଼ିତ । ଏଣୁ ତାଙ୍କର ଆତ୍ମା, କଟକକୁ, ରାଜଧାନୀ ଭାବରେ ବିଛିବା ଦିଗରେ ସବୁ ମତାନ୍ତରକୁ ଦୂର କରିବ ।

ମଧୁବାବୁ ଜଣେ ବାସ୍ତବବାଦୀ ରାଜନୀତିକ ବ୍ୟକ୍ତି ଭାବରେ ଅନୁଭବ କରିଥିଲେ ଯେ ଭୌତିକ ସ୍ୱଚ୍ଛଳତା ବିନା ରାଜନୀତିର କିଛି ତାତ୍ପର୍ଯ୍ୟ ନାହିଁ । ଇତିହାସରୁ ସେ ଜାଣିଥିଲେ ଯେ ଓଡ଼ିଆମାନେ ଶିଳ୍ପ ବାଣିଜ୍ୟରେ ଉତ୍କର୍ଷତା ଲାଭ କରିବା ପରେ ବହୁ ଅର୍ଥ ବ୍ୟୟ କରି କୋଣାର୍କ, ଭୁବନେଶ୍ୱର ଓ ପୁରୀ ଭଳି ମନ୍ଦିର ତିଆରି କରିଥିଲେ । ଭୌଗୋଳିକ ଅବସ୍ଥିତି ଯୋଗୁଁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ବନ୍ୟା, ଲୁଣା ଜୁଆର ଓ ମରୁଡ଼ି ଦ୍ୱାରା ବାରମ୍ବାର ଆକ୍ରାନ୍ତ ହୁଏ; ଯାହା ଫଳରେ ଦୁର୍ଭିକ୍ଷ ପଡ଼େ । ମଧ୍ୟଭାଗଟି ପାହାଡ଼ ପର୍ବତରେ ପୂର୍ଣ୍ଣ । ଏରୁ କେବଳ କୃଷି ଦ୍ୱାରା ଅୟୁତ ଅୟୁତ ଓଡ଼ିଆଙ୍କୁ ଅନ୍ନ ଯୋଗାଇ ହେବ

Digitized by srujanika@gmail.com

ନାହିଁ । ଶିଳ୍ପ, ବିଶେଷକରି କୁଟୀର ଶିଳ୍ପର ପୁନରୁଦ୍ଧାର ଅପରିହାର୍ଯ୍ୟ । ସେହି କଥା ବିଚାର କରି ତା' ପାଇଁ ବଜାର ସୃଷ୍ଟି କରିଥିଲେ । ଏଇଥିଲାଗି ତାଙ୍କୁ ପ୍ରଚୁର ଅର୍ଥ ବ୍ୟୟ କରିବାକୁ ପଡ଼ିଥିଲା । ଯେକୌଣସି ବ୍ୟକ୍ତି ବିଶେଷ ପକ୍ଷରେ ଏହା ଅତ୍ୟନ୍ତ ବ୍ୟୟସାପେକ୍ଷ । ଦୁଃଖର କଥା ଯେ ଏହି ଅନୁଷ୍ଠାନଟିକୁ ରକ୍ଷା କରିବା ଲାଗି ଦେଶବାସୀ ଆଗଭରହେଲେ ନାହିଁ । ଫଳରେ ଓଡ଼ିଶାର ଶିଳ୍ପ ବିକାଶ ଦିଗରେ ଚରମ ବିପଦ ପଡ଼ିଲା ।

ଜଣେ ବିଖ୍ୟାତ ଆଇନଜ୍ଞ ବା ମହାନ୍ ରାଜନୀତିକ ଲୋକ ଅପେକ୍ଷା ସେ ଥିଲେ ଆହୁରି ବଡ଼ ମଣିଷ । ଗରିବ ଓ ନିଷ୍ପେସିତ ଲୋକଙ୍କ କଥା ତାଙ୍କୁ ସବୁବେଳେ ଘାରୁଥିଲା । ଓଡ଼ିଶାର ଗରିବ ଚାଷୀଙ୍କ କଥା ସେ ସର୍ବଦା ଭାବୁଥିଲେ । ସେ 'ଓଡ଼ିଶା ଟେନାନ୍‌ସି ଆକ୍ଟ' ପାସ୍ କରାଇ ଚାଷୀମାନଙ୍କର ବହୁ ଅଧିକାରକୁ ସାବ୍ୟସ୍ତ କରିଥିଲେ । ନିଜ ବନ୍ଧୁମାନଙ୍କ ପାଇଁ ସେ ଥିଲେ ବିଶ୍ୱସ୍ତ ଓ ସଦୟ । ଭଗବାନଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ଥିଲା । ଦାନରେ ସେ ଥିଲେ ମୁକ୍ତହସ୍ତ । ଧନ ବା ପଦବୀର ଆକର୍ଷଣ ତାଙ୍କର ନଥିଲା । ଧନ ତାଙ୍କ ପାଇଁ ଧୂଳି ଭଳି ଥିଲା । ନୀତି ପାଇଁ ସେ ସବୁ କିଛି ତ୍ୟାଗ କରି ଦେଉଥିଲେ । ଉତ୍କଳ ଟ୍ୟାନେରୀ ଲାଗି ସେ ଅତି ଆର୍ଥିକ ଅନଟନରେ ଥିବା କାଳରେ ନୀତିକୁ ବିଚାରକୁ ନେଇ ସେ ବିନା ଦ୍ୱିଧାରେ ମନ୍ତ୍ରୀ ପଦ ପରିତ୍ୟାଗ କରିଥିଲେ । ସେତେବେଳେ ମନ୍ତ୍ରୀଙ୍କ ଦରମା ଥିଲା (ସେବେଳର) ୪୦୦୦ ଟଙ୍କା ଓ ତା ସହିତ ପଦବୀର ସମ୍ମାନ । ଯେଉଁ ଆଇ.ସି.ଏସ୍.ମାନଙ୍କୁ ସମାଜର ସର୍ବୋଚ୍ଚ ଗୌରବ ଓ ଅଧିକାର ବୋଲି ବିଚାର କରାଯାଉଥିଲା ସେମାନେ ବି ତାଙ୍କ ଚରିତ୍ର ଓ ଦକ୍ଷତା ଆଗରେ ମୁଣ୍ଡ ନୁଆଁଇ ଦେଉଥିଲେ । ତାଙ୍କର ମସ୍ତିଷ୍କ ଓ ହୃଦୟକୁ ବିଚାର କଲାବେଳେ ମୋର ଫକୀରମୋହନ ସେନାପତିଙ୍କ ଦି'ପଦ କଥା ମନେ ପଡ଼ିଯାଏ ଯିଏ କି ଆଶ୍ଚର୍ଯ୍ୟ ହୋଇ ଲେଖିଥିଲେ :-

'ଓଜନରେ ହେବୁ ମଧୁ ଅଢ଼େଇ ପଶୁରୀ, କେମନ୍ତେ ତୁ ଏତେ ବୁଦ୍ଧି ଦେହେ ଅଛୁ ଭରି ।'

ଆଉ ଗୋଟିଏ ନିଜର ଅତି ସ୍ମରଣୀୟ କଥା ଉଲ୍ଲେଖ କରି ମୁଁ ମୋ ଲେଖା ଶେଷ କରିବି । ମୁଁ ଯେତେବେଳେ ପାଟନା ହାଇକୋର୍ଟରେ ଓକିଲାତି କରିବାକୁ ନିଷ୍ପତି ନେଲି ସେତେବେଳେ ସେ ମୋତେ କେତେଗୁଡ଼ିଏ ଉପଦେଶ ଦେଇଥିଲେ । 'ନିଜ ଜାତି କଥା କହି କେଉଁଠୁ କିଛି ମାଗିବ ନାହିଁ । କାରଣ ମାଗିଲା ଲୋକ ହୁଏତ ପାଏ ପଇସାଟିଏ ନହେଲେ ଗୋଇଠାଟାଏ । କୌଣସି ଜାତି ମାଗିକରି ବଡ଼ ହୋଇ ନାହିଁ ।' ମୁଁ ତାଙ୍କର ସେହି ଉପଦେଶ ଅନୁସରଣ କରି ଆସିଛି ଓ ଭଗବାନଙ୍କ ନିକଟରେ ପ୍ରାର୍ଥନା ଯେ ମୋତେ ସେହି ପଥଟିରେ ଚାଲିବା ପାଇଁ ଶକ୍ତି ଓ ସାହସ ଦିଅନ୍ତୁ ।

Digitized by srujanika@gmail.com

ସର୍ବଭାରତୀୟ ଖ୍ରୀଷ୍ଟିୟାନ୍ ସମ୍ମିଳନୀର ସଭାପତି ଭାବରେ ମି. ଏମ୍.ଏସ୍. ଦାସ

ମି. ଏସ୍.ସି. ମୁଖାର୍ଜୀ,ଏମ୍.ଏ. ବି.ଏଲ୍., କଲିକତା

୧୮୮୦ ମସିହାରେ ମୋତେ ଆଠବର୍ଷ ବୟସ ହୋଇଥିଲାବେଳେ ମୁଁ ମି.ଏମ୍.ଏସ୍. ଦାସଙ୍କୁ ଦେଖିଥିଲି । ଉଚ୍ଚା ଓ ପତଳା ଶରୀର ହେଲେ ବି ତାଙ୍କ ଚେହେରାରେ ଦୃଢ଼ତା ଓ ସଂକଳ୍ପର ଚିହ୍ନ ଥିଲା । ମୁଁ ତାଙ୍କ ପାଖକୁ ଯିବାକୁ ଭୟ କରୁଥିଲି । ତାଙ୍କ ଘରେ ଏକ ବିରାଟ ପଞ୍ଜୁରୀରେ ଗୋଟାଏ ବଡ଼ ନେଉଳ ଥିଲା ଓ ଥିଲା ଏକ ବିରାଟକାୟ କୁକୁର ।

ସେ କଲିକତା ଆସୁଥିଲାବେଳେ ମୁଁ ତାଙ୍କୁ କେତେଥର ଦେଖିଛି , କିନ୍ତୁ ତାଙ୍କୁ ଭଲ ଭାବରେ ଜାଣିପାରି ନଥିଲି ।

୧୯୧୫ ମସିହାରେ ଆହ୍ଲାବାଦଠାରେ ସର୍ବଭାରତୀୟ ଖ୍ରୀଷ୍ଟିଆନ୍ ସମ୍ମିଳନୀ ହୋଇଥିଲା । ସେଠାରେ ସଭାପତିତ୍ୱ କରୁଥିବା ରାଜା ସାର୍ ହରନାମ୍ ସିଂହ କୌଣସି ଜରୁରୀ କାମ ଯୋଗୁଁ ସଭାପତି ଭାଷଣ ଦେଇ ଚାଲିଗଲେ । ପରେ ମି. ଦାସଙ୍କୁ ସଭାପତିତ୍ୱ କରିବାକୁ ଅନୁରୋଧ କରାଗଲା । ସେଇଠି ମୁଁ ତାଙ୍କୁ ଭଲ ଭାବରେ ଜାଣିବାକୁ ପାଇଥିଲି । କି ଚମତ୍କାର ବକ୍ତା? କେଉଁ ବିଷୟରେ ସେ ନ କହିପାରନ୍ତି? ସେଥିରେ ମୂଲ୍ୟବାନ ବିଷୟବସ୍ତୁ ତ ଥାଏ ଆଉ ଥାଏ ହାସ୍ୟରସ ଉଦ୍ଦୀପକ ବ୍ୟଞ୍ଜନା । ସେ ସମ୍ମିଳନୀ ଶେଷରେ ଏକ ଅଲିଖିତ ଭାଷଣ ଦେଇଥିଲେ । ତହିଁର କିଛି ଅଂଶ ମୁଁ ନିମ୍ନରେ ଦେଉଛି :-

''ଖ୍ରୀଷ୍ଟିଆନ୍ ସିଏ ଯିଏ. ଯୀଶୁଙ୍କ ଜୀବନରୁ ନିଜର ଆଦର୍ଶ ବାଛି ନେଇଥାଏ । ମୁଁ ଜଣେ ସାଧାରଣ ଲୋକ ଭାବରେ କହିବାକୁ ଯାଉଛି, ଆଉ ମୁଁ ସେଇଆ । ଖ୍ରୀଷ୍ଟଙ୍କ ଜୀବନର ସବୁଠାରୁ ଉଲ୍ଲେଖଯୋଗ୍ୟ କଥାଟି କ'ଣ? ମୁଁ ଯେତେବେଳେ ହିନ୍ଦୁ ଥିଲି ସେତେବେଳେ ଖ୍ରୀଷ୍ଟଙ୍କ ସେହି ପ୍ରାର୍ଥନା 'ପରମପିତା ସେମାନଙ୍କୁ କ୍ଷମା ଦିଅ, କାରଣ ସେମାନେ କ'ଣ କରିବାକୁ ଯାଉଛନ୍ତି ତାହା ସେମାନେ ଜାଣନ୍ତି ନାହିଁ ।' ଏହି କଥାଟି ମୋତେ ଗଭୀର ଭାବରେ ପ୍ରଭାବିତ କରିଥିଲା । ମୁଁ ସେତେବେଳେ ଅନୁଭବ କରିଥିଲି

Digitized by srujanika@gmail.com

ଯେ ମଣିଷ ଏହାଠାରୁ ମହତ୍ତର ସ୍ତରକୁ ଯାଇପାରେନା । ଆଉ ସେଇ କଥାରେ ପ୍ରଭାବିତ ହୋଇ ...... । ସେ କେତେବେଳେ ଏକଥା କହିଥିଲେ ତାହା ଆମେ ସମସ୍ତେ ଜାଣେ । ଏହି କଥାଟିର ଅର୍ଥ କ'ଣ? ମୋ ବୁଝିବାରେ ଏହାର ଅର୍ଥ ହେଲା 'ଏହି ପାର୍ଥିବ ଜଗତକୁ ତାଙ୍କରି ଆଧ୍ୟାତ୍ମିକ ସତ୍ତା ନିକଟରେ ସମର୍ପଣ କରିଦେବା' ।....

ପରିଶେଷରେ ସେ କହିଲେ, 'ମୁଁ ପ୍ରଥମେ ପ୍ରାଣବାୟୁ ନେଲାବେଳକୁ ବାହ୍ୟ ଜଗତ ସହିତ ମୋର ସମ୍ପର୍କ ନଥିଲା ଓ ଯେବେ ମୃତ୍ୟୁ ଆସିବ ଏବଂ ମୁଁ ଆଖି ବୁଜିଦେବି ସେତେବେଳକୁ ବି ମୁଁ ବାହ୍ୟ ଜଗତଠାରୁ ସମ୍ପର୍କ ତୁଟାଇ ଦେବି । ....ଧରାରୁ ମୋର ସମ୍ପର୍କ ବିଚ୍ଛିନ୍ନ କଲାପରେ ମୁଁ ବିଶ୍ୱସ୍ରଷ୍ଟାଙ୍କୁ ସ୍ମରଣ କରିବି । ସେ ସମୟରେ ଈଶ୍ୱର ଯଦି କହିବେ 'ତୁ ତୋ କର୍ତ୍ତବ୍ୟ କରିଛୁ' ତେବେ ତେଣିକି ପୃଥିବୀ ମୋ ସମ୍ପର୍କରେ ଯାହା ଭାବିଲେ ଭାବୁଥାଉ ।''

ତାଙ୍କ ଭାଷଣ ସମ୍ମିଳନୀରେ ଖୁବ୍ ଗଭୀର ପ୍ରଭାବ ପକାଇଥିଲା ଓ ୧୯୧୬ ମାନ୍ଦ୍ରାଜଠାରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀରେ ତାଙ୍କୁ ବି ସଭାପତିତ୍ୱ ପାଇଁ ସେଇଠି ମନୋନୀତ କରାଗଲା ।

ସଭାପତି ଭାବରେ ସେ ସେଠାରେ ବି ଯେଉଁ ଭାଷଣ ଦେଇଥିଲେ ତହିଁରୁ ତାଙ୍କ ହୃଦୟର ମହତ୍ତ୍ୱ ପରିସ୍ଫୁଟ ହୋଇଯାଇଥିଲା । ସେ ଭାଷଣରୁ କିଛି ଅଂଶ ଉଦ୍ଧାର କରିବା ପ୍ରାସଙ୍ଗିକ ମନେ କରୁଛି । 'ଆମେ ସବୁ ଭାରତୀୟ, ଆମ ଧମନୀରେ ଭାରତୀୟ ରକ୍ତ ପ୍ରବାହିତ ହେଉଛି । ଭାରତୀୟ ଇତିହାସ, ଭାରତୀୟ ପରମ୍ପରାରୁ ଆମେ ଉତ୍ସାହ ଲାଭକରୁ । ପ୍ରାଚୀନ ଭାରତବର୍ଷର ଗୌରବମୟ କୃତି ଉପରେ ଆମ ଭବିଷ୍ୟତ ଭାରତର ମହାନତା ନିର୍ଭରଶୀଳ ।

ଆମେ ଅତୀତରେ ଯେଭଳି ମହାନ୍ କାର୍ଯ୍ୟମାନ କରିଥିଲେ, ଆମେ ସେହିଭଳି ଗୌରବମୟ କାର୍ଯ୍ୟ କରିବା । ଆମର ସଂଖ୍ୟା ବି ବଢ଼ିବ । ପତିତ ନିର୍ଯାତିତ ଲୋକମାନଙ୍କୁ ଆମ ଭିତରକୁ ନେଇ ଆସିବା । ଏହିଭଳି ଭାବରେ ଆମ ଜାତୀୟ ଚରିତ୍ର ସହିତ ସମନ୍ୱୟ ରଖି ଆମ ସଂଗଠନ ଗଠନ କରିବା । ଆମେ ମହିଳାମାନଙ୍କୁ ଜାତିର ମା' ଭାବରେ ସମ୍ମାନୀୟ ସ୍ଥାନରେ ରଖିବା । ଆମେ ଚାଳିଶ ଲକ୍ଷ ପରିବାର ଏହିଭଳି ଭାବରେ ଆଗେଇ ବିଶ୍ୱରେ ଭାରତବର୍ଷର ଗୌରବ ବୃଦ୍ଧି କରିବା; ଯାହାର ଲୋକ ସଂଖ୍ୟା ପୃଥିବୀର ଏକ ପଞ୍ଚମାଂଶ ।

Digitized by srujanika@gmail.com

ମୁଁ ମୋର ଅଣ ଖ୍ରୀଷ୍ଟିଆନ୍ ଭାଇମାନଙ୍କୁ କହିଦେବାକୁ ଚାହେଁ ଯେ ଭାରତବର୍ଷର ରାଜନୀତିକ ଅଗ୍ରଗତି ଲାଗି ଯେଉଁ ଉଦ୍ୟମ ହେଉଛି ଆମେ ସେଥିରେ ସାହାଯ୍ୟ, ସହଯୋଗ କରିବୁ । ଆମର ଆଦର୍ଶ ରହିଛି ଓ ରହିବ; ଯାହା ହେଉଛି ପୃଥିବୀରେ ଶାନ୍ତି ଓ ମାନବଜାତିର ମଙ୍ଗଳ' ।' ତାଙ୍କ ଭାଷଣ ଏଭଳି ପ୍ରଭାବ ପକାଇଲା ଯେ ତାଙ୍କୁ ୧୯୧୭ ମସିହା ପାଇଁ ତୃତୀୟ ଥର ଲାଗି ସମ୍ମିଳନୀର ସଭାପତି କରାଯାଇଥିଲା । ସେ ସମ୍ମିଳନୀ ନାଗପୁରଠାରେ ବସିଥିଲା । ସେଠାରେ ବି ସେ ଯେଉଁଭାଷଣ ଦେଇଥିଲେ ତାହା ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ । ତହିଁରୁ କିଛି ଅଂଶ ଏହିପରିଃ-

'ପ୍ରତ୍ୟେକ ଲୋକର ଏକାଧିକ ଜୀବନ ଅଛି । ତା'ର ବ୍ୟକ୍ତିଗତ ଜୀବନ ଛଡ଼ା ଗୋଷ୍ଠୀଗତ ଓ ଜାତିଗତ ଜୀବନ ଥାଏ । .....ମଣିଷ ନିଜ ପାଇଁ ସୃଷ୍ଟି ହୋଇ ନାହିଁ, ତା'ର ସୃଷ୍ଟି ଅନ୍ୟମାନଙ୍କ ପାଇଁ । ମଣିଷ ପକ୍ଷରେ ମାମୁଲି ବ୍ୟକ୍ତି ସର୍ବସ୍ୱ ଜୀବନ ଯାପନ କରିବା ଅସମ୍ଭବ । କୃପଣ ପରି ଯେ ଜୀବନ କଟାଏ ଯଦି ତାକୁ ସ୍ୱାର୍ଥପର କୁହାଯାଏ ତ ସେ ନିଜକୁ ହିଁ ଠକିଥାଏ । କୃପଣ ନିଜେ ବି ସନ୍ତୋଷ ସହ ରହିପାରେନା । ସେ ଯାହା ସଞ୍ଚୟ କରି ରଖେ ତାହା ହୁଏତ ସ୍ତ୍ରୀ ପିଲାଙ୍କ ପାଇଁ ରଖିଥାଏ; ଏଣୁ ନିଜକୁ ବଞ୍ଚିତ କରିଥାଏ । ମଣିଷର ସୃଷ୍ଟି ତ୍ୟାଗରୁ । ମୋର ମା'ର ତ୍ୟାଗ ଓ ତିତୀକ୍ଷାରୁ ମୁଁ ଜନ୍ମିଛି ଓ ବଢ଼ିଛି । ମା ପେଟରେ ମୁଁ ମା' ରକ୍ତରେ ବଢ଼ିଥିଲି । ମୋର ଶରୀରଟି ମା'ର ଦାନ; ମୁଁ ତ ପ୍ରଥମେ ତା'ର ଶରୀରର ଅଂଶଟିଏ ହୋଇଥିଲି । ସେ ମୋତେ ଜନ୍ମ ଦେବା ସହିତ ମୋତେ ତ୍ୟାଗର ମହିମାରେ ଦୀକ୍ଷିତ କରିଛି । ମା'ର ତ୍ୟାଗରୁ ହିଁ ମୁଁ ପୃଥିବୀ ପୃଷ୍ଠକୁ ଆସିଛି । ଏ ଧରାରୁ ବିଦାୟ ନେଲାବେଳେ ବିଶ୍ୱନିୟନ୍ତା ବି ମୋତେ ସ୍ୱର୍ଗକୁ ନେଇଯିବେ । ଆତ୍ମନିବୃତ୍ତି ଓ ତ୍ୟାଗ ମଣିଷ ପାଇଁ ସ୍ୱାଭାବିକ ବ୍ୟାପାର ।

୧୯୧୮ରେ କଟକରେ ଅନୁଷ୍ଠିତ ହୋଇଥିବା ଷଷ୍ଠ ସର୍ବଭାରତୀୟ ଖ୍ରୀଷ୍ଟିଆନ୍ ସମ୍ମିଳନୀରେ ଯୋଗ ଦେବାଲାଗି କଟକ ଯାଇଥିବା ଅବସରରେ ମୁଁ ଅନୁଭବ କରିଥିଲି ଯେ ମି. ଦାସ ଏସବୁ ଯାହା କହୁଥିଲେ ସେସବୁ ନିଜେ ଆଚରଣ ବି କରୁଥିଲେ । ଯେଉଁମାନେ ସମ୍ମିଳନୀକୁ ଯାଇଥିଲେ ସମସ୍ତେ ତାଙ୍କର ବିଖ୍ୟାତ ଉତ୍କଳ ଟ୍ୟାନେରୀ ପରିଦର୍ଶନ କରିଥିଲେ; ଯେଉଁଥିରେ ସେ ତାଙ୍କର ସମସ୍ତ ଅର୍ଜିତ ଅର୍ଥ ବିନିଯୋଗ କରି ଦେଇଥିଲେ । ସେ ଦେଶବାସୀଙ୍କ ଲାଗି ସବୁ ସମର୍ପଣ କରି ଦେଇଥିଲେ । ତେବେ ଏଭଳି କାର୍ଯ୍ୟ ଜଣକ ପକ୍ଷରେ ସମ୍ଭବପର ନୁହେଁ । ଏହିଭଳି କାର୍ଯ୍ୟରେ ଅନ୍ୟମାନଙ୍କର ସାହାଯ୍ୟ

Digitized by srujanika@gmail.com

ସହଯୋଗ ଆବଶ୍ୟକ । ସେ ଆପ୍ରାଣ ଚେଷ୍ଟା କରିଥିଲେ ଓ ଏକା ଏକା ଲଢ଼ି ଏଭଳି ଚମତ୍କାର ସଂସ୍ଥାଟିକୁ ବଞ୍ଚେଇ ରଖିପାରିଲେ ନାହିଁ । ସେଇଟି ଭାଙ୍ଗି ପଡ଼ିଥିଲା । କିନ୍ତୁ ସେ ଜଣେ ଆଦର୍ଶ ଖ୍ରୀଷ୍ଟିଆନ ଭାବ ନେଇ ସେଭଳି ଦାରୁଣ ଦୁଃଖକୁ ସହି ନେଇଥିଲେ । ସେସବୁ ହରାଇଥିଲେ କିନ୍ତୁ ହରାଇ ନଥିଲେ ଈଶ୍ୱରଙ୍କ ପ୍ରତି ତାଙ୍କ ଆସ୍ଥା । ଅନ୍ୟ କେହି ହୋଇଥିଲେ ନିଶ୍ଚୟ ଏଭଳି ବିପଦରେ ଭାଙ୍ଗି ପଡ଼ିଥା'ନ୍ତା ; କିନ୍ତୁ ସେ ଥିଲେ ଜଣେ ଦୃଢ଼ ମେରୁଦଣ୍ଡ ବିଶିଷ୍ଟ ବ୍ୟକ୍ତି । ଚାଲବୁଲ କରି ପାରୁଥିବା ପର୍ଯ୍ୟନ୍ତ; ଏପରିକି ୮୪ ବର୍ଷ ବୟସରେ ବି ସେ କୋର୍ଟକୁ ଯାଉଥିଲେ ନିଜ ରୋଜଗାରରେ ଚଳିବା ଲାଗି । କ୍ରମେ ତାଙ୍କର ଶକ୍ତି ହ୍ରାସ ପାଇଲା । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ବିଶ୍ୱ ନିୟନ୍ତାଙ୍କ ପ୍ରତି ବିଶ୍ୱାସ ରଖିଥିଲେ । ଶାନ୍ତିର ସହ ସେ ବିଦାୟ ନେଇଥିଲେ । ତାଙ୍କ ସମ୍ପର୍କରେ ବାସ୍ତବରେ କୁହାଯାଇ ପାରେ 'ହେ ଉତ୍ତମ ତଥା ବିଶ୍ୱସ୍ତ ସେବକ! ଯାହା କରଣୀୟ ସବୁତକ ତ କରିଗଲ!'

Digitized by srujanika@gmail.com

ମୋ ଦୃଷ୍ଟିରେ ମି. ମଧୁସୂଦନ ଦାସ

ପଣ୍ଡିତ ନୀଳକଣ୍ଠ ଦାସ

ମୁଁ କେବେ ମି. ମଧୁସୂଦନ ଦାସଙ୍କୁ ଜାଣିଲି କହିବା ଭାରି କଷ୍ଟକର । ମୋ ପିଲାବେଳକୁ ଘରେ ଘରେ ତାଙ୍କ ନାଁ ଶୁଣିବାକୁ ମିଳିଥିଲା । ଦୁଃସମୟ ଓ ଆବଶ୍ୟକବେଳେ ଜଣେ ଲୋକ ବି ଅଛି ଯେ କି ସହାୟକ ହୋଇପାରିବ, ଏଭଳି ଧାରଣା ମଧୁସୂଦନ ଦାସ ସୃଷ୍ଟି କରି ପାରିଥିଲେ । ଜନ-ନେତାଙ୍କ ଚରିତ୍ରର ଏଭଳି ସ୍ୱରୂପ ପ୍ରାରମ୍ଭରୁ ହିଁ ଦେଖାଯାଇଥାଏ ।

ମୋର ମନେ ହେଉଛି ୧୯୦୧ ମସିହାରେ, ମଧୁବାବୁ ଆସୁଛନ୍ତି ଶୁଣି ଆମ ସାଙ୍ଗମାନଙ୍କ ସହିତ ଆମେ ଦୌଡ଼ିଥିଲୁ ତାଙ୍କୁ ଦେଖିବାକୁ ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ଯେଉଁ ପ୍ରଥମ ଅଧିବେଶନ କଟକରେ ବସିଥିଲା ସେ ଥିଲେ ତା'ର ସ୍ରଷ୍ଟା । ମି. ସୁରେନ୍ଦ୍ରନାଥ ବାନାର୍ଜୀ କଟକରେ ବେଙ୍ଗଲ ପ୍ରେଭିନ୍‌ସିଆଲ୍ ସମ୍ମିଳନୀ ବସାଇବାକୁ ମି. ଦାସଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପ୍ରସ୍ତାବ ସେଠାରେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଶୁଣି ମଧୁବାବୁ ସେଥିରେ ତ ଯୋଗ ଦେଲେ ନାହିଁ; ସେହିଠାରୁ ଉଭୟଙ୍କ ମଧ୍ୟରେ ମତାନ୍ତର ଘଟିଲା । ତାହା ବଦଳରେ ସେହିବର୍ଷ କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ହୋଇଥିଲା । ଅଧିବେଶନ ପରେ ପରେ ସେ ନିଜର କିଛି ପ୍ରଚାରକ ସହକର୍ମୀଙ୍କୁ ନେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକଙ୍କ ମନୋଭାବ ଜାଣିବାକୁ ବାହାରିଥିଲେ । ୧୯୦୪ ମସିହାର ପ୍ରଥମ ଭାଗରେ, ପୁରୀ ଜଗନ୍ନାଥ ବଲ୍ଲଭଠାରେ ଏକ ବିରାଟ ସଭାରେ ମୁଁ ତାଙ୍କୁ ଦେଖିଥିଲି । ସେଇଠି ମୁଁ ତାଙ୍କୁ ଅତି ନିକଟରୁ ଦେଖିବାକୁ ପାଇଥିଲି ଓ ତାଙ୍କ ଆହ୍ୱାନ ମୋର ହୃଦୟକୁ ସ୍ପର୍ଶ କରିଥିଲା । ମି. ଏମ୍. ଏସ୍. ଦାସ ସ୍ୱଦେଶୀ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ ଓ ଆମ୍ଭମାନଙ୍କୁ ଶପଥ କରିବାକୁ କହିଥିଲେ । ସେ କହିଥିଲେ

Digitized by srujanika@gmail.com

''ଆମ ଦେଶର ବାସ୍ତବ ଧନ, ଚମଡ଼ାକୁ ବିଦେଶୀମାନେ ନେଇ ଜୋତା, ଚପଲ ତିଆରି କରି ଆମ ଦେଶର ଲୋକଙ୍କୁ ବିକି ଟଙ୍କା ନେଇ ଯାଉଛନ୍ତି । ତାହା ଆମକୁ ଆରାମ ଦେବା ପରିବର୍ତ୍ତେ ଆମ ପିଠିରେ ମାଡ଼ ବସିଲା ପରି ଲାଗୁଛି । ଏତକ ଆମ ଦେଶର ମୋଚି ଓ ଅନ୍ୟମାନେ ପାଆନ୍ତେ ।'' ଏହାର ବର୍ଷକ ପରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ଏହି କଥା ଉଠିଥିଲା ।

x x x x

୧୯୧୧ରେ ଏମ୍.ଏ. ପାସ୍ ପରେ ମୁଁ ସତ୍ୟବାଦୀ ବିଦ୍ୟାଳୟ ପ୍ରତିଷ୍ଠା କଲାପରେ, ମି. ଏମ୍.ଏସ୍. ଦାସ ମୋ ପାଖକୁ ଏକ ପ୍ରଶଂସାପତ୍ର ପଠାଇଥିଲେ । ସେ ଖାଲି ମୋତେ ଧନ୍ୟବାଦ ଦେଇ ନଥିଲେ, ଆଶ୍ଚର୍ଯ୍ୟାନ୍ୱିତ ବି ହୋଇଥିଲେ । ସେ ନିଜେ ଯେଉଁଭଳି ସ୍ୱାର୍ଥତ୍ୟାଗ କରିଥିଲେ ମୁଁ ସେହିଭଳି କରିଥିବାରୁ ସେ ମୋତେ ଉତ୍ସାହିତ କରିଥିଲେ ।

ନିଜ ଲୋକମାନେ କେଉଁଠି କିଛି ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ତା'ର ସେ ଖବର ରଖୁଥିଲେ ଓ ସେମାନଙ୍କୁ ଉତ୍ସାହିତ କରିବା ଭଳି ତାଙ୍କ ପରି ଲୋକଟିଏ ମୁଁ ଦେଖିନାହିଁ । ମଣିଷ ଭିତରର ଏଭଳି ବିକାଶର ଉଦ୍ରେକ କରାନ୍ତି କେବଳ ତାଙ୍କରି ଭଳି ମହାନ୍ ଜନନେତା ।

x x x x

ଗୋପବନ୍ଧୁ ଦାସ, ଯେ କି କିଛି ସମୟ ତାଙ୍କ ଜୁନିଅର ଭାବରେ ଓକିଲାତି ତାଲିମ ପାଇଥିଲେ, ତାଙ୍କୁ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ରେ ପ୍ରବେଶ କରାଇବା କାଳରେ ମୁଁ ତାଙ୍କଠାରେ ଏଭଳି ମହନୀୟ ଗୁଣ ଦେଖିବାକୁ ପାଇଥିଲି । ଅବଶ୍ୟ ମି. ଏମ୍.ଏସ୍. ଦାସଙ୍କ ବହୁ ଉଲ୍ଲେଖନୀୟ ଘଟଣାବହୁଳ ଜୀବନରେ ଏଇଟି ଅତି ଛୋଟିଆ ଘଟଣା । କିନ୍ତୁ ବହୁତ ଛୋଟ ଛୋଟ ଘଟଣାରୁ ମହାନ ବ୍ୟକ୍ତିମାନଙ୍କର ମହତ୍ତ୍ୱ ଜଣାଯାଇଥାଏ । ପଣ୍ଡିତ ଗୋପବନ୍ଧୁ ସେଠାକୁ ନ ଯାଆନ୍ତୁ ବୋଲି ବହୁ ଉଦ୍ୟମ ହେଉଥିଲା । କିନ୍ତୁ ସେ ସେସବୁକୁ କାନ ଦେଇ ନଥିଲେ । ତାଙ୍କ ଭଳି ଜାତିର ସର୍ବୋଚ୍ଚ ସ୍ୱାର୍ଥ ସୁରକ୍ଷାକାରୀ ସେଭଳି ଉଦ୍ୟମକୁ ହୀନ ଓ ଘୃଣ୍ୟ ବୋଲି କହୁଥିଲେ । ଜାତିର ମଙ୍ଗଳ ଲାଗି ସେ କିଭଳି ଭାବୁଥିଲେ ଓ ଅନୁଭବ କରୁଥିଲେ ଏଥିରୁ ତା'ର ପ୍ରମାଣ ମିଳେ । ଏହା ଦେଖାଇ ଦିଏ ସେ କିଭଳି ମଣିଷ ବାଛିବା ଦିଗରେ ଗୁଣିଆ । ମଜାର କଥା ଯେ ୧୯୦୪ ମସିହାରେ ଯେତେବେଳେ ସମ୍ବଲପୁର ସମେତ ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବଙ୍ଗଳା ପ୍ରଦେଶ ସହିତ ରହିବ ବା କେନ୍ଦ୍ର ପ୍ରଦେଶ (ପରବର୍ତ୍ତୀ କାଳର

Digitized by srujanika@gmail.com

ମଧ୍ୟପ୍ରଦେଶ) ସହିତ ରହିବ ବୋଲି ଦୁଇଟି ମତ ଚାଲିଥାଏ, ସେତେବେଳେ ମଧୁବାବୁଙ୍କ ମତକୁ ବିରୋଧ କରିବା ଜରିଆରେ ହିଁ ଗୋପବନ୍ଧୁ ସାଧାରଣ କ୍ଷେତ୍ରରେ କାମ କରିବା ଦିଗରେ ପ୍ରଥମ ସ୍ୱୀକୃତ ଲାଭ କରିଥିଲେ । ୧୯୦୪ ମସିହାରେ କଟକରେ ଉତ୍କଳ ସମ୍ମିଳନୀ ଅଧିବେଶନ ଚାଲିଥାଏ । ସେହି ସମୟରେ ପୂର୍ବୋକ୍ତ ବିବାଦ ତୁଙ୍ଗରେ ପହଞ୍ଚିଥାଏ । ସମ୍ମିଳନୀର ଶିବିରରେ ଗୋପବନ୍ଧୁଙ୍କର 'ପ୍ରାର୍ଥନା' ଶୀର୍ଷକ ଏକ ପ୍ରଚାରପତ୍ର ବଣ୍ଟାଯାଇଥିଲା ଓ ତାଙ୍କୁ ପ୍ରତିନିଧିମାନେ ଆଗ୍ରହ ସହିତ ପଢ଼ିଥିଲେ ଓ ପସନ୍ଦ କରିଥିଲେ ବୋଲି ମୋର ବେଶ୍ ମନେ ଅଛି । ମି.ଏମ୍.ଏସ୍. ଦାସ ଗୋପବନ୍ଧୁଙ୍କରଏଭଳି କାର୍ଯ୍ୟକୁ ପସନ୍ଦ କରି ନଥିଲେ, ଆଉ ତାଙ୍କ ନିଜ ଆଦର୍ଶ ତଥା କାମ କରିବାର ଢଙ୍ଗ ଥିଲା ଭିନ୍ନ । କିନ୍ତୁ ସେ ନଥିଲେ ସ୍ୱାର୍ଥପର । ଗୋପବନ୍ଧୁଙ୍କ ମଧ୍ୟରେ ମୌଳିକତା ଓ ମହାନତାର ବୀଜ ସେ ସେହି ସମୟରୁ ହିଁ ଲକ୍ଷ୍ୟ କରିଥିଲେ । ଗୋପବନ୍ଧୁଙ୍କ ପ୍ରତି ତାଙ୍କର ପସନ୍ଦ ବଢ଼ି ଚାଲିଲା ଓ ପରବର୍ତ୍ତୀ କାଳରେ ସେହି ଉଦୀୟମାନ ଦେଶଭକ୍ତଙ୍କ ପ୍ରତି ତାଙ୍କ ହୃଦୟରେଏକ ସ୍ୱତନ୍ତ୍ର ସ୍ଥାନ ବି ରହିଗଲା ।

୧୯୧୨ରେ ମି. ଦାସ ଓଡ଼ିଶା ଟେନାନ୍‌ସି ଆକ୍ଟ ଉପରେ ଲେଖାପଢ଼ା କରୁଥାନ୍ତି । ବିହାର ଓଡ଼ିଶା କାଉନ୍‌ସିଲ୍‌ରେ ସେ ସମ୍ପର୍କରେ ଏକ ବିଧେୟକ (ବିଲ୍) ଆସିଥାଏ । ବଙ୍ଗଳାରେ ରହି ଯାଇଥିବା ସମୟରେ ଓଡ଼ିଶାର ପ୍ରଜାମାନେ ସେମାନଙ୍କର ଅଧିକାର ହରାଉଥିଲେ । ତା'ର ପୁନରୁଦ୍ଧାର ଥିଲା ମଧୁବାବୁଙ୍କ କାମନା । ସେ ସମ୍ପର୍କରେ ମଧୁବାବୁ ଯେଉଁ ଯୁଗାନ୍ତକାରୀ ସ୍ମାରକୀ ପେଶ୍ କରିଥିଲେ ତହିଁରୁ ଜାଣିହୁଏ ସେହି ସମସ୍ୟା ସମ୍ପର୍କରେ ସେ କେତେ ଅନୁଧ୍ୟାନ କରିଥିଲେ ଓ ପ୍ରଜାମାନଙ୍କ ମଙ୍ଗଳ ପାଇଁ ସେ କିଭଳି ବ୍ୟାକୁଳ ଥିଲେ । ପ୍ରଜାମାନଙ୍କ ଅଧିକାର ଖାଲି ଆଦର୍ଶବାଦ ଦିଗରୁ ନୁହେଁ ଐତିହାସିକ ତଥା ପାରମ୍ପରିକ ବିଚାରରୁ ଦୃଢ଼ ଭିତ୍ତିରେ ପ୍ରତିଷ୍ଠିତ ତାହା ସେ ପ୍ରତିପାଦନ କରିଥିଲେ । ଆଉ ଦର୍ଶାଇଥିଲେ ଯେ ପ୍ରଜାର ଜମିରେ ପୂର୍ଣ୍ଣ ଅଧିକାର ରହିଲେ ସେ ତା'ର ଅଧିକ ଯତ୍ନ ନେବ ଏବଂ ଉତ୍ପାଦନ ବି ବଢ଼ିବ । ଅବଶ୍ୟ ସେଥିରୁ କେତେ ଗୃହୀତ ହୋଇ ଆଇନଭୁକ୍ତ ହେଲା ତାହା ଭିନ୍ନ କଥା । ସରକାରଙ୍କ ସାହାଯ୍ୟରେ ନ୍ୟସ୍ତ-ସ୍ୱାର୍ଥ ଗୋଷ୍ଠୀ ସବୁ ପ୍ରକାର ଲୋକପ୍ରିୟ ଉଦ୍ୟମ ଓ ସ୍ୱାଭାବିକ ସମଭାବକୁ ପ୍ରତିହତ କରିବା ଲାଗି ସର୍ବଦା ପ୍ରଚେଷ୍ଟା ଥିବାରୁ ଏପରି ହିତକର ପ୍ରଚେଷ୍ଟା ବ୍ୟର୍ଥ ହେଉଛି । ତାଙ୍କ ଦେଶରେ ଯେଭଳି ଚଳୁଛି ବିଦେଶୀମାନେ ଏ ଦେଶରେ ସେହି ଢଙ୍ଗର ବ୍ୟବସ୍ଥା ଚଳାଉଛନ୍ତି ।

Digitized by srujanika@gmail.com

ମଧୁବାବୁ ତାଙ୍କର ଏହି ପ୍ରଚେଷ୍ଟାକୁ ବ୍ୟାପକ ଓ ପ୍ରଭାବଶାଳୀ କରିବାକୁ ପ୍ରଜା ପ୍ରତିନିଧି ସଭା ଗଢ଼ିଲେ ଓ ତହିଁରେ ସେ ନିଜେ ହେଲେ ସଭାପତି ଏବଂ ଗୋପବନ୍ଧୁ ଓ ମୁଁ ହେଲୁ ସମ୍ପାଦକ। ମୋର ପୂରା ମନେ ଅଛି କିଭଳି ମଧୁବାବୁଙ୍କ ସାଧାରଣ ନିମନ୍ତ୍ରଣରେ କଟକ ପୁରୀ ଓ ବାଲେଶ୍ୱରରୁ ହଜାର ହଜାର ଚାଷୀ ଏକଜୁଟ୍ ହେଉଥିଲେ। ସେମାନେ ଜାଣୁ ନଥିଲେ କ'ଣ ପାଇଁ ସେମାନେ ଆସିଛନ୍ତି; କିନ୍ତୁ ସେମାନେ ଅନୁଭବ କରୁଥିଲେ ଯେ ମଧୁବାବୁ ତାଙ୍କ ଭଲ ପାଇଁ କିଛି କରୁଛନ୍ତି। ମଧୁବାବୁ ଠିଆ ହୋଇ ପ୍ରସ୍ତାବମାନ ପଢ଼ିଲା ପରେ ସେଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଯାଉଥିଲା। ଗୋଟିଏ ପିଢ଼ି ଉପରେ ତାଙ୍କର ଏହିଭଳି ଅଖଣ୍ଡ ପ୍ରଭାବ ଥିଲା; କାରଣ ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ମଧୁବାବୁ ସେମାନଙ୍କ ଭଲ ପାଇଁ ଓ ତାଙ୍କ ସ୍ୱାର୍ଥରକ୍ଷା ଲାଗି ବାହାରିଛନ୍ତି।

ଜାତୀୟ ସ୍ୱାର୍ଥରେ ସେ ତାଙ୍କ ଜୀବନକାଳର, ପ୍ରଚୁର ଅର୍ଥ ବ୍ୟୟ କରିଦେଇ ଯାଇଛନ୍ତି। 'ଶିଳ୍ପ ଦେଶର ଓ ଦେଶ ପାଇଁ ଶିଳ୍ପ' ଏଇଥିରେ ସେ ଥିଲେ ନିମଗ୍ନ। ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାରେ ସେ ପୃଥିବୀର ବିଖ୍ୟାତ ରୂପାର ତାରକସି ଶିଳ୍ପର ପୁନରୁଦ୍ଧାର କରିଥିଲେ ଓ ଉତ୍କଳର ଚମଡ଼ା ତଥା ଜୋତା ଆଦିକୁ ଦେଶ ବାହାରେ ଆଦୃତ କରାଇଥିଲେ। ସମବାୟ ସଂସ୍ଥା ଭାବରେ ଶିଳ୍ପ ଉଠେଇ ପାରିଲା ନାହିଁ। ଓଡ଼ିଶାରେ ସେଭଳି ହେବାରେ ବିଚିତ୍ରତା ନଥିଲା। ପ୍ରାୟ ଏସବୁ ଦିଗରେ ମାତିବା ଲାଗି ସମୟ ଆସି ନଥିଲା। କିନ୍ତୁ ଓଡ଼ିଶାର ବଣିଆ ଓ ମୋଚିଙ୍କର କାମର ପାରଦର୍ଶିତା ସେମାନଙ୍କ ଅବସ୍ଥା ସୁଧାରିବାରେ ଏହି ଉଦ୍ୟମ ସହାୟକ ହୋଇଥିଲା। ମି. ଏମ୍.ଏସ୍. ଦାସଙ୍କ ଏକକ ପ୍ରଚେଷ୍ଟା ଫଳରେ ଏହା ସମ୍ଭବପର ହୋଇଥିଲା।

x x x x

୮୩ ବର୍ଷ ବୟସରେ ବି ତାଙ୍କ ଭିତରର ମଣିଷ ଥିଲା ଜୀବନ୍ତ; ଯଦିଓ ତାହା ଅଫେରନ୍ତା ମୁହୂର୍ତ୍ତ ନିକଟ ହୋଇ ଆସୁଥିବାରୁ; ତାହା ବେଳେବେଳେ ଦିକିଦିକି ଓ ବେଳେବେଳେ ସମୁଜ୍ଜ୍ୱଳ ହୋଇ ଉଠୁଥିଲା।

୧୯୩୪ ଜାନୁଆରୀ ଶେଷ ଆଡ଼କୁ ମୁଁ ଖବର କାଗଜରୁ ପଢ଼ିଲି ଯେ ମି.ଏମ୍.ଏସ୍. ଦାସ ଅତିଶୟ ଅସୁସ୍ଥ। ମୁଁ ସଙ୍ଗେ ସଙ୍ଗେ କଟକ ଧାଇଁଲି ଓ ସିଧା ତାଙ୍କ ଶଯ୍ୟା ପାଖକୁ ଚାଲିଗଲି। ବୃଦ୍ଧ ଲୋକଟି ନିସ୍ତେଜ ହୋଇ ପଡ଼ିଥାନ୍ତି ଯଦିଓ ପାଖ ଆଖରେ କ'ଣ ହେଉଛି ସେସବୁ ଜାଣି ପାରୁଥିଲେ ଓ ସ୍ୱର ତାଙ୍କର କ୍ଷୀଣ ହୋଇ ଯାଇଥିଲା। ମୁଁ

Digitized by srujanika@gmail.com

ଶୁଣିଲି ଯେ ସେ ପୂର୍ବ ତିନିଦିନ ଧରି କିଛି ଖାଇ ନଥିଲେ । ମୁଁ ଯିବା ଖବର ପାଇବା ସଙ୍ଗେ ସଙ୍ଗେ ସେ ମୋତେ ତାଙ୍କ ପାଖକୁ ଡକାଇଲେ। ମୁଁ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କଲି ଯେ ସେ ଥିଲେ ସେହି କୁଳବୃଦ୍ଧ ମଧୁସୂଦନ । ସେ ଅତି କଷ୍ଟରେ କହିଲେ- ''ବହୁ ଦିନର କଥା ମନେ ପଡୁଛି ।'' ସେ ଓଡ଼ିଆରେ କହିବାକୁ ଆରମ୍ଭ କଲେ ଓ ସେଦିନ ଓ ପରଦିନ ପର୍ଯ୍ୟନ୍ତ ସେ ମାତୃଭାଷାରେ ହିଁ କହିଲେ ।

ମୁଁ ଭାବବିହ୍ୱଳ ହୋଇଗଲି ଓ ମୋ ଭିତରେ ଏକ ସ୍ୱାଭାବିକ ଦୁର୍ବଳତା ଆସିଗଲା । ସେ ତେଣିକି ଅଧିକ ସ୍ପଷ୍ଟ ଓ ଉଚ୍ଚ ସ୍ୱରରେ କହିଲେ। ନୂଆ ପ୍ରଦେଶ କିଭଳି ରୂପ ନେବ ସେଇକଥା ତାଙ୍କ ମନରେ ଖେଳୁଥାଏ; ଆଉ ପଚାରିଲେ ''ଜୟପୁର ଓଡ଼ିଶାରେ ମିଶୁଛି?'' ଖୁବ୍ ଉଦ୍ଦାମତାରେ ମଧ୍ୟ କହି ପକାଇଲେ ''ହଁ ନୀଳକଣ୍ଠ! ସେଇଟି ବି ଆସୁଛି''। ତା'ପରେ ଟିକିଏ ହତାଶିଆ ହୋଇ କହିଲେ ''ଆରେ ଲୋକେ କାହାନ୍ତି?'' ମୁଁ କହିଲି- ''ଈଶ୍ୱରଙ୍କ ଉପରେ ଆଉ ସବୁ କଥା ଛାଡ଼ି ଦିଅନ୍ତୁ। ଆପଣ ତ ଆପଣଙ୍କ କର୍ତ୍ତବ୍ୟ କରିଛନ୍ତି,; ସେଇ ତ ଆପଣଙ୍କ ପାଇଁ ସନ୍ତୋଷ।'' ତା'ପରେ ମୁଁ ପଚାରିଲି 'ଦେଶବାସୀଙ୍କ ପାଇଁ ଆପଣଙ୍କର କିଛି ବାର୍ତ୍ତା ଅଛି କି?' ସେ କହିଲେ, 'ସେମାନଙ୍କୁ କୁହ ଅନ୍ତରକୁ ନିର୍ମଳ ରଖନ୍ତୁ।' ଟିକିଏ ବିରାମ ନେଲେ। କାରଣ ମୋ ସହିତ କଥା କହି କହି ସେ ହାଲିଆ ହୋଇଯାଇଥିଲେ। ଟିକିଏ ରହିଯାଇ କହିଲେ ''ତୁମ୍ଭେମାନେ କଅଣ ମୋତେ ମନେ ରଖିବ?'' ମୁଁ ଭାବବିହ୍ୱଳିତ ହୋଇ କହିଲି, ''ଆଜି ଓଡ଼ିଶା ଯେଉଁ ଅବସ୍ଥାକୁ ଆସିଛି ତାହା ଆପଣଙ୍କ ଦ୍ୱାରା ହିଁ ସମ୍ଭବପର ହୋଇଛି। ସାରା ଓଡ଼ିଶା ଆପଣଙ୍କୁ ସବୁଦିନେ ମନେ ରଖିବ। ଆଉ ଆପଣଙ୍କ ମନକୁ ଏଭଳି ପ୍ରଶ୍ନ କାହିଁକି ଆସୁଛି? ଆମେ ସମସ୍ତେ ଆଶା କରୁଛୁ ଆପଣ ଆହୁରି କିଛି କାଳ ବଞ୍ଚି ରହି ଆମକୁ ପଥପ୍ରଦର୍ଶନ କରିବେ। ଆପଣ ସ୍ୱତନ୍ତ୍ର ପ୍ରଦେଶ ପାଇଁ ସାରା ଜୀବନ ସଂଗ୍ରାମ କରିଥିଲେ; ତାକୁ ଯେତେବେଳେ ଆମେ ପାଇବାକୁ ଯାଉଛୁ ସେହି ସମୟରେ ଆପଣଙ୍କର ଆବଶ୍ୟକତା ବହୁତ ରହିଛି ।'' କିଛି ସମୟ ପରେ କୁଳବୃଦ୍ଧ କହିଲେ ''ତୁମେ ବିଶ୍ୱାସ କରୁଛ ଯେ ମୋତେ ଲୋକେ ଚାହୁଁଛନ୍ତି । ହଁ, ମୁଁ ଜାଣେ ତୁମ୍ଭେମାନେ ବିଶ୍ୱାସ କର ।''ଏହି ଶେଷ ଶବ୍ଦଗୁଡ଼ିକ କହିଲାବେଳେ ସେ ଖୁବ୍ ଭାବମଗ୍ନ ହୋଇଗଲା ଭଳି ଜଣାଯାଉଥିଲେ । ସେ କ'ଣ କହିବାକୁ ଯାଉଥିଲେ ତାହା ମୁଁ କହିପାରିବି ନାହିଁ । ଏହି ସମୟରେ ସୁଶ୍ରୀ ଦାସ ଆସି ମୋତେ କହିଲେ କିଛି ଖାଇବାକୁ ତାଙ୍କୁ ରାଜି କରାଇବାକୁ; କାରଣ ସେ ତିନି ଦିନ ଧରି କିଛି ଖାଇ ନଥିଲେ । ମୁଁ ଅନୁରୋଧ କରିବା ସଙ୍ଗେ ସଙ୍ଗେ ସେ ଅସ୍ୱାଭାବିକ ଆଗ୍ରହର

Digitized by srujanika@gmail.com

ସହ ଖାଇବାକୁ ରାଜି ହୋଇଗଲେ । ସୁଶ୍ରୀ ଶୈଳବାଳା ଦାସ ଏକ ପ୍ଲେଟ୍‌ରେ ଖାଦ୍ୟ ଆଣି ଖୁଆଇବାକୁ ଆସିଗଲେ । ସେ କଷ୍ଟକରି ଟିକିଏ ସିଝା ବାଇଗଣ ଓ ଦି' ଟୁକୁଡ଼ା ପାଉଁରୁଟି ଖାଇ ଟିକିଏ ଆରାମ ଅନୁଭବ କଲେ । ସୁଶ୍ରୀ ଦାସ ପରେଏଥିଲାଗି ମୋତେ ଧନ୍ୟବାଦ ଦେଲେ, କାରଣ ତାଙ୍କର ବିଶ୍ୱାସ ହେଲା ଯେ ମୋ ଆସି କହିବା ଯୋଗୁଁ ସେ ଖାଦ୍ୟ ଗ୍ରହଣ କଲେ । ହୋଇପାରେ ।

ପରଦିନ ୧ଟା ପରେ ମୁଁ ମି. ଦାସଙ୍କ ଘରେ ପହଞ୍ଚିଥିଲି । କିନ୍ତୁ ପରେ ଜାଣିବାକୁ ପାଇଲି ସେ ୧୦ଟା ବେଳୁ ମୁଁ ଆସିଛି କି ବୋଲି ଆଗ୍ରହର ସହ ପଚାରୁଥିଲେ । ସେଦିନ ୧୨ଟା ପର୍ଯ୍ୟନ୍ତ ବାରମ୍ବାର ମୋ କଥା ପଚାରୁଥାନ୍ତି । ଶେଷକୁ ହତାଶ ହୋଇ କହିଲେ 'ମୁଁ ଆଉ ତାକୁ ପ୍ରାୟ ଦେଖିପାରିବି ନାହିଁ ।' ଏହି ସମୟକୁ ବାବୁ ବ୍ରଜସୁନ୍ଦର ଦାସ ତାଙ୍କ ଶଯ୍ୟା ନିକଟରେ ପହଞ୍ଚି ଯାଇଥାନ୍ତି । ସେ ପଚାରିଲେ, "କାହାକୁ" ମି.ଦାସ ଭଙ୍ଗା ଭଙ୍ଗା କଣ୍ଠରେ ବାରମ୍ବାର କହିଲେ, "ନୀଳକଣ୍ଠ" । ବ୍ରଜବାବୁ ମୋତେ ଆଣିବାକୁ ତାଙ୍କ ମଟରଗାଡ଼ି ପଠାଇଦେଲେ । ତେବେ ସେ ଗାଡ଼ି ପହଞ୍ଚିବା ପୂର୍ବରୁ ମୁଁ ଘରୁ ବାହାରି ଆସିଥିଲି । ମୁଁ ଆସି ପହଞ୍ଚିବା ମାତ୍ରେ ସୁଶ୍ରୀ ହାଜରା ମୋତେ ଶଯ୍ୟା ପାଖକୁ ଟାଣି ନେଇ କହିଲେ ନୀଳକଣ୍ଠ ବାବୁ ଆସିଗଲେଣି । ମୁମୂର୍ଷୁ ବୃଦ୍ଧଙ୍କଠାରେ ବାସ୍ତବିକ ପ୍ରାଣ ସଂଚରିତ ହୋଇଗଲା ଓ ସେ କିଛି କହିବାକୁ ଶକ୍ତି ପାଇବା ପର୍ଯ୍ୟନ୍ତ, ମୋ ଆଡ଼କୁ କିଛି ସମୟ ଚାହିଁ ରହିଲେ । ଏହି ସମୟରେ ଦୁଇ ଉଦୀୟମାନ ଓକିଲ ଶ୍ରୀ ଚିନ୍ତାମଣି ମିଶ୍ର ଓ ନବକିଶୋର ଦାସ ସେଇଠି ଠିଆ ହୋଇ ଶୁଣିବାକୁ ଅପେକ୍ଷା କରିଥାନ୍ତି ବୁଢ଼ା କ'ଣ କହିବେ ଶୁଣିବାକୁ । ମି. ଦାସଙ୍କ ସ୍ୱର କ୍ଷୀଣ ହୋଇଯାଇଥିବାରୁ ଭଲକରି ଶୁଭୁ ନଥିଲା । କିନ୍ତୁ ସେ କିଛି କହିବାକୁ ପ୍ରତିଜ୍ଞାବଦ୍ଧ ଥାଆନ୍ତି । ଏ ଦୁଇ ଯୁବକ ମୋଠାରୁ ତାଙ୍କ ନିକଟତର ଥିଲେ ଓ ସେ ଯାହା କହୁଥିଲେ ସେମାନେ ଲେଖିବାକୁ ଚେଷ୍ଟା କରୁଥିଲେ । ନବବାବୁ ଏହାର କିଛି ଅଂଶ ପରଦିନ ଖବରକାଗଜରେ ପ୍ରକାଶ ପାଇଁ ଦେଇଥିଲେ ଓ ତାହା ବାହାରିଥିଲା । କଥାବାର୍ତ୍ତାଟି ଥିଲା ଟିକିଏ ଦୀର୍ଘ । ମୁଁ ଯେତିକି ମନେ ରଖିଛି ସେତକ ଉଚ୍ଚାରଣ ଥିଲା ସ୍ପଷ୍ଟ ଓ ସମ୍ପୂର୍ଣ୍ଣ । ସେ ଜାଣୁଥିଲେ ଯେ ତାଙ୍କ ମୃତ୍ୟୁ ଅଦୂରରେ । ଆଗକୁ କ'ଣ କରିବାକୁ ହେବ ସେ ସମ୍ପର୍କରେ ସେ ଏକ କାର୍ଯ୍ୟକାରୀ ଯୋଜନା ଚିନ୍ତା କରିଥିଲେ ତାଙ୍କର ଚିନ୍ତାରାଜି ଥିଲା ସ୍ଥିର ଓ ପରିଷ୍କାର । ସେ କହିଲେ, "ତୁମେ କହୁଥିଲ ଯେ ତୁମ୍ଭେମାନେ ବିଶ୍ୱାସ କର ଯେ ମୋର ଆବଶ୍ୟକତା ଅଛି । ହଁ ଓଡ଼ିଶାରେ ସେଭଳି ଲୋକର ଆବଶ୍ୟକତା ରହିଛି । ଆଜିର ଜଟିଳ

Digitized by srujanika@gmail.com

ଘଡ଼ିସନ୍ଧି କାଳରେ ରାଜ୍ୟ ସେପରି ଦେଶପ୍ରେମୀ ଚାହେଁ । ହେଲେ ତୁମେ ଆଉ ମୋତେ ପାଇବ ନାହିଁ । ତୁମେ ଭାବିନେବ ମୁଁ ତୁମ ଭିତରେ ଅଛି ।'' ଏହାପରେ ଅତି କ୍ଷୀଣ ସ୍ୱରରେ ମାପିଚୁପି ଦେଶ ପାଇଁ କଅଣ କରିବାକୁ ହେବ କହିବାରେ ଲାଗିଲେ । ତାଙ୍କର ସେହି ଉଚ୍ଚାରଣରୁ ଅସଲ ମଧୁସୂଦନ ବାରି ହୋଇ ପଡୁଥିଲେ । ସେ ଖାଲି ଓଡ଼ିଶା ଆଉ ଓଡ଼ିଶା କଥା ଶେଷ ପର୍ଯ୍ୟନ୍ତ ଭାବୁଥିଲେ ଯାହାକୁ ସେ ଏତେ ଭଲ ପାଉଥିଲେ ଓ ଯାହା ପାଇଁ ଏତେ ପରିଶ୍ରମ କରିଥିଲେ । ଏହି ସମୟରେ ବ୍ରଜସୁନ୍ଦର ଦାସ ଆସିଗଲେ ଓ ଇତିମଧ୍ୟରେ ମି. ଦାସ ବିଚିତ୍ରାନନ୍ଦ ଦାସଙ୍କୁ କୋର୍ଟରୁ ଡକାଇ ପଠାଇଲେ । ଏହାପରେ ସେ ବ୍ରଜସୁନ୍ଦର ଦାସଙ୍କୁ କହି ଚାଲିଲେ କିପରି ତାଙ୍କର ମୋ ଉପରେ ସବୁ ପ୍ରକାର ବିଶ୍ୱାସ ରହିଛି, ଆଉ ମୋ ସହଯୋଗରେ କିପରି ଭବିଷ୍ୟତ କାର୍ଯ୍ୟ ଅଗେଇ ଚାଲିବ । ଏହି ସମୟରେ ବାବୁ ବିଚିତ୍ରାନନ୍ଦ ଦାସ ଆସି ପହଞ୍ଚିଗଲେ ଓ ତାଙ୍କୁ ସେଇ ପ୍ରଶ୍ନ କଲେ । ମୋତେ ଦେଖେଇ ସେ କହିଲେ- 'ଇଏ କହୁଛି ତୁମ୍ଭେମାନେ ଏବେ ବି ମୋର ଦିଗ୍‌ଦର୍ଶନ ଚାହୁଁଛ । ତୁମେ କ'ଣ କହୁଛ? ଉତ୍ତର ଥିଲା ''ହଁ, ଆମେ ଆପଣଙ୍କୁ ଖୁବ୍ ବେଶି ଚାହୁଁଛୁ । ଭଗବାନ ଆପଣଙ୍କୁ ଆଉ କିଛି କାଳ ବଞ୍ଚାଇ ରଖନ୍ତୁ । ଆପଣ ବଞ୍ଚି ରହିବେ ।'' ସେ ମୋତେ ଦେଖାଇ କହିଲେ, ''ହଁ ମୁଁ ତା'ରି ଭିତରେ ବଞ୍ଚି ରହିବି । ମୁଁ ଯାହା ସେ ସେଇଆ ହୋଇ ରହିବ । ତୁମ୍ଭେମାନେ ମୋଠାରୁ ଯାହା ଆଶା କରୁଥିଲ ତା'ଠାରୁ ତାହା ପାଇବ । ସେଇଆ କରିବଟି?''

ଅତି କ୍ଷୀଣ ଅଥଚ ମାପିଚୁପି ଏଇଆ କହିଥିଲେ । ବିଚିତ୍ରାନନ୍ଦବାବୁ ହଠାତ୍ କ'ଣ ଉତ୍ତର ଦେବେ ଠିକ୍ ନ କରିପାରି କହିଲେ ''ଆପଣ ଆମକୁ ବାଟ ଦେଖାଇବାକୁ ବଞ୍ଚି ରହିବେ । ଆମେ ଆପଣଙ୍କ ଉପଦେଶ ଅନୁସାରେ ଚାଲିବୁ । ଆମେ ଭଗବାନଙ୍କୁ ଏଇଆ ପ୍ରାର୍ଥନଦା କରୁଛୁ । ଆପଣ ଯେପର୍ଯ୍ୟନ୍ତ ଅଛନ୍ତି ଏସବୁ ଚିନ୍ତା କାହିଁକି?''

ମି. ଦାସଙ୍କ ଦେହର ରଙ୍ଗ ହଠାତ୍ ବଦଳିଗଲା । ହତାଶ ଭାବରେ ସେ ଅତି କଷ୍ଟରେ ପୂର୍ବ ଅନୁରୋଧ ଦୋହରାଇଲେ । ମୁଁ ଅତି ଅସ୍ୱସ୍ତିକର ବୋଧକରି ମଝିରେ ପଶି କହିଲି ''ସେସବୁ ହେବ । ମୋର ଶକ୍ତିରେ ଯାହା ସମ୍ଭବପର କରାଯିବ । ଏ ସମୟରେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ଯଦି ବାସ୍ତବିକ ବିଶ୍ୱାସ କରୁଛନ୍ତି ମୋ ଦ୍ୱାରା କିଛି ସମ୍ଭବପର ତାହାକୁ ମୁଁ ଆପଣଙ୍କର ଆଶୀର୍ବାଦ ଭଳି ଗ୍ରହଣ କରୁଛି । ପ୍ରଦେଶର ଶୁଭାକାଂକ୍ଷୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ ସହିତ ପ୍ରଗତି ପାଇଁ ଯାହା କରଣୀୟ ମୁଁ ତାହା ଅବଶ୍ୟ କରିବି ।''

Digitized by srujanika@gmail.com

x x x x

ମି. ଦାସ ଆଉ ମୋ ସହିତ କିଛି କଥାବାର୍ତ୍ତା କଲେ ନାହିଁ । ମନେ ହେଲା ଯେପରି ତାଙ୍କର ଆଉ କିଛି କହିବା ଭଳି ଶକ୍ତି ନଥିଲା । କିନ୍ତୁ ସେ ଅପରାହ୍ନଟି ସେ ଗୋଟିଏ କଥା ପାଖରେ ଥିବା ଅନୁଚରମାନଙ୍କୁ ଲକ୍ଷ୍ୟ କରି ବାରମ୍ବାର କହୁଥାନ୍ତି, "ଏମାନେ ମୋ ଶରୀର ବାହାରଟା ପରିଷ୍କାର କରିବାରେ ବ୍ୟସ୍ତ କିନ୍ତୁ ଭିତରଟା କଥା ଭାବୁ ନାହାନ୍ତି ।" ମୁଁ ଭାବୁଛି ଏ ସଂସାରରୁ ବିଦାୟ ନେବାର ବେଳ ହୋଇଗଲାଣି ବୋଲି ସେ ନିଶ୍ଚିତ ହୋଇ ଯାଇଥିଲେ । ଏଣୁ ଆତ୍ମା କଥା ହିଁ ଚିନ୍ତା କରୁଥିଲେ ଯାହାର ଆସ୍ଥାନ ବି ପରିଷ୍କାର ରହିବା କଥା । ତାଙ୍କ କହିବାର ତାତ୍ପର୍ଯ୍ୟ ଥିଲା ଏଇଆ ।

ଏହାପରେ ଯାହା ଘଟିଲା ତାହା ବିଶେଷ ଉଲ୍ଲେଖଯୋଗ୍ୟ ନହେଲେ ବି ଜାଣିବାର କଥା । ସେ ନିରବ ରହିବା ପରେ ମୁଁ ଟିକିଏ ଠିଆ ହୋଇ ରହି ବାରଣ୍ଡାକୁ ଆସିଥିଲି । ଏହାପରେ କିଛି ଛାତ୍ର ଓ କିଛି ଛୋଟ ପିଲା ତାଙ୍କ ପାଖରେ ପ୍ରାର୍ଥନା କରିବାକୁ ଆସିଥିଲେ । ଏହି ସମୟରେ ଆଶ୍ଚର୍ଯ୍ୟର କଥା ଯେ ମି. ଏମ୍.ଏସ୍. ଦାସଙ୍କ ପରିଚିତ କଣ୍ଠସ୍ୱର ବାହାରକୁ ଶୁଭିଲା । ସେ ପିଲାମାନଙ୍କୁ କହିଲେ, "ମନେ ରଖିବ ଏଭଳି ଜଣେ ଓଡ଼ିଆ ଥିଲା ଯେ କ୍ଷମତାକୁ କେବେ ଭୟ କରୁ ନଥିଲା ଓ କୌଣସି ପ୍ରଲୋଭନରେ ଉଚିତ ମାର୍ଗରୁ ପଥଚ୍ୟୁତ ହେଉ ନଥିଲା ଏବଂ ସ୍ୱାଧୀନ ଭାବରେ ଭଗବାନଙ୍କ ସାହାଯ୍ୟ କାମନା କରୁଥିଲା ।" ଏହା କହିବାବେଳେ ତାଙ୍କ କଣ୍ଠସ୍ୱର ଏତେ ଉଚ୍ଚ ହୋଇ ଯାଇଥିଲା ଯେ ସୁଶ୍ରୀ ଦାସ ଓ ସୁଶ୍ରୀ ହାଜରା ଭୟଭୀତ ହୋଇ ଦଉଡ଼ି ଆସି ଆଉ କିଛି କଥାବାର୍ତ୍ତା ନ କରିବାକୁ ପ୍ରବର୍ତ୍ତାଇଲେ ଓ କହିଲେ ପିଲାମାନେ ପ୍ରାର୍ଥନା କରିବାକୁ ଆସିଛନ୍ତି, । ଏହାପରେ ସେ ହାତ ଯୋଡ଼ି ଆଖି ବୁଜିଦେଲେ ଏବଂ ପିଲାମାନେ ଶିକ୍ଷକଙ୍କ ସହିତ ପ୍ରାର୍ଥନା କରିବାରେ ଲାଗିଲେ । ଏହିଭଳି ଥିଲା ଓଡ଼ିଶାର ଗୋଟିଏ ପିଢ଼ିର ଜୀବନ୍ତ ଇତିହାସ ପୁରୁଷ ମି. ଏମ୍.ଏସ୍. ଦାସଙ୍କ ସହ ଶେଷ ସମୟଟି । ଅନ୍ତିମ କାଳ ପର୍ଯ୍ୟନ୍ତ ସେ ଦେଶ କଥା ହିଁ ଚିନ୍ତା କରୁଥିଲେ । ଦେଶର ଲୋକେ ସ୍ୱାଧୀନ ଭାବରେ ମଣିଷ ଭଳିଆ କିପରି ଆଗେଇ ଚାଲିବେ ସେହି କଥା ହିଁ ସେ ଶେଷ ପର୍ଯ୍ୟନ୍ତ ଭାବୁଥିଲେ; କିନ୍ତୁ ଈଶ୍ୱରଙ୍କୁ ଭୁଲି ନଥିଲେ । ତାଙ୍କ ଯୁଗର ଏବଂ ଓଡ଼ିଶାର ମହାନ୍ ପୁରୁଷ ଜଣକ ଏହିପରି ଏକ ବିରାଟ ଶୂନ୍ୟସ୍ଥାନ ଛାଡ଼ି ଚାଲିଗଲେ ଯାହା ପୂରଣ ହେବା ଅତି କଷ୍ଟକର । ତାଙ୍କର ଆତ୍ମା ଶାନ୍ତି ଲାଭ କରୁ ।

Digitized by srujanika@gmail.com

ଓଡ଼ିଆ ତଥା ଭାରତୀୟ ଭାବରେ ମଧୁବାବୁ

ବାବୁ ଗୋପବନ୍ଧୁ ଚୌଧୁରୀ

ମୁଁ ନବମ ଶ୍ରେଣୀରେ ପଢ଼ିଲା ପର୍ଯ୍ୟନ୍ତ ମଧୁବାବୁଙ୍କୁ ନାଁ ଶୁଣିଥିଲି ଓ ଦେଖିଲି ସିନା ତାଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସି ନଥିଲି । ମଧୁବାବୁ ଆସିଥାନ୍ତି ବୋଲି ଜାଣିଲେ ଆମ ଘର ଚଳଚଞ୍ଚଳ । ତେବେ ବାପା ନ ଡାକିଲେ ଆମେ ସେମାନଙ୍କ ଆଳାପ ବେଳେ ତାଙ୍କ ପାଖକୁ ଯାଉନା । ଦିନେ ସେ ଉପର ମହଲାକୁ ଚାଲି ଆସିଲେ ଓ ମୋତେ ଦେଖି ପଚାରିଲେ "ମୁଁ କ'ଣ ପଢୁଛି?" ମୁଁ ଉତ୍ତର ନ ଦେଉଣୁ ଏକ କାଠ ଆଲମିରା ଦେଖି ପଚାରିଲେ"ଏଇଟି କ'ଣ?" ମୁଁ କହିଲି "ସେଇଟି ଆଲମିରା ।" ପଚାରିଲେ "ଆଲମିରା କାହାକୁ କୁହାଯାଏ? କିଭଳି ତାକୁ ପ୍ରକାଶ କରିବ?" ମୁଁ ଯେଉଁ ଉତ୍ତର ଦେଲି ତାହା ଏକ କାଠ ବାକ୍ସକୁ ବୁଝାଇବ ନହେଲେଏକ କାଠ ଆଲମିରାକୁ ବୁଝାଇବ । ତାହାପରେ ସେ ଆମକୁ ବୁଝାଇଲେ ଗୋଟିଏ ଜିନିଷକୁ ବୁଝାଇଲା ସମୟରେ କିଭଳି ସବୁକଥା ଟିକିନିଖି କରି କହିବ । ଏହା ଗୋଟିଏ ଛୋଟିଆ କଥା ହୋଇଥିଲେ ବି ମୁଁ ଏହାକୁ ଜୀବନର ଏକ ମୂଲ୍ୟବାନ ଶିକ୍ଷା ଭାବରେ ଗ୍ରହଣ କରିଥିଲି ।.......

ମୁଁ ସେତେବେଳକୁ ପୂର୍ଣ୍ଣ ବୟସର ଯୁବକ । ମୁଁ ଥରେ ଉତ୍କଳ ଟ୍ୟାନେରୀ ଦେଖିବାକୁ ଯାଇଥିଲି । ସେ ସବୁଆଡ଼ ବୁଲେଇ ଦେଖାଇଲେ ଓ ବିଭିନ୍ନ ମେସିନ୍‌ର କାର୍ଯ୍ୟ ବୁଝାଇଲେ । ଏପରିକି ଖଣ୍ଡେ ଖଦଡ଼ା ଚମଡ଼ା କିପରି ନରମ ଜୋତାରେ ପରିଣତ ହେଉଛି, ମେସିନ୍ ଚଳାଇ, ନିଜେ ମୋତେ ଦେଖାଇ ଦେଲେ । ତା'ପରେ ବୁଝେଇଲେ କିପରି ହାତଦ୍ୱାରା ମଣିଷର ବିସ୍ମୟକର ବିକାଶ ଘଟିଛି ଓ ନିଜେ କାମକରି ଦେଖାଇଦେବା ଜରିଆରେ କିଭଳି ଚମତ୍କାର

Digitized by srujanika@gmail.com

ଭାବରେ ଶିକ୍ଷା ଦିଆଯାଇ ପାରେ । ସେହି ସ୍ମୃତି, ମି. ଦାସ ବା ଆମ ଓଡ଼ିଆ କାରିଗର ମଧୁବାବୁଙ୍କ ସମ୍ପର୍କରେ ମୋ ତରୁଣ ମନରେ ଗଭୀର ଛାପ ପକାଇଥିଲା ।

ତାଙ୍କ ତିରୋଧାନର ବର୍ଷେ ବା ଦୁଇ ବର୍ଷ ପୂର୍ବର କଥା । ଜଣେ ସ୍ୱତନ୍ତ୍ର ବାର୍ତ୍ତାବହ ଜରିଆରେ ମୋତେ ତାଙ୍କ ଘରକୁ ଡକା ଯାଇଥିଲା । ବହୁବର୍ଷ ପରେ ତାଙ୍କ ସହିତ ଏ ସାକ୍ଷାତ । ତାଙ୍କର ପୂର୍ବର ଚେହେରା ଭାଙ୍ଗି ପଡ଼ିଥାଏ । ସେ ଗୋଟିଏ ଚେୟାରରେ ଜାକିଜୁକି ହୋଇ ବସିଥା'ନ୍ତି । କେବଳ ଚକ୍ଷୁ ଦୁଇଟି ଓ କଣ୍ଠସ୍ୱର ଛଡ଼ା ତାଙ୍କଠାରେ ପୂର୍ବର ମଧୁବାବୁଙ୍କ ଅନ୍ୟ କିଛି ନଥାଏ । ସରକାର ପ୍ରଥମ କରି ଘୋଷଣା କରିଥା'ନ୍ତି ଯେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ । ଆମେ ତା' ଉପରେ ଘଣ୍ଟାଏ ଯାଏ କଥାବାର୍ତ୍ତା ହେଲୁ । ସ୍ୱତନ୍ତ୍ର ଓଡ଼ିଶା କିପରି ସଫଳ ହେବ ସେଥିଲାଗି ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ସେ କହୁଥିଲେ । ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରିବାର ଦୀର୍ଘ ସଂଗ୍ରାମ କଥା ବର୍ଣ୍ଣନା କଲାବେଳେ ତାଙ୍କ କ୍ଷୀଣ ଶରୀର କିଭଳି ସତେଜ ହୋଇ ଉଠୁଥାଏ ଓ ଚକ୍ଷୁଗୁଡ଼ିକ ଉଜ୍ଜ୍ୱଳ ହୋଇ ପଡୁଥାଏ ତାହା ମୋର ସ୍ପଷ୍ଟ ମନେ ଅଛି । ଓଡ଼ିଶାକୁ ଉଠେଇବା ଦିଗରେ ସବୁ ଓଡ଼ିଆ ମନପ୍ରାଣ ଦେଇ ଲାଗି ପଡ଼ିବା କଥା କହିଲାବେଳେ ଭାରତବର୍ଷର ଉନ୍ନତି ପାଇଁ ବି ଆମେ ଲାଗିବା କଥା ସେ ଭୁଲି ନଥିଲେ ବୋଲି ମୁଁ ଲକ୍ଷ୍ୟ କରିଥିଲି ।

Digitized by srujanika@gmail.com

କେତୋଟି ଘଟଣା

ସୁଶ୍ରୀ ସୁଧାଂଶୁବାଳା ହାଜରା

ରେଭେନ୍‌ସା ବାଳିକା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା

(ସେ ଏକ ବହିରେ ମଧୁବାବୁଙ୍କ ସମ୍ପର୍କରେ ଅନ୍ୟାନ୍ୟ ବିଷୟ ଲେଖିବା ଭିତରେ, ଭାରତବର୍ଷରେ ନାରୀମାନେ ଓକିଲାତି କରିବା ଅଧିକାର ପାଇବା ଦିଗରେ ମଧୁସୂଦନ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ବର୍ଣ୍ଣନା କରିଛନ୍ତି । ଏହି ଲେଖାଟି ତାହାର ଅଂଶ ମାତ୍ର ।)

ମୁଁ ସେହି ମହାମାନବଙ୍କୁ ଗଭୀର ସମ୍ମାନ ଓ ଅନୁରକ୍ତିର ସହ ଦେଖି ଆସିଛି । ତାଙ୍କ ସହିତ ଯେତୋଟି ଦିନ ରହିଛି ସେଗୁଡ଼ିକ ମୋ ପାଇଁ ଅବିସ୍ମରଣୀୟ ହୋଇ ରହିବ । ତାଙ୍କର ଉପଦେଶ ମୋରଅବଶିଷ୍ଟ ଜୀବନ ଲାଗି ପଥପ୍ରଦର୍ଶନ କାର୍ଯ୍ୟ କରିବ ଓ ତାଙ୍କ ଆଶୀର୍ବାଦ ମୋ ଲାଗି ଅମୂଲ୍ୟ ସମ୍ପଦ ବୋଲି ମୁଁ ବିଚାର କରେ । ତାଙ୍କ ସମ୍ପର୍କରେ ଲେଖି ବସିଲେ ବିରାଟ ଗ୍ରନ୍ଥ ହେବ । ତେବେ ମୁଁ କେତୋଟି ଘଟଣା ହିଁ ଉଲ୍ଲେଖ କରିବି ।

ମଧୁସୂଦନ ନାରୀମଙ୍ଗଳ ସମ୍ପର୍କୀୟ ବିଷୟ, ନାରୀ ଶିକ୍ଷା ଆଦିରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିଲେ । ୧୯୦୬-୧୯୦୭ ଭିତରେ ସେ କଲିକତା ଆସିଥିଲାବେଳେ ମୁଁ ତାଙ୍କୁ କହିଥିଲି ଯେ ଖ୍ରୀଷ୍ଟ ଚର୍ଚ୍ଚ ଗାର୍ଲସ ହାଇସ୍କୁଲରେ ଗୋଟିଏ ଓଡ଼ିଆ ଝିଅ ପଢ଼ୁଛି । ଏକଥା ଶୁଣିବା ସଙ୍ଗେ ସଙ୍ଗେ ତା ସମ୍ପର୍କରେ ଅଧିକ ଜାଣିବା ଲାଗି ସେ ତାକୁ ଭେଟିବାକୁ ଚାହିଁଥିଲେ । ସେ କହିଲେ, "ଓଡ଼ିଆ ଝିଅଟିଏ ହୋଇଥିବାରୁ ତାକୁ ଦେଖିବାକୁ ମୋର ବିଶେଷ ଆଗ୍ରହ ।" ଓଡ଼ିଆ ଏବଂ ଓଡ଼ିଶା ସମ୍ପର୍କୀୟ ସବୁକିଛି ପ୍ରତି ତାଙ୍କର ଆକର୍ଷଣ ଥିଲା । ଏହାପରେ ମୁଁ ସେ ଝିଅଟିକୁ ଆଣି ତାଙ୍କୁ ଦେଖାଇଥିଲି ଓ ସେ ଓଡ଼ିଆ ଝିଅଟି ନିଜେ ଚେଷ୍ଟା କରି ପଢ଼ୁଥିବାରୁ ସେ ଖୁବ୍ ଖୁସି ହୋଇ ଯାଇଥିଲେ ।

ନାରୀ ଶିକ୍ଷା ଏବଂ ନାରୀମାନଙ୍କର ମଙ୍ଗଳ ପାଇଁ ତାଙ୍କର ସର୍ବଦା ଅତ୍ୟନ୍ତ ଆଗ୍ରହ ଥିଲା । କୌଣସି ଝିଅ ଉଚ୍ଚ ଶିକ୍ଷା ପାଉଥିବା ବା ପାଇବା ପାଇଁ ଉଦ୍ୟମ କରୁଥିବା ଶୁଣିଲେ ସେ ତାକୁ ଯଥୋରନାସ୍ତି ଉତ୍ସାହ ଓ ସାହାଯ୍ୟ ଦେଉଥିଲେ । ଥରେ ବାପିଷ୍ଟ ମିଶନର ସ୍ୱର୍ଗତ ଶ୍ରୀମତୀ ୟଙ୍ଗ ମଧୁବାବୁଙ୍କୁ ଗୋଟିଏ ଝିଅର କଲେଜରେ ପଢ଼ିବା ଲାଗି ସାହାଯ୍ୟ

Digitized by srujanika@gmail.com

କରିବା କଥା କହିବାରୁ ମଧୁବାବୁ ତା'ର କଲିକତାର ବେଥୁନ୍ କଲେଜରେ ପଢ଼ିବା ଖର୍ଚ୍ଚ ଆନନ୍ଦରେ ଯୋଗାଇଥିଲେ । ପଢ଼ିବା ଲାଗି ସାହାଯ୍ୟ ପାଇଁ ମଧୁସୂଦନଙ୍କ ନିକଟକୁ ଆସିଲେ କେହି ରିକ୍ତ ହସ୍ତରେ ଫେରନ୍ତି ନାହିଁ ।

ନିମ୍ନ ବିବରଣୀରୁ ତାଙ୍କ ଅନ୍ତରର ପ୍ରତିଛବି ଜାଣିବାକୁ ମିଳେ :

ଗୋଟିଏ ନିର୍ବାଚନରେ ଜଣେ ଭଦ୍ରଲୋକ ତାଙ୍କ ବିରୋଧରେ ପ୍ରଚାର କରିଥିଲେ । ସେ ମଧୁସୂଦନଙ୍କ ସମ୍ପର୍କରେ ଯା'ଇଚ୍ଛା ତା କହୁଥିଲେ ଓ ତାଙ୍କ ପରାସ୍ତ ଲାଗି ସବୁ ହୀନ ପନ୍ଥା ଗ୍ରହଣ କରିଥିଲେ । ମଧୁସୂଦନ କିନ୍ତୁ ସେଥର ବହୁ ଭୋଟରେ ବିଜୟୀ ହୋଇଥିଲେ । ମଧୁସୂଦନ ମନ୍ତ୍ରୀ ଥିଲାବେଳେ ସେ ପାଟନାରେ ତାଙ୍କ ଘରେ କିଛି ଦିନ ଅତିଥି ହେବା ଲାଗି ଇଚ୍ଛା ପ୍ରକାଶ କରିଥିଲେ । ମୁଁ ଓ ମୋ ଭଉଣୀ ଶୈଳବାଳା ସେଭଳି ଲୋକଙ୍କୁ ଆତିଥ୍ୟ ଦେବାକୁ ବିରୋଧ କଲୁ । କିନ୍ତୁ ମଧୁସୂଦନ କହିଲେ, ''ତୁମେ ଭୁଲି ଯାଉଛ ଯେ ସେ ଜଣେ ଓଡ଼ିଆ । ମୋର ଘୋର ଶତ୍ରୁ ହୋଇଥିଲେ ବି ମୁଁ ତାଙ୍କୁ ମନା କରିପାରିବି ନାହିଁ ।'' ସେ ଭଦ୍ରଲୋକଙ୍କୁ ବନ୍ଧୁ ଭାବରେ ଚର୍ଚ୍ଚା କରାଯାଇଥିଲା ।

ମଧୁସୂଦନ ପିଲାମାନଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ପ୍ରତିବର୍ଷ ଖ୍ରୀଷ୍ଟମାସ ଦିନ ସେ ପ୍ରୋଟେଷ୍ଟାଣ୍ଟ ଇଉରୋପିଆନ୍ ସ୍କୁଲ୍ ଓ କନ୍‌ଭେଣ୍ଟର ଅନାଥ ପିଲାମାନଙ୍କୁ ଆମୋଦିତ କରୁଥିଲେ । ଥରେ ତାଙ୍କର ସେଭଳି ସମୟକୁ ଅର୍ଥର ଅଭାବ ପଡ଼ିଯାଇଥାଏ । ତେଣୁ ତାଙ୍କର ବେବର୍ତ୍ତା କହିଲେ, ''ଏବର୍ଷ ପିଲାମାନଙ୍କ ବ୍ୟବସ୍ଥା ବନ୍ଦ କରିଦେଲେ ଭଲ ହୁଅନ୍ତା ।'' ମଧୁସୂଦନ କହିଲେ, ''ପିଲାମାନେ ନିଶ୍ଚୟ ଏ ଦିନ କିଛି ଆଶା କରିଥିବେ । ମୁଁ କିଭଳି ସେମାନଙ୍କୁ ନିରାଶ କରିବି ? ଟଙ୍କା କେଉଁଠୁ ହେଲେ ଆସିବ, ମୋର ବିଶ୍ୱାସ ଈଶ୍ୱର ନିଶ୍ଚୟ ସହାୟକ ହେବେ ।'' ସତକୁ ସତ ପରେ ପରେ ୫୦୦ ଟଙ୍କାର ଏକ ଲଫାପା ଆସି ପହଞ୍ଚି ଯାଇଥିଲା ଓ ସେଥିରେ ଥିବା ଚିଠିରେ ଲେଖିଥିଲା ଯେ ମଧୁସୂଦନ ଦାତାଙ୍କଠାରୁ ଆହୁରି ଭଲ ଉଦ୍ଦେଶ୍ୟରେ ଟଙ୍କାଟି ଖର୍ଚ୍ଚ କରିପାରିବେ । ମଧୁସୂଦନ ଏ ଘଟଣାରେ ଈଶ୍ୱରଙ୍କ ଇଚ୍ଛା ଥିବା କଥା ବୁଝିପାରିଥିଲେ ଓ ଅତି ଖୁସି ହୋଇ ସେ ୫୦୦ ଟଙ୍କା ପିଲାମାନଙ୍କ ଆମୋଦ ପ୍ରମୋଦ ଲାଗି ଖର୍ଚ୍ଚ କରିବାକୁ ବରାଦ କରିଦେଲେ । ଆଉ ପିଲାମାନଙ୍କର ଆନନ୍ଦ କହିଲେ ନସରେ; କାରଣ ଖାଇବା ପିଇବା ଛଡ଼ା ସେଥର ପ୍ରତ୍ୟେକ ପିଲାକୁ ଗୋଟିଏ ଲେଖା ଉପହାର ଦିଆଯାଇଥିଲା ।

ପ୍ରତି ରବିବାର ଦିନ ଗରିବମାନଙ୍କୁ ଭିକ୍ଷା ଦେବା ମଧୁବାବୁଙ୍କ ଲାଗି ଏକ ଧର୍ମପାଳନ ଭଳି ଥିଲା । ତାଙ୍କର ଶେଷ ବର୍ଷ ବେଳକୁ ସେ ଓକିଲାତିରୁ ବିଶେଷ ରୋଜଗାର

Digitized by srujanika@gmail.com

କରିପାରୁ ନଥିଲେ । ଘର ଚଳାଇବା ଦାୟିତ୍ୱ ମୋ ଉପରେ ଥିଲା । ମୁଁ ଥରେ ପ୍ରସ୍ତାବ ଦେଲି "ପ୍ରତି ରବିବାର ଭିକାରୀଙ୍କୁ ଦାନ କରିବାରେ ବହୁତ ଖର୍ଚ୍ଚ ହୋଇଯାଉଛି । ତାହା ନକରି ସେମାନଙ୍କୁ ମାସକରେ ଥରେ ଦେଲେ ହୁଅନ୍ତା ।" କିନ୍ତୁ ସେ ଦୁଃଖର ସହ କହିଲେ "ଭିକାରୀଙ୍କ ପାଇଁ ଦାନ କରିବା ଲାଗି ତୁମେ ଯଦି କୁଣ୍ଠିତ ତ ମୋ ପାଇଁ ଖର୍ଚ୍ଚ କରିବା ବନ୍ଦ କରିଦିଅ । କାରଣ ମୁଁ ତ ଜଣେ ଭିକାରୀ! ମୋତେ ଯଦି ଖୁସି କରିବାକୁ ଚାହଁ ତ ଭିକାରୀଙ୍କୁ ଯାହା ଦେଉଛ ତାହା ବନ୍ଦ କରନା ।"

ଈଶ୍ୱରଙ୍କ ଉପରେ ତାଙ୍କର ଅଟଳ ବିଶ୍ୱାସର ଆଉ ଗୋଟିଏ ଉଦାହରଣ ଦେଉଛି । ଗୋଟିଏ ଗରିବ ପିଲାର ପାଠପଢ଼ାରେ ସେ ଆଗ୍ରହ ପ୍ରକାଶ କରି ସମସ୍ତ ପଢ଼ାପଢ଼ି ଖର୍ଚ୍ଚ ଦେଉଥିଲେ । ସେ ମାଟ୍ରିକ୍ୟୁଲେସନ ପାଶ୍ କଲାପରେ ବି ମଧୁସୂଦନଙ୍କୁ ନାନା ମିଛ କଥା କହି ଠକୁଥିଲା । ଏହା ସତ୍ତ୍ୱେ ମଧୁସୂଦନ ତାକୁ ସାହାଯ୍ୟ କରି ଚାଲିଥିଲେ । କିନ୍ତୁ ସେ ପିଲାଟି ମିଛ କଥା କହି ଠକୁଛି ବୋଲି ଜାଣିବା ପରେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । । ମଧୁସୂଦନ ଦିନେ ରାତିରେ ସ୍ୱପ୍ନ ଦେଖିଲେ ଯେ ସେହି ପିଲାଟିର ଗୋଡ଼ ଫୁଲିଯାଇଛି ଓ ସେ ଆସି ତାଙ୍କ 'ଗେଟ୍' ପାଖରେ କଷ୍ଟର ସହ ଠିଆ ହୋଇଛି ।

ପରଦିନ ସକାଳେ ସେ ପ୍ରାତଃଭ୍ରମଣରେ ବାହାରିଲାବେଳେ ମୁଁ ତାଙ୍କ ସାଙ୍ଗରେ ଚାଲିଚାଲି ଗଲି । ବାଟରେ ସେ ପୂର୍ବ ରାତିର ସ୍ୱପ୍ନ କଥା କହିଲେ । ଫେରିଲା ବେଳକୁ ଆମେ 'ଗେଟ୍' ପାଖରେ ଠିକ୍ ସେହି ପିଲାକୁ ଦେଖିଲୁ ଓ ତା'ର ଗୋଡ଼ ଫୁଲି ଯାଇଥିଲା । ମଧୁସୂଦନ ପିଲାଟିର କଷ୍ଟରେ ଖୁବ୍ ଦୁଃଖିତ ହୋଇ ଯାଇଥିଲେ ଓ ଜାଣିଲେ ଏହା ଈଶ୍ୱରଙ୍କ ଇଚ୍ଛା ।

ମଧୁସୂଦନ ୧୯୨୭ ମାର୍ଚ୍ଚ ମାସରେ ଦେବାଳିଆ ବୋଲି ଘୋଷିତ ହେଲେ । ସେତେବେଳର ଜଣେ ବଙ୍ଗୀୟ ଡିଭିଜନାଲ କମିଶନରଙ୍କ ସହଧର୍ମିଣୀ ତାଙ୍କୁ ଦେଖିବାକୁ ଆସିଥିଲେ । ସେ ମଧୁସୂଦନଙ୍କୁ ବହୁ ଦିନରୁ ଜାଣିଥିଲେ । ମଧୁବାବୁ ପରିସ୍ଥିତି ଅନୁଭବ କରି ପରିସ୍ଥିତିର ଉନ୍ନତି ପର୍ଯ୍ୟନ୍ତ ସେ ତାଙ୍କର ଅତିଥି ହୋଇ ରହିବା ଲାଗି ଅନୁରୋଧ କରିଥିଲେ । ସେ ତାଙ୍କୁ କହିଥିଲେ "ଲାବଣ୍ୟ ମୋ ପ୍ରତି ତୁମର ସହୃଦୟତା ମୁଁ ବେଶ୍ ଅନୁଭବ କରୁଛି; କିନ୍ତୁ ମୁଁ ତୁମକୁ ଗୋଟିଏ ପ୍ରଶ୍ନ ପଚାରୁଛି, "ଯଦି ମାଜିଷ୍ଟ୍ରେଟ୍ କୌଣସି ଲୋକକୁ ଦଣ୍ଡ ଦିଏ ତ ତାକୁ କ'ଣ ସେ ଏଡ଼ାଇଦେଇ ପାରିବ? ତାକୁ ଅବଶ୍ୟ ସେ ଦଣ୍ଡ ଭୋଗିବାକୁ ପଡ଼ିବ । ମୁଁ 'କର୍ତ୍ତା'ଙ୍କ ଦଣ୍ଡକୁ କିଭଳି ବା ଏଡ଼ାଇ କୁଆଡ଼େ ଯାଇପାରିବି? ମୁଁ ସେ ଦଣ୍ଡକୁ ଶାନ୍ତ ଭାବରେ ସହିନେବି, ମୁଁ ଭଗବାନଙ୍କ ଇଚ୍ଛା ନିକଟରେ ନିଜକୁ ସମର୍ପଣ

Digitized by srujanika@gmail.com

କରି ଦେଉଛି । ମୁଁ ଖାଲି ଚଟାଣରେ, ଏଭଳି କି ରାସ୍ତା କଡ଼ରେ ପଡ଼ି ରହିବାକୁ ପ୍ରସ୍ତୁତ ଅଛି, କିନ୍ତୁ ମୋର ପ୍ରିୟଜନଙ୍କଠାରୁ ଆରାମ ନେବାକୁ ଯିବି ନାହିଁ । ଈଶ୍ୱରଙ୍କ ଦଣ୍ଡକୁ ଧୈର୍ଯ୍ୟର ସହ ସହିନେବାକୁ ହେବ । ମୁଁ ତୁମ ସଦୟତା ପାଇଁ ବହୁତ ଧନ୍ୟବାଦ ଦେଉଛି ।'' ତାଙ୍କର ଉତ୍ତର ଭଦ୍ରମହିଳାଙ୍କୁ ଅଭିଭୂତ କରିଥିଲା ଓ ସେ ମଧୁସୂଦନଙ୍କ ମହାନତାରେ ଖୁବ୍ ପ୍ରଭାବିତ ହୋଇଥିଲେ ।

ତାଙ୍କୁ କେହି ପ୍ରଶଂସା କରୁ ମଧୁସୂଦନ ତାହା ପସନ୍ଦ କରୁ ନଥିଲେ ଓ ସେଭଳି ଦେଖିଲେ ପ୍ରତିବାଦ କରୁଥିଲେ ।୧୯୦୩ ମସିହା ଉତ୍କଳ ସମ୍ମିଳନୀ ଅଧିବେଶନକୁ ଅମୃତବଜାର ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ନିମନ୍ତ୍ରିତ ହୋଇ ଆସିଥିଲେ । ପ୍ରାୟ ୨୦,୦୦୦ରୁ ୩୦,୦୦୦ ଗୋଲାପି ରଙ୍ଗର ପଗଡ଼ି ପିନ୍ଧା ଲୋକଙ୍କ ସମାବେଶ ଅତି ଚମତ୍କାର ପରିବେଶ ସୃଷ୍ଟି କରିଥାଏ । ସମ୍ମିଳନୀର ସାଫଲ୍ୟ ସେ ତାଙ୍କ ପତ୍ରିକାରେ ସବିଶେଷ ବର୍ଣ୍ଣନା କରି ମଧୁସୂଦନଙ୍କୁ ସେଥିପାଇଁ ଖୁବ୍ ପ୍ରଶଂସା କରିଥିଲେ । ମଧୁସୂଦନ ସେ ଲେଖାଟି ପଢ଼ି ଖୁବ୍ ବିରକ୍ତ ହୋଇ ଯାଇଥିଲେ । ପରେ ସେ କଲିକତା ଯାଇଥିବାବେଳେ ମୋତି ବାବୁଙ୍କୁ ଭେଟିଲାବେଳେ କହିଲେ, ''ମୋତି! ତୁମେ ଯେ ଇତିମଧ୍ୟରେ କେବେଠାରୁ ମୋର ଶତ୍ରୁ ହୋଇଗଲଣି ମୁଁ ଜାଣି ନଥିଲି । ମୁଁ ତୁମର କ'ଣ କ୍ଷତି କରିଛି ଯେ ତୁମେ ମୋ କାମଟିକୁ ଏଭଳି ବିଗାଡ଼ିଲ? ତୁମେ ଲେଖିଛ ସମ୍ମିଳନୀଟି ଜଣେ ହିଁ କରାଇଥିଲେ । ଏହାଦ୍ୱାରା ତୁମେ ମୋ ଦେଶର ଏବଂ ତା'ର ସେହି କାମଟିର କ୍ଷତିସାଧନ କଲ । ସେଥିପାଇଁ ମୋ ଦେଶବାସୀ ବାହାଦୂରୀ ପାଇବାର କଥା; ମୁଁ ନୁହେଁ । ମୁଁ ଯଦି ତମର ବନ୍ଧୁ ତ ମୁଁ ମୋ ଦେଶ ପାଇଁ କରିଥିବା କିଛି କାମ ଲାଗି ଆଉ କେବେ ପ୍ରଶଂସା କରିବ ନାହିଁ ।''

ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ଜଣେ ମିଶନାରୀ ଓ ତାଙ୍କ ସହଧର୍ମିଣୀ ମଧୁସୂଦନଙ୍କୁ ଦେଖିବା ପାଇଁ ଆସିଥିଲେ ଏବଂ ତାଙ୍କ ଲାଗି ପ୍ରାର୍ଥନା କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ । ମଧୁସୂଦନ କିନ୍ତୁ ବିଶ୍ୱାସ କରୁ ନଥିଲେ ଅନ୍ୟ ଜଣେ ତାଙ୍କ ପାଇଁ ପ୍ରାର୍ଥନା କଲେ ତା'ର କିଛି ଫଳ ସେ ପାଇବେ । ସେ ମୋତେ କହିଲେ, ''ମୁଁ ଯଦି ଈଶ୍ୱରଙ୍କୁ ପ୍ରାର୍ଥନା କରି ନପାରିବି ତ ସେ ମୋର ଅସୁବିଧା ଜାଣନ୍ତୁ । ଅନ୍ୟ ଜଣେ ମୋ ପାଇଁ ପ୍ରାର୍ଥନା କରି କ'ଣ ମୋର ଦୁଃଖ ଦୂର କରିପାରିବ?'' ସେ ଦୁହେଁ ତାଙ୍କ ଶଯ୍ୟା ନିକଟରେ ପ୍ରାର୍ଥନା କରିବାକୁ ସେ ବାରଣ କରି ନଥିଲେ; ଯଦିଓ ଜାଣିଥିଲେ ସେଥିରେ

Digitized by srujanika@gmail.com

ତାଙ୍କର କିଛି ମଙ୍ଗଳ ହେବାର ନାହିଁ । ତୁମେ ନିଜେ ତୁମ ପ୍ରଭୁଙ୍କୁ ଜଣାଇବ; ଏହା ଥିଲା ତାଙ୍କ ଧର୍ମ ବିଶ୍ୱାସ । ସେ ଥିଲେ ଯଥାର୍ଥ ଖ୍ରୀଷ୍ଟିଆନ୍ ଓ ଖ୍ରୀଷ୍ଟିଆନ୍ ଭାବ କହିଲେ କଅଣ ବୁଝାଯାଏ ତାହା ସେ ନିଜ ଜୀବନରେ ଦେଖାଇ ଦେଇଗଲେ ।

"ଆବାର ତେ" ଫଣ୍ଡ୍ ସଂଗ୍ରହ ଲାଗି ସେ ଯେଉଁ ଚମତ୍କାର ଉପାୟ ବାହାର କରିଥିଲେ ତାହା ବର୍ଣ୍ଣନା ନକରି ରହିପାରୁ ନାହିଁ । ଓଡ଼ିଶା ମାତାଠାରୁ ତା'ର କନ୍ୟା ଗଂଜାମ କିଭଳି ପ୍ରଶାସନ ଦ୍ୱାରା ବିଚ୍ଛିନ୍ନ ହୋଇ ରହିଛି ସେଭଳି ଏକ ଚିତ୍ର ସମ୍ବଳିତ ବହୁ ସଂଖ୍ୟକ କାର୍ଡ଼ ସେ ନିଜ ଖର୍ଚ୍ଚରେ ଛପାଇଲେ । ସେ କାର୍ଡ଼ଗୁଡ଼ିକ ଏକ ଅଣାରେ ବିକ୍ରି ହେଲା । ବିକ୍ରିଲବ୍ଧ ଟଙ୍କା ଫଣ୍ଡ୍‌କୁ ଗଲା । ଏହା ଫଳରେ ଦୁଇଟି କାର୍ଯ୍ୟ ହେଲା- ସରକାରଙ୍କୁ ବି ଦାବିଟି ମନେ ପକାଇ ଦିଆଗଲା ଓ ଲୋକେ ମଧ୍ୟ ସମସ୍ୟା ସମ୍ପର୍କରେ ଅଧିକ ସକ୍ରିୟ ହେଲେ ଏବଂ ଆମ ଫଣ୍ଡ ଭଳି ଉତ୍ତମ କାର୍ଯ୍ୟଟି ସାଧିତ ହେଲା ।

୧୯୧୭ ମସିହା ଏପ୍ରିଲ ମାସରେ ରେଡ଼କ୍ରସ୍ ଫଣ୍ଡ୍ ସମେତ "ଆବାର ତେ" ଲାଗି ମୁଁ ୬୨୧ ଟଙ୍କା ୮ ଅଣା ପାଣ୍ଠି ସଂଗ୍ରହ କରିଥିଲି । ଏଥିଲାଗି କିଛି ମନୋରଂଜନ କାର୍ଯ୍ୟର ବ୍ୟବସ୍ଥା ହୋଇଥିଲା । ମଧୁସୂଦନଙ୍କ ଆଗ୍ରହ ଯୋଗୁଁ ହିଁ ଏହା ଚମତ୍କାର ଭାବରେ ସମ୍ପାଦିତ ହୋଇ ପାରିଥିଲା । 'ଉତ୍କଳ ମାତା ଓ ତା'ର ସନ୍ତାନ' ଶୀର୍ଷକ ଏକ ନାଟିକା ସେ ରଚନା କରି ପିଲାମାନଙ୍କୁ ସେଥିପାଇଁ ତାଲିମ ଦେବା ଦିଗରେ ଖୁବ୍ କଷ୍ଟ କରିଥିଲେ । ଏଥିଲାଗି ମଧୁସୂଦନ ଯାହା ଖର୍ଚ୍ଚ କରିଥିଲେ ଟିକେଟ୍ ବିକ୍ରିରୁ ତା'ର ଦି'ଗୁଣ ମିଳିଲା । କିନ୍ତୁ ସେ ସବୁତକ ଟଙ୍କା ଫଣ୍ଡ୍‌କୁ ନେଇଯିବାକୁ କହିଥିଲେ । (ଉଲ୍ଲେଖଯୋଗ୍ୟ ଯେ ମଧୁସୂଦନ ଦାସଙ୍କ ରଚିତ ଅଳ୍ପ କେତୋଟି ସଙ୍ଗୀତ ମଧ୍ୟରୁ ଏହି ତିନିଟି ସେହି ନାଟିକା ଅଭିନୟ ଉଦ୍ଦେଶ୍ୟରେ ରଚିତ ହୋଇଥିଲା ।

ଉତ୍କଳ ସନ୍ତାନ

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ !
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ?

Digitized by srujanika@gmail.com

ତୋ ପୂର୍ବ ପୁରୁଷେ ବୀର ପଣିଆରେ
ଲଭିଥିଲେ କେତେ ଖ୍ୟାତି,
ହାକିମ ନିକଟେ ଦୁଃଖ କହିବାକୁ
କିମ୍ପା ଥରେ ତୋର ଛାତି?
ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗା ଠାରୁ ଗୋଦାବରୀ
ତାଙ୍କର ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?

ବ୍ରିଟେନ୍ ନିବାସୀ ଅତୀବ ସରହସୀ
କାପୁରୁଷେ ଶ୍ରଦ୍ଧା ନାହିଁ,
ଶିଖ ରାଜପୁତ ଯେ ମାନ୍ୟ ଲଭନ୍ତି
ତୋର ଭାଗ୍ୟେ ତାହା କାହିଁ?

ତୁ ମନେ ଭାବିଛୁ ତୋଷାମୋଦ କରି
ବଢ଼ାଇବୁ ଜାତି ମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ।

ତୋଷାମୋଦକାରୀ କ୍ଷିପ୍ତ ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟଭାବ ଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ।

ତୋଷାମୋଦ ଅଟେ ଅନ୍ଧାର ଗୋହିରୀ
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବ । ଟ େ ର ଭେଟିଲେ
ଅଜାତରେ ତାକୁ ନାଶେ।

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି ?
ଗୋଦର ଗୋଡ଼ରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ?

Digitized by srujanika@gmail.com

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?

ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧାଥ ?
ସ୍ୱାର୍ଥର ବନିତା ଅଟେ ତୋଷାମୋଦ
ଭୟ, ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ ?
ତୋହର ଜନନୀ ବୀର-ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ ସମାଜରେ ଏ ମହୀ ମଧ୍ୟରେ
କିପରିଦେଖାଉ ମୁଖ?
ତୋ ପୂର୍ବ ପୁରୁଷେ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କର ଜୀବନ କରି ବିସ୍ମରଣ
କରୁଛୁ ତୁ ମହାପାପ ।
ତୋଷାମୋଦ ଛାଡ଼ି ସ୍ୱାର୍ଥ ପରିହରି
ସତ୍ୟକୁ ଆଶ୍ରୟ କର,
ଦୁଇ ଦିନ ପରେ ସ୍ୱାଧୀନ ରାଷ୍ଟ୍ରରେ
ମଙ୍ଗଳ ହୋଇବ ତୋର ।

Digitized by srujanika@gmail.com

ସନ୍ତାନର ଉକ୍ତି

'ମାଆ' 'ମାଆ' ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ,
'ଭାଇ' 'ଭାଇ' ବୋଲି କେତେ ମୁଁ ଡାକିଲି
ନଦେଲେ ଉତ୍ତର କେହି ।
ଖୋଜିଲି ଅରଣ୍ୟ ଜନ ସମାଜରେ
ଖୋଜିଲି ବାରିଧି-ତଟ,
ସର୍ବତ୍ର ଦେଖିଲି ମାତା-ପଦ-ଚିହ୍ନ
ନ ହେଲା ମାତାର ଭେଟ ।
ଭୁବନେଶ୍ୱରରେ ପଦଚିହ୍ନ ପରେ
ଲେଖାଅଛି 'ରାଜରାଣୀ',
ନୀଳାଚଳ ଧାମେ ପୂଜା ହେଉଅଛି
ହିନ୍ଦୁ ଜାତି ମଥାମଣି ।
ଶୁଣିଅଛି ଶାସ୍ତ୍ରେ ସୀତା ଅପମାନେ
ଧରା ହୁଏ ବିଦାରଣ,
ଅପମାନ ହେତୁ ସୀତା ଦେବୀଙ୍କର
ମହ' ହୃଦେ ବାସସ୍ଥାନ ।
ଅପମାନ ହେତୁ ଜନନୀ ମୋହର
ଉତ୍କଳ ଭୂମଧ୍ୟ ବାସୀ,
ଉତ୍କଳର ମାଟି ପବିତ୍ର ହୋଇଛି
ସ୍ୱର୍ଗାଦପି ଗରୀୟସୀ ।
ଜନନୀରେ ଦେଖା କରିବାର ଇଚ୍ଛା
ଯଦି ହୋଇଥାଏ ମନେ,
ଉତ୍କଳର ମାଟି ଆଲିଙ୍ଗନ କରି
ତା' ଧୂଳି ଲେପ ବଦନେ ।

Digitized by srujanika@gmail.com

ବୀର ପ୍ରସବିନୀ — କୋଟି ସୁତ ମାତା
ପାଇବ କି ଦରଶନ
ମୋ' ଭଳି ନିର୍ଗୁଣ — ଧନ-ମାନ ହୀନ
ସନ୍ତାନ କଲେ ରୋଦନ ।
କୋଟିଏ ସନ୍ତାନ — ଗୋଟିଏ ସ୍ୱରରେ
'ଜନନୀ' 'ଜନନୀ' ଡାକ,
ତୃଷ୍ଣାରେ କାତର — ଗଗନକୁ ଚାହିଁ
ଯେସନେ ଡାକେ ଚାତକ ।
ଧନ-ମାନ-ଜନ — ଯାହା ଉପାର୍ଜନ
କରିଅଛ ଧରା ତଳେ,
ହରଷିତ ମନେ — କରତବ୍ୟ ଜ୍ଞାନେ
ଆଣି ଦିଅ ଯଜ୍ଞ ସ୍ଥଳେ ।
ଜାତି ପ୍ରେମ ବହ୍ନି — ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
'ସ୍ୱାର୍ଥ-ମେଧ-ଯଜ୍ଞେ' — ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।
ଭୂମିକମ୍ପ ହେବ — ଧରଣୀ ଫାଟିବ
ଉଠିବେ ସହସ୍ର ଭୁଜା,
ସେହି ତୋର ମାତା — ସେହି ତାର ଭ୍ରାତା
କର ସେହି ପଦ ପୂଜା ।

ଜନନୀର ଉକ୍ତି

ମାତା ମାତା ରବ — ବହୁଦିନ ହେଲା
ଦୂରରୁ ଶୁଣିଛି ମୁହିଁ,
ଦୂରରୁ ଶବଦ — ପବନ ଆଣୁଛି
ନିକଟରେ କେହି ନାହିଁ ।

Digitized by srujanika@gmail.com

ଗର୍ଭେ ଧରିଥିଲି ଶତ କର୍ମବୀର
ସେମାନେ ଡାକିଲେ ନାହିଁ,
ବାକ୍ୟବୀରଙ୍କର ରବ ଶୁଣୁଅଛି
କର୍ମବୀର ଗଲେ କାହିଁ ?
ଏକ ପୁତ୍ର ମୋର ନୀଳଚଳ ଧାମେ
ଉଡ଼ାଇଲା ମୋର ଧ୍ୱଜା,
ସମସ୍ତ ଭାଇଙ୍କୁ କୋଳେ ବସାଇଲା
ଭେଦ ନାହିଁ ରାଜା ପ୍ରଜା ।
ଇତିହାସ ତୁରୀ ଜଗତେ ଘୋଷୁଛି
ମୋର ସୁତଙ୍କର ଯଶ,
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ ।
ବହୁ କାଳ ଧରି ରୋଦନ କରୁଛି
ନୟନକୁ ଦିଶୁ ନାହିଁ,
ମୋହର ସନ୍ତାନ କତିକି ଆସିଲେ
ଅଣ୍ଡାଳି ଚିହ୍ନିବ ମୁହିଁ ।
ନାହିଁ ମୋର ମାନ ନାହିଁ ମୋର ଧନ
ବଦନେ ଲାଗିଛି ଧୂଳି,
ବୀରପ୍ରସବିନୀ ଶୋଣିତ ଦେହିଛି
ତୋ ଶିରାରେ ଦେବି ଢାଳି ।
ସେ ଶୋଣିତ ବଳେ ବୁଦ୍ଧିର କୌଶଳେ
ହେବୁ ତୁହି କର୍ମବୀର,
ଅତି ଅଳ୍ପ ଦିନେ ପ୍ରଭୁଙ୍କ କୃପାରେ
ତୋର ଦୁଃଖ ହେବ ଦୂର ।

Digitized by srujanika@gmail.com

ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ମୁଁ ତାଙ୍କ ଶଯ୍ୟା ନିକଟରେ ରହୁଥିଲି । ତାଙ୍କ ମୃତ୍ୟୁର ପନ୍ଦର ଦିନ ପୂର୍ବରୁ ସେ ଓ ମୁଁ ଆମ ଛାତ (ଟେରାସ୍) ଉପରେ ବୁଲୁଥିଲାବେଳେ ସେ ମୋତେ କହିଲେ ଯେ ସେ ଆଉ ପନ୍ଦର ଦିନରୁ ବେଶି ବଞ୍ଚିବେ ନାହିଁ । ସେତେବେଳକୁ ସେ ଅସୁସ୍ଥ ହୋଇ ଆସିଥାନ୍ତି । ଜୀବନର ଶେଷ ନଅ ଦିନ ମାତ୍ର ସେ ଶଯ୍ୟାଶାୟୀ ହୋଇଥିଲେ । କିନ୍ତୁ ସେହି ସମୟରେ ବି ସେ ତାଙ୍କ ଦାରୁଣ ଯନ୍ତ୍ରଣା ପ୍ରକାଶ କରୁ ନଥାନ୍ତି । ସବୁ ଶାରୀରିକ କଷ୍ଟକୁ ପ୍ରକାଶ ନ କରି ସେ ଧୈର୍ଯ୍ୟର ସହ ସହି ଯାଉଥିଲେ ।

ତାଙ୍କର ଆରୋଗ୍ୟ ଲାଗି ଓଡ଼ିଶା ସାରା ପ୍ରାର୍ଥନା ହେଉଥିଲା ଓ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ବୁଲେଟିନ୍ ବାହାରୁଥିଲା । ଶହ ଶହ ଲୋକ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଶୁଣିବା ଲାଗି ଘଣ୍ଟା ଘଣ୍ଟା ଧରି ତାଙ୍କ ଘର ପାଖରେ ଠିଆହୋଇ ରହୁଥିଲେ ।

୧୯୩୪ ମସିହା ଜାନୁଆରୀ ୩୧ ତାରିଖ ରାତିରେ ଅତ୍ୟନ୍ତ ଦୁର୍ବଳ ଶରୀରରେ ବି ଖୁବ୍ ଉଚ୍ଚ ଏବଂ ଦୃଢ଼ ସ୍ୱରରେ ତାଙ୍କର ପ୍ରିୟ ଜଣାଣ 'ମୁଁ ଯୀଶୁଙ୍କ କହିବା ଶୁଣିଛି......' ବୋଲି ଆମ ସମସ୍ତଙ୍କୁ ଚକିତ କରି ଦେଇଥିଲେ । ସେତେବେଳେ ତାଙ୍କ ଅବସ୍ଥା ଯାହା ସେଥିରେ ଏଭଳି ବୋଲିବା ସମସ୍ତଙ୍କୁ ଚକିତ କରି ଦେଇଥିଲା । ଆମ୍ଭେ ଯେଉଁମାନେ ସେ ଜଣାଣ ଶୁଣିଥିଲୁ ତାହା ଆମ୍ଭମାନଙ୍କ ପାଇଁ ଥିଲା ଅଲୌକିକ । ଶରୀର ଉପରେ ଜୀବାତ୍ମାର ପ୍ରଭାବ କିଭଳି ଅଧିକ ତା'ର ପ୍ରମାଣ ଆମେ ସେଇଥିରୁ ସ୍ପଷ୍ଟ ଜାଣିଲୁ । ଭଗବାନଙ୍କର ମହିମାରୁ ମଣିଷ କିଭଳି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥାଏ ଏହାହିଁ ତା'ର ପ୍ରମାଣ ।

ସେ ଦିନ ରାତିରେ ଓ ପରଦିନ ସକାଳେ ମଧୁସୂଦନ ମୋତେ କହିଲେ ଯେ ଜଣେ ସୌମ୍ୟ ଚେହେରାର ଶୁଭ୍ର ପରିଧାନଧାରୀ ବୃଦ୍ଧ ତାଙ୍କ ବିଛଣା ଚାରିପଟ ଘୂରୁଥିବାର ସେ ଦେଖିଥିଲେ । ମୁଁ ଅତ୍ୟନ୍ତ ବିବ୍ରତ ଓ ଦୁଃଖିତ ହୋଇ ତାଙ୍କୁ ପଚାରିଲି ''ତାହା ହେଲେ ତୁମେ କ'ଣ ଆମକୁ ଛାଡ଼ି ଚାଲିଯିବାକୁ ଚାହୁଁଛ?'' ସେ କହିଲେ, ''ସବୁ କିଛି ବିଶ୍ୱ ନିୟନ୍ତାଙ୍କ ଉପରେ ନିର୍ଭର କରେ । ମୁଁ ଯାହା ଭାବେ ବା ଚାହେଁ ତହିଁରେ କିଛି ଯାଏ ଆସେନା । ମୁଁ ପଚାରିଲି''ଆପଣ ଚାଲିଗଲେ ମୁଁ କଅଣ କରିବି? ମୋ ଅବସ୍ଥା କ'ଣ ହେବ?'' ତାଙ୍କର ଶେଷ ଆଶୀର୍ବାଦ ଭଳି ସେ ସାନ୍ତ୍ୱନା ଦେଇ କହିଲେ ''ଭଗବାନ ସବୁବେଳେ ତୋର ସହାୟକ ହେବେ ।'' ଜାନୁଆରୀ ୩୧ ତାରିଖଠାରୁ ଶେଷ ନିଶ୍ୱାସ ନେବା ପର୍ଯ୍ୟନ୍ତ ତାଙ୍କ ମୁଖମଣ୍ଡଳରେ ଏକ ପ୍ରଶାନ୍ତି ଭାବ ବିରାଜମାନ କରୁଥିଲା । ତା'ରି ଭିତରେ ତାଙ୍କର ଈଶ୍ୱରବିଶ୍ୱାସୀ ଭାବର ଆଭାସ ମିଳୁଥିଲା ।

Digitized by srujanika@gmail.com

କଟକର ମଧୁସୂଦନ ଦାସ
ଜଣେ ଯଥାର୍ଥ ରାଷ୍ଟ୍ରନୀତିଜ୍ଞ

ଶ୍ରୀଯୁକ୍ତା ସରଳା ଦେବୀ ଚଉଧୁରାଣୀ
ବି.ଏ. କଲିକତା

ଅତୀତର ଗଭୀର ସ୍ମୃତିରୁ ଏକ ଅନନ୍ୟ ବ୍ୟକ୍ତିଙ୍କ ଅସ୍ପଷ୍ଟ ଛବି ମାନସପଟକୁ ଭାସିଆସେ ।

ସେହି ମି. ମଧୁସୂଦନ ଦାସ ମାମୁଲି ଖ୍ରୀଷ୍ଟପନ୍ଥୀଙ୍କ ଭଳି ନଥିଲେ । ଜଣେ ଅତି ଉଦାରମନା ହିନ୍ଦୁ ଯେଭଳି ହୁଅନ୍ତା ସେ ଥିଲେ ଠିକ୍ ସେହିପରି । ସେ ଖ୍ରୀଷ୍ଟଙ୍କ ଅନୁଗାମୀ ହୋଇଥିଲେ ବି ଅନ୍ୟ ମାର୍ଗର ଲୋକଙ୍କ ବିଶ୍ୱାସ ପ୍ରତି ସମ୍ମାନ ଦେଉଥିଲେ । ତାଙ୍କର ସରଳ ଜୀବନଯାପନ, ମା'ଙ୍କ ପ୍ରତି ତାଙ୍କର ଗଭୀର ଭକ୍ତିରେ ଅଣ-ଖ୍ରୀଷ୍ଟିଆନ୍‌ମାନେ ବି ମୁଗ୍ଧ ହୋଇ ଯାଉଥିଲେ ।

ମୋତେ କେତେକ କହୁଥିଲେ ଯେ ସେ ବଙ୍ଗୀୟମାନଙ୍କୁ ଘୃଣା କରନ୍ତି । କିନ୍ତୁ ସେ ଖାଲି ଜଣେ ବଙ୍ଗୀୟ କନ୍ୟାକୁ ନିଜର ଝିଅ ଭଳି ଗ୍ରହଣ କରି ନଥିଲେ । ତାଙ୍କ (ହାଜରା) ସମଗ୍ର ପରିବାରକୁ ଅସହାୟ ଅବସ୍ଥାରେ ଖାଲି ପ୍ରତିପାଳନ କରି ନଥିଲେ ଉଚ୍ଚଶିକ୍ଷା ମଧ୍ୟ ଦେଇଥିଲେ । ଏଣୁ ଅନ୍ୟମାନଙ୍କର ସେଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ଆଉ କଟକରେ ବସବାସ କରି ରହିଥିବା ସବୁ ବଙ୍ଗୀୟ ବି ତାଙ୍କର ପରମ ବନ୍ଧୁ । ମୁଁ ଅନୁଧ୍ୟାନ କରି ଜାଣିଲି ଯେ ସେ ତ ବଙ୍ଗଳା ଓ ବଙ୍ଗୀୟମାନଙ୍କୁ ଶ୍ରଦ୍ଧାରେ କାର୍ପଣ୍ୟ କରୁ ନଥିଲେ କିନ୍ତୁ ସେ ଓଡ଼ିଶା ଓ ଓଡ଼ିଆମାନଙ୍କୁ ଖୁବ୍ ଭଲ ପାଉଥିଲେ; ଆଉ ଚାହୁଁଥିଲେ ଓଡ଼ିଆମାନେ ବଙ୍ଗୀୟମାନଙ୍କ ଭଳି ସବୁ ଦିଗରେ ସମକକ୍ଷ ହୁଅନ୍ତୁ । ତାଙ୍କଠାରେ ଥିଲା ଯଥାର୍ଥ ରାଷ୍ଟ୍ରନୀତିଜ୍ଞଙ୍କ ଗୁଣାବଳୀ ଓ ଅନ୍ତର୍ଦୃଷ୍ଟି । ସେ ଖାଲି ନାନା ଉନ୍ନତ କଳ୍ପନା ଚିନ୍ତା କରିପାରୁଥିଲେ । ସେ ଥିଲେ ଜଣେ ବାସ୍ତବବାଦୀ ଓ କର୍ମବୀର । ଖାଲି ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷ ତାଙ୍କ ଭଳି ଅସାମାନ୍ୟ ଦେଶପ୍ରେମୀଙ୍କ ପ୍ରତିଭା ଓ ପ୍ରବୀଣତାକୁ ଯଥାର୍ଥ ସମ୍ମାନ ଦେବା ବାଞ୍ଛନୀୟ ।

Digitized by srujanika@gmail.com

ଅତିଥି ସତ୍କାରକ ମି. ଦାସ

ସରଳାବାଳା ମିତ୍ତର

ବି.ଏ., କଲିକତା

ସକାଳର ଖବର କାଗଜ ପଢ଼ିବାକୁ ବସି ଯାଉ ଯାଉ ମୋ ଆଖିରେ ଏକ ଦାରୁଣ ସମ୍ବାଦ ପଡ଼ିଗଲା ଯେ ଓଡ଼ିଶାର ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଦେହାନ୍ତ ହୋଇଯାଇଛି । ବୟସ ତ ହୋଇଥିଲା ଏବଂ କିଛିକାଳ ଧରି ସେ ପୀଡ଼ିତ ଥିଲେ ବୋଲି ଜାଣିଥିଲେ ବି ଖବରଟା ଥିଲା ଦୁଃଖଦାୟକ । ସତେ କ'ଣ ଆମର ପ୍ରିୟ 'ଦାଦା' ଆଉ ଏ ସଂସାରରେ ନାହାନ୍ତି? ମରଣ ଜୀବନର ଅନ୍ତିମ ବୋଲି ଭଲ ଭାବରେ ଜାଣିଥିଲେ ବି ଯେଉଁମାନଙ୍କୁ ଆମେ ଭଲପାଉ, ପୂଜାକରୁ ସେମାନଙ୍କଠାରୁ ଅଲଗା ହୋଇ ନଯାଇ, ସମୟ ଗଡ଼ିଗଲା ପରେ ବି, ତାଙ୍କ ସ୍ମୃତିକୁ ଜାବୁଡ଼ି ଧରିଥାଉ ।

ମୁଁ କଲିକତାରେ ମି. ଦାସଙ୍କ ସମ୍ପର୍କରେ ଆସିଥିଲି, ଯଦିଓ ତାହା ପୂର୍ବରୁ ମୁଁ ତାଙ୍କ ନାଁ ଓ ଗୁଣଗ୍ରାମ ଶୁଣିବାକୁ ପାଇଥିଲି । ତାଙ୍କର ଶ୍ରଦ୍ଧାଭରା ଭାବ ଓ ଆଦର ମୋତେ ତାଙ୍କ ଆଡ଼କୁ ଆକର୍ଷିତ କରିଥିଲା ଏବଂ ମୁଁ ତାଙ୍କ ନିକଟରେ ଆପଣାର ଲୋକ ଭଳି ହୋଇଯାଇ ଦାଦା ବୋଲି ଡାକିବା ଆରମ୍ଭ କରିଦେଲି ।

୧୯୦୬ ମସିହାରେ, ଦାଦା ଓ ତାଙ୍କ କନ୍ୟା, ଇଂଲଣ୍ଡ ଯିବା ବାଟରେ, ବମ୍ବେ ପର୍ଯ୍ୟନ୍ତ ଆମେ ଏକାଠି ଯାଇଥିଲୁ । ମୁଁ ବି ସେଠାକୁ ପଢ଼ିବାକୁ ଯାଉଥିଲି । ଦାଦା ଆମକୁ ବମ୍ବେ ପର୍ଯ୍ୟନ୍ତ ବଳେଇ ଦେବାଲାଗି ଯାଇଥିଲେ ।ଆମେ ସେଠାରେ ସପ୍ତାହକାଳ ନାନା ସ୍ଥାନ ପରିଦର୍ଶନରେ କଟାଇଥିଲୁ । ସେ ଆମକୁ ଯେପରି ଶ୍ରଦ୍ଧାର ସହ ବୁଲାଇ ସବୁ କଥା ବୁଝାଉଥିଲେ ତାହା ଭୁଲିବାର ନୁହେଁ । ତାଙ୍କର ଭଦ୍ରତା ଭିତରେ ଥିଲା ନୀତିନିଷ୍ଠତା ଓ କିଛି ପରିମାଣର ଦୃଢ଼ତା; ଆଉ ଏସବୁ ତାଙ୍କ ମହାନତା ଭିତରେ ମିଶି ଯାଇଥିଲା । ସେହି ମହାନ ପୁରୁଷଙ୍କ ମଧ୍ୟରେ ଏସବୁ କିଭଳି ବୃତ୍ତି ରହିଥିଲା ତାହା ତଳେଇ ନ ଦେଖିଲେ ଅନୁଭବ କରି ହୁଏନା । ତାଙ୍କର ଶିଶୁ ସୁଲଭ ହୃଦୟରେ ଭରି ରହିଥିଲା କୋମଳତା । ଏଣୁ ସେ ମଣିଷର କଷ୍ଟ ଦେଖିଲେ ସାହାଯ୍ୟ କରିବାକୁ ଆଗଭର ହୋଇ ଯାଉଥିଲେ । ଦାଦା ଥିଲେ ଅତି ପରିଶ୍ରମୀ ଓ ସବୁ କଥାକୁ ଟିକିନିଖି ଦେଖୁଥିଲେ । ଇଂଲଣ୍ଡରେ ଥିଲାବେଳେ ଦିନେ ଦିନେ ସେ ରାତି ୨ଟା ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ରହୁଥିଲେ ବି ସକାଳକୁ ଯେଉଁ ସମୟରେ ଉଠିବା କଥା ଠିକ୍ ସେହି ସମୟରେ ଉଠିଥା'ନ୍ତି । ଏତେ କମ୍ ଖାଦ୍ୟରେ କିଭଳି ଏତେ ପରିଶ୍ରମ କରିପାରୁଛନ୍ତି ବୋଲି ପଚାରିଲେ ସେ ଟିକିଏ ହସିଦେଇ କହନ୍ତି ''ମୁଁ ଅଳ୍ପ ଖାଇଲେ ସବୁବେଳେ ବେଶ୍ ଭଲ ଅନୁଭବ କରେ ।''

Digitized by srujanika@gmail.com

ଅଶୀତି ବର୍ଷୀୟ ହୋଇଥିଲେ ବି ଯାହାକୁ ସେ କର୍ତ୍ତବ୍ୟ ବୋଲି ବିଚାର କରୁଥିଲେ, ତାଙ୍କୁ ସମ୍ପାଦନ କରିବା ଲାଗି ସେ ଯୁବକ ସୁଲଭ ଶକ୍ତିରେ ମନପ୍ରାଣ ଦେଇ ଲାଗି ପଡୁଥିଲେ । ଏତେ ଅଧିକ କାହିଁକି ଖଟୁଛନ୍ତି ବୋଲି ତାଙ୍କ କନ୍ୟା ତାଗିଦ୍ କଲେ ସେ କହନ୍ତି କାମ ତ ମୋ ପାଇଁ ଆନନ୍ଦଦାୟକ ! ତାଙ୍କ ଶାରୀରିକ ସାମର୍ଥ୍ୟଠାରୁ ମାନସିକ ଶକ୍ତି ଅଧିକ ଥିବାରୁ ସେ କେବେ ହତାଶିଆ ହୋଇପଡୁ ନଥିଲେ ।

ମନ ଟାଣ ଥିଲେ କିଭଳି ଯାବତୀୟ କାମ କରିହେବ ସେ ଥିଲେ ତା'ର ଜୀବନ୍ତ ଉଦାହରଣ । ଆତିଥ୍ୟ ଥିଲା ତାଙ୍କ ଚରିତ୍ରର ଏକ ବିଶେଷତ୍ୱ । ବହୁ କାମରେ ବ୍ୟସ୍ତ ଥାଇ ବି, ଘରେ ଅତିଥି ଥିଲେ, ସେ ସେମାନଙ୍କ ଖାଇବା ବେଳକୁ ନିଶ୍ଚୟ ପହଞ୍ଚିବେ ଓ ପଚାରି ବୁଝିବେ ଆଉ କ'ଣ ପରଷିବାକୁ ହେବ ।

ଦିନେ ତାଙ୍କ କଟକ ଘରେ ଅତିଥି ଥିବା ବେଳର ଏକ ଘଟଣା କେବେଁ ଭୁଲି ପାରିବିନି । କଟକର ଜଣେ ବନ୍ଧୁଙ୍କ ଘରକୁ ଯିବି ବୋଲି ଆଗରୁ ପ୍ରତିଶ୍ରୁତି ଦେଇଥିବାରୁ, ୧୯୧୦ ମସିହାରେ, ମୁଁ ତାଙ୍କ କଟକ ଘରେ କେଇଦିନ ପାଇଁ ଅଟକି ଯାଇଥିଲି । କଟକ ଯେତେବେଳେ ଯାଇଛି ମି. ଦାସଙ୍କୁ ଦେଖା କରିବାକୁ ଯାଇଥିଲି । କିନ୍ତୁ ସେତେବେଳକୁ ସେ ଘରେ ନଥିଲେ । ଏଣୁ ତାଙ୍କ ଚାକରକୁ ମୋ କାର୍ଡ଼ ଦେଇ ଫେରି ଆସିଲି । ପରଦିନ ସକାଳୁ ମୁଁ ଉଠିବା ପୂର୍ବରୁ ମୋର ବନ୍ଧୁ ମୋତେ ଉଠାଇ କହିଲେ ତୁମ ଲାଗି ଆମର ସୌଭାଗ୍ୟ ଯେ ମି. ଦାସଙ୍କ ଭଳି ଜଣେ ବିଶିଷ୍ଟ ବ୍ୟକ୍ତି ଆମ ଘରକୁ ଆସିଲେ । ଯା' ଯା ତାଙ୍କୁ ଦେଖା କର । ତରବର କରି ଉଠିଲା ବେଳକୁ 'ଦାଦା'ଙ୍କ କଣ୍ଠସ୍ୱର ଶୁଭିଲା । କହିଲେ "ଆଚ୍ଛା କଥା! ତୁମେ କଟକ ଆସିବ ବୋଲି ମୋତେ କିପରି ପୂର୍ବରୁ ଜାଣିବାକୁ ଦେଲ ନାହିଁ ? ମୁଁ ଏବେ ସିଧା ରେଳ ଷ୍ଟେସନରୁ ଆସି ଚାକରଠାରୁ ତମ କାର୍ଡ଼ ଦେଖି ଏଠାକୁ ଆସିଛି । ବାହାରି ପଡ଼ ଆମ ଘରେ ଚା' ଖାଇବ ।" କ'ଣ କରିବି ବୋଲି ଟିକିଏ ଇତଃସ୍ତତ ହେଉଛି, ମୋର ବନ୍ଧୁ କହିଲେ ଯା' ଯା ।

ମୁଁ 'ଦାଦା'ଙ୍କ ସହିତ ବାହାରି ପଡ଼ିଲି । ସେ ଚାହା ସହିତ କଲିକତାରୁ ଆଣିଥିବା ନାନା ପ୍ରକାର ଫଳ ଖାଇବାକୁ ଦେଲେ । କହିଲେ, "ଜଳଖିଆ ଖାଇନା ବୋଲି କିଛି ଭାବ ନାହିଁ । ଏସବୁ ଖାଇନିଅ ।" ମୁଁ କହିଲି "ଦାଦା! ଆପଣ ତ କିଛି ଖାଇଲେ ନାହିଁ; ଆଉ ଆମକୁ ଏତେଗୁଡ଼ା ଖାଇବାକୁ କାହିଁକି ବାଧ୍ୟ କରୁଛନ୍ତି ?" ଏହାପରେ କେତେକ ମଜାଦାର ଘଟଣା କହି ଆମକୁ ହସାଇଲେ ଯେ ଅମୁକ ଅମୁକ ଲୋକ କିପରି କୋଡ଼ିଏ ପଚିଶ ଆମ୍ବ, ପଣସ ଓ ଏକାଧିକ ସେଉ ଏବଂ (କିଲୋକରୁ ଅଧିକ) ମିଠା ଥରକରେ ଖାଇପାରନ୍ତି । ସେ ଥିଲେ ଅତି ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ଏବଂ ମଜା ମଜା କଥା କହି ହସନ୍ତି ଓ ହସାନ୍ତି ।

Digitized by srujanika@gmail.com

ମଧୁସୂଦନ ଦାସଙ୍କୁ ଯେଭଳି ଜାଣିଛି

ଡଃ ସଚ୍ଚିଦାନନ୍ଦ ସିହ୍ନା

ପାଟନା ବିଶ୍ୱବିଦ୍ୟାଳୟ କୁଳପତି

ଓଡ଼ିଶା ବିଖ୍ୟାତ ନେତା ମି. ମଧୁସୂଦନ ଦାସଙ୍କୁ ମୁଁ ଘନିଷ୍ଠ ଭାବରେ ଜାଣେ। ୧୯୩୪ରେ ତାଙ୍କ ମୃତ୍ୟୁ ଫଳରେ ଓଡ଼ିଶା ଜଣେ ଅବିସ୍ମରଣୀୟ ବ୍ୟକ୍ତିଙ୍କୁ ହରାଇଲା। ଜନ୍ମ ହୋଇଥିଲେ ୧୮୪୮ ରେ ଓ ଚଉରାଅଶି ବର୍ଷରେ ଚାଲିଗଲେ। ଆଧୁନିକ ଓଡ଼ିଶାର ସେ ଥିଲେ ଯଥାର୍ଥ ଭାବରେ ସର୍ବଶ୍ରେଷ୍ଠ ଓଡ଼ିଆ ଓ ବହୁ ଦିନରୁ ତାଙ୍କୁ 'ଓଡ଼ିଶାର କୁଳବୃଦ୍ଧ' ବୋଲି କୁହାଯାଉଥିଲା। ସେ ଖ୍ରୀଷ୍ଟିଆନ୍ ଥିଲେ ବି ସେ ଓଡ଼ିଶାର ସବୁ ଶ୍ରେଣୀର ଶ୍ରଦ୍ଧେୟ ବ୍ୟକ୍ତି ଥିଲେ ଓ ଜମିଦାର ଏବଂ ରାଜା ମହାରାଜାମାନଙ୍କର ବିଶ୍ୱସ୍ତ ଉପଦେଷ୍ଟା ଭାବରେ ବିବେଚିତ ହେଉଥିଲେ। ଶିକ୍ଷା ଓ ଶିଳ୍ପ ପ୍ରସାର ଆଦି ଦିଗରେ ତାଙ୍କର ପ୍ରଚେଷ୍ଟା, ତାଙ୍କୁ ଅତି ସମ୍ମାନିତ ସ୍ଥାନ ଦେଇଥିଲା। ସ୍ୱତନ୍ତ୍ର ଉତ୍କଳ ଲାଗି ସେ ବହୁ ବର୍ଷ ଧରି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦୁଃଖର କଥା ଯେ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସେ ଦେଖିପାରିଲେ ନାହିଁ। ସେ ବେଙ୍ଗଲ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ଚାରିଥର ନିର୍ବାଚିତ ହୋଇଥିଲେ ଓ ବିହାର-ଓଡ଼ିଶା ଲେଜିସ ଲେଟିଭ୍ କାଉନ୍‌ସିଲ୍‌କୁ ନିର୍ବାଚିତ ହୋଇ ସ୍ୱାୟତ୍ତ ଶାସନ ଓ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ବି ହୋଇଥିଲେ। ଏହାଛଡ଼ା ୧୯୧୩ରେ ସେ ଇମ୍ପେରିଆଲ ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ନିର୍ବାଚିତ ହୋଇଥିଲେ। ସେ ମନ୍ତ୍ରୀ ଥିଲାବେଳେ ସ୍ୱାୟତ ଶାସନ ପାଇଁ ଯେଉଁ ଦୁଇଟି ପ୍ରଗତିଶୀଳ ଆଇନ କରାଇଥିଲେ ତାହା ଏବେ ବି ବିହାର ଓ ଓଡ଼ିଶାରେ ଚାଲିଛି।

ସେ ମନ୍ତ୍ରୀ ଥିଲାବେଳେ ମୁଁ ଅର୍ଥମନ୍ତ୍ରୀ ଥିଲି। ସେହି ସମୟରୁ ଜଣେ ସହକର୍ମୀ ଭାବରେ ମୁଁ ତାଙ୍କୁ ବହୁ କାଳରୁ ଘନିଷ୍ଠ ଭାବରେ ଜାଣି ଆସିଛି। ସେ ଥିଲେ ନୀତିନିଷ୍ଠ ଓ ଅକପଟ ଏବଂ ବିବେକବାନ; ଯଦିଓ ତାଙ୍କଠାରେ ଟିକିଏ ଏକଜିଦିଆ ଭାବ ଥିଲା। ଏହି ଭାବ ଯୋଗୁଁ ସେ ହଠାତ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଇଥିଲେ। ତାଙ୍କ ବିରୋଧରେ ବିଧାନସଭାରେ କିଛି ଖରାପ ମନ୍ତବ୍ୟ ନଥିଲା। ସେ ଚାହୁଁଥିଲେ ଦରମା ନନେଇ ସେ ମନ୍ତ୍ରୀ ଦାୟିତ୍ୱ ଚଳାଇବେ; ତେବେ ତାଙ୍କୁ ଓକିଲାତି କରିବାକୁ ଦିଆଯାଉ। ସେତେବେଳର ଗଭର୍ଣ୍ଣର୍ ସାର୍ ହେନେରୀ ହ୍ୱିଲର୍ ଏଥିରେ ରାଜି ହୋଇ ନଥିଲେ। ବହୁବର୍ଷ

Digitized by srujanika@gmail.com

ଧରି ଓଡ଼ିଶାର ଶିଳ୍ପ ବିକାଶ ଓ ବିଶେଷ କରି କଟକ ଉତ୍କଳ ଟ୍ୟାନେରୀର ଅଗ୍ରଗତି ଦିଗରେ ସେ ଲାଗି ପଡ଼ିଥିଲେ । ଅବଶ୍ୟ ତାଙ୍କ ମୃତ୍ୟୁ ପୂର୍ବରୁ ସେଇଟି ବନ୍ଦ ହୋଇ ଯାଇଥିଲା । ମୁଁ ଅର୍ଥମନ୍ତ୍ରୀ ଭାବରେ ଉକ୍ତ ଟ୍ୟାନେରୀକୁ ଉଠେଇବା ଲାଗି ସାହାଯ୍ୟ କରିଥିଲି କିନ୍ତୁ ଆର୍ଥିକ ଅନାଟନ ଯୋଗୁଁ ସେଭଳି ଏକ ମହାନ୍ ଶିଳ୍ପ ଉଧେଇ ପାରିଲା ନାହିଁ ।

ମଧୁସୂଦନ କଲିକତା ବିଶ୍ୱବିଦ୍ୟାଳୟର କଳା ତଥା ଆଇନର ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ଓ ତା'ର 'ଫେଲୋ' ଭାବରେ ବହୁବର୍ଷ କାର୍ଯ୍ୟ କରିଥିଲେ । ସେ ଥିଲେ ଜଣେ ବିଦ୍ୱାନ ଏବଂ ସଂସ୍କୃତ ଛଡ଼ା ପାରସୀ ଭାଷାରେ ତାଙ୍କର ବେଶ୍ ପ୍ରବେଶ ଥିଲା ।

କଲିକତାରେ ଶିକ୍ଷା ଓ ତାଲିମ ପାଇଥିବାରୁ ଏବଂ ବଙ୍ଗୀୟମାନଙ୍କ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇଥିବା ଯୋଗୁଁ ସେ ଚମତ୍କାର ଇଂରାଜୀ ତଥା ବଙ୍ଗଳା କହିପାରୁଥିଲେ । ସେ ଥିଲେ ଜଣେ ଦକ୍ଷ ବକ୍ତା ଓ ଶକ୍ତିଶାଳୀ ଲେଖକ । ବଙ୍ଗଳା ତଥା ବିହାର ଓଡ଼ିଶା ଲେଜିସ୍ ଲେଟିଭ୍ କାଉନ୍‌ସିଲ୍‌ରେ ତାଙ୍କର ଭାଷଣ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର । ସେ ମନ୍ତ୍ରୀ ହେବା ପରେ ବିଭାଗୀୟ ମୁଖ୍ୟ ତାଙ୍କର ବିଶେଷ ଦାୟିତ୍ୱରେ ରହିଲା । ତା'ର କାମ ଏଭଳି ଟିକିନିଖି ସେ ଦେଖିଲେ ଯେ ପଦାଧିକାରୀ ତଥା କର୍ମଚାରୀମାନେ ବ୍ୟସ୍ତ ହୋଇ ପଡ଼ିଥିଲେ । ଏହା ଫଳରେ ସେହି କର୍ମଚାରୀମାନେ ତାଙ୍କୁ ନାନା ପ୍ରକାର ଅସୁବିଧାରେ ପକାଇଥିଲେ । ତେବେ ସେ ସମ୍ପୂର୍ଣ୍ଣ ଭିନ୍ନ କାରଣରୁ ଇସ୍ତଫା ଦେଇଥିଲେ ଓ ତାଙ୍କ ପ୍ରିୟ ଓକିଲାତି ତଥା ଶିଳ୍ପବିକାଶ ଦିଗରେ ସର୍ବସ୍ୱ ତ୍ୟାଗ କରିବା ଓଡ଼ିଶା ଲୋକଙ୍କ ପାଇଁ ଆଲୋକ ବର୍ତ୍ତିକା ହୋଇ ରହିବ । ଦ୍ୱିଶାସନ ପ୍ରତି ତାଙ୍କର ଅଶ୍ରଦ୍ଧା ପ୍ରକାଶ କରିବାକୁ ସେ କେବେ ପଶ୍ଚାତପଦ ହେଉ ନଥିଲେ । ବିହାର ଓଡ଼ିଶା ଲେଜିସ୍-ଲେଟିଭ୍ କାଉନ୍‌ସିଲ୍‌ରେ ଭାଷଣ ଦେବା ସମୟରେ ଏଭଳି ବ୍ୟବସ୍ଥାକୁ ବିଦ୍ରୁପ କରି ତାଙ୍କର ଏକ ଭାଷଣରେ, ବିଖ୍ୟାତ ଲେଖକ 'ସାଦି'ଙ୍କର ଏକ ପାରସୀୟ କବିତା ଉଦ୍ଧାର କରିଥିଲେ । ତହିଁରେ ବର୍ଣ୍ଣନା ଥିଲା ଯେ ପେଚା ମଙ୍ଗଳକର ହେଲେ ହେଁ ମଣିଷ ମରିଯିବ ପଛେ ତା' ଛାଇରେ ରହିବା ଉଚିତ ନୁହେଁ ।ଏଥିରେ ପରୋକ୍ଷରେ ଗଭର୍ଣ୍ଣର ଆଦିଙ୍କୁ ପେଚା ବୋଲି ତୁଳନା କରିଥିଲେ । ପରବର୍ତ୍ତୀ କାଳରେ ଏହାକୁ ବିଭିନ୍ନ ବକ୍ତା ବହୁବାର କାଉନ୍‌ସିଲ୍‌ରେ ଦୋହରାଇଥିଲେ ଯଦିଓ କିଛି ଗଭର୍ଣ୍ଣର ଏଭଳି କୁହାରେ ଅସନ୍ତୋଷ ପ୍ରକାଶ କରିଥିଲେ ।

Digitized by srujanika@gmail.com

ମଧୁସୂଦନ ଦାସ ପୂର୍ବ ଗୌରବ ଓ ପୂର୍ବ ବୀରତ୍ୱ ଗାଥା ମନେ ପକାଇ ଓଡ଼ିଆ ଲୋକଙ୍କ ମଧ୍ୟରେ ପୁନର୍ଜାଗରଣ ସୃଷ୍ଟି କରିଥିଲେ । ସେମାନେ ହୀନମନ୍ୟତା ପରିତ୍ୟାଗ କରି ନିଜର ସୌର୍ଯ୍ୟ ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିବିଧ ସଦ୍‌ଗୁଣ ସମ୍ପନ୍ନ ଓ ଅସାମାନ୍ୟ ସାଙ୍ଗଠନିକ ଶକ୍ତିଦ୍ୱାରା ଓଡ଼ିଆ ଚରିତ୍ରକୁ ବଦଳାଇ ଦେବା ଲକ୍ଷ୍ୟରେ, ସେ ନିଜେ ନିଜ କାର୍ଯ୍ୟ ଜରିଆରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ସେହିସବୁ ଯୋଗୁ ସେ ଓଡ଼ିଆ ପ୍ରାଣରେ ବନ୍ଦନୀୟ ହୋଇ ରହିଛନ୍ତି । ୧୯୦୩ରେ ତାଙ୍କ ଉଦ୍ୟମରେ ଯେଉଁ ଉତ୍କଳ ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହୋଇଥିଲା ତାହା ଓଡ଼ିଆ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ସୃଷ୍ଟି କରିଥିଲା ଓ ଆଧୁନିକ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇ ଯାଇଥିଲା । ତାଙ୍କର ଦେଶବାସୀଙ୍କ ଉପରେ ଏଭଳି ପ୍ରଭାବ ଥିଲା ଯେ ସେ ଯାହା କହୁଥିଲେ, ତାହା ଭୁଲ୍ ବା ଠିକ୍ ବିଚାର ନକରି, ଓଡ଼ିଶାବାସୀ ଅକୁଣ୍ଠରେ ତାଙ୍କୁ ଅନୁସରଣ କରୁଥିଲେ । ମଧୁସୂଦନ ଥିଲେ ଜଣେ ଦୃଢ଼ ଚରିତ୍ରର ବ୍ୟକ୍ତି ଓ ପରିଣତି ଯାହା ହେଉ ନା କାହିଁକି ସେ ନିଜ ମତରେ ଅଟଳ ରହୁଥିଲେ । ଏଭଳି ମନୋଭାବ ଯୋଗୁଁ ସରକାରୀ କଳ ସହିତ ତାଙ୍କର ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜୁଥିଲା ଓ ସେମାନେ ନାନା ହୀନ ଉପାୟରେ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ପରିଶେଷରେ ସତ୍ୟ ଉଦ୍‌ଘାଟିତ ହେଉଥିଲା ଏବଂ ତଦ୍ୱାରା ମଧୁବାବୁଙ୍କର ସୁନାମ ଆହୁରି ବଢ଼ି ଯାଉଥିଲା ।

ଓଡ଼ିଶାରେ ଗୋଟିଏ ସମୟରେ ନାନା ଅଘଟଣ ଘଟୁଥିଲା । ସେ ସମୟରେ ଏକ ଜନଗହଳି ଅଞ୍ଚଳରେ ଏକ ଡକାୟତି ଘଟିଥିଲା ଓ ଏଥିରେ ଲୋକେ ହଇଚଇ ହୋଇ ଯାଇଥିଲେ । ପୋଲିସର ତନାଘନା ତଲାସ ପରେ ଦୋଷୀ ଧରାପଡ଼ି ଦଣ୍ଡ ପାଇଥିଲା । ତଦନ୍ତକାରୀ ପୋଲିସ ଅଫିସରମାନଙ୍କୁ ପୁରସ୍କାର ଦିଆଯାଇଥିଲା; ଜଣକୁ ଗୋଟିଏ ସୁନାର ହାତବନ୍ଧା ଘଣ୍ଟା ଓ ଚେନ୍ ଦିଆଯାଇଥିଲା । ମଧୁବାବୁ କିନ୍ତୁ ଦୃଢ଼ ଭାବରେ କହୁଥାନ୍ତି ଯେ ସେମାନେ ନିର୍ଦ୍ଦୋଷ । ଉଲ୍ଲେଖନୀୟ ଯେ ଚୋରି ଯାଇଥିବା ସୁନାରୂପା ଜିନିଷରୁ ଗୋଟିଏ ବି ମିଳି ନଥିଲା । ପୋଲିସ ସଫେଇ ଦେଲା ଯେ ସେସବୁ ସୁନା ରୂପା ଅଳଙ୍କାର ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ସୁନାରୂପା ତାରକସି କାରଖାନାରେ ତରଳା ଯାଇଛି । ଅଫିସର ଜଣଙ୍କର ଦୃଢ଼ ଧାରଣା ଥିଲା ଯେ ଏହାକୁ କେହି ଖଣ୍ଡନ କରିପାରିବେ ନାହିଁ ।

Digitized by srujanika@gmail.com

କିଛି କାଳ ପରେ ବଙ୍ଗଳା ପୋଲିସ ଅନ୍ୟ ଏକ ଘଟଣାରେ ଦଳେ ଉତ୍ତର ଭାରତର ଚୋରଙ୍କୁ ଧରି ପଚରା ଉଚରାରୁ ଜାଣି ପାରିଥିଲେ ଯେ ସେହିମାନେ ହିଁ କଟକର ପୂର୍ବୋକ୍ତ ଡକାୟତି କରିଥିଲେ । ଏହା ଫଳରେ ଚାରିଆଡ଼େ ଚାଞ୍ଚଲ୍ୟ ଖେଳିଗଲା । ଏଣୁ ପୁଣି ଏ ସମ୍ପର୍କରେ ଏକ ତଦନ୍ତ ହୋଇ ବନ୍ଦୀ ହୋଇଥିବା ଓଡ଼ିଆ ଲୋକେ ଛାଡ଼ ପାଇଲେ । ପୂର୍ବୋକ୍ତ ତଦନ୍ତ କରି ପୁରସ୍କୃତ ହୋଇଥିବା ପୋଲିସ ଅଫିସରଙ୍କୁ କାର୍ଯ୍ୟରୁ ରହିତ କରାଗଲା । କଥାଟି ଲୁଚି ରହିଲା ନାହିଁ । ମଧୁସୂଦନ ଦାସ ବେଙ୍ଗଲର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟରେ ଏ ସମ୍ପର୍କରେ ପ୍ରତିପାଦ ଜଣାଇଥିଲେ ।ଏହାର ତଦନ୍ତ ପାଇଁ ଜଣେ ଉଚ୍ଚ ସ୍ତରର ପଦାଧିକାରୀଙ୍କୁ କଟକ ପଠା ଯାଇଥିଲା । ଏହା ଭାରତବର୍ଷର ସର୍ବତ୍ର ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଓ ଦେଶର ପ୍ରମୁଖ ସମ୍ବାଦପତ୍ରମାନଙ୍କରେ ଏହା ବିଶେଷ ଭାବରେ ଆଲୋଚିତ ହୋଇ ପ୍ରକାଶିତ ହୋଇଥିଲା । ପରିଶେଷରେ ମଧୁସୂଦନ ଦାସଙ୍କୁ ସରକାରଙ୍କ ତରଫରୁ ଭୁଲ୍ ମଗାଯାଇ ତାଙ୍କ ଉପରେ ସରକାରଙ୍କର ଅତୁଟ ଆସ୍ଥା ରହିଛି ବୋଲି କୁହାଗଲା । ଏହାର ଅଳ୍ପ କିଛି କାଳ ପରେ ତାଙ୍କୁ ସି.ଆଇ.ଇ.ରେ (କମ୍ପାନିୟନ ଅଫ୍ ଦି ଅଡ଼ର୍ ଅଫ୍ ଦି ବ୍ରିଟିଶ ଏମ୍ପାୟାର୍) ଭୂଷିତ କରାଯାଇଥିଲା । ପରବର୍ତ୍ତୀ କାଳରେ ଲର୍ଡ଼ ସିହ୍ନା ବିହାର ଓଡ଼ିଶାର ଗଭର୍ଣ୍ଣର ହେଲାବେଳେ, ଚୋରି ଦ୍ରବ୍ୟ ରଖିଥିଲେ ବୋଲି ଯାହାଙ୍କୁ ଅଭିଯୁକ୍ତ କରାଯାଇଥିଲା, ସେ ମନ୍ତ୍ରୀ ଭାବରେ ଅଭିଷିକ୍ତ ହୋଇଥିଲେ ।

ହରିଜନଙ୍କ ହିତାକାଂକ୍ଷୀ ଭାବରେ ମଧୁସୂଦନ ଦାସଙ୍କ ଭଳି ଓଡ଼ିଶାରେ କେହି ନଥିଲେ । ମହାତ୍ମା ଗାନ୍ଧି ତାଙ୍କ କାର୍ଯ୍ୟର ଜଣେ ଉଚ୍ଚ ପ୍ରଶଂସକ ଥିଲେ ।୧୯୩୨ରେ ଭୁଲ୍‌ରେ ମହାତ୍ମାଙ୍କ ନିକଟରେ ଖବର ପହଞ୍ଚିଥିଲା ଯେ ମଧୁସୂଦନ ଆଉ ନାହାନ୍ତି । ପରେ ଯେତେବେଳେ ତାଙ୍କୁ ଜଣାଇ ଦିଆଗଲା ଯେ ସେ ମରି ନାହାନ୍ତି ମହାତ୍ମା ଏହିଭଳି ଲେଖିଥିଲେ :-

''ଆମ ଆଶ୍ରମରେ ରହୁଥିବା ଜଣେ ଅନ୍ତେବାସୀ, ଯେ କି ଓଡ଼ିଶାରେ ଏବେ ରହୁଛନ୍ତି, ଟେଲିଗ୍ରାମ୍ କରି ଜଣାଇଛନ୍ତି ଯେ ମଧୁସୂଦନ ଦାସ ଯାହାଙ୍କ ଟ୍ୟାନେରୀ କାମର ମୁଁ ପ୍ରଶଂସକ ସେ ମରି ନାହାନ୍ତି । ମୁଁ କିଭଳି ଧରିନେଲି ସେ ମରି ଯାଇଛନ୍ତି? ଏହାଠାରୁ ଆଉ ନିର୍ବୋଧତା କ'ଣ ଥାଇପାରେ? ମୁଁ ସେ ଟେଲିଗ୍ରାମ୍ ପାଇ ନିମ୍ନ ଟେଲିଗ୍ରାମ୍‌ଟି ପଠାଇଛି ।'' ମଧୁସୂଦନ ଦାସ ଦୀର୍ଘଜୀବୀ ହୁଅନ୍ତୁ! ଆପଣ ଆଉ ନାହାନ୍ତି ବୋଲି ମୋର କିଭଳି ଧାରଣା ହେଲା ଜାଣେନା । ଏହା ନିଶ୍ଚୟ ମୋର ନିର୍ବୋଧତା । ଆଉ ଧରିନେବାକୁ

Digitized by srujanika@gmail.com

ହେବ ଯେ ଆପଣଙ୍କଠାରୁ ଆହୁରି ବହୁ ବର୍ଷ କାମ ମିଳିବା ଭଗବାନ ଚାହାଁନ୍ତି ଏହା ତା'ର ପ୍ରମାଣ ।''

ଏହିଭଳି ଭାବରେ ମଧୁସୂଦନ ଦାସ ଥିଲେ ଜଣେ ଉଚ୍ଚ ଚରିତ୍ରର ସଦୟ ବ୍ୟକ୍ତି ଓ ଶିଳ୍ପ ବିକାଶ ଦିଗରେ ଦିଗ୍‌ଦର୍ଶକ । ସଫଳ ମନ୍ତ୍ରୀ, ସୁନାର ମଣିଷ, ଅତୁଳନୀୟ ଦେଶଭକ୍ତ ତଥା ସ୍ୱାଧୀନ ଚେତନା ବ୍ୟକ୍ତି । ସେ ଜୀବନବ୍ୟାପୀ ଯେଉଁ ସାଧନା କରିଥିଲେ ୧୯୩୪ରେ ତାଙ୍କ ମୃତ୍ୟୁ ପରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଦେଶରୁ ଆସି ସ୍ୱତନ୍ତ୍ର ପ୍ରଦେଶ ପ୍ରତିଷ୍ଠିତ ହୋଇ ତାହା ୧୯୩୬ ଏପ୍ରିଲ ୧ ତାରିଖ ଦିନ ଫଳବତୀ ହୋଇଛି । ଏହାର ବର୍ଷକ ପରେ ପ୍ରାଦେଶିକ ସ୍ୱାୟତ ଶାସନ ପ୍ରବର୍ତ୍ତିତ ହୋଇ ଲୋକଙ୍କ ଭୋଟରେ ପ୍ରତିନିଧି ନିର୍ବାଚିତ ହୋଇ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ଓ ୧୯୪୮ରେ ହାଇକୋର୍ଟ ଓ ଆହୁରି ଅନେକ କିଛି- ସେସବୁ ମଧୁସୂଦନ ଦାସଙ୍କ ଜୀବନ ବ୍ୟାପୀ ସଂଗ୍ରାମର ଫଳ ।

ମଧୁସୂଦନ ଦାସ ସୁଶ୍ରୀ ଶୈଳବାଳା ଦାସଙ୍କୁ ସାଧାରଣ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିବା ଲାଗି ଯେଉଁ ତାଲିମ ଦେଇଥିଲେ ତାହା ତାଙ୍କର ସୁକୃତିମାନଙ୍କ ମଧ୍ୟରୁ ବିଶେଷ ଉଲ୍ଲେଖନୀୟ । ସୁଶ୍ରୀ ଶୈଳବାଳା ଦାସ ମଧୁସୂଦନ ଦାସଙ୍କ ବନ୍ଧୁ ତଥା ସହକର୍ମୀ ଅମ୍ବିକାଚରଣ ହାଜରାଙ୍କ କନ୍ୟା ଯାହାଙ୍କୁ ସେ ପୋଷ୍ୟ କନ୍ୟା ଭାବରେ ଗ୍ରହଣ କରିଥିଲେ ଓ ଶିକ୍ଷାଦାନ ସହିତ ବିଭିନ୍ନ ଦୀକ୍ଷା ଦେଇଥିଲେ । ତାହାରି ଫଳରେ ଶୈଳବାଳା ବିହାରଓଡ଼ିଶାରେ ଭାରତୀୟ ମହିଳାମାନଙ୍କ ପ୍ରଗତି ଦିଗରେ ଉଲ୍ଲେଖନୀୟ ବ୍ୟକ୍ତି ହୋଇପାରିଥିଲେ । ସୁଶ୍ରୀ ଦାସ ଇଂଲଣ୍ଡରେ ଥିବାବେଳେ ୧୯୦୭ ମସିହାରେ ନିଷ୍ପତ୍ତି ହୋଇଥିଲା ଯେ ସେ ରାଜା ଏଡ଼ୱାର୍ଡ଼ ଓ ରାଣୀ ଆଲେକ୍‌ଜାଣ୍ଡ୍ରାଙ୍କୁ ଦେଖା କରିବେ ଓ ସେଥିଲାଗି ଆବଶ୍ୟକୀୟ ଅନୁମତି ମିଳିଥିଲା । ଏହାପରେ ବିଚାର ପଡ଼ିଲା ଯେ ରାଜାଙ୍କ ଦରବାରକୁ ଯିବାବେଳେ ସେ କେଉଁ ପ୍ରକାର ପୋଷାକ ପିନ୍ଧି ଯିବେ! ସେତେବେଳର ସେକ୍ରେଟେରୀ ଅଫ୍ ଷ୍ଟେଟ୍‌ଙ୍କ ସହକାରୀ କହିଥିଲେ ଯେ ରାଜାଙ୍କ କୋର୍ଟକୁ ଯିବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ଧରଣର ପୋଷାକ ପିନ୍ଧି ଯିବାକୁ ହେବ । ଏଥିରେ ସେ ଅରାଜି ହେଲେ । ଏ ନେଇ ସେଠାକାର ସରକାରୀ ମହଲରେ ଦିନାକେତେ ଖୁବ୍ ଆଲୋଚନା ହେଲା; କାରଣ ଏକ ନିର୍ଦ୍ଦିଷ୍ଟ ଧରଣର ପୋଷାକ ଛଡ଼ା ସେ ପର୍ଯ୍ୟନ୍ତ କେହି ଅନ୍ୟ ପୋଷାକରେ ରାଜ ଦରବାରକୁ ଯିବାର

Digitized by srujanika@gmail.com

ପରମ୍ପରା ନଥିଲା । ଶାଢ଼ୀ ପିନ୍ଧି ଯିବା ଛଡ଼ା ଶୈଳବାଳା ରାଜା ଓ ରାଣୀଙ୍କ ଭାରତୀୟ ଢଙ୍ଗରେ ପ୍ରଣାମ କରିବେ ବୋଲି ଜିଦ୍ ଧରିଲେ ।

ତାଙ୍କର ଏଭଳି ଜିଦ୍ କଥା ଶୁଣି ମହାମହିମ ନିର୍ଦ୍ଦେଶ ଦେଲେ ଯେ ତାଙ୍କ ଲାଗି ପୂର୍ବୋକ୍ତ ବିଧି ଲାଗୁ ନହେଉ । ଏହିଭଳି ଭାବରେ ସୁଶ୍ରୀ ଦାସ ଶାଢ଼ୀ ପିନ୍ଧି ମହାମହିମଙ୍କୁ ପ୍ରଣାମ କରିବାର ନୂଆ କଥା କଲେ । ଆଉ ହାତରେ 'ଗ୍ଲୋବ୍' ନଥିଲା କି ଫୁଲ ତୋଡ଼ା ବି ନଥିଲା । ଲଣ୍ଡନର ସଚିତ୍ର ପତ୍ରିକାମାନ ଏପରିକି ବିଭିନ୍ନ ମହାଦେଶର ପତ୍ରିକା ସୁଶ୍ରୀ ଦାସଙ୍କ ଅଭିନବ ପୋଷାକରେ ମହାମାନ୍ୟଙ୍କୁ ସାକ୍ଷାତ କରିଥିବା ଚିତ୍ର ପ୍ରକାଶ କରିଥିଲେ । ସେହି ସମୟରୁ ଭାରତୀୟ ମହିଳାମାନେ ବ୍ରିଟିଶ ରାଜଦରବାରରେ ଦେଖା କରିବାକୁ ଯାଉଥିଲେ ଶାଢ଼ି ପିନ୍ଧି ଯିବାର ଓ ପ୍ରଣାମ କରିବାର ପରମ୍ପରା ପ୍ରତିଷ୍ଠିତ ହୋଇଥିଲା । ଏହାର ପଚିଶ ବର୍ଷ ପରେ ଭାଟିକାନ୍‌ରେ ଜଣେ ଦକ୍ଷିଣ ଭାରତୀୟ ରୋମାନ୍ କାଥଲିକ୍ ନାରୀ ପୋପ୍‌ଙ୍କୁ ସାକ୍ଷାତ କରିବାବେଳେ ଏହି ସମସ୍ୟା ଦେଖାଯାଇଥିଲା ଓ ତାହାର ସମାଧାନ ଏହିଭଳି ହୋଇଯାଇଥିଲା ।

ସୁଶ୍ରୀ ଦାସ ସାରା ଜୀବନ ଭାରତୀୟ ନାରୀମାନଙ୍କ ପ୍ରଗତି ପାଇଁ କାର୍ଯ୍ୟ କରିଯାଇଛନ୍ତି । ସେ ପର୍ଯ୍ୟନ୍ତ ନାରୀମାନେ ଭାରତୀୟ କୋର୍ଟରେ ମକଦ୍ଦମା ଚଳାଇବାକୁ ଅନୁମତି ପାଉ ନଥିଲେ । ସୁଶ୍ରୀ ରେଜିନା ଗୁହ ଆଇନରେ ସ୍ନାତକ ହୋଇଥିଲେ ବି କଲିକତା ହାଇକୋର୍ଟ ତାଙ୍କୁ ମକଦ୍ଦମା ଚଳାଇବାକୁ ଅନୁମତି ଦେଇ ନଥିଲେ । ସୁଶ୍ରୀ ଦାସଙ୍କ ଅଦମ୍ୟ ଚେଷ୍ଟା ଫଳରେ ତାଙ୍କ ସାନ ଭଉଣୀ ସୁଧାଂଶୁବାଳା ହାଜରା ଏ ଦିଗରେ ସଫଳ ହୋଇଥିଲେ । ତାଙ୍କୁ ପାଟନା ହାଇକୋର୍ଟ ଏ ଦିଗରେ ଅନୁମତି ନ ଦେବାରୁ ସୁଶ୍ରୀ ଦାସ ମଧୁବାବୁ ପ୍ରବର୍ତ୍ତାଇ ଏଥିପାଇଁ ସର୍ବୋଚ୍ଚ ଅଦାଲତରୁ ଅନୁମତି ଆଣିବା ଲାଗି ସମର୍ଥ ହୋଇଥିଲେ । ସୁଶ୍ରୀ ଦାସ ବହୁ ବର୍ଷ ପାଟନା ବିଶ୍ୱବିଦ୍ୟାଳୟର ଫେଲୋ ଥିଲେ ଓ ପରେ ସିଣ୍ଡିକେଟ ସଦସ୍ୟ ହୋଇପାରିଥିଲେ । ୧୯୪୪ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସିନେଟ୍ ସଦସ୍ୟ ଭାବରେ ମନୋନୀତ ହୋଇଥିଲେ । ମୁଁ ଆଇନମନ୍ତ୍ରୀ ଥିଲାବେଳେ ତାଙ୍କୁ ସମ୍ମାନଜନକ ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତି ଦେଇଥିଲି । ସେ ଖାଲି ବିହାର ଓଡ଼ିଶାରେ ନୁହେଁ ଭାରତବର୍ଷରେ ଏଭଳି ଗୌରବର ଅଧିକାରୀ । ସେ ସେହି ଦାୟିତ୍ୱ ଅତି ସମ୍ମାନର ସହ ସମ୍ପାଦନ କରିଥିଲେ । ନାରୀ ଜାଗରଣ ଓ ଭାରତୀୟ ନାରୀ ମୁକ୍ତି ଦିଗରେ ତାଙ୍କର ପଥପ୍ରଦର୍ଶକ କାର୍ଯ୍ୟ ନାରୀମୁକ୍ତି ଇତିହାସରେ ଲିପିବଦ୍ଧ ହୋଇ ରହିବ ।

Digitized by srujanika@gmail.com

ଉତ୍କଳ ସମ୍ମିଳନୀର ସ୍ରଷ୍ଟା ମଧୁସୂଦନ

ସୁଶ୍ରୀ ଶୈଳବାଳା ଦାସ

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଇତିହାସ ମୋଠାରୁ କେହିଭଲ ଭାବରେ ଜାଣନ୍ତି ନାହିଁ । କାହିଁକି ଓ କିଭଳି ଏହା ସୃଷ୍ଟି ହେଲା ତାହା କ୍ୱଚିତ୍ ଜାଣନ୍ତି ।

୧୯୦୨ ମସିହାରେ ସ୍ୱର୍ଗତ ଶ୍ରୀ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ମୋର ସ୍ୱର୍ଗତ ପିତା ଏକ୍ସମାସ୍ ସପ୍ତାହରେ କଲିକତାର ଗ୍ରାଣ୍ଡ ହୋଟେଲରେ ଓଡ଼ିଶାର ନାନା ଦୁଃସାଧ୍ୟ ସମସ୍ୟା ସମ୍ପର୍କରେ ବହୁତ ଆଲୋଚନା କରିଥିଲେ । ଓଡ଼ିଶା ସେତେବେଳେ ବିହାର ଓ ବଙ୍ଗଳା ସହିତ ମିଶି ଛୋଟିଆଟିଏ ହୋଇଥିଲା । ଓଡ଼ିଶା ଶିକ୍ଷା, ଆର୍ଥନୀତିକ ତଥା ଶିଳ୍ପ ଦିଗରେ ଏବଂ ସାମାଜିକ ଦିଗରୁ ବି ବହୁତ ପଛୁଆ ଥିଲା । ବାବା ସେଠାରେ ପ୍ରସ୍ତାବ ଦେଇଥିଲେ ଯେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶା କଥା ବିଚାର କରୁ ଓ ବିଭିନ୍ନ ପ୍ରଦେଶରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକାଠି ମିଶି ଏକ ସ୍ୱତନ୍ତ୍ର ପ୍ରଦେଶ ହେଉ । କିନ୍ତୁ ଶ୍ରୀ ସୁରେନ୍ଦ୍ରନାଥ ପ୍ରାଦେଶିକ ପ୍ରଶ୍ନକୁ କଂଗ୍ରେସରେ ଉଠାଇବା ପକ୍ଷରେ ନଥିଲେ । ଏଣୁ ମୋର ପିତା ଜାତୀୟ କଂଗ୍ରେସଠାରୁ ଦୂରେଇ ଗଲେ ।

ସେ ଉତ୍କଳ ସମ୍ମିଳନୀ ଆରମ୍ଭ କଲେ । ୧୯୦୩ ମସିହାର ଶେଷ ଭାଗରେ ଏ ସମ୍ପର୍କୀୟ କାର୍ଯ୍ୟନିର୍ବାହୀ କମିଟି ଓ ବିଭିନ୍ନ ପ୍ରସ୍ତାବ ଚିଠା କରିବାରେ ଯାଇଥିଲା । ମଧୁସୂଦନଙ୍କ ପ୍ରଶସ୍ତ ବୈଠକଖାନାରେ ପ୍ରାୟ ପ୍ରତିଦିନ କାର୍ଯ୍ୟନିର୍ବାହୀ କମିଟିର ବୈଠକ ବସୁଥିଲା । ସେହି କାର୍ଯ୍ୟନିର୍ବାହୀ କମିଟିରେ ସରକାରୀ ତଥା ବେସରକାରୀ ସଦସ୍ୟମାନେ ଥିଲେ । ମୁଁ ବି ତା'ର ଜଣେ ସଦସ୍ୟ ଥିଲି । ତୁଳସୀପୁରଠାରେ ମି. ଦାସଙ୍କ ଜମିରେ ସଭାମଞ୍ଚ ତିଆରିରେ କଣ୍ଟ୍ରାକ୍ଟରମାନେ ଲାଗିଥାନ୍ତି । ସଭାମଞ୍ଚ ତିଆରି ଓ ଅତିଥିମାନଙ୍କର ଚର୍ଚ୍ଚା ଦାୟିତ୍ୱ ମୋ ଉପରେ ପଡ଼ିଥିଲା । ବିଦେଶୀ ଶାସନ ଅଧୀନରେ ଭାଗ ଭାଗ ହୋଇ ନିର୍ଜୀବ ହୋଇ ପଡ଼ିଥିବା ଓଡ଼ିଆମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ଉକ୍ତ

Digitized by srujanika@gmail.com

ସମ୍ମିଳନୀକୁ ସଫଳ କରିବା ଲାଗି ମୋର ବାବା ପ୍ରଚୁର ଅର୍ଥ ବ୍ୟୟ କରିଥିଲେ । ମୁଁ ସ୍ଥାନୀୟ କଲେଜ ପିଲାଙ୍କୁ ନେଇ ୧୦୦ ଜଣଙ୍କର ଏକ ସ୍ୱେଚ୍ଛାସେବୀ ଦଳ ଗଠନ କରିଥିଲି । ସେମାନେ, ମୋ ଦେଖାଚାହାଁ ଭିତରେ, ସମ୍ମିଳନୀକୁ ସଫଳ କରିବା ଦିଗରେ ଆପ୍ରାଣ ଚେଷ୍ଟା କରିଥିଲେ । ମଧୁସ୍ମୃତି ଭବନର ଟେନିସ୍ ପଡ଼ିଆରେ ସେମାନଙ୍କର ବହୁ ବୈଠକ ବସିଥିଲା । ସଭାମଞ୍ଚ, ଅତିଥି ଭବନ, ରେଳ ଷ୍ଟେସନରେ ଅତିଥି ସ୍ୱାଗତ ଓ ରାସ୍ତାଛକ ପରିଚାଳନା ପାଇଁ ସେହି ଯୁବକମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇଥିଲା । ଏହାଛଡ଼ା ଏକ ପ୍ରଦର୍ଶନୀର ବ୍ୟବସ୍ଥା ହୋଇଥିଲା ଯାହା ଦାୟିତ୍ୱରେ ଆଉ କିଛି ଯୁବକ ଥିଲେ । ସେମାନଙ୍କ ସହିତରେ ଏସବୁ କାମ କରିବାରେ ମୁଁ ଖୁବ୍ ଆନନ୍ଦ ଅନୁଭବ କରିଥିଲି । ମୁଁ ଏହି ସ୍ୱେଚ୍ଛାସେବୀ ଦଳର କମାଣ୍ଡର (ମୁଖ୍ୟ ପରିଚାଳକ) ଥିଲି । ସେହି ସମ୍ମିଳନୀର ଏକ ସପ୍ତାହ ପୂର୍ବରୁ ସେତେବେଳର କମିଶନର (ଜଣେ ଭାରତୀୟ) ଏକ ସର୍କୁଲାର ଜାରି କଲେ ଯେ କୌଣସି ସରକାରୀ କର୍ମଚାରୀ ସମ୍ମିଳନୀର ଅଧିବେଶନରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଏହା ଏକ ବଜ୍ରାଘାତ ଭଳି ଲାଗିଲା । ମୟୂରଭଞ୍ଜ ମହାରାଜାଙ୍କ ସମେତ ବିଭିନ୍ନ ରାଜା, ମହାରାଜା ସେ ସମ୍ମିଳନୀରେ ଯୋଗଦେବେ; ଅଥଚ ସରକାରୀ କର୍ମଚାରୀମାନେ ଯୋଗ ଦେଇ ପାରିବେ ନାହିଁ ! ଦିନେ ସେହି କାର୍ଯ୍ୟନିର୍ବାହୀ କମିଟୀ ବୈଠକ ଚାଲିଥିଲାବେଳେ ଉକ୍ତ କମିଶନର ଆମ ଘରକୁ ଆସି ମୋତେ କହିଲେ "ତମକୁ ସ୍ୱେଚ୍ଛାସେବୀ ଦଳର କମାଣ୍ଡର ଭାବରେ ଆଉ ମୁଁ ଦେଖିପାରିବି ନାହିଁ ।" ମୁଁ ପଚାରିଲି "ଆପଣ କାହିଁକି ଆସି ପାରିବେ ନାହିଁ ?" ସେ ନିରବ ରହିଲେ । "ଆପଣ କର୍ମଚାରୀମାନଙ୍କୁ ସମ୍ମିଳନୀରେ ଯୋଗ ଦେବାକୁ ବାରଣ କରି ଏକ ସର୍କୁଲାର ଜାରି କରିଛନ୍ତି ।" ସେ କହିଲେ' "ତୁମେ ପିଲା ଲୋକ । ସେଭଳି ପ୍ରଶ୍ନ ପଚାର ନାହିଁ ।" ମୋ ପାଟି ବନ୍ଦ ହୋଇଗଲା । ମୁଁ ତା'ପରେ କହିଲି "ଦୟାକରି ସର୍କୁଲାର୍‌ଟି ପ୍ରତ୍ୟାହାର କରି ନିଅନ୍ତୁ । ଆପଣ ଜାଣନ୍ତି ଏହା ଏକ ରାଜନୀତିକ ସମ୍ମିଳନୀ ନୁହେଁ ।ଆଉ ଆପଣଙ୍କ କର୍ମଚାରୀମାନେ ଓ ସହରବାସୀ ଏଥିଲାଗି ଆପଣଙ୍କୁ ସମାଲୋଚନା କରୁଉଛନ୍ତି ।" ସେ କହିଲେ "ମୁଁ ସେ ବିଷୟରେ ତୁମ ସହିତ ଆଲୋଚନା କରିବାକୁ ଚାହେଁନା ।" ମୁଁ ନିରବ ରହି ଆମ ଚାକରକୁ ଡାକି କହିଲି କମିଶନର୍‌ଙ୍କ ଗାଡ଼ି ଆସିବାକୁ ଖବର ଦେଇଦିଅ । କମିଶନର ଏଥିରେ ଅସମ୍ମାନିତ ମନେ କଲେ ଓ କହିଲେ "ଗାଡ଼ି ଆସିବାକୁ କହି ତୁମେ ମୋତେ ତୁମ ଘରୁ ତଡ଼ି ଦେଲ ।" ମୁଁ କହିଲିଆପଣ ଭୁଲ୍ ବୁଝିଲେ । ଯେଉଁ ସ୍ଥଳରେ ସମ୍ମିଳନୀର ଅଧିବେଶନ ସମ୍ପର୍କରେ ଦିନରାତି ଆଲୋଚନା ଚାଲିଛି ଆଉ ଆପଣ ତେଣେ ଉକ୍ତ ଅଧିବେଶନରେ ଯୋଗ ଦେବାଲାଗି କର୍ମଚାରୀମାନଙ୍କୁ ବାରଣ କରି ସର୍କୁଲାର ଜାରି କରିଛନ୍ତି, ସେଭଳି ସ୍ଥଳେ

Digitized by srujanika@gmail.com

ଆପଣଙ୍କ ଉପସ୍ଥିତି ଲୋକଙ୍କ ମନରେ ଭୁଲ୍ ଧାରଣା ସୃଷ୍ଟି କରିବ ।'' ସେ ଆଉ କିଛି ନ କହି ଆମ ଘରୁ ଚାଲିଗଲେ । ମୁଁ ଫେରି ସିଧା ବୈଠକସ୍ଥଳକୁ ଗଲି ଓ ସଦସ୍ୟମାନଙ୍କୁଉ ତଥା ବାବାଙ୍କୁ କହିଲି କମିଶନରଙ୍କ ସହିତ ମୋର କି କଥାବାର୍ତ୍ତା ହୋଇଥିଲା । ସେହିଠାରୁ ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ପାଖକୁ ଏକ ଦୀର୍ଘ ଟେଲିଗ୍ରାମ୍‌ରେ ସମ୍ମିଳନୀର ସବୁ ପ୍ରସ୍ତାବ ପଠା ହୋଇ ଦର୍ଶାଯାଇଥିଲା ଯେ ଏହା ଏକ ରାଜନୀତିକ ସମ୍ମିଳନୀ ନୁହେଁ । ଏଣୁ ଏଥିରେ ଯୋଗ ଦେବା ଲାଗି କାହିଁକି ସରକାରୀ କର୍ମଚାରୀ ତଥା ରାଜା ମହାରାଜାମାନଙ୍କୁ ବାରଣ କରାଯାଇଛି? ଏହା ଓଡ଼ିଆ ଅଭିପ୍‌ସା ଉପରେ ଦାରୁଣ କୁଠାରାଘାତ କରିବ । ଓଡ଼ିଆ ଜାତୀୟ ଜାଗରଣ ଓ ସେମାନଙ୍କ ଅବସ୍ଥାର ଉନ୍ନତି ଲାଗି ସମ୍ମିଳନୀ ଆହ୍ୱାନ ଦେଇଛି ।'' ବାବା ତ ଟେଲିଗ୍ରାମ ଲାଗି ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିଥାନ୍ତି ଓ ଆମେ ଦୁଇ ଦିନ କାଳ ଅତି ଉଦ୍‌ବେଗର ସହ ଅପେକ୍ଷା କରି ରହିଥାଉ । ତୃତୀୟ ଦିନ ସକାଳୁ କମିଶନର ବାବାଙ୍କ ପାଖକୁ ଏକ ଚିଠି ଲେଖି ତାଙ୍କୁ ଅତିଶୀଘ୍ର ଦେଖା କରିବାକୁ ଡକାଇଥିଲେ । ବାବା ଗଲେ । କମିଶନର ତାଙ୍କ କାର୍ଯ୍ୟାଳୟରେ ଥାଆନ୍ତି । ସେ ସରକାରୀ ଚିଠିଟି ହାତରେ ଧରି କହିଲେ ''ମି. ଦାସ! ଆପଣ ମୋର ବନ୍ଧୁ । ଆପଣ ମୋତେ କିଛି ନ କହି କାହିଁକି ସରକାରଙ୍କୁ ଏଭଳି ଟେଲିଗ୍ରାମ୍ ପଠାଇଲେ? ସରକାର ମୋତେ କୈଫିୟତ୍ ମାଗିଲେଣି ।'' ବାବା କହିଲେ ''ଏହା ଆପଣ ଭଲ ଭାବେ ଜାଣନ୍ତି ଯେ ଏଇଟି ଏକ ରାଜନୀତିକ ସମ୍ମିଳନୀ ନୁହେଁ । ଏଭଳି ଏକ ସର୍କୁଲାର ଜାରି କରିବା ପୂର୍ବରୁ ଆପଣ ମୋତେ କାହିଁକି ପଚାରିଲେ ନାହିଁ? ପ୍ରସ୍ତାବଗୁଡ଼ିକର ନକଲ ତ ଆପଣଙ୍କ ନିକଟକୁ ପଠାଯାଇଥିଲା । ତାହା ସତ୍ତ୍ୱେ ଆପଣ ସରକାରୀ କର୍ମଚାରୀଙ୍କୁ ସମ୍ମିଳନୀରେ ଯୋଗ ଦେବାକୁ ବାରଣ କରିଦେଲେ । ଫଳରେ ସମ୍ମିଳନୀ ତ ବ୍ୟର୍ଥ ହୋଇଯିବ ଆଉ ମୁଁ ପ୍ରଚୁର ଆର୍ଥିକ କ୍ଷତି ସହିବି । ରାଜା ମହାରାଜାମାନଙ୍କୁ ନିମନ୍ତ୍ରଣ ଯାଇଛି ଓ ସେମାନେ ମୋର ଅତିଥି ହେବେ । ଏହା ସତ୍ତ୍ୱେ ଆପଣ ମୋ ଝିଅକୁ ସେପରି କହିବା ପରେ ଓଡ଼ିଆଙ୍କୁ କାହିଁକି ଏଭଳି ଦଣ୍ଡ ଦିଆଯାଉଛି ବୋଲି ଟେଲିଗ୍ରାମ୍ କରିବା ଛଡ଼ା ଅନ୍ୟ ଗତି ନଥିଲା ।'' ଏଇଟି ମୋ ହାତରେ ବେଙ୍ଗଲ୍‌ର ଚିଫ୍ ସେକ୍ରେଟାରୀ ପତ୍ର ବୋଲି କମିଶନର କହିଲେ ।ଏଥିରେ ଲେଖାଅଛି 'ସରକାରଙ୍କର ଓଡ଼ିଆ ଆସ୍ପୃହା ପ୍ରତି ପୂର୍ଣ୍ଣ ସହାନୁଭୂତି ରହିଛି ଓ ସେମାନଙ୍କର ଶିକ୍ଷା, ସାମାଜିକ ତଥା ଶିଳ୍ପ ସମ୍ପର୍କୀୟ ବିକାଶ ହେଉ । ଏହା ପ୍ରଦର୍ଶନ କରିବାକୁ ସରକାରଙ୍କ ତରଫରୁ କମିଶନର୍ ପ୍ରତିଦିନ ସମ୍ମିଳନୀର ଅଧିବେଶନରେ ଯୋଗଦେବେ ।' ଏହାପରେ ଅଧିବେଶନ ପ୍ରସ୍ତୁତି ପୂରା ଦମ୍‌ରେ ଚାଲିଲା । କଲେଜ ପିଲାମାନେ ଶୃଙ୍ଖଳା ଓ ଆଗ୍ରହର ସହ ସମସ୍ତ କାମ କରିଗଲେ । ଯାହାକୁ ଯାହା

Digitized by srujanika@gmail.com

କୁହାଗଲା କେହି ଡିଲା କଲେ ନାହିଁ । ସମସ୍ତେ ଏକ ଟିମ୍ ଭଳି କାମ କଲୁ । ସଭାମଞ୍ଚ ରୁଚିପୂର୍ଣ୍ଣ ଭାବରେ ସଜ୍ଜିତ ହୋଇଥିଲା । ସ୍ୱେଚ୍ଛାସେବୀମାନେ ଅତିଥିମାନଙ୍କର ସବୁ ସୁବିଧା ଅସୁବିଧା ଦେଖିଥିଲେ । ସବୁ କାମ ଏଭଳି ସନ୍ତୋଷଜନକ ଭାବରେ ପରିଚାଳିତ ହୋଇଥିଲା ଯେ ବଙ୍ଗଳା ସରକାରଙ୍କର ଘରୋଇ ବିଭାଗ ମନ୍ତ୍ରୀ ମୋତେ ସବୁ କାମ, ଏପରିକି ସଡ଼କରେ ପଥଚାରୀଙ୍କୁ ପଥ ଦେଖାଇବା କାମ ପାଇଁ ଖୁବ୍ ପ୍ରଶଂସା କରି ଚିଠି ଲେଖିଥିଲେ । ସଡ଼କରେ ଓ ସମ୍ମିଳନୀ ଅଧିବେଶନରେ ପୋଲିସ ବଦଳରେ ସ୍ୱେଚ୍ଛାସେବୀମାନେ ସବୁ କିଛି କରିଥିଲେ । ମୟୂରଭଞ୍ଜ ମହାରାଜା ଅଧିବେଶନରେ ସଭାପତିତ୍ୱ କରିଥିଲେ ଓ ଅନ୍ୟ ରାଜା ତଥା ମାନ୍ୟବରମାନେ ମଞ୍ଚ ମଣ୍ଡନ କରିଥିଲେ । ମଞ୍ଚର ମଝିରେ ଏକ ବିରାଟ ସତରଞ୍ଜି ବିଛା ହୋଇଥିଲା ଯହିଁରେ ଆଦିବାସୀ ଓ ହରିଜନମାନେ ବସିଥିଲେ ଆଉ ବାବା ସେଇମାନଙ୍କ ସହିତ ବସିଥିଲେ । ଚାରିପଟରେ ପଡ଼ିଥିବା ଚେୟାରରେ ସରକାରୀ କର୍ମଚାରୀ, ଜମିଦାରମାନେ ଓ ଅନ୍ୟମାନେ ବସିଥିଲେ । ସମ୍ମିଳନୀର ସବୁକିଛି ଓଡ଼ିଆରେ ହେଉଥାଏ । କଟକରେଏକ ବାଳିକା ସ୍କୁଲ ସମ୍ପର୍କୀୟ ପ୍ରସ୍ତାବଟି ମୁଁ ଆଗତ କଲି ।ଏଇଟି ଥିଲା ଏକ ସମାବେଶରେ ମୋର ପ୍ରଥମ ବକ୍ତୃତା । ମୁଁ କହିଲି "ମୁଁ ପିଲାଦିନୁ ବଙ୍ଗଳା ଦ୍ୱାରା ପ୍ରତିପାଳିତ ହେଉଥିବାରୁ ବଙ୍ଗଳାରରେ ପ୍ରାର୍ଥନା କରି ଆସିଛି । କିନ୍ତୁ ମୋର ଯୌବନରେ ମୁଁ ଉତ୍କଳ ମାତାଦ୍ୱାରା ପ୍ରତିପାଳିତ ହେଉଛି, ଏଣୁ ବଙ୍ଗଳାରେ ବୋଲିଲେ ବି ସେ ଦୟାକରି ମୋ ପ୍ରାର୍ଥନା ଶୁଣିବେ । ସାର୍ବଜନୀନ ଈଶ୍ୱର ବିଭିନ୍ନ ରୂପରେ, ବିଭିନ୍ନ ପ୍ରଦେଶରେ ପୂଜା ପାଆନ୍ତି; ଏଣୁ ସେଠାକାର ଲୋକେ ନିଜ ପ୍ରାଦେଶିକ ଭାଷାରେ ପ୍ରାର୍ଥନା କରନ୍ତି । ହେଲେ ଈଶ୍ୱର ସମସ୍ତଙ୍କ ପ୍ରାର୍ଥନା ଶୁଣନ୍ତି । ମୁଁ ଶିଶୁ କାଳରେ ବଙ୍ଗଳାରେ ବଢ଼ିଥିଲେ ହେଁ ଏବେ ଓଡ଼ିଶା ମୋତେ ତା'ର ଆଦରଣୀୟ ସନ୍ତାନମାନଙ୍କ ମଧ୍ୟରେ ଜଣେ ଭାବରେ ଗ୍ରହଣ କରିବ । ଏପର୍ଯ୍ୟନ୍ତ ପୁରୁଷମାନେ ହିଁ ବଙ୍ଗଳାର ନରୀଶିକ୍ଷାକୁ ଉତ୍ସାହିତ କରିଆସୁଛନ୍ତି । ସେମାନେ ଆମ ପାଇଁ ବହୁତ କିଛି ଭଲ କାମ କରୁଛନ୍ତି ଓ ଆମର ଅଭାବ ଅସୁବିଧା ବୁଝୁଛନ୍ତି । କିନ୍ତୁ ନାରୀମାନେ ନିଜର ଆବଶ୍ୟକତା ଅଧିକ ଭଲ ଭାବରେ ବୁଝି ପାରିବେ । ମୁଁ କିଛି ଶିକ୍ଷା ଲାଭ କରିଛି; ଏଣୁ ଏହାର ଆବଶ୍ୟକତା ବୁଝିଛି । ପୂର୍ବେ ଭାରତବର୍ଷରେ ଅନେକ ବିଦୁଷୀ ମହିଳା ଥିଲେ ଯାହାଙ୍କ ନାଁ ଘରେ ଘରେ ଶୁଣାଯାଏ । ଶିକ୍ଷା ଲାଭ ନ କରିଥିଲେ ସେମାନେ ଏଭଳି ସ୍ତରକୁ ଯାଇପାରି ନଥାନ୍ତେ । ମୁଁ କହୁନାହିଁ ସେମାନେ ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ପଢ଼ନ୍ତୁ; ସେମାନେ ମହାନ ପୁରୁଷମାନଙ୍କର ଜନନୀ ହେବାର ଶିକ୍ଷା ଲାଭ କରନ୍ତୁ । କଟକରେ ବାଳିକାମାନଙ୍କ ଲାଗି କୌଣସି ବିଦ୍ୟାଳୟ ନାହିଁ । ମୁଁ ପ୍ରସ୍ତାବ କରୁଛି ଯେ ସେଠାରେ ଏକ ବାଳିକା ବିଦ୍ୟାଳୟ ହେଉ ଯାହାର ପରିଚାଳନା

Digitized by srujanika@gmail.com

କମିଟିରେ ନାରୀମାନେ ହିଁ ରହିବେ । ଅବଶ୍ୟ ଆମେ ଶିକ୍ଷିତ ପୁରୁଷ ଲୋକଙ୍କ ଉପଦେଶ ନେବୁ ଓ ଆମେ ଯେଉଁ ସମୟରେ ଯାହା ସାହାଯ୍ୟ ଚାହିଁବୁ ସେମାନେ ଆମକୁ ଠିକ୍ ବାଟ ଦେଖାଇବେ । ମୁଁ ଆପଣମାନଙ୍କ ନିକଟରେ ଏକଥା କହିବା ପୂର୍ବରୁ ବହୁ ମହିଳାଙ୍କ ସହିତ ଏ ସମ୍ପର୍କରେ ପରାମର୍ଶ ମାଗିଥିଲି ଓ ସେମାନେ ସବୁ ପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସମ୍ମିଳନୀ ଶେଷ ହେବା ପରେ ଅମୃତବଜାର ପତ୍ରିକାର ସମ୍ପାଦକ ସ୍ୱର୍ଗତ ମୋତିଲାଲ ଘୋଷ ବାବାଙ୍କୁ ଖୁବ୍ ପ୍ରଶଂସା କରିଥିଲେ । 'ତଳେ ପଡ଼ି ଯାଇଥିବା ଏକ ଗୌରବମୟ ଐତିହ୍ୟର ଅଧିକାରୀ ବୋଲି ଉଲ୍ଲେଖ କରି ସେମାନଙ୍କ ମଧ୍ୟରେ, ସମ୍ମିଳନୀ, ଜାତୀୟ ଦୃଷ୍ଟିକୋଣ ଜାଗରୁକ କରିଥିଲା ବୋଲି ସେ, ବିରାଟ ସମ୍ମିଳନୀର ସାଫଲ୍ୟରୁ ଲକ୍ଷ୍ୟ କରିଥିଲେ, ଏବଂ ସେସବୁ କଥା ତାଙ୍କ ଖବର କାଗଜରେ ଲେଖିଥିଲେ । ତା'ର ନେତାଙ୍କ ଜ୍ୱାଳାମୟୀ ଭାଷଣକୁ ଶ୍ରୋତା କିଭଳି ମୁଗ୍ଧହୋଇ ଗ୍ରହଣ କରୁଥିଲେ ତାହା ସେ ଉଲ୍ଲେଖ କରିଥିଲେ । ଓଡ଼ିଶାକୁ ଅନ୍ୟ ପ୍ରଦେଶ ସମକକ୍ଷ କଲାଭଳି ଉଦ୍ୟମ ଏଥିରୁ ଜଣାଗଲା ।' ମୋତିଲାଲ ମୋ ବାବାଙ୍କୁ କହିଲେ 'ମଧୁ ଓଡ଼ଆ' ଲୋକଙ୍କ ମନକୁ କିଭଳି ଜିଣିହୁଏ ତମେ ଆମକୁ (ବଙ୍ଗୀୟମାନଙ୍କୁ) ଶିଖେଇ ଦେଲ । ତୁମ ସମ୍ମିଳନୀର ସବୁ କିଛି ପ୍ରାଦେଶିକ ଭାଷାରେ ହେବାରୁ ଲୋକେ ସବୁତକ ଗ୍ରହଣ କରିନେଲେ । ଆମ ବଙ୍ଗଳାରେଏଭଳି ସମ୍ମିଳନୀରେ ଇଂରାଜୀରେ ଆଲୋଚନା ହେଉଥିବାରୁ ଲୋକଙ୍କ ମଧ୍ୟରେ ଆମେ ପ୍ରଭାବ ପକାଇ ପାରୁନା । ଏଣିକି ତୁମକୁ ଅନୁସରଣ କରି ଆମ ସମ୍ମିଳନୀମାନଙ୍କରେ ଆମେ ଆମ ବଙ୍ଗଳା ଭାଷାରେ ସବୁ ଆଲୋଚନା କରିବୁ । ଆଉ ଗୋଟିଏ ଉଲ୍ଲେଖନୀୟ କଥା ଯେ ସମସ୍ତେ ପଗଡ଼ି ପିନ୍ଧିଥିଲେ । ସମସ୍ତେ ସମ୍ମିଳନୀର ସାଫଲ୍ୟ ଲାଗି ବହୁତ ପ୍ରଶଂସା କଲେ । ପ୍ରଥମଥର ପାଇଁ ଶିଳ୍ପ ସମ୍ପର୍କରେ ଏକ ପ୍ରଦର୍ଶନୀର ବ୍ୟବସ୍ଥା ହୋଇଥିଲା । ଅବଶ୍ୟ ବଡ଼ ବଡ଼ ପ୍ରଦର୍ଶନୀରେ ଯେଭଳି ଦେଖିବାକୁ ମିଳେ ସେଭଳି ଏଠାରେ ନଥିଲା; କିନ୍ତୁ ବିଭିନ୍ନ ପ୍ରକାର ତନ୍ତଗୁଡ଼ିକରେ କିଭଳି ଲୁଗା ବୁଣାହୁଏ ତାହା ବିଶେଷଜ୍ଞମାନେ ଦେଖାଇଥିଲେ ଓ ଓଡ଼ିଶାର ପ୍ରସିଦ୍ଧ ଲୁଗାବୁଣା ପାଇଁ ପ୍ରସିଦ୍ଧ ସ୍ଥାନମାନଙ୍କର ତନ୍ତବୁଣା ଲୁଗା ପ୍ରଦର୍ଶିତ ହୋଇଥିଲା । ଏହାଛଡ଼ା କେତେକ ମନୋରଂଜନ ବସ୍ତୁ ବି ପ୍ରଦର୍ଶିତ ହୋଇଥିଲା ଓ ପ୍ରଦର୍ଶନୀଟି ବେଶ୍ ସଫଳ ହୋଇଥିଲା । ସେ ସମୟର ଡିଭିଜନାଲ୍ କମିଶନର ପ୍ରଦର୍ଶନୀଟିକୁ ଉଦ୍‌ଘାଟନ କରିଥିଲେ ଓ ଏହାହିଁ ଥିଲା କଟକ ଲାଗି ପ୍ରଥମ ପ୍ରଦର୍ଶନୀ ।

Digitized by srujanika@gmail.com

ଜଣେ ପରମ ବନ୍ଧୁଙ୍କ ପ୍ରତି

ମି. ଏମ୍.ଜି. ହାଲେଟ୍

ଭାରତ ସରକାରଙ୍କ ସେକ୍ରେଟାରୀ, ସ୍ୱରାଷ୍ଟ୍ର ବିଭାଗ

୧୯୧୯ରେ ଗୃହୀତ ହୋଇଥିବା ସମ୍ବିଧାନ ଅନୁସାରେ ମି. ମଧୁସୂଦନ ଦାସ ବିହାର-ଓଡ଼ିଶାର ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥିଲେ । କାମଟି ସେ ସମୟକୁ ବେଶ୍ ଜଟିଳ ଥିଲା । କାରଣ ଏହା ସାଙ୍ଗକୁ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ବି ତାଙ୍କ ଉପରେ ପଡ଼ିଥିଲା । ମ୍ୟୁନିସିପାଲ୍ ଆକ୍ଟ ଓ ଲୋକାଲ୍ ସେଲ୍‌ଫ ଗଭର୍ଣ୍ଣମେଣ୍ଟ ଆକ୍ଟକୁ ଅଧିକ ଗଣତାନ୍ତ୍ରିକ ଢଙ୍ଗରେ ସଂଶୋଧନ କରିବା ଥିଲା ଏକ ବିଶେଷ ଦାୟିତ୍ୱ; ଯାହାକୁ ତୁଲାଇବା ଲାଗି ତରୁଣମାନେ ବି ପଛେଇ ଥାଆନ୍ତେ । ମି. ଦାସ ତାଙ୍କ ବୟସାଧିକ୍ୟ ସତ୍ତ୍ୱେ ଖୁବ୍ ଆଗ୍ରହ ଓ ଉତ୍ସାହର ସହ ସେ କାମଟି ଆଦରିନେଲେ । ମୁଁ ସେତେବେଳେ ବିହାର ଓଡ଼ିଶା ସରକାରଙ୍କର ସେକ୍ରେଟାରୀ ଥିଲି; ଏଣୁ ମି. ଦାସଙ୍କ ସହିତ ସିଧାସଳଖ କାମ କରିବାକୁ ପଡୁଥିଲା । ତେଣୁ ତାଙ୍କ କାମ ସମ୍ପର୍କରେ ମୋର ଗଭୀର ଧାରଣା ଥିଲା । ତାଙ୍କୁ ଯେଉଁ ଜଟିଳ ସମସ୍ୟା ଉପରେ ନିଷ୍ପତ୍ତି ନେବାକୁ ପଡୁଥିଲା ସେସବୁକୁ ସେ ସବୁ ପ୍ରକାର ସତର୍କତାର ସହ ସମ୍ପାଦନ କରୁଥିଲେ ତରୁଣ ବୟସରେ ସେ ଭେଷଜ ବିଦ୍ୟା ଅଧ୍ୟୟନ କରିଥିବାରୁ ମେଡ଼ିକାଲ୍ ରିଲିଫ୍ ଓ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ତାଙ୍କର ବିଶେଷ ଆଗ୍ରହ ଥିଲା । ଗୋଟିଏ କଥାରୁ ମୁଁ ଏହା ଜାଣିଲି । ତାଙ୍କ ଓଡ଼ିଶାରେ ପ୍ଲେଗ୍‌ର ପ୍ରାଦୁର୍ଭାବ ନଥିଲେ ବି ବିହାରରେ କିଛି ପରିମାଣରେ ଥିଲା । ସେ ସମୟରେ ଗୟା ଜିଲ୍ଲାରେ ଏହା ଦେଖା ଦେଉଥିବାରୁ ମି. ଦାସ ଏହି ସମସ୍ୟାକୁ ସାମନା କରିବା ସମ୍ପର୍କରେ ବ୍ୟକ୍ତିଗତ ଭାବରେ ଅବହିତ ହେବା ଲାଗି ଗାଁକୁ ଯାଇଥିଲେ ଓ ସେହି ସଂକ୍ରାମକ ରୋଗ କିଭଳି ବ୍ୟାପିଛି ଏବଂ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ସେ ସବୁର ପ୍ରତ୍ୟକ୍ଷ ଅନୁଭୂତି ନେଇ ଆସିଥିଲେ ।

ଲେଜିସ୍ ଲେଟିଭ୍ କାଉନ୍‌ସିଲ୍‌ର ନୂତନ ସଦସ୍ୟମାନେ 'ମେଡ଼ିକାଲ ରିଲିଫ୍' ଓ 'ପବ୍ଲିକ୍ ହେଲ୍ଥ' ଦିଗରେ ଖୁବ୍ ଆଗ୍ରହ ପ୍ରକାଶ କଲେ । ଗ୍ରାମାଞ୍ଚଳରେ ଅଧିକ ହସ୍‌ପିଟାଲ

Digitized by srujanika@gmail.com

ଦରକାର ଏହା ବି ସେ ଅନୁଭବ କରିଥିଲେ । ସେସବୁ ଅଞ୍ଚଳରେ ବାରମ୍ବାର କଲେରା, ମ୍ୟାଲେରିଆ ଓ ପ୍ଲେଗ୍ ବ୍ୟାପୁଥିବାରୁ ତାଙ୍କୁ ସାମନା କରିବାକୁ ପ୍ରଚଳିତ ସ୍ୱାସ୍ଥ୍ୟସେବା ଏବଂ ଔଷଧ ବ୍ୟବସ୍ଥା ଯେ ଦୋଷଦୁଷ୍ଟ ତଥା ସ୍ୱଳ୍ପ ସେଥିରେ ଏକମତ ହୋଇଥିଲେ । ପାଶ୍ଚାତ୍ୟ ଭେଷଜ ବିଦ୍ୟାର ସାର୍ଥକତା ସହିତ ସହମତ ହୋଇ ସେମାନେ ଦେଶୀୟ ଚିକିତ୍ସା ପଦ୍ଧତିର ବିକାଶ ଓ ପ୍ରସାର ପାଇଁ ଆଶା କରିଥିଲେ । ଏସବୁ ଦିଗରେ ସେମାନେ ମି. ଦାସଙ୍କ ଭଳି ଜଣେ ବିଚାରବନ୍ତ ସହାନୁଭୂତିଶୀଳ ମନ୍ତ୍ରୀ ବି ପାଇଥିଲେ । ସେତେବେଳର କାଉନସିଲ୍ ଦାୟିତ୍ୱ ସହ ଶାସନ ପରିଚାଳନା ପାଇଁ ଯେଉଁ ପଦକ୍ଷେପ ନେଇଥିଲା ଓ ମନ୍ତ୍ରୀମାନେ ଯେଉଁସବୁ କାମ କରୁଥିଲେ ସେସବୁ ରାଜନୀତିକ ସମାଲୋଚକମାନେ ହେୟ ମନେ କରି ପାରନ୍ତି; କାରଣ ସେହି ମନ୍ତ୍ରୀମାନଙ୍କୁ ଯଥେଷ୍ଟ କ୍ଷମତା ଓ ସ୍ୱାଧୀନତା ଦିଆଯାଇ ନଥିଲା । କିନ୍ତୁ ସେଗୁଡ଼ିକ ଥିଲା ପ୍ରାଥମିକ ପଦକ୍ଷେପ । ମୁଁ ଭାବୁଛି ଆଗାମୀ ଦିନର ଐତିହାସିକମାନେ ସେ ସମୟର ପରିବେଶକୁ ନେଇ ନିଶ୍ଚୟ ଅନୁଭବ କରିବେ ଯେ ନିଷ୍ଫଳା ଅସହଯୋଗ ନୀତି ଅପେକ୍ଷା ମି. ଦାସଙ୍କ ଭଳି ଯେଉଁମାନେ ସେ ସମୟର ସୁଯୋଗକୁ ସଦ୍‌ବ୍ୟବହାର କରିବା ପାଇଁ ଉପଯୋଗ କରିଥିଲେ ସେମାନେ ଭାରତବର୍ଷର ରାଜନୀତିକ ପ୍ରଗତି ଦିଗରେ ପଥ ପରିଷ୍କାର କରିବାରେ ଲାଗିଥିଲେ । ମୁଁ ମୋ ଅଭିଜ୍ଞତାରୁ ଦୃଢ଼ତାର ସହ କହିବି ଯେ ସେତେବେଳେ ବିହାର ତଥା ଓଡ଼ିଶାରେ ନାନା ବିଷମ ସମସ୍ୟା ଓ ଲୋକଙ୍କ ଦୁର୍ଦ୍ଦଶା ଦୂର କରିବା ଦିଗରେ ଅନେକ କିଛି ହୋଇ ପାରିଥିଲା ।

ମି. ଦାସ ଯେଉଁ ମ୍ୟୁନିସିପାଲ ଆକ୍ଟ୍ ଓ ଲୋକାଲ୍ ସେଲ୍‌ଫ ଗଭର୍ଣ୍ଣମେଣ୍ଟ ଆକ୍ଟର ସଂଶୋଧନ ବିଲ୍ ଆଣିଥିଲେ ତାହା ଉପରେ ଦୀର୍ଘ ଆଲୋଚନା ହୋଇଥିଲା । କାମଟି ସେତେବେଳ ପାଇଁ ସହଜ ନଥିଲା । ମ୍ୟୁନିସିପାଲିଟି ଓ ଅନ୍ୟ ସ୍ୱାୟତ ଶାସନ ସଂସ୍ଥାର ପ୍ରତିନିଧିମାନଙ୍କୁ ମନ୍ତ୍ରୀ ତଥା ସରକାରୀ କର୍ମକର୍ତ୍ତାମାନଙ୍କ କର୍ତ୍ତୃତ୍ୱରୁ ପୂରା ସ୍ୱାଧୀନ ଭାବରେ କାମ କରିବା ପାଇଁ ସୁଯୋଗ ଦିଆଯାଉ ବୋଲି କେତେକ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଥିବା ସ୍ଥଳେ ଆଉ କେତେକ ଆଶଙ୍କା ପ୍ରକାଶ କରୁଥାନ୍ତି ଯେ ପ୍ରଶାସନ ଦିଗରେ ତାଲିମ ନ ପାଇଥିବା ଅନଭିଜ୍ଞମାନଙ୍କ ହାତରେ ଏଭଳି କ୍ଷମତା ଦିଆଗଲେ ତା'ର ପରିଣାମ ଭୟଙ୍କର ହେବ । ଯେଉଁମାନେ ସେ 'ଆକ୍ଟ' ଦୁଇଟି ପଢ଼ିବେ ସେମାନେ ଜାଣିପାରିବେ ଯେ ମି. ଦାସ କିଭଳି ଦୁଇ ମତକୁ ସନ୍ତୁଷ୍ଟ କରିଲା ଭଳି ଉକ୍ତ 'ଆକ୍ଟ'ରେ ବ୍ୟବସ୍ଥା କରାଇଥିଲେ ।

Digitized by srujanika@gmail.com

ମି. ଦାସଙ୍କ ସହିତ ବ୍ୟକ୍ତିଗତ କାରବାର ନେଇ କେତେକ କଥା ଉଲ୍ଲେଖ କରିବି । ରାଜନୀତିକ ଭାବରେ ତାଲିମ ମନ୍ତ୍ରୀ ଓ ଦକ୍ଷତାକୁ ଗୁରୁତ୍ୱ ଦେଉଥିବା ସେକ୍ରେଟାରୀମାନଙ୍କ ମଧ୍ୟରେ କିଭଳି ଭିନ୍ନ ମତ ଦେଖାଯାଇଥାଏ ତାହା ସମସ୍ତେ ଜାଣନ୍ତି । ମୁଁ ସର୍ବଦା ଲକ୍ଷ୍ୟ କରୁଛି ଯେ ମୁଁ କିମ୍ବା ଅନ୍ୟ କୌଣସି ପଦାଧିକାରୀ କୌଣସି ମତ ଦେଲେ . ଦାସ ତାକୁ ଅତି ନିବିଷ୍ଟ ଭାବରେ, ସହାନୁଭୂତି ସହ ଶୁଣନ୍ତି । ତାଙ୍କ ମତ ସହିତ ଆମେ ଯେଉଁଠି ଦ୍ୱିମତ ହୋଇଥାଉ ତାହାକୁ ବୁଝାଇ ଦେବାରେ ଆମେ ସମର୍ଥ ହେଲେ ସେ ନିଜ ମତ ଅକୁଣ୍ଠ ଭାବରେ ବଦଳାଇଥାନ୍ତି ।ଏଭଳି କାମ କରିବାରେ ଆନନ୍ଦ ଥାଏ । ମନ୍ତ୍ରୀ ଥିଲାବେଳେ ମୋ କାମକୁ ସେ ପସନ୍ଦ କରିବାର ସୌଭାଗ୍ୟ ମୋର ଘଟିଛି । ଆମ ଭିତରେ ଏହିଭଳି ଭାବରେ ପରସ୍ପରକୁ ବୁଝିବାର ପସନ୍ଦ କରିବାର ସୁଯୋଗ ଘଟିଥିଲା । ମନ୍ତ୍ରୀ ଭାବରେ ତାଙ୍କ କାମରୁ ତାଙ୍କର ମହନୀୟତା ଅନୁଭବ କରିଥିଲି । ଏହାଛଡ଼ା ସେ ଅନ୍ୟାନ୍ୟ କ୍ଷେତ୍ରରେ ଦୀର୍ଘଦିନ ଧରି ଦେଶର ସେବା କରିଆସିଛନ୍ତି; ଯାହାକୁ ମୁଁ ଏଠାରେ ଉଲ୍ଲେଖ କରୁ ନାହିଁ । ଓଡ଼ିଶାର ଅଭ୍ୟୁତ୍ଥାନ ଓ ଦେଶବାସୀଙ୍କ ଅବସ୍ଥାର ଉନ୍ନତି ଦିଗରେ ସେ ସାରା ଜୀବନ ଉତ୍ସର୍ଗ କରି ଦେଇଥିଲେ । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ସେ ଦେଖିପାରି ନଥିଲେ ବି ଏହା ଯେ ହେବାକୁ ଯାଉଛି ଏହି ସନ୍ତୋଷ ନେଇ ସେ ବିଦାୟ ନେଇଛନ୍ତି ।

Digitized by srujanika@gmail.com

ମୋର ବହୁ ପୁରାତନ ବନ୍ଧୁ

ସାର୍ ହଗ୍ ମାକ୍ ଫର୍ସନ୍

ବିହାର ଓଡ଼ିଶାର ଅସ୍ଥାୟୀ ଗଭର୍ଣ୍ଣର

ବଙ୍ଗଳାର ଜ୍ଞାନେନ୍ଦ୍ର ନାଥ ଗୁପ୍ତ, ଯାହାଙ୍କୁ କି ମୁଁ ଅକ୍ସଫୋର୍ଡ଼ରେ ଅଧ୍ୟୟନ କାଳରୁ ଜାଣିଥିଲି, ତାଙ୍କ ଛଡ଼ା ସ୍ୱର୍ଗତ ମଧୁସୂଦନ ଦାସ ହେଉଛନ୍ତି ମୋର ସବୁଠାରୁ ପୁରାତନ ବନ୍ଧୁ। ୧୮୯୧ ମସିହା ଡିସେମ୍ବରରେ ମୁଁ କଟକରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ଭାବରେ ଯୋଗଦେବା ପରେ ପରେ ତାଙ୍କ ସହିତ ମୋର ପରିଚୟ ଘଟିଥିଲା। ତରୁଣ ବୟସରେ ନିଜ ପରିବାର ଓ ବନ୍ଧୁମାନଙ୍କ ବିରୋଧ ସତ୍ତ୍ୱେ ସେ ଯେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ ସେଇଥିରୁ ତାଙ୍କ ଚରିତ୍ରର ଦୃଢ଼ ସ୍ୱାଧୀନତାର ପରିଚୟ ମିଳେ। ଭଲ ଓକିଲାତି କରୁଥିବା ଜଣେ ଭାରତୀୟ ଖ୍ରୀଷ୍ଟିଆନ୍ ଭାବରେ କଟକର ଇଉରୋପୀୟ ଅଫିସରମାନଙ୍କ ସହିତ ତାଙ୍କର ବନ୍ଧୁତା ଥିଲା ଓ ସେମାନଙ୍କୁ ସେ ଆତିଥ୍ୟ ଦେଉଥିଲେ। ଏହାଛଡ଼ା ସ୍ଥାନୀୟ ଶିଳ୍ପ ଓ କଟକ ପ୍ରସିଦ୍ଧ ରୂପାର ତାରକସି କାମର ବିକାଶ ଦିଗରେ ତାଙ୍କର ସହାୟତା ଲାଗି ତାଙ୍କର ସୁଖ୍ୟାତି ଥିଲା।

x x x x

ମୋର ତାଙ୍କ ସହିତ ବନ୍ଧୁତା ମଧ୍ୟରେ ଏକ ଦୁଃଖାନ୍ତ ଘଟଣା ଘଟିଥିଲା। ତାଙ୍କ ଘୋଡ଼ାଶାଳାରେ ବହୁତ ଗୁଡ଼ିଏ ଭଲ ଘୋଡ଼ା ଥିଲେ। ମାନ୍ଦ୍ରାସ ରେଜିମେଣ୍ଟ୍‌ରଏକ ଜାତିଆ ଘୋଡ଼ାକୁ ସେ କିଣିଥିଲେ ଓ ତାହାକୁ ଖୁବ୍ ଶ୍ରଦ୍ଧା କରୁଥିଲେ। କଲେକ୍ଟର ଜର୍ଜ ଷ୍ଟିଭେନ୍‌ସନ୍‌ଙ୍କ ଓ ଅନ୍ୟମାନ ସହିତ ମୁଁ ସେହି ଘୋଡ଼ା ନେଇ ଖଣ୍ଡଗିରି ବୁଲି ଯାଇଥିଲି। ଫେରିଲା ବେଳକୁ ଏକ ବଳଦ ଗାଡ଼ିର ବଳଦ ଘୋଡ଼ା ଦୌଡ଼ା ଶବ୍ଦରେ ହୁରୁଡ଼ି ରାସ୍ତାର ଏପଟ ସେପଟ ହେଲା। ଘୋଡ଼ାଟି ତା' ସହିତ ପିଟି ହୋଇ ପଡ଼ିଗଲା ଓ ମୁଁ ବି ପଡ଼ିଗଲି। ୪୮ ଘଣ୍ଟା ପରେ ହସ୍‌ପିଟାଲରେ ମୋର ଚେତା ଫେରିଲା ବେଳକୁ ମୁଁ ଘଟଣାଟି ଜାଣିଲି। ମୁଁ ଆରୋଗ୍ୟ ହେବା ପର୍ଯ୍ୟନ୍ତ ମି. ଦାସ ସବୁଦିନେ ମୋତେ ଦେଖିବାକୁ ଆସୁଥିଲେ; ଆଉ ଘୋଡ଼ାଟିର ମୃତ୍ୟୁ ଥିଲା ଏକ ଅପୂରଣୀୟ କ୍ଷତି।

ମି. ଦାସ ଦୁଇଟି କାମରେ ଅତି ଆନ୍ତରିକ ଭାବରେ ଲାଗିଥିଲେ- ଚାଷ କରୁଥିବା ରୟତଙ୍କର ମଙ୍ଗଳ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ। ସେ ବହୁ ରାଜା ଜମିଦାରଙ୍କ ଓକିଲ

Digitized by srujanika@gmail.com

ଥିଲେ ବି ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ କରିବା ଦିଗରେ କେବେ ସେ ଇତସ୍ତତ ହେଉ ନଥିଲେ ।୧୮୯୪ରୁ ମୁଁ କଟକ ଛାଡ଼ି ସାନ୍ତାଳ ପ୍ରଗନା ବଦଳି ହୋଇଗଲା ପରେ ମୋର ଆଉ ତାଙ୍କ ସହିତ ସମ୍ପର୍କ ନଥିଲା । ୧୯୦୭ରୁ ୧୯୧୨ ପର୍ଯ୍ୟନ୍ତ ମୁଁ ଓଡ଼ିଶାର 'ଡିରେକ୍ଟର ଅଫ୍ ଲାଣ୍ଡ ରେକର୍ଡ଼' ଦାୟିତ୍ୱ ନେଲା ପରେ ପୁଣି ସେ ସମ୍ପର୍କ ପୁନଃ ସ୍ଥାପିତ ହୋଇଥିଲା । ସେ ପର୍ଯ୍ୟନ୍ତ ଓଡ଼ିଶାରେ ବେଙ୍ଗଲ୍ ଟେନାନ୍‌ସି ଆକ୍ଟ ପ୍ରଚଳିତ ଥିଲା । ମି. ଦାସ ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ଥିଲାବେଳେ ଏହି ଆଇନର ସଂଶୋଧନ ପାଇଁ ଦୃଢ଼ ଦାବି କରିଥିଲେ ଓ ୧୯୧୨ରେ ଓଡ଼ିଶା ଓ ବିହାର ବଙ୍ଗଳାରୁ ଅଲଗା ହେଲା ପରେ ବହୁ ଆଲୋଚନା ପରେ, ୧୯୧୩ ମସିହାରେ ତାହା ସଂଶୋଧିତ ଆକାରରେ ଗୃହୀତ ହୋଇଥିଲା । ସେତେବେଳକୁ ବି ମି. ଦାସ ବିହାର ଓଡ଼ିଶା କାଉନ୍‌ସିଲ୍‌ର ସଦସ୍ୟ ଥିଲେ । ଏହି ସମ୍ପର୍କୀୟ ଆଲୋଚନାରେ ସେ ସର୍ବଦା ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢୁଥିଲେ ।

୧୯୨୧ ମସିହାରେ ସେ ବିହାର ଓଡ଼ିଶାର ମନ୍ତ୍ରୀ ହେଲା ବେଳକୁ ପୁଣି ତାଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲି । ତାଙ୍କ ମନ୍ତ୍ରିତ୍ୱ କାଳର ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହେଲା ବିହାର ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ଓ ସ୍ୱାୟତ୍ତ ଶାସନ ଆକ୍ଟର ସଂଶୋଧନ । ସେହି କାର୍ଯ୍ୟରେ ମୁଁ ତାଙ୍କର ସହଯୋଗୀ ପଦାଧିକାରୀ ଥିଲି ।୧୯୨୩ରେ ସେ ମନ୍ତ୍ରିତ୍ୱରୁ ଇସ୍ତଫା ଦେଇଥିଲେ ସୁଦ୍ଧା ବହୁ କାଳ ପର୍ଯ୍ୟନ୍ତ କାଉନ୍‌ସିଲ ସଦସ୍ୟ ଥିଲେ ।

ସାଧାରଣ କ୍ଷେତ୍ରରେ ଥିବାବେଳେ, ସେ ଜୀବନସାରା, ବଙ୍ଗଳା ଓ ବିହାରର ଆଧିପତ୍ୟରୁ ଓଡ଼ିଶାକୁ ରକ୍ଷା କରିବା ପାଇଁ ଲଢ଼ିଛନ୍ତି । ସେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପାଇଁ ଲଢ଼ିଥିଲେ ତାକୁ ଦେଖିବା ପାଇଁ ସେ ବଞ୍ଚି ରହିପାରିଲେ ନାହିଁ; ଯଦିଓ ତାଙ୍କ ମୃତ୍ୟୁ ପରେ ପରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା; ଆଉ ସେଇଟି ହିଁ ତାଙ୍କର ସର୍ବଶ୍ରେଷ୍ଠ ସ୍ମାରକୀ ।

Digitized by srujanika@gmail.com

ଏକ ଶ୍ରଦ୍ଧାଞ୍ଜଳି

ସାର୍ କର୍ଟନେ ଟେରେଲ୍
ଚିଫ୍ ଜଷ୍ଟିସ୍ ପାଟନା

ମଧୁସୂଦନ ଦାସ ଭାରତୀୟ ସାମାଜିକ ଜୀବନର ଗୋଟିଏ ବିରଳ ବ୍ୟକ୍ତି, ଯାହାଙ୍କର ଦେଶପ୍ରୀତି ସର୍ବଜନବିଦିତ । ଭାରତୀୟମାନଙ୍କ ମଧ୍ୟରେ ତାଙ୍କର ନୈତିକ ଓ ବୌଦ୍ଧିକ ସ୍ତର ଥିଲା ବହୁ ଉଚ୍ଚରେ । ସେ ସାରା ଜୀବନ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଛାଡ଼ି ଏହି ଶକ୍ତିକୁ ଦେଶବାସୀଙ୍କ ମଙ୍ଗଳ ଲାଗି ବିନିଯୋଗ କରିଥିଲେ । ସେତେବେଳର ପରିସ୍ଥିତିକୁ ବିଚାରକୁ ନେଇ ସେ ଓଡ଼ିଶାର ଅନ୍ଧବିଶ୍ୱାସ ଓ ଅନ୍ଧକାର ଦୂର କରିବା ଲାଗି ଆପ୍ରାଣ ସଂଗ୍ରାମ କରିଥିଲେ । ଓଡ଼ିଆ ଲୋକଙ୍କର ବୁଦ୍ଧି ଓ ବିଚକ୍ଷଣତାର ବିକାଶ କରିବା ଲାଗି ସେ ସବୁପ୍ରକାର ଉଦ୍ୟମ କରିଥିଲେ । ଓଡ଼ିଆ ଲୋକଙ୍କୁ ଯେଉଁ ଅଜ୍ଞାନ ଘୋଟିଥିଲା ଓ ନାନା ଈର୍ଷା ଦ୍ୱେଷରେ ଯେଉଁମାନେ ଜଡ଼ିତ ହୋଇ ରହିଥିଲେ ସେମାନଙ୍କୁ ସେଥିରୁ ଉଦ୍ଧାର କରିବା ପାଇଁ ସେ ଅସାମାନ୍ୟ ସାହସ ପ୍ରଦର୍ଶନ କରିଥିଲେ । ସେ ପ୍ରତିପକ୍ଷଙ୍କ ଶକ୍ତି କଳନା କରିପାରୁଥିଲେ ଓ ତଦନୁସାରେ ନିଜକୁ ପ୍ରସ୍ତୁତ କରୁଥିଲେ । ଅନ୍ତିମ ଲକ୍ଷ୍ୟ ସମ୍ପର୍କରେ ତାଙ୍କର ସନ୍ଦେହ ନଥିଲା; ଏଣୁ ସେ କୌଣସି ସମୟରେ ବିଶ୍ୱାସ ହରାଇ ନଥିଲେ ।

ତାଙ୍କ ଚିଠିପତ୍ରମାନଙ୍କରୁ ତାଙ୍କ ଚରିତ୍ରର ସାଧୁତା ତଥା ଅକପଟତା ପରିସ୍ଫୁଟ ହୋଇଥାଏ । ଯେଉଁମାନଙ୍କ ସହିତ ତାଙ୍କର ଆନ୍ତରିକତା ଥିଲା ସେ ସେମାନଙ୍କ ନିକଟରେ ନିଜ ହୃଦୟର କଥା ଅଜାଡ଼ି ଦେଉଥିଲେ ଓ ସେଥିରେ ଥିଲା ହିତାକାଙ୍‌କ୍ଷା । ନିଜ ଦେଶବାସୀଙ୍କ ପ୍ରତି ବି ତାଙ୍କର ମନୋଭାବ ଥିଲା ସେହିପରି ଆପଣାର ।

ସେ ଜାଣିଥିଲେ ଯେ ଶିଳ୍ପର ବିକାଶ ଦ୍ୱାରା ଦେଶବାସୀଙ୍କ ଭୌତିକ ଉନ୍ନତି ସମ୍ଭବପର । ତାଙ୍କ ବେଳର ଓଡ଼ିଆ ଯାହା କଳ୍ପନା କରିପାରୁ ନଥିଲେ ସେ ଥିଲେ ସେମାନଙ୍କଠାରୁ ବହୁ ଆଗରେ । ସେ ସାହସର ସହ ଶିଳ୍ପୋଦ୍ୟୋଗମାନ ଆରମ୍ଭ କରିଥିଲେ; ଯାହା ଥିଲା ଚମତ୍କାର । ତେବେ ଶିଳ୍ପୋଦ୍ୟୋଗ ଚଳାଇବା ଅଭିଜ୍ଞତା ନ ଥିବାରୁ ଓ ଅର୍ଥର ଅନାଟନ ହେବାରୁ ସେହି ଉଦ୍ୟମ ସଫଳ ହୋଇପାରିଲା ନାହିଁ । ତଥାପି ତାଙ୍କର ବିଫଳତା ପରବର୍ତ୍ତୀ ପିଢ଼ି ଲାଗି ଉତ୍ସାହ ଯୋଗାଇବ ।

Digitized by srujanika@gmail.com

ଲକ୍ଷ୍ୟଣୀୟ ଯେ ଦାର୍ଶନିକ ବିଚାର ଅଥବା ସାହିତ୍ୟ ଦିଗରେ ନ ମାତି ଲୋକଙ୍କ ମଙ୍ଗଳ ପାଇଁ ଯାହା କରି ଦେଖାଇ ହେବ ସେହି ଧନ୍ଦାରେ ସେ ମାତିଥିଲେ ।

ଯେତେବେଳେ ମୋର ଗୋଟାଏ ଧାରଣା ଥିଲା ଯେ ଭାରତୀୟମାନେ ନିଜ ଚେଷ୍ଟାରେ ହେଉ ବା ବାହାର ସହାୟତାରେ ଉନ୍ନତି କରିପାରିବେ ନାହିଁ, ମି. ଦାସ ତାହା ଦୂର କରିଦେବା ଦିଗରେ ସହାୟକ ହୋଇଥିଲେ । ଓଡ଼ିଆ ଲୋକେ ଆଦର୍ଶ ଚରିତ୍ର ଗଠନ କରିପାରିଲେ ତାହା ହେବ ତାଙ୍କ ଉଦ୍ଦେଶ୍ୟରେ ସର୍ବୋତ୍ତମ ସ୍ମାରକୀ । କାରଣ ଚରିତ୍ର ଗଠନକୁ ହିଁ ସେ ସବୁଠାରୁ ଗୁରୁତ୍ୱ ଦେଉଥିଲେ ।

Digitized by srujanika@gmail.com

ମୋର କ୍ଷୁଦ୍ର ଉପହାର

ଟି.ଏସ୍. ମାଗ୍‌ଫର୍‌ସନ୍

ଜଷ୍ଟିସ୍ ପାଟନା

ମୁଁ ବହୁ ବର୍ଷରୁ କଥାରେ ଓ ଚିଠିରେ ମି. ମଧୁସୂଦନ ଦାସଙ୍କ ସହିତ ଲଗେଇଥିଲି ଯେ ସେ ତାଙ୍କ ଆତ୍ମଜୀବନୀ ଲେଖନ୍ତୁ; ନହେଲେ ଏକ ଜୀବନୀ ଲେଖାଯିବା ଲାଗି ଆବଶ୍ୟକୀୟ ବସ୍ତୁ ରଖିଯାଆନ୍ତୁ । ତାଙ୍କ ଭଳି ରାଷ୍ଟ୍ରନୀତିଜ୍ଞ, ଆଇନଜ୍ଞ ଓ ଶିକ୍ଷାବିତ୍‌ଙ୍କ ଜୀବନୀ ଓଡ଼ିଶା ପାଇଁ ଖୁବ୍ ମୂଲ୍ୟବାନ ବସ୍ତୁ ହୋଇଥାନ୍ତା । କିନ୍ତୁ ତାଙ୍କ ଭଳି ଜଣେ ଅତି ଭଦ୍ର ତଥା ବିନୟୀ ବ୍ୟକ୍ତି କହନ୍ତି 'କିଏ ପଢ଼ିବ'?

୧୯୧୦ରେ ମୁଁ କଟକକୁ ଡିଷ୍ଟ୍ରିକ୍ଟ ଜଜ୍ ଭାବରେ ନିଯୁକ୍ତି ପାଇଲା ପରେ ଏମ୍.ଏସ୍. ଦାସଙ୍କ ସହ ମୋର ବନ୍ଧୁତ୍ୱ ଆରମ୍ଭ ହୋଇଥିଲା । ସେତେବେଳକୁ ସେ ଉଚ୍ଚ ଗୌରବର ଅଧିକାର ହୋଇ ସାରିଥାନ୍ତି । ଓଡ଼ିଶାର ବିଖ୍ୟାତ ଓକିଲ ଓ ରାଜନୀତିଜ୍ଞ ତ ଥିଲେ ତାହାଛଡ଼ା ଜନସାଧାରଣଙ୍କ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବା ସଙ୍ଗେ ସଙ୍ଗେ ୧୯୦୪ରୁ ସରକାରଙ୍କଠାରୁ ସି.ଆଇ.ଇ. ଉପାଧି ପାଇ ସାରିଥିଲେ । ଏହାଛଡ଼ା ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ଉପରେ ତାଙ୍କର ଖୁବ୍ ପ୍ରଭାବ ଥିଲା ।

ତାଙ୍କ ଭଳି ବିଜ୍ଞ ଆଇନଜ୍ଞଙ୍କଠାରୁ ମୁଁ ସାଧାରଣ ଭାବେ ସାହାଯ୍ୟ ପାଇଥିବାରୁ କୃତଜ୍ଞ । ଓକିଲାତିରେ ସେ ଆଇନ ଦିଗକୁ ଭଲ ଭାବରେ ତର୍ଜମା କରୁଥିଲେ ଓ ନିଜ କହିବା କଥାକୁ ଦୃଢ଼ ଭାବରେ ଉପସ୍ଥାପନ କରୁଥିଲେ । ପରବର୍ତ୍ତୀ କାଳରେ ସମ୍ବଲପୁର ଜିଲ୍ଲା ଜଜ୍‌କୋର୍ଟରେ ଓ ପାଟନା ହାଇକୋର୍ଟରେ ତଥା କଟକ ସର୍କିଟ୍ କୋର୍ଟରେ ସେ ମୋ କାଳରେ ଓକିଲାତି କରିଥିଲେ । ବେଳେବେଳେ ସେ ଅପିଲ୍ ଦାଏର୍ କଲାବେଳେ ମନେ ହେଉଥିଲା ଯେ ଅପିଲରେ ବିଶେଷ ଯଥାର୍ଥତା ନାହିଁ । କିନ୍ତୁ ସେ କଥାଟିକୁ ଚମତ୍କାର ଭାବରେ ଉପସ୍ଥାପନ କରି ସଫଳ ହେଉଥିଲେ । ତାଙ୍କରି ଉଦ୍ୟମରେ ହିଁ କଟକରେ ପାଟନା ହାଇକୋର୍ଟର ସର୍କିଟ୍ କୋର୍ଟ ବସୁଥିଲା । ଏହି କୋର୍ଟର ଆରମ୍ଭରେ ଓ ଶେଷରେ ମି. ଦାସ ନିଶ୍ଚୟ ଧନ୍ୟବାଦ ଦେବା ଥିଲା ପ୍ରାୟ ଏକ ପରମ୍ପରା । କୋର୍ଟ ସୁରୁଖୁରୁରେ ଚାଲିବା ଲାଗି, ଅନେକ ଛୋଟମୋଟ କଥାର ସମାଧାନ ଲାଗି, ତାଙ୍କର ସୂତ୍ର ଥିଲା ବହୁତ ସହାୟକ ।

Digitized by srujanika@gmail.com

ସେ କିପରି କଷ୍ଟକରି ପାଠ ପଢ଼ିଥିଲେ ଓ କେଉଁ ବିଶିଷ୍ଟ ଲୋକମାନଙ୍କୁ ଭେଟିଥିଲେ ଏବଂ ବଙ୍ଗଳା ତଥା ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ କାର୍ଯ୍ୟ କରିଥିଲେ ସେସବୁ ମୋତେ କହନ୍ତି । ସେ ସଦସ୍ୟ ଥିଲାବେଳେ ତ ମୁଁ ଅଳ୍ପକାଳ କାଉନ୍‌ସିଲ୍‌ର ସେକ୍ରେଟାରୀ ଥିଲି, କିନ୍ତୁ ୧୯୨୧ରେ ସେ ମନ୍ତ୍ରୀ ହେଲା ପରେ ମୋର ତାଙ୍କ ସହିତ ଅଧିକ ଦେଖା ହେଉଥିଲା । ଓଡ଼ିଶାର ସାଧାରଣ ଜୀବନରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟକୁ ବିଚାରକୁ ନିଆଯାଇ ତାଙ୍କୁ ଯଥାର୍ଥ ଭାବରେ ମନ୍ତ୍ରୀ ଭାବରେ ମନୋନୀତ କରାଯାଇଥିଲା । ସେ ମନ୍ତ୍ରୀ ହେବା ଖବର ପାଇ ମୁଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲି । ସେ ତା'ର ଉତ୍ତରରେ ଲେଖିଥିଲେ ଯେ ସେ ଉକ୍ତ ପତ୍ରଟିକୁ, ଆମ ଭିତରର ଆନ୍ତରିକତାର ପ୍ରମାଣପତ୍ର ଭଳି, ସାଇତି ରଖିବେ । ସେଥିରେ ଲେଖିଥିଲେ ''ମୋର ପରମ ବନ୍ଧୁ ମୋତେ ଯେଉଁ ଅଭିନନ୍ଦନ ଜଣାଇଛନ୍ତି ମୁଁ ତାହାର ଉପଯୁକ୍ତ ହେବା ଭଳି କାମ କରିପାରେ ଭଗବାନ ମୋତେ ସେ ଦିଗରେ ସହାୟତା ଦିଅନ୍ତୁ ।'' ସେ ମନ୍ତ୍ରୀ ହେଲା ବେଳର ବହୁ ସନ୍ଧ୍ୟାରେ ତାଙ୍କ ଦାୟିତ୍ୱରେ ଥିବା ବିଷୟ ଉପରେ ଆମ ଭିତରେ ଦୀର୍ଘ କଥାବାର୍ତ୍ତା ହୁଏ । ସେଥିରୁ ମୁଁ ଜାଣିପାରେ ଯେ ଇଏ ସେକ୍ରେଟେରୀଙ୍କ ନୋଟରେ ସନ୍ତୁଷ୍ଟ ହେବା ଲୋକ ନୁହନ୍ତି; ଫାଇଲକୁ ଟିକିନିଖି ପଢ଼ିବା ବ୍ୟକ୍ତି । ସେ ତାଙ୍କ ସେକ୍ରେଟାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ କାର୍ଯ୍ୟର ପ୍ରଶଂସା କରୁଥିଲେ । ମ୍ୟୁନିସିପାଲ ଆକ୍ଟ ଓ ସ୍ୱାୟତ୍ତ ଶାସନ ଆକ୍ଟର ସଂଶୋଧନ ଦିଗରେ ସେ ବହୁତ ସମୟ ଦେଇଥିଲେ ଏବଂ ଏ ଦୁଇଟି ଯୋଗୁଁ ପରବର୍ତ୍ତୀ କାଳରେ ତାଙ୍କୁ ସ୍ମରଣ କରାଯିବ ।

୧୯୨୭ରେ ମୁଁ ହାଇକୋର୍ଟରେ ଯୋଗ ଦେଲାବେଳେ ସେ କହିଲେ ''ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଇବାକୁ ଇଚ୍ଛା କରୁନାହିଁ । ଆପଣ ଏଭଳି ପଦବୀରେ ଅଭିଷିକ୍ତ ହେଉଥିବାରୁ ମୁଁ ଓଡ଼ିଶାକୁ ଅଭିନନ୍ଦନ ଜଣାଉଛି । କାରଣ ଆପଣ ଓଡ଼ିଶାକୁ ଜାଣନ୍ତି । ପ୍ରଶାସନର ଉପର ସ୍ତରରେ ଯେଉଁମାନେ ରହିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶା ସମ୍ପର୍କରେ ଅଜ୍ଞ ଥିବାରୁ ଓଡ଼ିଶା ବହୁତ କଷ୍ଟ ସହିଛି ।'' ଶୟନ, ସ୍ୱପ୍ନ ତଥା ଜାଗରଣରେ ସେ ଓଡ଼ିଶାର ବିକାଶ କଥା ଭାବୁଥିଲେ ।

ସାଧାରଣ କ୍ଷେତ୍ରରେ କାମ କରିବାର ପ୍ରାଥମିକ କାଳରେ ବି ସେ ଓଡ଼ିଶାର ଦାବିକୁ ଏଭଳି ଦୃଢ଼ ତଥା ସାର୍ଥକ ଭାବରେ ଉପସ୍ଥାପନ କରୁଥିଲେ ଯେ ବଙ୍ଗଳା ସରକାର ସେସବୁକୁ ଗୁରୁତ୍ୱର ସହ ବିଚାର କରୁଥିଲା । କେତେକ କ୍ଷେତ୍ରରେ ସେ ନିଜ ମତ ପରିବର୍ତ୍ତନ କରିବାକୁ କୁଣ୍ଠିତ ହେଉ ନଥିଲେ । ତେବେ ତାଙ୍କ ପ୍ରଥମ ମତକୁ ବିଚାରକୁ

Digitized by srujanika@gmail.com

ନେଲେ ତା'ର ଯଥାର୍ଥକୁ ଏକବାର ଉଡ଼େଇ ଦେଇ ହେଉ ନଥିଲା । ତାଙ୍କର ସାହସର ଅଭାବ ଥିଲା ବୋଲି କହିବାକୁ କାହାର ସ୍ପର୍ଦ୍ଧା ନଥିଲା । ବରଂ ତାଙ୍କର ଦୃଢ଼ମନା ଚରିତ୍ର ଯୋଗୁଁ ତାଙ୍କର ଶତ୍ରୁର ବି ଅଭାବ ନଥିଲା । ଆଉ ସେ ଶତ୍ରୁମାନେ ଥିଲେ ତାଙ୍କ ନିଜ ଦେଶବାସୀ । ସେସବୁକୁ ବେଖାତିର କରି ସେ ଓଡ଼ିଆମାନଙ୍କ ଅଭ୍ୟୁଦୟ ଲାଗି ସର୍ବଦା ଚେଷ୍ଟିତ ଥିଲେ । ସ୍କୁଲ ଓ ରେଭେନ୍‌ସା କଲେଜ ବ୍ୟାପାରରେ ତାଙ୍କର ଖୁବ୍ ଆଗ୍ରହ ଥିଲା । ଓଡ଼ିଆ ପିଲାମାନେ ଆଇନ ପରୀକ୍ଷାରେ ଭଲ କରୁ ନଥିବା ଲକ୍ଷ୍ୟକରି ସେ ନିଜେ ଅଧ୍ୟାପନା କରିବାକୁ ଆଗେଇ ଆସିଥିଲେ । ସେ ଥିଲେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଷୟକ ଅଧ୍ୟାପକ, କଟକ ଫ୍ରି ମାସନ୍‌ସ ଲଜ୍‌ର ସେକ୍ରେଟାରୀ, ଭାରତୀୟ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଜଣେ ମୁଖ୍ୟ ସଦସ୍ୟ ଓ ରେଭେନ୍‌ସା ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା । ତାଙ୍କରି ପ୍ରେରଣାରେ ସୁଶ୍ରୀ ହାଜରା ପାଟନା ହାଇକୋର୍ଟରେ ଓକିଲାତି କରିବାର ଅଧିକାର ଲାଭ କରିଥିଲେ; ଯାହା ଫଳରେ ଭାରତବର୍ଷରେ ନାରୀମାନଙ୍କ ଓକିଲାତି କରିବା ବାଟ ଫିଟି ଯାଇଥିଲା । ଦେଖିବାକୁ ଗଲେ ସବୁ ଭଲ କାମରେ ସେ ସାହାଯ୍ୟ ଦେଉଥିଲେ । ଆଉ କିଛି ନକରି ରୂପାର ତାରକସି କାମ ଓ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ ବି ସେ ଓଡ଼ିଆ ଜାତିର କୃତଜ୍ଞତାର ପାତ୍ର ହୋଇ ଯାଇଥାନ୍ତେ । ଓଡ଼ିଶାର ଶିଳ୍ପ ବିକାଶ ଦିଗରେ ସେଗୁଡ଼ିକ ଆରମ୍ଭ ହୋଇଥିଲା ସତ, କିନ୍ତୁ ଏହା ଫଳରେ ବହୁ ଲୋକ ଲାଭଜନକ ଧନ୍ଦା ପାଇପାରିଥିଲେ; ଯେଉଁମାନେ ହୁଏତ ଜୀବିକା ପାଇଁ ଦୂର ଦେଶକୁ ଯିବାକୁ ବାଧ୍ୟ ହୋଇଥାନ୍ତେ । ପ୍ରଥମ ମହାସମର ପରେ ସମଗ୍ର ପୃଥିବୀରେ ମାନ୍ଦା ଅବସ୍ଥା ଦେଖାଯିବାକରୁ ତାଙ୍କ ଶିଳ୍ପ ଉଧେଇ ପାରି ନଥିଲା; ଯାହାକି ଏମ୍.ଏସ୍. ଦାସଙ୍କୁ ବୃଦ୍ଧ ଅବସ୍ଥାରେ ଦାରୁଣ ଦୁଃଖ ଦେଇଥିଲା ।

ଏହା ସତ୍ତ୍ୱେ ସେ ସେହିମାନଙ୍କୁ ଥଇଥାନ କରିବାକୁ ଆପ୍ରାଣ ଚେଷ୍ଟା କରିଥିଲେ । ସେ ଯେବେ ଦେବାଳିଆ ଅବସ୍ଥାରୁ ମୁକ୍ତି ପାଇଲେ ତାହା ଥିଲା ତାଙ୍କ ପାଇଁ ସବୁଠାରୁ ଗର୍ବର ସମୟ । ଜଜ୍ ତାଙ୍କର ଦୁର୍ଦ୍ଦଶା ଲାଗି ଏଭଳି ନିଷ୍ପତ୍ତି ନେଇଥିଲେ । ଏହା ପରେପରେ ସେ ମୋତେ ଲେଖିଲେ "ମୁଁ ଦରିଦ୍ର ହୋଇଯାଇଥିଲେ ହେଁ ମୋଠାରେ କଳଙ୍କ ଲାଗିନାହିଁ ।" ସାର୍ ବାଲ୍ଟର୍ ସ୍କଟ୍‌ଙ୍କୁ ଏହିଭଳି ଅସୁବିଧା ଭୋଗିବାକୁ ପଡ଼ିଥିଲା । ତାଙ୍କରି ଭଳି ମି. ଦାସଙ୍କ ପ୍ରତି ଏଭଳି ପରିସ୍ଥିତି ଲାଗି ମୋର ସହାନୁଭୂତି ରହିଛି ।

Digitized by srujanika@gmail.com

ମଫସଲ କୋର୍ଟମାନଙ୍କରୁ ଦୁର୍ନୀତି ଦୂର କରିବା ଦିଗରେ ମୋର ପ୍ରଚେଷ୍ଟାକୁ ଏମ୍.ଏସ୍. ଦାସଙ୍କ ସାହାଯ୍ୟ ମୁଁ ଭୁଲି ପାରିବି ନାହିଁ । ସେ ସବୁବେଳେ କହୁଥିଲେ ଓକିଲମାନେ ନୈତିକତା ରକ୍ଷା କରିପାରିଲେ ଅମଲାଙ୍କ ସ୍ତରର ଦୁର୍ନୀତି ଓ କ୍ୱଚିତ ଦେଖା ଯାଉଥିବା ବିଚାରକମାନଙ୍କ ଦୁର୍ନୀତି ଦୂର ହୋଇପାରିବ ।

ଏମ୍.ଏସ୍. ଦାସ ତାଙ୍କ ସମୟର ଓ ତାଙ୍କ ପିଢ଼ିରଏକ ମହାନ୍ ବ୍ୟକ୍ତି ଥିଲେ । ବଙ୍ଗଳା ଦ୍ୱାରା ଅବହେଳିତ ଓ ଅସନ୍ତୁଷ୍ଟ ତଥା ନିଶ୍ଚେଷ୍ଟ ଶିକ୍ଷିତ ଲୋକଙ୍କୁ ନେଇ, ଓଡ଼ିଶା ଯେ ଅଧିକାଂଶ ବ୍ରିଟିଶ ଶାସିତ ଓଡ଼ିଆଙ୍କୁ ସାଙ୍ଗରେ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ନିଜ ବ୍ୟାପାର ନିଜେ ଚଳାଇ ପାରିଲା ଏହା କେବଳ ତାଙ୍କରି ଯୋଗୁଁ ହିଁ ହୋଇପାରିଲା । ଯଦିଓ ସେ ୧୯୩୬ ଏପ୍ରିଲ୍ ପହିଲା ଦିନର ସ୍ୱତନ୍ତ୍ର ଉତ୍କଳ ଉତ୍ସବ ବେଳକୁ ରହିପାରିଲେ ନାହିଁ; ତାଙ୍କ ଶେଷ ଜୀବନରେ ସେହି ଅଭିଳଷିତ ରାଜ୍ୟକୁ ସେ କଳ୍ପନାରେ ଦେଖିବାର ସୌଭାଗ୍ୟ ଲାଭ କରିଥିଲେ । ଆଗାମୀ ଦିନରେ ଏଭଳି ଜଣେ ଉତ୍ସାହୀ, ହାସ୍ୟରସମୟ, ତ୍ୟାଗୀ ତଥା ମହାନ୍ ଦେଶପ୍ରେମୀ ସନ୍ତାନଙ୍କୁ ଦେଶ କେବେଁ ଭୁଲି ପାରିବ ନାହିଁ ।

Digitized by srujanika@gmail.com

ବହୁ ଦିଗର ପଥପ୍ରଦର୍ଶକ

ଜଷ୍ଟିସ୍ ଏସ୍.ବି. ଧାବ୍‌ଲେ

ଆଇ.ସି.ଏସ୍., ପାଟନା ହାଇକୋର୍ଟ

କଟକ ସର୍କିଟ୍ କୋର୍ଟରେ ଦିନେ ରାୟ ବାହାଦୂର ଜାନକୀ ନାଥ ବୋଷ ଆସି ମି. ମଧୁସୂଦନ ଦାସଙ୍କ ଦେହାନ୍ତ ହୋଇ ଯାଇଥିବା କଥା ଉତ୍ଥାପନ କଲେ । ଜଷ୍ଟିସ୍ ଜେମ୍‌ସ୍ ସେହି ଅବସରରେ କହିଥିଲେ ମି. ଦାସ କିପରି ଶିକ୍ଷାବିତ୍, ଶିଳ୍ପାନୁରାଗୀ, ଆଡ଼ଭୋକେଟ୍ ତଥା ରାଜନୀତିକ ବ୍ୟକ୍ତି ଭାବରେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ତାଙ୍କୁ ଓଡ଼ିଶାର କୁଳବୃଦ୍ଧ ବୋଲି କୁହାଯାଉଥିଲା । ଜଷ୍ଟିସ୍ ଜେମ୍‌ସଙ୍କ ଅଳ୍ପ ଦିନ ପରେ ମୁଁ କଟକର କଲେକ୍ଟର ହେଲାବେଳେ ମି. ଦାସଙ୍କୁ ଜାଣିବାକୁ ପାଇଥିଲି । ଏହାର ଦୁଇମାସ ପରେ ମୁଁ ଜିଲ୍ଲା ଓ ସେସନ୍‌ସ ଜଜ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲି । ସେତେବେଳକୁ ମି. ଦାସଙ୍କ ବୟସ ମୋ ବୟସର ଦୁଇଗୁଣ ଓ ବିଭିନ୍ନ କ୍ଷେତ୍ରରେ ସେ ସୁନାମ ଅର୍ଜନ କରିସାରିଥିଲେ । ଖାଲି ଓଡ଼ିଶା ଓ ବଙ୍ଗଳାରେ ନୁହେଁ ସାରା ଭାରତ ବର୍ଷରେ ସେ ସୁପରିଚିତ ଥିଲେ । 'ମଣ୍ଟାଗୁ ଚେମ୍‌ସଫୋର୍ଡ଼ ରିଫର୍ମ' ଅନୁସାରେ ସେ ମନ୍ତ୍ରୀ ହେଲାବେଳେ ମୁଁ ସେକ୍ରେଟାରୀ ହିସାବରେ, କାମ ଭିତରେ, ତାଙ୍କର ଘନିଷ୍ଠତର ହୋଇଥିଲି । ସେ ସାଧାରଣ କ୍ଷେତ୍ରରେ କାମ ଆରମ୍ଭ କଲାବେଳେ ଓ ସ୍ୱର୍ଗତ ଜି.କେ. ଗୋଖେଲ୍‌ଙ୍କ ସହ ଇମ୍ପେରିଆଲ୍ ଲେଜିସ୍ ଲେଟିଭ୍ କାଉନ୍‌ସିଲ୍‌ରେ ଦାୟିତ୍ୱ ତୁଲାଉଥିବା କାଳରେ କିଭଳି ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ସେସବୁ ବହୁବାର ଆମକୁ ଶୁଣାଇଥିଲେ । ମି. ଦାସଙ୍କ କଥାବାର୍ତ୍ତାରୁ ତାଙ୍କର ଦେଶପ୍ରୀତି ଓ ଆତ୍ମବିଶ୍ୱାସର ପରିଚୟ ତ ମିଳୁଥିଲା ଏବଂ ତାହାରି ଭିତରେ ଥିଲା ତାଙ୍କର ପ୍ରାଣଭରା ହାସ୍ୟରସ ଭାବ । ମୁଁ ତାଙ୍କଠାରୁ କେତେକ ଚମତ୍କାର ପାରସୀୟ କବିତାଂଶ ଓ ଓଡ଼ିଆ ତଥା ବଙ୍ଗଳା କବିତାର ଆବୃତ୍ତି ଶୁଣିଛି । ଯେତେ ନୂଆ ସମସ୍ୟା ହେଉ ସେଥିରେ ସେ ଅସ୍ତବ୍ୟସ୍ତ ହୋଇପଡୁ ନଥିଲେ । ଏକ ସମୟରେ ଆଇନ ପାସ୍ କରିଥିବା ଜଣେ ନାରୀ ଓକିଲାତି କରିବାକୁ ବାଧା ଥିଲା । ତାହା ବିରୋଧରେ ଲଢ଼ିଲାବେଳେ ସେ ଯେତେ ଯୁକ୍ତି ଦେଖାଇଥିଲେ ତହିଁରୁ ଜାଣିହୁଏ ସେ କିଭଳି ସବୁ କଥାକୁ ଗଭୀର ଅନୁଧ୍ୟାନ କରନ୍ତି ଓ ସର୍ବଜ୍ଞ ନ ହେଲାଯାଏ ଛାଡ଼ନ୍ତି ନାହିଁ । ତାଙ୍କର ଥିଲା ଏକ ଉଦାର ହୃଦୟ । ସେ ତ ଦରିଦ୍ରମାନଙ୍କୁ ଅକାତରରେ ଦାନ ଦେବାରେ ଥିଲେ ଅତୁଳନୀୟ; ସାଧାରଣ ଜୀବନରେ ବହୁ ବ୍ୟକ୍ତିଙ୍କ ସହିତ ବାଦ ବିବାଦ ଘଟିଥିଲେ ହେଁ ସେ

Digitized by srujanika@gmail.com

ନେଇ ତାଙ୍କ ମନରେ ତିକ୍ତତାର ଛାପ ନଥିଲା । ବାସ୍ତବ ଖ୍ରୀଷ୍ଟିଆନ କିଭଳି କ୍ଷମାଶୀଳ ହୋଇପାରେ ସେ ଥିଲେ ତା'ର ଜୀବନ୍ତ ନିଦର୍ଶନ । ତାଙ୍କର ଦୃଷ୍ଟି ଥିଲା ଅସୀମ । ସେ ତାଙ୍କ ସମୟଠାରୁ ବହୁତ ଆଗରେ ଥିଲେ ବି ଦେଶବାସୀଙ୍କୁ ନିଜ ସହିତ ଟାଣି ଆଗେଇ ନେବା ଦିଗରେ ସେ ସମସ୍ତ ଶକ୍ତି ବିନିଯୋଗ କରିଥିଲେ । ନହେଲେ ତ ସେ ପ୍ରଚୁର ଅର୍ଥ ଅର୍ଜନକରି ଆରାମରେ ରହିଥାନ୍ତେ ଓ ବିଶେଷ କଷ୍ଟ ନକରି ରାଜନୀତିକ ଦିଗରେ ପ୍ରବେଶ କରି କାର୍ଯ୍ୟରେ କିଛି ନ ଦେଖାଇ ଗୁଡ଼ାଏ ଭାଷଣ ଦେଇ ଯାଇଥାନ୍ତେ । ବହୁ ଦିଗରେ ସେ ଥିଲେ ପଥ ପ୍ରଦର୍ଶକ । ଦିନେ କଟକ ଟାଉନ ହଲ୍‌ରେ ଭାଷଣ ପ୍ରସଙ୍ଗରେ କହିଲେ ଯେ ସେ ତ ପୁରୁଣାକାଳିଆ ଲୋକ; କୋଡ଼ି ପଚାଶ ବର୍ଷ ତଳେ କଲିକତା ବିଶ୍ୱବିଦ୍ୟାଳୟରୁ ଡିଗ୍ରୀଟାଏ ପାଇଥିଲେ । ସେଦିନ ଜଷ୍ଟିସ୍ ସଦାଶିବ ଆୟାର ସଭାପତିତ୍ୱ କରୁଥାନ୍ତି । ମଧୁବାବୁଙ୍କ କଥାକୁ କାଟିବାକୁ ଯାଇ, ଗୀତାର, ୧୦ମ ଅଧ୍ୟାୟରୁ କିଛି ଉଦ୍ଧାର କରି, ସେ ଦର୍ଶାଇଥିଲେ ଯେ ସେହି ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ କିଭଳି ତାଙ୍କର ପରବର୍ତ୍ତୀ କାଳର ସାଧାରଣ ଲୋକଙ୍କ କାମରେ ବହୁ ଦିଗରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ଥିଲେ ଆଜୀବନ ସଂଗ୍ରାମୀ; ତାହା ନ ହୋଇଥିଲେ ସେ ଏକାବେଳେ ଏତେ ସମସ୍ୟାକୁ ସାମ୍ନା କରିପାରି ନଥାନ୍ତେ । ଆଉ କିଏ ହୋଇଥିଲେ ତ ଛନ୍ଦିମନ୍ଦି ହୋଇ ପଡ଼ିଥାନ୍ତା । ଖାଦ୍ୟରେ ଅତି ସଂଯମତା ରକ୍ଷା କରିବା ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟକୁ ସେ ଚଳାଇ ନେଇଥିଲେ । ମନେ ଅଛି ୧୯୨୧ରେ ବିହାର ଓଡ଼ିଶା ମ୍ୟୁନିସିପାଲ ବିଲ୍‌ର ସିଲେକ୍ଟ କମିଟି ବୈଠକ ମଝିରେ ଆମେ ଖାଇବାକୁ ବାହରିଲୁ; ଦେଖିଲୁ ସେ ତାଙ୍କ ପକେଟରୁ ଦି'ମୁଠା ଖଇ ବାହାର କରି ଖାଇଲେ । ସେ କହିଲେ ପାନୀୟ ଛଡ଼ା ଏତିକି ହିଁ ସେତେବେଳେ ଥିଲା ତାଙ୍କର ଖାଦ୍ୟ । ଏତିକି ଖାଇବି ସେ ୭୨ ବା ୭୩ ବର୍ଷ ବୟସରେ ଦିନକୁ ୧୫ରୁ ୧୬ ଘଣ୍ଟା । କାମ କରି ପାରୁଥିଲେ ଓ ପ୍ରତିଦିନ ୪ରୁ ୫ ମାଇଲ ଚାଲୁଥିଲେ । ଶେଷକୁ ତାଙ୍କୁ ଦୁର୍ଦ୍ଦିନ ମଧ୍ୟରେ ଯିବାକୁ ପଡ଼ିଥିଲା । ତାହାକୁ ସେ ଦୃଢ଼ତାର ସହ ସାମ୍ନା କରିଥିଲେ । ଟାଣ ମନ ନେଇ ଶୀର୍ଣ୍ଣ ଶରୀରରେ ସେ ସେଭଳି ଏକ ଦୁଃସମୟକୁ ଅତିକ୍ରମ କରିଥିଲେ । ସେ ବହୁ ବିରାଟ କଳ୍ପନା ନେଇ କାର୍ଯ୍ୟ କରୁଥିଲେ । ତାଙ୍କର ଅକ୍ଲାନ୍ତ ପ୍ରଚେଷ୍ଟା ଶେଷରେ ଫଳବତୀ ହେଲା; ଯଦିଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ସେ ଆଖିରେ ଦେଖିପାରି ନଥିଲେ ।

Digitized by srujanika@gmail.com

ଓଡ଼ିଶାର ମହାନାୟକ

ମି. ସି.ଏଲ୍. ଫିଲିପ୍ , ଆଇ.ସି.ଏସ୍.

ବିହାର ଓଡ଼ିଶାର ରେଭିନ୍ୟୁ ବୋର୍ଡ଼ ମେମ୍ବର

୧୯୩୦ରେ କଟକ ଡିଭିଜନର କମିଶନର ପଦବୀରେ ନିଯୁକ୍ତ ନହେବା ପର୍ଯ୍ୟନ୍ତ ମୁଁ ମି. ଦାସଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ନଥିଲି । କିନ୍ତୁ ଆସି ଯୋଗଦେବା ପରେ ପରେ ଜାଣିପାରିଲି ମି. ଦାସଙ୍କୁ ଦେଶବାସୀ କିଭଳି ମର୍ଯ୍ୟାଦା ଦେଉଥିଲେ । ଓଡ଼ିଆମାନଙ୍କର ସେ ଥିଲେ ମହାନାୟକ ଯେ କି ସେମାନଙ୍କର ପୂର୍ବ ଗୌରବ ଫେରାଇ ଆଣିବା ଦିଗରେ ସମର୍ଥ । ପୂର୍ବ ଗୌରବ ସମ୍ପର୍କରେ ସମ୍ୟକ୍ ଧାରଣା ନଥିଲେ ବି ସେମାନେ ଧରି ନେଉଥିଲେ ଯେ ମଧୁବାବୁ ହିଁ ସେଭଳି କିଛି ଗୌରବ ଫେରାଇ ଆଣି ପାରିବେ । ଏଣୁ ଭାବୁଥିଲି ସେ ନିଶ୍ଚୟ ଶାରୀରିକ ଓ ମାନସିକ ଭାବରେ ଜଣେ ଆଖିରେ ପଡ଼ିଲା ଭଳି ବ୍ୟକ୍ତି ହୋଇଥିବେ । କିନ୍ତୁ ତାଙ୍କୁ ପ୍ରଥମ କରି ଦେଖିଲା ବେଳକୁ ମୁଁ ନିରାଶ ହୋଇଥିଲି । ଶୀର୍ଣ୍ଣ ଓ କ୍ଷୁଦ୍ରକାୟ ବ୍ୟକ୍ତିଟିକୁ ଦେଖିଲେ କେହି କଳ୍ପନା କରିପାରିବ ନାହିଁ ଯେ ଏଭଳି ବ୍ୟକ୍ତି ଏକ ମହାନାୟକ ହୋଇପାରେ । କିନ୍ତୁ ପରେ ପରେ ମୋର ସେ ଭ୍ରାନ୍ତି ଦୂର ହୋଇ ଯାଇଥିଲା । ଓଡ଼ିଶାର ସ୍ୱୀକୃତି ଓ ବ୍ରିଟିଶ ସାମ୍ରାଜ୍ୟରେ ତା'ର ସ୍ୱତନ୍ତ୍ର ସ୍ଥାନ ପାଇଁ, ୮୦ ବର୍ଷରେ ବି ତାଙ୍କର ମସ୍ତିଷ୍କ, ଅହରହ କର୍ମରତ ଥିଲା ।

ଏହିଭଳି ଭାବ ତାଙ୍କୁ ସାରା ଜୀବନ କର୍ମଚଞ୍ଚଳ କରି ରଖିଥିଲା; ଯଦିଓ ଶାରୀରିକ ଭାବରେ ସେ ଥିଲେ ଦୁର୍ବଳ । ତାଙ୍କ ଜୀବନର ଶେଷ ଆଡ଼କୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ସମ୍ଭାବନା ଫଳବତୀ ହେବ ବୋଲି ମନେ ହେଉଥିଲା । ରାଜ୍ୟର ବିଭିନ୍ନ ଅପେକ୍ଷାକୃତ ତରୁଣ ନେତାମାନେ ଖୁବ୍ ଧାଁ ଧପଡ଼ କରୁଥାନ୍ତି । କିନ୍ତୁ କେହି ସେମାନଙ୍କର ମୁକୁଟବିହୀନ ପ୍ରଧାନମନ୍ତ୍ରୀଙ୍କୁ ନ ପଚାରି ପାଦେ ଆଗଉ ନଥାନ୍ତି । ପରବର୍ତ୍ତୀ ପଦକ୍ଷେପ କ'ଣ ନେବାକୁ ଯାଉଛନ୍ତି ବୋଲି ସେମାନଙ୍କୁ ପଚରାଗଲେ ସେମାନେ ସମସ୍ତେ କହନ୍ତି ମି. ଦାସଙ୍କୁ ପଚାରିବାକୁ ଯାଉଛୁ । ତାଙ୍କଠାରୁ କିଛି ଉପଦେଶ ନପାଇଲା ପର୍ଯ୍ୟନ୍ତ ସେମାନେ କିଛି ନୂଆ ପଦକ୍ଷେପ ନେଇ ପାରୁ ନଥିଲେ ।

ତାଙ୍କର ଆଦର୍ଶ ସହିତ ଥିଲା ଚତୁର ସାଧାରଣ ଜ୍ଞାନ । ସେ ଦେଖୁଥିଲେ କ'ଣ ସମ୍ଭାବନା ଥାଇପାରେ ଓ ତାକୁ କିଭଳି କାର୍ଯ୍ୟକାରୀ କରିହେବ । ଖାଲି ଶିଖରରେ ପହଞ୍ଚିବାର

Digitized by srujanika@gmail.com

ଅଭିଳାଷ ଥିଲା ଭଳି ସେ ନଥିଲେ । ସେଠାରେ ପହଞ୍ଚିବା ବାଟରେ ଥିବା ପ୍ରତିବନ୍ଧକଗୁଡ଼ିକୁ କିଭଳି ଅତିକ୍ରମ କରିହେବ ତା'ର ପ୍ରତ୍ୟେକଟି ପଦକ୍ଷେପ ସମ୍ପର୍କରେ ସେ ଯୋଜନା କରୁଥିଲେ । କଷ୍ଟସାଧ୍ୟ ଉଦ୍ୟମ ଓ ଗୋଟିଏ ମାତ୍ର ଉଦ୍ଦେଶ୍ୟ ନେଇ ଚାଲିଥିବାରୁ ସେ ଲକ୍ଷ୍ୟରେ ପହଞ୍ଚି ପାରିଥିଲେ । ଯଦିଓ ଏଥିଲାଗି ଅନେକ ବର୍ଷ ଲାଗିଗଲା; ସେ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଅବିଶ୍ରାନ୍ତ ଲାଗି ପଡ଼ିଥିଲେ । ସେ ଜାଣିଥିଲେ ମଣିଷ ମାତ୍ରେ ଭୁଲ୍ କରିପାରନ୍ତି । ଏଣୁ ନିଜର ଭୁଲ୍ ଅନୁଭବ କଲେ ସେ ହାସ୍ୟରସ ଦ୍ୱାରା ତଦ୍‌ଜନିତ ବିଷାଦକୁ ଅତିକ୍ରମ କରି ଯାଉଥିଲେ ଓ ଆଉ କ'ଣ ବିକଳ୍ପ ହୋଇପାରେ ତା'ର ସନ୍ଧାନରେ ଲାଗି ଯାଉଥିଲେ ।

ତାଙ୍କର ମୁଖ୍ୟ ଲକ୍ଷ୍ୟ ପୂରଣ ହୋଇ ଆସୁଥିବାରୁ ସେ ଶାନ୍ତିରେ ବିଦାୟ ନେଇଥିଲେ; ଯଦିଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ତାଙ୍କୁ ମିଳି ନଥିଲା । ତାଙ୍କର ସବୁ ପରିଶ୍ରମ ଫଳବତୀ ହୋଇଛି ବୋଲି ସେ ପରମ ସନ୍ତୋଷ ଲାଭ କରିଥିଲେ । ତାଙ୍କ ଦ୍ୱାରା ଯାହା କରିବାର ଥିଲା ଶେଷ ହୋଇଛି । ପରବର୍ତ୍ତୀ କାଳର ତରୁଣମାନେ ତାଙ୍କରି ଭଳି ନିଃସ୍ୱାର୍ଥପର ଭାବରେ, ପୂର୍ଣ୍ଣ ପ୍ରାଣରେ ତା'ର ଉତ୍ତରୋତ୍ତର ଉନ୍ନତି କରିଯିବେ ବୋଲି ତାଙ୍କର ଭରସା ଥିଲା ।

Digitized by srujanika@gmail.com

ଜଣେ ଐତିହାସିକ ପୁରୁଷ

ମି. ଡି.ଇ. ର୍ୟୁବେନ, ଆଇ.ସି.ଏସ୍.

ଡିଷ୍ଟ୍ରିକ୍ଟ ଜଜ୍, ଗୟା

ଅତି ଦୁଃଖର ସହ ଜଣେ ଐତିହାସିକ ପୁରୁଷ ଓ ବିଖ୍ୟାତ ଆଇନଜ୍ଞ ମି. ମଧୁସୂଦନ ଦାସଙ୍କର ତିରୋଧାନ ଖବର ପାଇଲି। ମୁଁ ୧୯୧୯ରେ କଟକରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ଭାବରେ ଯୋଗଦେବା ବେଳେ ତାଙ୍କ ସମ୍ପର୍କରେ ଆସିଥିଲି। ମୋ କୋର୍ଟକୁ ଥରେ ମାତ୍ର ଆସିଥିଲେ। ସେ ନିଜ ପକ୍ଷର ବିଷୟକୁ ଚମତ୍କାର ଭାବରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଅପର ପକ୍ଷର ଦୁର୍ବଳ ଦିଗକୁ ଏପରି ଚମତ୍କାର ଭାବରେ ଉପସ୍ଥାପନ କରିଥିଲେ ଯେ ମୁଁ ଚମତ୍କୃତ ହୋଇ ଯାଇଥିଲି; ଆଉ ସେ ଘଟଣାଟି ଏବେ ବି ମୋର ମନେ ଅଛି। ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟଟି ବିଶେଷ ଜଟିଳ ନଥିଲା; କିନ୍ତୁ ମି. ଦାସ ତା ଲାଗି ବହୁତ କିଛି ଚିନ୍ତା କରିଥିଲେ ଓ ଅନେକ ସମୟ ଦେଇଥିଲେ ବୋଲି ଜାଣିହେଲା।

୧୯୨୮ ମସିହାରେ ମୁଁ ପୁଣି ତାଙ୍କ ସମ୍ପର୍କରେ ଆସିଥିଲି ଓ ସେତେବେଳେ ଜାଣିପାରିଲି ଯେ ପ୍ରତ୍ୟେକ 'କେଶ୍'କୁ କିଭଳି ତନ୍ନତନ୍ନ କରି ସେ ଅନୁଧ୍ୟାନ କରନ୍ତି। ସେ ଥିଲେ ଅତ୍ୟନ୍ତ ବିବେକବାନ ବ୍ୟକ୍ତି। ମହକିଲଙ୍କ 'କେଶ୍'କୁ ଯଥାସମ୍ଭବ ଉତ୍ତମ ଭାବରେ ଉପସ୍ଥାପନା ନ କରିବା ପର୍ଯ୍ୟନ୍ତ ତାଙ୍କର ସନ୍ତୋଷ ନଥାଏ। ମୋ କୋର୍ଟରେ ଥିବା 'କେଶ୍'ର ସମ୍ପୂର୍ଣ୍ଣ ରେକର୍ଡ଼ ସେ ଅନୁଧ୍ୟାନ କରୁଥିଲେ ଓ ଆଇନଗତ ଦିଗକୁ ଉତ୍ତମ ରୂପେ ଦେଖୁଥିଲେ ବୋଲି ମୁଁ ହୃଦୟଙ୍ଗମ କରିଥିଲି। ମୁଁ ମି. ଦାସଙ୍କୁ ଦ୍ୱିତୀୟ ଥର ଦେଖିଲାବେଳକୁ ସେ ଖୁବ୍ ବୁଢ଼ା ହୋଇ ଯାଇଥିଲେ। ଏହାସତ୍ତ୍ୱେ ସେ 'କେଶ୍' ପାଇଁ ଯେତେ ସମୟ ଦେଉଥିଲେ ସେତେ ସମୟ ଦେବା ଓକିଲ ମୁଁ ଦେଖିନାହିଁ।

ତାଙ୍କଠାରେ ଅସରନ୍ତି ଶକ୍ତି ଥିଲା। ୮୦ ବର୍ଷ ବୟସରେ ବି ସେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ସ୍ପଷ୍ଟ ସ୍ୱରରେ ଜବାବ ସୁଆଲ କରୁଥିଲେ। ଶେଷ ପର୍ଯ୍ୟନ୍ତ ସେ ପରିଷ୍କାର ଚିନ୍ତା କରିପାରୁଥିଲେ। ଗୋଟିଏ ଅପିଲ କେଶ୍ କଥା ମନେ ଅଛି ଯାହା ମୋ କୋର୍ଟରେ ସେ ପେଶ୍ କରିଥିଲେ। ଗୋଟିଏ ଜମିର ଦଖଲ ଉପରେ ମାଡ଼ଗୋଳ ହୋଇ ମକଦ୍ଦମା ହୋଇଥିଲା। ଏହା ଥିଲା ଏକ ମାମୁଲି 'କେଶ୍'। କୋର୍ଟକୁ ଆସିବା ପୂର୍ବରୁ ମୁଁ ରେକର୍ଡ଼ ଉପରେ ଆଖି ବୁଲେଇଲା ପରେ ଅପିଲ ପାଇଁ କିଛି ଥିଲା ପରି ମନେ ହେଲା ନାହିଁ। ମି. ଦାସଙ୍କ ପକ୍ଷରୁ

Digitized by srujanika@gmail.com

ଅପିଲ୍ ଦାଏର ହୋଇଥାଏ । କଅଣ ଘଟିଯାଇଛି ସେସବୁ ଭିତରକୁ ନଯାଇ ମି. ଦାସ 'ରାଇଟ୍ ଅଫ୍ ପ୍ରାଇଭେଟ୍ ଡିଫେନ୍ସ' ଉପରେ ଚମତ୍କାର ଭାବରେ କହିଲେ । ଅପିଲ୍‌ଦାର ପକ୍ଷରୁ ସେ ପ୍ରାୟ ଦେଢ଼ଘଣ୍ଟା ସବୁ କଥା ବୁଝାଇଲେ । ସେସବୁ ଶୁଣିଲା ପରେ ମୁଁ ଭାବି କାବା ହୋଇଗଲି ଯେ ଅପିଲ ଉପରେ ଏତେ କଥା କହିବାର ଥିବା ସ୍ଥଳେ ମୁଁ କିଭଳି ଭାବୁଥିଲି କିଛି ନଥିବ!

ଆର୍ଥିକ ଅସୁବିଧା ଯୋଗୁଁ ସେ କୋର୍ଟ ଦ୍ୱାରା ଦେବାଳିଆ ଘୋଷିତ ହୋଇଥିଲେ । ହେଲେ ତାଙ୍କର ମନବଳ ଭାଙ୍ଗି ପଡ଼ି ନଥିଲା । ଡିଗ୍ରୀଦାରମାନେ ତାଙ୍କ ପ୍ରତି ଯେଉଁଭଳି ମନୋଭାବ ଦେଖାଇଲେ ତାହା ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ପ୍ରମାଣ । ମୋର ଯାହା ମନେ ପଡୁଛି ଡ଼ିଗ୍ରୀଦାରମାନଙ୍କ ପକ୍ଷରୁ ଜଣେ ମାତ୍ର ନିଜ ଦାବି ଉପରେ ଜୋର ଦେଉଥିଲା । ମକଦ୍ଦମା ଶେଷ ହେବା ପର୍ଯ୍ୟନ୍ତ କୋର୍ଟ ଅର୍ଡ଼ର କରିଥିଲା ଯେ ମଧୁବାବୁଙ୍କ ରୋଜଗାରରୁ କିଛି ଅଂଶ ତାଙ୍କ ଚଳିବା ଲାଗି ଦିଆଯିବ ଓ ଅନ୍ୟତକ ଡିଗ୍ରୀଦାରମାନେ ପାଇବେ । ଅନ୍ୟ କେହି ହୋଇଥିଲେ ନିଜ ରୋଜଗାର ତାଙ୍କ ଚଳିବା ପାଇଁ ନଅଣ୍ଟ ବୋଲି ଦର୍ଶାଇ ଥାଆନ୍ତା । ମି. ଦାସ ଥିଲେ ସେଥିରୁ ବ୍ୟତିକ୍ରମ । ତାଙ୍କ ରୋଜଗାରରୁ ଯାହା ବଳୁଥିଲା ତାହାକୁ ଡିଗ୍ରୀଦାରଙ୍କୁ ଦିଆଯିବା ଲାଗି ସେ ଜମା କରି ଦେଉଥିଲେ ।

ସାମାଜିକ ସ୍ତରରେ ମି. ଦାସ ଖୁବ୍ ଜଣାଶୁଣା ବ୍ୟକ୍ତି ଥିଲେ । ତାଙ୍କ ସହିତ ମିଶିଲେ ତାଙ୍କର ହାସ୍ୟରସ ତଥା ମୂଲ୍ୟବାନ କଥା ଶୁଣିବାର ସୌଭାଗ୍ୟ ମିଳିଥାଏ । ସେ ଓଡ଼ିଶା ପାଇଁ ଯାହାସବୁ କରି ଯାଇଛନ୍ତି ସେସବୁ ଆହୁରି ଭଲକରି ବର୍ଣ୍ଣନା କରିବାକୁ ଅନେକ ଲୋକ ଅଛନ୍ତି । ଓଡ଼ିଶା ପାଇଁ ସେ ଥିଲେ ଗର୍ବିତ ହେଲାଭଳି ଜଣେ ବ୍ୟକ୍ତି । ତାଙ୍କ ମୃତ୍ୟୁରେ ସେଭଳି ସମ୍ମାନୀୟ ବ୍ୟକ୍ତି ଓ ଜଣେ ବ୍ୟକ୍ତିଗତ ବନ୍ଧୁଙ୍କୁ ମୁଁ ହରାଇଲି ।

Digitized by srujanika@gmail.com

ଏଣିକି ମଙ୍ଗ ଧରିବ କିଏ?

ଜି.ଇ. ଫକ୍ସ

ବିହାର ଓଡ଼ିଶାର ଶିକ୍ଷା ବିଭାଗ ନିର୍ଦ୍ଦେଶକ

ଦୁଃଖର କଥା ଯେ ମି. ମଧୁସୂଦନ ଦାସ ଏତେ ବୃଦ୍ଧ ବୟସ ପର୍ଯ୍ୟନ୍ତ ବଞ୍ଚିଥିଲେ ହେଁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଦେଖିପାରିଲେ ନାହିଁ । ସେ ଆପ୍ରାଣ ଚେଷ୍ଟା ନ କରିଥିଲେଓଡ଼ିଶା ଏତେ ଅଳ୍ପ କାଳ ମଧ୍ୟରେଏହି ସ୍ତରକୁ ଆସିପାରି ନଥାନ୍ତା ।

ଏହା ପ୍ରାୟ ସତ୍ୟ ଯେ ମି. ଦାସ ଶିକ୍ଷା ପ୍ରସାର ଅପେକ୍ଷା ଶିଳ୍ପୋନ୍ନତି ଦିଗରେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । କିନ୍ତୁ ସେ ଯେ ଶିକ୍ଷା ଦିଗରେ, ବିଶେଷ କରି ନରୀ ଶିକ୍ଷା ଦିଗରେ ଖୁବ୍ ଆଗ୍ରହୀ ଥିଲେ ତାହା ସୁଶ୍ରୀ ଶୈଳବାଳା ଦାସଙ୍କୁ ବିଶେଷ ଶିକ୍ଷା ଦିଆଇବାରୁ ଜଣାଯାଏ । ସେ ତାଙ୍କରି ଜରିଆରେ ଓଡ଼ିଶାରେ ନାରୀ ଶିକ୍ଷାର ଆଭିମୁଖ୍ୟ ରଖିଥିଲେ । ବିଡ଼ମ୍ବନାର ବିଷୟ ଯେ ଯେଉଁ ଶିଳ୍ପୋଦ୍ୟୋଗ ଲାଗି ସେ ଏତେ ଲାଗି ପଡ଼ିଥିଲେ ତାହା ସଫଳ ହୋଇପାରିଲା ନାହିଁ; ଯଦିଓ ତା'ରି ମାଧ୍ୟମରେ ଓଡ଼ିଆ କାରିଗରମାନେ ଖୁବ୍ ନାଁ କରିଥିଲେ । କିନ୍ତୁ ଓଡ଼ିଶାରେ ଶିକ୍ଷା ବିକାଶ ବେଶ୍ ଆଗେଇଥିଲା । ମୁଁ ଜାଣେ ମି. ଦାସ ତାଙ୍କ ବିଶେଷ ଦୃଷ୍ଟି ଥିବା ରେଭେନ୍‌ସା କଲେଜ ଓ ରେଭେନ୍‌ସା ବାଳିକା ସ୍କୁଲର ଉତ୍ତରୋତ୍ତର ଉନ୍ନତିରେ କେତେ ସନ୍ତୋଷ ଲାଭ କରୁଥିଲେ ।

ମି. ମଧୁସୂଦନ ଦାସଙ୍କ ବିୟୋଗରେ ଓଡ଼ିଶା ଜଣେ ଅସାମାନ୍ୟ ବ୍ୟକ୍ତିତ୍ୱଙ୍କୁ ହରାଇଲା । ଶାରୀରିକ ଭାବରେ ଦୁର୍ବଳ ଥିଲେ ବି ସେ ଥିଲେ ଦୃଢ଼ ବିଶ୍ୱାସୀ ଓ ମାନସିକ ଭାବରେ ଦୃଢ଼ମନା । ନାନା ସଂଗ୍ରାମ ମଧ୍ୟରେ ସେ ହାସ୍ୟରସ ହରାଇ ନଥିଲେ ।ଏବେ କିଏ ଆଉ ଓଡ଼ିଶା ପୋତର ମଙ୍ଗ ଧରିବ?

Digitized by srujanika@gmail.com

ଚମତ୍କାର ତଥା ସାଧୁ ପ୍ରତିମ ବ୍ୟକ୍ତି

ମି. ହେନରି ଡବଲ୍ୟୁ ନେଭିନ୍‌ସନ୍

ମୁଁ ୧୯୦୭ରେ ମି. ମଧୁସୂଦନ ଦାସଙ୍କ ଏକାନ୍ତ ଅନୁରୋଧରେ ଓଡ଼ିଶା ଆସିଥିଲି। ସେ ଥିଲେ ଖ୍ରୀଷ୍ଟିଆନ୍। ଯଦିଓ ସେ ଖ୍ରୀଷ୍ଟିଆନ୍ ବୋଲି ପରିଚୟ ଦେଉଥିଲେ, ତାଙ୍କର ଚିନ୍ତାଧାରା ରୋମାନ୍ କ୍ୟାଥଲିକ୍, ଆଙ୍ଗଲିକାନ୍ ବା ନନ୍‌କନ୍‌ଫର୍‌ମିଷ୍ଟ୍ ଗୋଷ୍ଠୀ ମଧ୍ୟରେ ସୀମିତ ନଥିଲା। 'ହେ ପରମ ପିତା ସେମାନଙ୍କୁ କ୍ଷମା ଦିଅନ୍ତୁ;କାରଣ ସେମାନେ କଅଣ କରିବାକୁ ଯାଉଛନ୍ତି ତାହା ଜାଣନ୍ତି ନାହିଁ, ଏହି ମହାବାକ୍ୟ ଦ୍ୱାରା ସେ ଉଦ୍‌ବୁଦ୍ଧ ହୋଇଥିଲେ। କାରଣ ଯେଉଁ ଲୋକ ମରିବାକୁ ଯାଉଥିଲାବେଳେ ଏଭଳି କହିପାରେ ସେ ନିଶ୍ଚୟ ଦେବତା। ସେ ମୋତେ ବହୁବାର କହିଛନ୍ତି ଯେ ଏହି ପ୍ରାର୍ଥନାଟି ଯେଉଁ ସମୟରେ ସେ ଶୁଣିଲେ, ସେ ତା'ର ମର୍ମ ଅନୁଭବ କରିଥିଲେ ଓ ନିଜେ ତହିଁରୁ ବିଚଳିତ ହୋଇ ନଥିଲେ।

ନିଜ ଦେଶବାସୀଙ୍କ ପ୍ରତି ତାଙ୍କର ବଦାନ୍ୟତା ଓ ଗଭୀର ସହାନୁଭୂତି ତାଙ୍କୁ ଜୀବନସାରା ଲୋକଙ୍କ ମଧ୍ୟରେ ବିଶ୍ୱାସଭାଜନ ଓ ଶ୍ରଦ୍ଧେୟ କରିପାରିଥିଲା। ମୁଁ ଦେଖିଛି ଜଣେ ଗୁରୁତର ଘା' ଭୋଗୁଥିବା ଲୋକ ଗୋଟିଏ ପଇସା ଆଣି ମଧୁବାବୁଙ୍କୁ ଛୁଆଁଇ ତାକୁ ବେକରେ ବାନ୍ଧିଲେ ଭଲ ହୋଇଯିବ ବୋଲି ବିଶ୍ୱାସ କରୁଥିଲେ। ଆଉ ଜଣଙ୍କ ସ୍ତ୍ରୀ ଅତି ଯନ୍ତ୍ରଣାଦାୟକ ପ୍ରସବ କଷ୍ଟ ଭୋଗୁଥିଲା। ସେ ଗୋଟିଏ ପାତ୍ରରେ ପାଣି ଆଣି ତହିଁରେ ମି. ଦାସଙ୍କ ଅଙ୍ଗୁଳି ବୁଡ଼ାଇବା ପରେ ପରେ ତା' ସ୍ତ୍ରୀର ପିଲାଟିଲ ଜନ୍ମ ହୋଇଗଲା। ଏଭଳି ଦେଖିଲା ପରେ ମୋର ମଧ୍ୟ ଯୁଗର କଥା ମନେ ପଡ଼ିଗଲା, ଯେତେବେଳେ ସାଧୁମାନଙ୍କ ସ୍ପର୍ଶ ବା ସାନ୍ତ୍ୱନାବାଣୀରେ ବିଶ୍ୱାସ କରୁଥିବା ଲୋକେ ବିପଜ୍ଜନକ ପରିସ୍ଥିତିରୁ ଉଦ୍ଧୁରୁଥିଲେ।

ଏକ ବନ୍ୟା ପରେ ଗୋଟିଏ ଅଞ୍ଚଳର ସବୁ କିଛି ନଷ୍ଟ ହୋଇଯାଇଥାଏ ଓ ଜମିରେ ବାଲି ଚଢ଼ି ଯାଇଥାଏ। ସେହି ଅଞ୍ଚଳକୁ ମି. ମଧୁସୂଦନ ଦାସଙ୍କ ସହିତ ଯାଇ ମୁଁ ଲୋକଙ୍କ ଦୁର୍ଦ୍ଦଶା ଦେଖିଥିଲି। ପ୍ରାୟ ୩୦୦,୦୦୦ ଲୋକ ସବୁ ଫସଲ ହରାଇ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥାନ୍ତି।

Digitized by srujanika@gmail.com

ଅଜେୟ ଅମର ମଧୁସୂଦନ

ଇ.ଏସ୍. ହର୍ଣ୍ଣେଲ୍

ଓଡ଼ିଶା ଡିଭିଜନର କମିଶନର

(ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧ ପାଳନ ଅବସରରେ ତାଙ୍କ ସମାଧି ପାର୍ଶ୍ୱରେ ପ୍ରଦତ୍ତ ଭାଷଣ)

"ଆଲୋ ସଖୀ, ଆପଣା ମହତ ଆପେ ରଖି" । ମଧୁବାବୁ ୧୮୯୭ ମସିହାରେ ବିଲାତ ଯାଇ ଓଡ଼ିଶାର ଗୌରବ ବଢ଼ାଇଥିବାରୁ 'ଉତ୍କଳ ଦୀପିକା' ତାଙ୍କୁ ଉତ୍କଳଗୌରବ ବୋଲି ଘୋଷଣା କରିଥିଲେ । ସେହି ସମୟରୁ ଆଜି ପର୍ଯ୍ୟନ୍ତ ସେ ସମଗ୍ର ଓଡ଼ିଶାରେ ଉତ୍କଳ ଗୌରବ ଭାବରେ ପରିଚିତ । କିନ୍ତୁ ମଧୁବାବୁଙ୍କର ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଓ କାର୍ଯ୍ୟକଳାପ ଲାଗି ମହାତ୍ମା ଗାନ୍ଧି, ରାଜେନ୍ଦ୍ର ପ୍ରସାଦ, ଜବାହରଲାଲ ନେହରୁ ଓ ଶ୍ୟାମାପ୍ରସାଦ ମୁଖାର୍ଜୀ ଆଦି ବି ତାଙ୍କୁ ଭାରତ ମାତାଙ୍କର ସୁଯୋଗ୍ୟ ସନ୍ତାନ ବୋଲି କହି ଯାଇଛନ୍ତି । ମୃତ୍ୟୁ ବେଳକୁ ସେ ଖାଲି ଉତ୍କଳର ଗୌରବ ହୋଇ ନଥିଲେ, ସେ ହୋଇ ଯାଇଥିଲେ ଭାରତବର୍ଷର ଗୌରବ । ଇଂରେଜ ସରକାରଙ୍କ ଅଧୀନରେ ମନ୍ତ୍ରୀ ହେବାକୁ ସେ ସମୟର ସ୍ୱାଧୀନତା ସଂଗ୍ରାମୀମାନେ ଅପସନ୍ଦ କରୁଥିଲେ । କିନ୍ତୁ ମଧୁବାବୁ ଯେଉଁ ସମୟତକ ମନ୍ତ୍ରୀ ଥିଲେ, ସେ ସମୟରେ ଏଭଳି କାମ କରିଥିଲେ ଯେ, ମହାତ୍ମା ଗାନ୍ଧିଙ୍କ ଭଳି ନେତା କହିଥିଲେ, "ମଧୁସୂଦନ ଦାସ ଓ ଯଜ୍ଞେଶ୍ୱର ଚିନ୍ତାମଣିଙ୍କ ଭଳି ମନ୍ତ୍ରୀ ହୋଇ କାର୍ଯ୍ୟ କଲେ ମୁଁ ସେମାନଙ୍କୁ ସ୍ୱାଗତ କରିବି" । ତାଙ୍କ ମୃତ୍ୟୁ ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେମାନଙ୍କ ମଧ୍ୟରେ ସେ ବେଳର ଡିଭିଜନାଲ କମିଶନର ଇ.ଏସ୍. ହର୍ଣ୍ଣେଲ୍ ମଧୁବାବୁଙ୍କୁ ଇହୁଦୀମାନଙ୍କ ତ୍ରାଣକର୍ତ୍ତା ମୋଯିସ୍‌ଙ୍କ ସହିତ ନିମ୍ନ ଭାଷାରେ ତୁଳନା କରିଥିଲେ ।

"ଆମେ ଆଜି ସବୁ ଧର୍ମାବଲମ୍ବୀ, ସବୁ ଶ୍ରେଣୀ ତଥା ସବୁ ପ୍ରକାର ଧନ୍ଦାରେ ନିଯୁକ୍ତ ନରନାରୀ ଏଭଳି ଜଣେ ବ୍ୟକ୍ତିଙ୍କ ସ୍ମୃତିକୁ ସମ୍ମାନ ଦେବାକୁ ଯାଉଛୁ, ଯେ କି ଥିଲେ ଜଣେ ମହାନ୍ ଜନସେବକ ତଥା ସମଗ୍ର ମାନବ ସମାଜକୁ ଶ୍ରଦ୍ଧା କରୁଥିବା ଜଣେ ଅସାଧାରଣ ଲୋକ । ନିଜ ଦେଶ ଓ ଜାତିକୁ ମହାଭାରତୀୟ ରାଜ୍ୟ ଗୋଷ୍ଠୀରେ ସମାନ ତଥା ସମ୍ମାନନୀୟ ଅଂଶୀଦାର ଭାବରେ ପ୍ରତିଷ୍ଠିତ କରାଇବା ଲାଗି ସେ ତାଙ୍କ ସାରାଜୀବନ ସାଧନା ଚଳାଇଥିଲେ 'ବୀର

Digitized by srujanika@gmail.com

ଭଳି ସମସ୍ତ ଶକ୍ତି ଦେଇ ସଂଗ୍ରାମରେ ଝାସ ଦିଅ'- ଏହି ଖ୍ରୀଷ୍ଟୀୟ ଅନୁଶାସନକୁ ସେ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରି ଯାଇଛନ୍ତି । ଏକ 'ସ୍ୱତନ୍ତ୍ର ଓଡ଼ିଶା' ସ୍ୱପ୍ନକୁ ସାର୍ଥକ କରିବା ଲାଗି ସେ ନିଜର ପୌରୁଷକୁ ବାଜି ଲଗାଇ ଯାଇଛନ୍ତି । ଇହୁଦୀ ଜାତିର ତ୍ରାଣକର୍ତ୍ତା ମୋଯିସ୍ ମିଶରୀୟଙ୍କ କବଳରୁ ସେମାନଙ୍କୁ ନାନା ବିପଜ୍ଜନକ ପରିସ୍ଥିତିରୁ ଉଦ୍ଧାର କରି ପିଜ୍‌ଗା ପର୍ବତ ଶିଖର ପର୍ଯ୍ୟନ୍ତ ଘେନି ଆସିଥିଲେ; ଯେଉଁଠୁ ସେମାନଙ୍କର ଇପ୍ସିତ ମାତୃଭୂମି ପାଲେଷ୍ଟାଇନ୍ ଜଳଜଳ କରି ଦିଶି ଯାଉଥିଲା । ସେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ଜାଣି ଅପାରଆନନ୍ଦ ଲାଭ କରିଥିଲେ ଯେ, ତାଙ୍କ ଜାତିର ଲୋକେ ନିଶ୍ଚୟ ନିଜର ରାଜ୍ୟ ଫେରିପାଇବେ । ମଧୁବାବୁ ସେହିଭଳି ସାରା ଜୀବନ ଲଢ଼ି ଲଢ଼ି ଓଡ଼ିଆ ଜାତିକୁ ସ୍ୱାତନ୍ତ୍ର୍ୟ ଦେବାର ଠିକ୍ ପୂର୍ବରୁ ଚାଲିଗଲେ । ମୋଯିସ୍‌ଙ୍କ ଭଳି ସେ ଏତିକି ଜାଣି ସନ୍ତୋଷ ଲାଭ କରିଥିଲେ ଯେ, ଓଡ଼ିଶାର ସ୍ୱତନ୍ତ୍ର ସତ୍ତାକୁ ଆଉ କେହି ରୋକିପାରିବ ନାହିଁ ।

''ତାଙ୍କ ସ୍ମୃତିକୁ ସମ୍ମାନ ଦେବା ଏକ ମାମୁଲି କଥା । ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ଲାଗି ଭାଷା ନାହିଁ । ସେ ଯେଭଳି ନିଜର ସମ୍ମାନକୁ ବେଖାତିର କରି ଜାତିର ଭବିଷ୍ୟତ ଉନ୍ନତି ଲାଗି ଯଥାସମ୍ଭବ ନିଜକୁ ନିୟୋଜିତ କରିଥିଲେ । ଆମେ ସେହିଭଳି ନିଜକୁ କରିବା ଜରିଆରେ ହିଁ ଆମେ ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିପାରିବା । ତାଙ୍କର ଉତ୍ସର୍ଗୀକୃତ ଜୀବନକୁ ବିଶୁଦ୍ଧ ପ୍ରେମ ଛଡ଼ା ଆଉ କଅଣ କହିହେବ? ଆମ ଭିତରେ ହୃଦୟର ମିଳନ ନ ହେଲେ,ଆଧ୍ୟାତ୍ମିକ ଭ୍ରାତୃଭାବ ନ ଆସିଲେ ଏବଂ ଏକ ସର୍ବଜନକଲ୍ୟାଣ ଲକ୍ଷ୍ୟରେ ନିଃସ୍ୱାର୍ଥପର ଭାବରେ ଆମେ ସମସ୍ତେ କାମ ନକଲେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଭାରତ ମାନଚିତ୍ରରେ ଏକ ଅନ୍ତଃସାରଶୂନ୍ୟ ନିର୍ଜୀବ ଅଂଶବିଶେଷ ହୋଇରହିବ । ଆମେ ମୁକ୍ତ ହୃଦୟରେ ପରସ୍ପର ପ୍ରତି ଶ୍ରଦ୍ଧାବାନ ନ ହେଲେ ତାଙ୍କର ଶ୍ରଦ୍ଧାର ପାତ୍ର ହୋଇପାରିବା ନାହିଁ ।''

Digitized by srujanika@gmail.com

ଓଡ଼ିଶାର କୁଳବୃଦ୍ଧ

ଶ୍ରୀ ଅତୁଲ ଚନ୍ଦ୍ର ଗାଙ୍ଗୁଲି

ରେଭେନ୍‌ସା କଲେଜର ପ୍ରାକ୍ତନ ପ୍ରଫେସର

ଓଡ଼ିଶାର କୁଳବୃଦ୍ଧ ମି. ମଧୁସୂଦନ ଦାସ ସାରା ଜୀବନ ଓଡ଼ିଆ ଜାତିର ଅଭ୍ୟୁତ୍ଥାନ ଲାଗି ପ୍ରାଣପାତ କରି ଯାଇଛନ୍ତି । ସେ ପ୍ରଚୁର ଅର୍ଥ ଅର୍ଜନ କରିଥିଲେ ଓ ସେଇ ଜାତି ଉଦ୍ଦେଶ୍ୟରେ ସେସବୁ ଖର୍ଚ୍ଚ କରିଦେଇ ଯାଇଛନ୍ତି । ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା କଲା ପରେ ମୁଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲି କାରଣ ଏଭଳି ସୌଭାଗ୍ୟ କ୍ୱଚିତ ଦେଶପ୍ରେମୀଙ୍କୁ ମିଳେ ଯିଏ ସେମାନଙ୍କ ଜୀବଦ୍ଦଶା ମଧ୍ୟରେ ନିଜର ସ୍ୱପ୍ନ ସାକାର ହେବାର ଦେଖିପାରନ୍ତି ।

ସେ ଉତ୍ତର ଲେଖିଲେ ''ଅତୁଲବାବୁ, ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ଙ୍କ ଘୋଷଣା ମୋ ପାଖରେ ପହଞ୍ଚିଲା ବେଳକୁ, ପ୍ରୋଷ୍ଟେଟ୍ ଗ୍ଲାଣ୍ଡ ବୃଦ୍ଧିଜନିତ କଷ୍ଟରେ ମୁଁ ମରଣାନ୍ତକ ଯନ୍ତ୍ରଣା ଭୋଗୁଥିଲି । ସେ ଖବର ପାଇଲା ପରେ ମୁଁ ଏଭଳି ଆନନ୍ଦରେ ବିହ୍ୱଳ ହୋଇ ଯାଇଥିଲି ଯେ ମୋର ସେ ଯନ୍ତ୍ରଣା ଯେଉଁଳି କୁଆଡ଼େ ଉଭେଇ ଗଲା।'

Digitized by srujanika@gmail.com

୧୯୦୭ ମସିହାର 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦ ମଧୁସୂଦନ ଦାସଙ୍କ ସମ୍ପର୍କରେ ନିମ୍ନମତେ ଲେଖିଛନ୍ତି

ମଧୁସୂଦନ ଦାସଙ୍କ ସୁଦକ୍ଷ ଓ ଆବେଗମୟ ନେତୃତ୍ୱ ଦ୍ୱାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ଜାଗରଣ ସୃଷ୍ଟି ହୋଇଛି ଏବଂ ଓଡ଼ିଆଙ୍କ ମଧ୍ୟରେ ଏକ ସାଂଗଠନିକ ପ୍ରାଣ ପ୍ରତିଷ୍ଠା ଦିଗରେ ଉଦ୍ୟମ ହେଉଛି । ଆଗାମୀ କାଳର ସର୍ବଭାରତୀୟ ମଞ୍ଚରେ ଏଭଳି ପଛୁଆ ପ୍ରଦେଶଗୁଡ଼ିକର ଉନ୍ନତ ରାଜନୀତିକ ଚିନ୍ତାଧାରା ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବାରେ ସହାୟତା କରିବା ସଙ୍ଗେ ସଙ୍ଗେ ଜାତୀୟ ଜୀବନକୁ ଋଦ୍ଧିମନ୍ତ କରିବ । ଓଡ଼ିଶାରେ ଅଭ୍ୟୁଦୟ ହୋଇଥିବା ସଂଗଠିତ ଜାତୀୟ ଚେତନା ଭାରତୀୟ ମହାଜାତୀୟ ଶକ୍ତି ପାଇଁ ଅଧିକ ସାମର୍ଥ୍ୟ ଯୋଗାଇବ ।

Digitized by srujanika@gmail.com

ଆର୍ଯ୍ୟ ମଧୁସୂଦନ

ମାୟାଧର ମାନସିଂହ

ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
        ସ୍ତବ୍ଧ କି ତବ ତୂର୍ଯ୍ୟ ହେ?
ଗୋଟି ଗୋଟି କରି ଜଳାଇ ଯାଇଛ
        କୋଟିଏ ଜାତୀୟ ସୂର୍ଯ୍ୟ ଯେ!
ମୃତ୍ୟୁଞ୍ଜୟ ମୃତ୍ୟୁ ତୁମର ନାହିଁ ଯେ,
ମରଣ ନଇଁବ ତମର ବିଜୟ ପାଇଁ ଯେ,
ସ୍ୱଭାବ ଛାଡ଼ିବ ଦେଖି ସେ ଅମୋଘ-ଶୌର୍ଯ୍ୟ ହେ
        ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ ।

ଭୀଷ୍ମ ହେ ବାଛି ନେଇଥିଲ ନିଜେ ଅୟନ
        ରଣ-ସଙ୍କୁଳ ପଣ-ପିଙ୍କିଳ ଗହନ,
ପର ପାଇଁ କେତେ ବରିଅଛ ଶର-ଶୟନ
        ବଜାଇ ଚାଲିଛ ଏକା ଏକା ରଣ ତୂର୍ଯ୍ୟ ହେ
        ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
        ସ୍ତବ୍ଧ କି ତବ ତୂର୍ଯ୍ୟ ହେ?
ରୁଦ୍ର ହେ, ତବ ଡମ୍ବରୁ ଘନ ଘୋଷରେ
        ସୁପ୍ତ ଏ ଜାତି ତେଜିଲା ଜଡ଼ତା ଶେଷରେ,
ଦେଲ ତୁମେ ନିଜେ ଜୈତ୍ର-କୁସୁମ ଲଗାଇ
        ଜନନୀ-କେଶରେ
ଯଶଲାଗି ତାର ଝସାଇ ପଶିଲ ଯୁଦ୍ଧେ ପରମ ବୀର୍ଯ୍ୟ ହେ
        ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
        ସ୍ତବ୍ଧ କି ତବ ତୂର୍ଯ୍ୟ ହେ?

Digitized by srujanika@gmail.com

ନରପୁଙ୍ଗବ ମରତେ ଦେଖିଲ ଯାହାକୁ
ବରସନ୍ତାନ ପରି ଚିହ୍ନାଇଲ ମାଆକୁ
ମାଆର ବିପଦେ ଦେଖାଇଲ ନିଜ ବାହାକୁ
ଇତିହାସ ଆଜି ତୁମର ସେ ସବୁ କାର୍ଯ୍ୟ ହେ
ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
ସ୍ତବ୍ଧ କି ତବ ତୂର୍ଯ୍ୟ ହେ?

ମୃତ୍ୟୁ-ସୂଦନ ହେ ମଧୁସୂଦନ ତୁମରେ
ଅମର୍ତ୍ତ୍ୟ ସବୁ ଘେରିଥିବେ ଦେବ-ଗ୍ରାମରେ
ମର୍ତ୍ତ୍ୟେ ସ୍ମରଣେ ଜୟଗାନ ତବ ନାମରେ
ମରଣ ତ ପଦେ ହେଉଅଛି ନିଜ ଅର୍ଘ୍ୟ ହେ
ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
ସ୍ତବ୍ଧ କି ତବ ତୂର୍ଯ୍ୟ ହେ?

କି ପାଇଁ ଅଶ୍ରୁ ତେଜିବୁ ହେ ଶୁର-ସତ୍ତମ,
ମରଣ ତ ତବ ଜୀବନରୁ ବଳି ଉତ୍ତମ
ଏକ ଥିଲ, ଆଜି ଅନେକ ହୋଇଛ
ଏକଥା କି ନିକି ଧାର୍ଯ୍ୟ ହେ
ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
ସ୍ତବ୍ଧ କି ତବ ତୂର୍ଯ୍ୟ ହେ?

ଖାଲି ଶୁଣ ଶୂର ମୃତ୍ୟୁ-ଆତୁରେ ଏକାଳେ
ତବ ଜୟଗାନ ଜନମୁଖେ ସୁଖେ ପ୍ରଚାରେ
ଫେରି ଚାହଁ ନେତା, ମରଣ-ପ୍ରାଚୀର ସେପାରେ
ସେହି ତ ଆମକୁ ଦେବ ଅକଳନ ଧୈର୍ଯ୍ୟ ହେ
ଆର୍ଯ୍ୟ ହେ ବୀର ବର୍ଯ୍ୟ ହେ
ସ୍ତବ୍ଧ କି ତବ ତୂର୍ଯ୍ୟ ହେ?

(ଜନନେତା ମଧୁସୂଦନଙ୍କ ମୃତ୍ୟୁ ଉପଲକ୍ଷେ ଉତ୍କଳ ସାହିତ୍ୟ-ସମାଜ ଦ୍ୱାରା ଆହୂତ
୭-୨-୩୪ ତାରିଖ ଶୋକସଭାରେ ପଠିତ)

Digitized by srujanika@gmail.com

ଜୀବନ ପଞ୍ଜିକା

୧୮୪୮ ଏପ୍ରିଲ୍ ୨୮ ତାରିଖରେ କଟକ ପାଖ ସତ୍ୟଭାମାପୁର ଗ୍ରାମରେ ଜନ୍ମ।

୧୮୬୪-୬୫ କଟକ କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାଶ୍, ବାଲେଶ୍ୱରରେ ଶିକ୍ଷକତା।

୧୮୬୬ କଲିକତା ଯାତ୍ରା, କଲେଜ ଶିକ୍ଷା ଏବଂ ଖ୍ରୀଷ୍ଟଧର୍ମ ଗ୍ରହଣ।

୧୮୭୦ ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷା ଦାବି ହାସଲ, ବି.ଏ. ପାଶ୍, ମାତୃମିଳନ।

୧୮୭୩ ଏମ୍.ଏ. ପାଶ୍, ଅଧ୍ୟାପନା, ବିବାହ।

୧୮୭୮ ବି.ଏଲ୍. ପାଶ୍, କଲକତାରେ ଓକିଲାତି, ପତ୍ନୀବିୟୋଗ

୧୮୮୧ କଟକ ପ୍ରତ୍ୟାବର୍ତ୍ତନ ଓ ଓକିଲାତି।

୧୮୮୨ ଉତ୍କଳ ସଭାର ଗଠନ।

୧୮୮୫ ସମ୍ବଲପୁର କଚେରିରୁ ଓଡ଼ିଆ ଭାଷା ବିଲୋପ ଷଡ଼ଯନ୍ତ୍ର ଓ ଏହାର ପ୍ରତିବାଦ।

୧୮୮୬ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗଦାନ।

୧୮୮୭ ଐତିହାସିକ ଶ୍ରୀମନ୍ଦିର ମକଦ୍ଦମାର ସଂଚାଳନା, ଜିଲ୍ଲା ବୋର୍ଡ଼ ଭାଇସ୍‌ଚେୟାରମ୍ୟାନ୍, ନୂତନ ସ୍କୁଲ ପ୍ରତିଷ୍ଠା, କଟକରେ ପ୍ରଥମ ରଙ୍ଗମଞ୍ଚ ସ୍ଥାପନ, ଶାସ୍ତ୍ରୀୟଓ ଓଡ଼ିଶୀ ସଙ୍ଗୀତ ଆସରର ଆୟୋଜନ।

୧୮୮୮ ବଙ୍ଗଲାଟଙ୍କ ପାଖେ ଦେଶ ମିଶ୍ରଣର ଦାବି।

୧୮୯୬ ବଙ୍ଗ ବ୍ୟବସ୍ଥାପକ ସଭାର ସଦସ୍ୟ। ଲୁଣ ଶିଳ୍ପ ଟିକସ ହ୍ରାସ ଦାବି।

୧୮୯୭ ବିଲାତ ଯାତ୍ରା, ଲଣ୍ଡନରେ ଓଡ଼ିଶାର ସ୍ୱଦେଶୀ ଶିଳ୍ପ ପ୍ରଦର୍ଶନୀ ଲଣ୍ଡନରେ ଭାରତ ସଚିବ ହାମିଲ୍‌ଟନ୍‌ଙ୍କ ପାଖେ ଦେଶ ମିଶ୍ରଣ ଦାବି, ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳନର ଦାବି, ଓଡ଼ିଶା ଆର୍ଟଓୟାରସ୍ (ତାରକସୀ) ଶିଳ୍ପର ପ୍ରତିଷ୍ଠା।

୧୯୦୦ ଲର୍ଡ଼ କର୍ଜନଙ୍କର ଭୁବନେଶ୍ୱର, କୋଣାର୍କ ମନ୍ଦିର ପରିଦର୍ଶନ, ଲର୍ଡ଼ କର୍ଜନଙ୍କ ସହ ସାକ୍ଷାତ, ମଧୁସୂଦନଙ୍କ ନିବେଦନରେ ଏହି ମନ୍ଦିର ସମୂହର ସଂରକ୍ଷଣ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ପୁନର୍ଗଠନ।

୧୯୦୧ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳନ ଦାବି ଲାଗି ବଡ଼ଲାଟଙ୍କୁ ଟେଲିଗ୍ରାମ ପ୍ରେରଣ, ରମ୍ଭା ରାଜପ୍ରାସାଦରେ ଦେଶ ମିଶ୍ରଣ ସଭା।

Digitized by srujanika@gmail.com

୧୯୦୩ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳନ, ବ୍ରହ୍ମପୁରରେ ଗଞ୍ଜାମ ଜାତୀୟ ସମ୍ମିଳନୀ (ଏପ୍ରିଲ ୧୧, ୧୨) ଡିସେମ୍ବର ୩୦ ଓ ୩୧ ତାରିଖରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ।

୧୯୦୪ ଓଡ଼ିଶା ସ୍ପୋର୍ଟସ୍ ଆସୋସିଏସନ୍‌ର ପ୍ରତିଷ୍ଠା, ତାଳଗୁଡ଼ ସଂଘର ପ୍ରତିଷ୍ଠା, ସ୍ୱଦେଶୀ ବସ୍ତ୍ରର ବ୍ୟବହାର ଆନ୍ଦୋଳନ।

୧୯୦୫ ସମ୍ବଲପୁର ଜିଲ୍ଲା ସମେତ ପଶ୍ଚିମାଞ୍ଚଳ ଗଡ଼ଜାତର ଓଡ଼ିଶା ଡିଭିଜନରେ ମିଶ୍ରଣ, ଉତ୍କଳ ଟ୍ୟାନେରୀର ପ୍ରତିଷ୍ଠା, ହସ୍ତତନ୍ତ ବୟନ କଳାର ପ୍ରଶିକ୍ଷଣ।

୧୯୦୭ ବିଲାତ ଯାତ୍ରା, ଭାରତ ଶାସନ ସଚିବଙ୍କ ପାଖେ ଦେଶମିଶ୍ରଣ ଦାବି, ଲଣ୍ଡନରେ ସାମ୍ବାଦିକ ସମ୍ମିଳନୀ, ଓଡ଼ିଶାରେ ବନ୍ୟା ଦୁର୍ଗତଙ୍କ ସେବା।

୧୯୦୯ କଲିକତାରେ ବିଜ୍ଞାନ ଅଧ୍ୟୟନ ଲାଗି ଛାତ୍ରବୃତ୍ତିର ବ୍ୟବସ୍ଥା, ଓଡ଼ିଶା ପ୍ରଜା ପ୍ରତିନିଧି ସଭାର ଗଠନ।

୧୯୧୨ ମଧୁସୂଦନଙ୍କ ଆପତ୍ତି କ୍ରମେ ଆନୀତ ପ୍ରଜାସ୍ୱତ୍ତ୍ୱ ବିଲ୍ ବଡ଼ଲାଟଙ୍କ ଦ୍ୱାରା ଅଗ୍ରାହ୍ୟ। ବିହାର ଓଡ଼ିଶା ପ୍ରଦେଶ ଗଠନ।

୧୯୧୩ ଇମ୍ପେରିଆଲ କାଉନସିଲ ସଦସ୍ୟ।

୧୯୧୪ ପାରଳା ରାଜାଙ୍କ ଉତ୍କଳ ସମ୍ମିଳନୀରେ ଯୋଗଦାନ, ଭାଇ ଗୋପାଳବଲ୍ଲଭ ଦାସଙ୍କ ବିୟୋଗ।

୧୯୧୭ ମଣ୍ଟେଗୁ ଚେମସ୍‌ଫୋର୍ଡ଼ କମିଟିରେ ସାକ୍ଷ୍ୟ ପ୍ରଦାନ।

୧୯୨୦ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ, ଉତ୍କଳ ସମ୍ମିଳନୀର କଂଗ୍ରେସରେ ମିଶ୍ରଣ (ଚକ୍ରଧରପୁର)

୧୯୨୧ ବିହାର-ଓଡ଼ିଶାର ମନ୍ତ୍ରୀତ୍ୱ ଗ୍ରହଣ, ଐତିହାସିକ ସ୍ୱାୟତ୍ତ ଶାସନ ଓ ମ୍ୟୁନିସିପାଲିଟି ସଂଶୋଧନ ଆଇନ ପ୍ରଣୟନ, ପ୍ଲେଗ ପୀଡ଼ିତଙ୍କ ସେବା।

୧୯୨୩ ଭାରତୀୟ ନାରୀମାନଙ୍କୁ ଆଇନଜୀବୀର ଅଧିକାର ପ୍ରଦାନ, ମନ୍ତ୍ରୀତ୍ୱରୁ ଇସ୍ତଫା।

୧୯୨୪ ଫିଲିପ୍‌ସ-ଡଫ୍ କମିଟିରେ ସାକ୍ଷ୍ୟ ପ୍ରଦାନ। ଜାତୀୟ କଂଗ୍ରେସରେ ଯୋଗଦାନ।

୧୯୨୭ ଦେବାଳିଆ ଘୋଷଣା।

Digitized by srujanika@gmail.com

୧୯୨୮ ଉତ୍କଳମଣି ଗୋପବନ୍ଧୁଙ୍କ ପରଲୋକରେ ଶୋକ ।

୧୯୨୯ ମଧୁବାବୁଙ୍କ ପ୍ରେରଣାରେ ସାଇମନ୍ କମିଶନ୍‌ଙ୍କୁ ପାଟଣାରେ ସ୍ୱାଗତ । ଜାତୀୟ କଂଗ୍ରେସରୁ ଇସ୍ତଫା ।

୧୯୩୦ ଅଟଲୀ ସବ୍ କମିଟିର ରିପୋର୍ଟ (ସେପ୍ଟେମ୍ବର ୨୦) ।

୧୯୩୧ ପାରଳା ମହାରାଜାଙ୍କ ଗୋଲ୍ ଟେବୁଲ୍ ବୈଠକରେ ଯୋଗଦାନ, ଓଡ଼େନେଲ୍ କମିଟିରେ ସାକ୍ଷ୍ୟ ପ୍ରଦାନ ।

୧୯୩୩ ମଧୁସୂଦନଙ୍କ ଜାତି ପ୍ରତି ଅନ୍ତିମ ଭାଷଣ (ଫେବ୍ରୁଆରି ୧୨ ଓ ୧୩), ଓଡ଼ିଶା ପ୍ରଦେଶ ଗଠନ ଘୋଷଣା (ମାର୍ଚ୍ଚ ୧୭), ମଧୁସୂଦନଙ୍କର ନିର୍ଦ୍ଦେଶରେ ପାରଳା ମହାରାଜାଙ୍କର ବିଲାତ ଯାତ୍ରା, ଓଡ଼ିଶା ଆଡ଼ମିନିଷ୍ଟ୍ରେଟିଭ୍ କମିଟିରେ ସାକ୍ଷ୍ୟ ଓ ସ୍ୱାକ୍ଷର (ଅକ୍ଟୋବର ୧୭), ଜୟପୁର ଓ ପାରଳା ମିଶ୍ରଣର ପ୍ରଚେଷ୍ଟା (ମଇ ୨) ।

୧୯୩୪ ଫେବ୍ରୁଆରି ୪ ତାରିଖ କଟକଠାରେ ମହାପ୍ରୟାଣ ଓ ଗୋରା କବରଠାରେ ସମାଧି ସ୍ଥାପନ ।

Digitized by srujanika@gmail.com

ମଧୁ ସ୍ମୃତି ଭବନ

ସତ୍ୟଭାମାପୁର ମଧୁବାବୁଙ୍କ ବାସଭବନ

Digitized by srujanika@gmail.com

ସୁଶ୍ରୀ ଶୈଳବାଳା ଦାସ

Digitized by srujanika@gmail.com